

୬୦ @ କିଙ୍ଗ୍ ଖାନ  ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live  mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17

Vol. 33 | ISSUE 220 | ଭାଗ ୩୩ | ସଂଖ୍ୟା ୨୨୦ | Monday 3 November 2025 | Page 8 Rs. 5.00 | ● ଭୁବନେଶ୍ୱର ସୋମବାର ୩ ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ନବୀନଙ୍କୁ ମୋହନଙ୍କ ସକ୍ ଟ୍ରିଟମେଣ୍ଟ

## ଆଜି ବିଜେପିରେ ମିଶିବେ ବିଜେଡିର ୩ ବଡ଼ ମୁଣ୍ଡ





ଭୁବନେଶ୍ୱର,୨।୧୧(ସଂଚାର ବ୍ୟୁରୋ): ଗୋଟେ ପଟେ ନବୀନ ପଟ୍ଟନାୟକ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ନୂଆପଡାରେ ଓହ୍ଲାଇବେ, ସେପଟେ ଦଳର ତିନି ବଡ ଚେହେରା ବିଜେପିରେ ମିଶିବେ। ଆସନ୍ତାକାଲି ଏଭଳି ଏକ ଚୋଚକ ରାଜନୀତିର ବ୍ଲୁପ୍ରିଣ୍ଟ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ପୂର୍ବତନ ସାଂସଦ ଅମର ପଟ୍ଟନାୟକ, ପୂର୍ବତନ ବିଧାୟକ ପ୍ରକାଶ ବେହେରା ଓ ନିଲମ୍ବିତ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର।

ଆସନ୍ତାକାଲି ବିଜେଡିର ଏହି ତିନି ନେତା ବିଜେପିରେ ଯୋଗଦେବେ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି। ଅମର ପଟ୍ଟନାୟକ ବିଜେଡି ଟିକେଟରେ ରାଜ୍ୟସଭାକୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ତେବେ ରାଜ୍ୟସଭାରେ ତାଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ସେ ଏବେ ଦଳର ଆଇଟି ସେଲ ଦାୟିତ୍ୱ ବୁଝୁଛନ୍ତି। ସେହିଭଳି ବିଜେଡି ନେତୃତ୍ୱକୁ ଚ୍ୟାଲେଞ୍ଜ କରିବା ସହ ଦଳ ବିରୋଧୀ ମନ୍ତବ୍ୟ ଦେଇ ନିକଟରେ ଶ୍ରୀମୟୀ ବିଜେଡିରୁ ନିଲମ୍ବିତ ହୋଇଛନ୍ତି। ଗତ ସାଧାରଣ ନିର୍ବାଚନରେ ବିଜେଡି ତାଙ୍କୁ ଭୁବନେଶ୍ୱର ଲୋକସଭା ଆସନରେ ପ୍ରାର୍ଥୀ କରିବ ବୋଲି ଆଶ୍ୱାସନା ଦେଇ ଶେଷ ମୁହୂର୍ତ୍ତରେ ତାଙ୍କୁ ପ୍ରତିଯୋଗିତାରୁ ହଟେଇ ଦେଇଥିଲା। ଯେଉଁଥିପାଇଁ ସେ ଗତ ଦେଢ଼ ବର୍ଷ ହେଲା ଅସନ୍ତୁଷ୍ଟ ➪ପୃଷ୍ଠା-୬

# ହିନ୍ଦୁସ୍ତାନ ଚାମ୍ପିଅନ

ନଭି ମୁମ୍ବାଇ,୨।୧୧ : ମହିଳା କ୍ରିକେଟରେ ଇତିହାସ ରଚିଛି ଟିମ୍ ଇଣ୍ଡିଆ। ଦକ୍ଷିଣ ଆଫ୍ରିକାକୁ ଚିତାକର୍ଷକ ଫାଇନାଲ ମ୍ୟାଚରେ ପରାସ୍ତ କରି ପ୍ରଥମ ଥର ଲାଗି ଚାମ୍ପିଅନ ହୋଇଛି ଭାରତ। ଦକ୍ଷିଣ ଆଫ୍ରିକାର ସମସ୍ତ ପ୍ରୟାସକୁ ଭାରତ ବିଫଳ

**ମହିଳା ଦିନିକିଆ ବିଶ୍ୱକପ କ୍ରିକେଟ**
- ଲୌରାଙ୍କ ଶତକୀୟ ଇନିଂସ ବେକାର
- ସେଫାଳୀଙ୍କ ଅଲରାଉଣ୍ଡିଂ ସଫଳତା
- ଦୀପ୍ତି ଶର୍ମାଙ୍କୁ ୫ ୱିକେଟ୍
- ସୁଯୋଗ ହାତଛଡ଼ା କଲା ଦ. ଆଫ୍ରିକା

କରିଛି। ଏମିତିକି ଦକ୍ଷିଣ ଆଫ୍ରିକୀୟ ଓପନର ଲୌରା ଓଲଭାର୍ଟଙ୍କ ଶତକୀୟ ଇଂନିଂଶ ବେକାର ଯାଇଥିଲା। ଲୌରା ଓପନିଂ କରି ୧୦୧ ରନର ବିରାଟ ପାଳି ଖେଳି ଭାରତକୁ ଏକଦା ଦ୍ୱନ୍ଦ୍ୱରେ ପକାଇଥିଲେ। ସେ ଗୋଟିଏ ଛକ୍କା ଓ ୧୧ ଚୌକା ବଲରେ ୯୮ ବଲରୁ ୧୦୧ କରିବାରେ ସଫଳ ହୋଇଥିଲେ। ହେଲେ ତାଙ୍କୁ ଭଲ ପାର୍ଟନରସିପ




ମିଳିପାରି ନଥିଲା। କେବଳ ସୁନେ ଲୁସ ୨୫, ଆନେରି ଡାର୍କସନ ୩୫ ଓ ତାଜମିନ ବ୍ରିଟ୍ସ ୨୩ ରନ କରିବାରେ ସମର୍ଥ ହୋଇଥିଲେ। ଭାରତୀୟ ଖେଳାଳିମାନେ ଅନେକ ଫିଲ୍ଡିଂ ମିସ୍ କରିଥିଲେ ହେଁ ସେଫାଳୀ ବର୍ମାଙ୍କ ଅଲରାଉଣ୍ଡିଂ ସଫଳତା ଓ ଦଳୀୟ ଏକତା ଏଭଳି ବିରଳ ବିଜୟ ହାସଲ କରିବାରେ ସହାୟକ ହୋଇଥିଲା। ଦୀପ୍ତି ଶର୍ମାଙ୍କ ଶାଣୀତ ବୋଲିଂ ଦକ୍ଷିଣ ଆଫ୍ରିକାର ମେରୁଦଣ୍ଡ ଭାଙ୍ଗିଦେଇଥିଲା। ଦୀପ୍ତି ଶେଷ ଭାଗକୁ ଭଲ ବୋଲିଂ ପ୍ରଦର୍ଶନ କରି ୫ ୱିକେଟ ନେଇ ଭାରତ ବିଜୟର କର୍ଣ୍ଣଧାର ସାଜିଥିଲେ।

ନଭି ମୁମ୍ବାଇର ଡ. ଡିୱାଇ ପାଟିଲ ଷ୍ଟାଡିୟମଠାରେ ରବିବାର ଖେଳାଯାଉଥିବା ମହିଳା ଦିନିକିଆ ବିଶ୍ୱକପର ଫାଇନାଲ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପାଇଁ ଦୁଇ ଓପନର ସ୍ମୃତି ମାନ୍ଧାନା ଓ ଶେଫାଳି ବର୍ମା ପ୍ରଥମ ୱିକେଟରେ ୧୦୪ ରନ କରି ଏକ ଭଲ ମୂଳଦୁଆ ସ୍ଥାପନ କରିଥିଲେ। ସ୍ମୃତି ୪୫ ରନ କରିଥିବା ବେଳେ ଶେଫାଳି ୮୭ ରନ କରିଥିଲେ। ତେବେ ସେମିଫାଇନାଲରେ ମ୍ୟାଚ ବିଜୟୀ ଇନିଂସ ଖେଳିଥିବା ଜେମିମା ଆଜି ମାତ୍ର ୨୪ ରନ କରି ପାଭିଲିୟନ ଫେରିଥିଲେ। ତେବେ ମଧ୍ୟକ୍ରମରେ ଦୀପ୍ତି ଶର୍ମା ୫୮ ରନର ଏକ ଭଲ ଇନିଂସ ଖେଳିଥିଲେ। ଅଧିନାୟିକା ହରମନପ୍ରୀତ କୌର ୨୦ ରନ ଓ ରିଚା ଘୋଷ ୩୪ ରନ କରିଥିଲେ। ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ ହରାଇ ୨୯୮ ରନ କରିଥିଲା। ବର୍ଷା ଯୋଗୁଁ ମ୍ୟାଚ ବିଳମ୍ବରେ ଆରମ୍ଭ ହୋଇଥିଲେ ବି ଓଭର କଟାଯାଇନଥିଲା।

ଦକ୍ଷିଣ ଆଫ୍ରିକା ପକ୍ଷରୁ ଆୟୋବୋଙ୍ଗା ଖାକା ୩ଟି ୱିକେଟ ନେଇଥିଲେ। ସେହିପରି ଏନ. ମ୍ଲାବା, ନାଡାଇନ ଡିକ୍ଲର୍କ, ସି. ଟ୍ରାୟନ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

## ପରୀକ୍ଷା ସ୍କାମ୍

# ୧୦୦୦ କୋଟିର ଡିଲ୍

**ପୂର୍ବ ସରକାର ଅମଳରେ ହୋଇଥିଲା ବ୍ଲ୍ୟୁ ପ୍ରିଣ୍ଟ** | **ଭୁବନେଶ୍ୱର ବିମାନବନ୍ଦରରେ ଖୁଲାସା କଲା ଶଙ୍କର ପୃଷ୍ଟି** | **ଅନ୍ୟ ଦଲାଲଙ୍କ ସହ ଚାଲିଛି ମୁହାଁମୁହିଁ ଜେରା** | **ଦୁବାଇ ଫେରାର ପୂର୍ବରୁ ମାଡ଼ିବସିଲା କ୍ରାଇମବ୍ରାଞ୍ଚ**

ଭୁବନେଶ୍ୱର,୨।୧୧(ସଂଚାର ବ୍ୟୁରୋ): ଏସଆଇ ସ୍କାମ୍ର ମୁଖ୍ୟ କାର୍ପଟଦାର ଶଙ୍କର ପୃଷ୍ଟି ଗିରଫ ପରେ ଖୋଲିବାକୁ ଯାଉଛି କେଲେଙ୍କାରୀର ବଡ଼ ଗୁମର। ତେବେ ତା' ପୂର୍ବରୁ ଶଙ୍କର ଦେଇଛି ସାଂଘାତିକ ଇସାରା। ଶଙ୍କର କହିଛନ୍ତି ଯେ ଯଦି ମୁଁ ଧରାପଡ଼ିନଥାନ୍ତି, ତା'ହେଲେ ପୂର୍ବ ସରକାରର ହଜାରେ କୋଟିର ଡିଲ୍ ସାମ୍ନାକୁ କେମିତି ଆସିବ। ଶଙ୍କରଙ୍କ ଏଭଳି ଇସାରା ପରେ ଏବେ ସ୍କାମ ପଛରେ ଥିବା ବଡ଼ପଣ୍ଡାଙ୍କ ନିଦ ହଜେଇ ଦେଇଛି। ଗିରଫଦାରୀକୁ ଏଡ଼ାଇବା ପାଇଁ ମାସେ ଲୁଚକାଳି ଖେଳୁଥିବା ଶଙ୍କରକୁ ଗତକାଲି ନେପାଳ ସୀମାନ୍ତରୁ ଧରି ଓଡ଼ିଶା ଆଣିଛି କ୍ରାଇମବ୍ରାଞ୍ଚ। ଆଉ ସିଣ୍ଡିକେଟର ଅନ୍ୟ ଦଲାଲଙ୍କୁ ସାମ୍ନାସାମ୍ନି ବସାଇ ମାରାଥନ୍ ଘଣ୍ଟାଚକଟା କରୁଛି।



ଏବେ ସିଣ୍ଡିକେଟ୍ ଧରିବାକୁ ଘାଣ୍ଟିବ ସିବିଆଇ

ଗଞ୍ଜାମ ଚମାଖଣ୍ଡି ଅଞ୍ଚଳର ଶଙ୍କର ପୃଷ୍ଟି ପଞ୍ଚସପ୍ଟ କମ୍ପାନୀର ମୁଖ୍ୟ। ଚାକିରି କେଲେଙ୍କାରୀ ଧରାପଡ଼ିବା ପରେ ମାସେ ହେଲା ଫେରାର ଥିଲା ସେ। ପୁଲିସକୁ ଚକମା ଦେବା ପାଇଁ ବାରମ୍ବାର ଲୋକେସନ ବଦଳାଉଥିଲା। ଏପଟେ ଜାମିନ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହେଉଥିଲା। ଶେଷରେ ନେପାଳ ସୀମାରୁ ଶଙ୍କର ପୃଷ୍ଟିକୁ ଧରିବାରେ ସଫଳ ହୋଇଛି କ୍ରାଇମବ୍ରାଞ୍ଚ। ଅକ୍ଟୋବର ଆରମ୍ଭରେ ଏସଆଇ ପରୀକ୍ଷା କେଲେଙ୍କାରୀ ସାମନାକୁ ଆସିବା ପରେ ଚମ୍ପଟ୍ ମାରିଥିଲା ଶଙ୍କର। ବ୍ରହ୍ମପୁରରୁ ଦିଲ୍ଲୀ, ଦିଲ୍ଲୀରୁ ଗାଜିଆବାଦ ଯାଇଥିଲା ଶଙ୍କର। ଗାଜିଆବାଦରେ ଥିବା ଘରେ ସ୍ତ୍ରୀ ଓ ପିଲାଙ୍କୁ ଛାଡ଼ି ନେପାଳ ସୀମାକୁ ଚାଲିଯାଇଥିଲା। ତା'ପରେ ଉତ୍ତରାଖଣ୍ଡର ଚମ୍ପାବତକୁ ଆସି ଜାମିନ୍ ପାଇଁ ଜଣେ ଓକିଲଙ୍କ ସହ ଯୋଗାଯୋଗ କରିଥିଲା। ସେଠାରୁ ସେ ନେପାଳ ସୀମା ଦେଇ ଦୁବାଇ ଖସିଯିବାକୁ ଯୋଜନା ଚଳାଇଥିଲା। କିନ୍ତୁ ଏପଟେ ଦିଲ୍ଲୀରେ ଡେରା ପକାଇ ଜଗି ରହିଥିଲା କ୍ରାଇମବ୍ରାଞ୍ଚର ଏକ ୪ଜଣିଆ ଟିମ୍। ନେପାଳ ସୀମାରେ ଥିବା ସୂଚନା ପାଇବା ପରେ ଚଢ଼ାଉ କରି ସେଠାରୁ ଶଙ୍କରକୁ କାବୁ କରିଥିଲା। ସ୍ଥାନୀୟ କୋର୍ଟରେ ହାଜର କରିବା ପରେ ଓଡ଼ିଶାକୁ ଆଣିଥିଲା କ୍ରାଇମବ୍ରାଞ୍ଚ ଟିମ୍। ତା' ନିକଟରୁ ଦୁଇଟି ମୋବାଇଲ ଫୋନ୍ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ଗୋଟିଏ ଫର୍ଚୁନର ଗାଡ଼ି ମଧ୍ୟ ଜବତ କରାଯାଇଛି।

ଶଙ୍କର ହଜାରେ କୋଟିର ସ୍କାମ୍ କଥା ସାର୍ବଜନୀନ କରିବା ପରେ କେଲେଙ୍କାରୀ ପଛରେ କାହାର ହାତ ରହିଛି, ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ତତ୍କାଳୀନ ବିଜେଡି ➪ପୃଷ୍ଠା-୬

# ମନ କଥା କହିଲେ ଜୟ

## ବାପାଙ୍କ ଦେହ ଖରାପ ବେଳେ ପଚାରିଲେନି ନବୀନ



ନୂଆପଡ଼ା,୨।୧୧(ସଂଚାର ବ୍ୟୁରୋ): ଜୟ ଢୋଲକିଆ ବିଜେପିକୁ ଯିବା ନେଇ ନାନା ତର୍କବିତର୍କ ଚାଲିଛି। ଏଭିତରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନୂଆପଡ଼ା ଗସ୍ତର ଠିକ ପୂର୍ବରୁ ଜୟ ଢୋଲକିଆ କହିଲେ ମନର ବ୍ୟଥା। ଏକ ନିର୍ବାଚନୀ ସଭାରେ ସେ କାହିଁକି ବିଜେପିରେ ମିଶିବାକୁ ନିଷ୍ପତ୍ତି ନେଲେ ଓ ବିଜେଡି କିଭଳି ନେତାଙ୍କ ହାତ ଛାଡିଦିଏ ତାର ଖୁଲାସା କରିଛନ୍ତି। ବାପା ରୋଗ ଶଯ୍ୟାରେ ପଡିଥିବା ବେଳେ ପଚାରିଲାନି ବିଜେଡି। ସହଯୋଗ ଦୂରେ ଥାଉ, ଆହା ପଦେ କହିଲେନି ନବୀନ ଯେଉଁଥିପାଇଁ ସେ ଦଳରୁ ମୁହଁ ଫେରାଇଲି ବୋଲି କହିଛନ୍ତି ଜୟ। ନିର୍ବାଚନୀ ସଭାରେ ଭାଷଣ ବେଳେ ପ୍ରଥମ ଥର ପାଇଁ ଏମିତି ମନର ବ୍ୟଥା ବଖାଣିଛନ୍ତି ବିଜେପି ପ୍ରାର୍ଥୀ ଜୟ ଢୋଲକିଆ। କହିଛନ୍ତି ଯେଉଁ ନେତା ପାର୍ଟି ପାଇଁ ଜୀବନ ସାରା ସମର୍ପିତ ଥିଲେ ତାଙ୍କୁ ଦଳର ନେତା ନା ଫୋନ କଲେ ନା ସହଯୋଗ। ଏମିତିକି ବାପାଙ୍କ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକକୁ ପୁଅ ହୋଇ ବି ତାଙ୍କୁ ଡକା ଯାଇନଥିଲା। ବାପାଙ୍କ ସ୍ୱପ୍ନ ଥିଲା ନୂଆପଡ଼ାକୁ ଏକ ନମ୍ବର କରିବା। ତେଣୁ ବାପାଙ୍କ ସ୍ୱପ୍ନ ପୂରଣ ପାଇଁ ➪ପୃଷ୍ଠା-୬

■ ନାଇଜେରିଆରେ ଖ୍ରୀଷ୍ଟିଆନଙ୍କ ନରସଂହାର ଜାରି

# ଟ୍ରମ୍ପ୍ ଦେଲେ ଯୁଦ୍ଧ ଧମକ



ୱାଶିଂଟନ୍,୨।୧୧: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନାଇଜେରିଆକୁ ଯୁଦ୍ଧ ଧମକ ଦେଇଛନ୍ତି। ସମ୍ପ୍ରତି ନାଇଜେରିଆରେ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀଙ୍କ ଉପରେ ଚାଲିଥିବା

**ଆର୍ଥିକ ଓ ସାମରିକ ସହାୟତା ବନ୍ଦ କରିବ ଆମେରିକା**

ନରସଂହାରରେ ଯଦି ରୋକ ନ ଲାଗେ, ତା'ହେଲେ ଖୁବ୍‌ଶୀଘ୍ର ଆମେରିକା ଉକ୍ତ ଦେଶକୁ ସମସ୍ତ ଆର୍ଥିକ ଓ ସାମରିକ ସହାୟତା ବନ୍ଦ କରିଦେବେ ବୋଲି ମଧ୍ୟ ଟ୍ରମ୍ପ୍ କହିଛନ୍ତି। ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଉଲ୍ଲେଖ କରିଛନ୍ତି ଯେ ଆବଶ୍ୟକ ହେଲେ ଆମେରିକା ନାଇଜେରିଆ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଖ୍ରୀଷ୍ଟିଆନମାନଙ୍କ ଉପରେ ଆକ୍ରମଣ କରୁଥିବା ଆତଙ୍କବାଦୀମାନଙ୍କୁ ନିପାତ କରାଯିବ। ଏଥିସହ ଟ୍ରମ୍ପ୍ ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ବି ପ୍ରସ୍ତୁତ ହେବାକୁ ତାଙ୍କ ଯୁଦ୍ଧ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଇଣ୍ଟରନ୍ୟାସନାଲ ସୋସାଇଟି ଫର ସିଭିଲ ଲିବର୍ଟିଜ୍ ଆଣ୍ଡ ଦି ରୁଲ୍ ଅଫ୍ ଲ'ର ଏକ ରିପୋର୍ଟ ଅନୁଯାୟୀ, ନାଇଜେରିଆରେ ଗତ ଜାନୁଆରୀରୁ ଅଗଷ୍ଟ ୧୦ ମଧ୍ୟରେ କ୍ରମଶଃ ଧାର୍ମିକ ହିଂସା ବୃଦ୍ଧି ପାଉଥିବା ବେଳେ ଏଥିଯୋଗୁଁ ୭ ହଜାରରୁ ➪ପୃଷ୍ଠା-୬

# ନୂଆପଡ଼ାରେ ହେଭିୱେଟ ଲଢ଼େଇ

- ଆଜି ପ୍ରଚାରକୁ ଓହ୍ଲାଇବେ ନବୀନ
- କୋମନା ବ୍ଲକରେ ଜନସଭା
- ଘାସିରାମଙ୍କ ପାଇଁ ପ୍ରଚାର କରିବେ ରେବନ୍ତ
- ୮ ଓ ୯ରେ ପ୍ରଚାର କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୧୧(ସଂଚାର ବ୍ୟୁରୋ): ଆଦିବାସୀ ବହୁଳ ନୂଆପଡ଼ାରେ ଏବେ ହେଭିୱେଟ ଲଢେଇ। ମୈଦାନକୁ ଓହ୍ଲାଇବେ ନବୀନ-ମୋହନ-ରେବନ୍ତ। ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ପ୍ରଚାର କରିବାକୁ ଆସନ୍ତାକାଲି ପ୍ରଚାର କରିବେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଆସନ୍ତାକାଲି



ପୂର୍ବାହ୍ନ ୧୧ଟାରେ ହେଲିକପ୍ଟର ଯୋଗେ ନୂଆପଡ଼ାରେ ପହଞ୍ଚିବେ ନବୀନ। ସେଠାରେ ସେ ଏକ ଜନସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। କୋମନା ଧନମଣ୍ଡି ପଡ଼ିଆରେ ନବୀନ ଏକ ଜନସଭାକୁ ସମ୍ବୋଧିତ କରିବେ। ଏହି ଅବସରରେ ବିଜେଡି ପ୍ରାର୍ଥୀଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଯୋଗଦେବେ। ଗତ ୨୪ବର୍ଷର ବିଜେଡି ସରକାର ଅମଳରେ ହୋଇଥିବା ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ କହିବେ ନବୀନ। ଏଥିସହ ଗତ ଦେଢ଼ ବର୍ଷ ମଧ୍ୟରେ ବିଜେପି ସରକାର କିଭଳି ଲୋକଙ୍କ ଆଶା ପୂରଣ କରିବାରେ ଏବେ ବିଶ୍ୱାସଭାଜନ ହେବାରେ ➪ପୃଷ୍ଠା-୬

**ଯୋଧପୁରରେ ଛାଡିଥରା ଦୁର୍ଘଟଣା**

# ଟ୍ରେଲରକୁ ପିଟିଲା ଟ୍ରାଭେଲର, ୧୫ ମୃତ



ଜୟପୁର,୨।୧୧(ସଂଚାର ବ୍ୟୁରୋ): ରାଜସ୍ଥାନର ଯୋଧପୁରରେ ଆଜି ରାତିରେ ଘଟିଛି ଏକ ଭୟଙ୍କର ସଡ଼କ ଦୁର୍ଘଟଣା। ଏଥିରେ ୧୫ ଜଣଙ୍କ ଜୀବନ ଯାଇଥିବା ବେଳେ ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଯୋଧପୁର ଜିଲ୍ଲାର ଫାଲୋଡ଼ି ଉପଖଣ୍ଡର ମାଟୋଡା ଥାନା ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ତୀର୍ଥଯାତ୍ରୀଙ୍କୁ ନେଇ ବେଶ୍ ଦ୍ରୁତ ଗତିରେ ଯାଉଥିବା ଏକ ଟ୍ରାଭେଲର ଭାରତମାଲା ଏକ୍ସପ୍ରେସ୍‌ୱେ କଡ଼ରେ ଛିଡ଼ା ହୋଇଥିବା ଟ୍ରେଲରକୁ ପଛ ପଟୁ ଧକ୍କା ଦେଇଥିଲା। ଫଳତଃ ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣଙ୍କୁ ଅତି ସଙ୍କଟାପନ୍ନ ଅବସ୍ଥାରେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହି ଶ୍ରଦ୍ଧାଳୁମାନେ ବିକାନେର ଜିଲ୍ଲାର କୋଲାୟତ ମନ୍ଦିରରୁ ➪ପୃଷ୍ଠା-୬



**କାନ ଡେରିଥା**

କାର୍ତ୍ତିକ ମାସରେ ପାଟିକୁ
ସମ୍ଭାଳି
ପଞ୍ଚୁକ ବ୍ରତ ଚାଲିଲା
ଛାଡ଼ ଖାଇ ପାଇଁ ଏବେଠୁ
ଅର୍ଡର
ହବିଷ୍ୟାଳି ଦେଇଦେଲା
ଦର ଫାଇନାଲ କଲା...
ଗୁରୁବାରେ ପରା
ଛାଡଖାଇ ପଡେ
ଶୁକ୍ରବାରେ ଚାଖିବା ଭଲା।

■ ଦେବାଶିଷ

# ରାଜେନ୍ଦ୍ରଙ୍କ ଫଟୋକୁ ନେଇ ଟଣାଓଟରା

■ ନୂଆପଡ଼ାରୁ ରାଜଧାନୀ ପର୍ଯ୍ୟନ୍ତ ଫେରାଦ

■ ମିଳିପାରୁନି ସ୍ପଷ୍ଟ ନିର୍ଦ୍ଦେଶ

ଭୁବନେଶ୍ୱର,୨।୧୧(ସଂଚାର ବ୍ୟୁରୋ): ପୂର୍ବତନ ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଫଟୋକୁ ନେଇ ଏବେ ଟଣା ଓଟରା। କେଉଁ ଦଳର ପୋଷ୍ଟର ବ୍ୟାନରରେ ସ୍ୱର୍ଗତ ଢୋଲକିଆଙ୍କ ଫଟୋ ରହିବ ତାହାକୁ ନେଇ ନିଷ୍ପତ୍ତି ହୋଇପାରୁ ନାହିଁ। ବିଜେଡି ପୋଷ୍ଟରରେ ରାଜେନ୍ଦ୍ରଙ୍କ ଫଟୋ ରହିପାରିବ ନାହିଁ ବୋଲି ନୂଆପଡ଼ା ପ୍ରଶାସନ ନିର୍ଦ୍ଦେଶ ଦେଇଥିବା ନେଇ ଅଭିଯୋଗ କରିବା ସହିତ ବିଜେଡି ଏହି ପ୍ରସଙ୍ଗରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି।

ସପ୍ତଦଶ ବିଧାନସଭାରେ ରାଜେନ୍ଦ୍ର ଢୋଲକିଆ ଥିଲେ ନୂଆପଡ଼ାରୁ ବିଜେଡିର ବିଧାୟକ। ବିଜେଡି ସରକାରରେ ମନ୍ତ୍ରୀ ହୋଇଥିଲେ। ହେଲେ ତାଙ୍କର ଅକାଳ ମୃତ୍ୟୁପରେ ନୂଆପଡ଼ାରେ ନୂଆପଡ଼ାରେ ଉପନିର୍ବାଚନ ହେଉଛି। ଉପନିର୍ବାଚନରେ ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ବିଜେଡି ପ୍ରାର୍ଥୀ ହେବେବୋଲି ନିଜେ ସୂଚନା ଦେଇଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ବିଜେପିରେ ସାମିଲ ହୋଇ ବିଜେପି ପ୍ରାର୍ଥୀ ହୋଇଛନ୍ତି। ତେବେ ଜୟ ବିଜେପିକୁ ଯିବାପରେ ରାଜେନ୍ଦ୍ରଙ୍କ ଫଟୋକୁ ନେଇ ଆରମ୍ଭ ହୋଇଛି ରାଜନୀତି। ନାମାଙ୍କନପତ୍ର ଦାଖଲ ଠାରୁ ପ୍ରଚାର ପର୍ଯ୍ୟନ୍ତ ଉଭୟ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଓ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ରାଜେନ୍ଦ୍ର ଢୋଲକିଆଙ୍କ ଫଟୋକୁ ବ୍ୟବହାର କରୁଛନ୍ତି। ବିଜେଡି ତାହାର ପ୍ରଚାର ଗାଡିର






ଆଗରେ ରାଜେନ୍ଦ୍ର ଢୋଲକିଆଙ୍କ ଫଟୋ ମାରିବା ସହିତ ରାଜେନ୍ଦ୍ରଙ୍କ ଅମଳରେ ହୋଇଥିବା କାର୍ଯ୍ୟର ହିସାବ ଦେଇ ଭୋଟ ମାଗୁଛି। ତେବେ ଇତି ମଧ୍ୟରେ ନୂଆପଡ଼ା ଜିଲ୍ଲା ପ୍ରଶାସନ ବିଜେଡିକୁ ଏଥିପାଇଁ ବାରଣ କରିଛନ୍ତି। ବିଜେଡି ପୋଷ୍ଟର ବ୍ୟାନରରେ ରାଜେନ୍ଦ୍ରଙ୍କର ଥିବା ଫଟୋକୁ ବି କେତେକ ଅସାମାଜିକ ଲୋକେ ଚିରିନେଉଥିବା ବିଜେଡି ଅଭିଯୋଗ କରିଛି। ତେବେ ରାଜେନ୍ଦ୍ର କାହାର ବୋଲି ଏବେ ପ୍ରଶ୍ନ ଉଠିଲାଣି। ଉଲ୍ଲେଖନୀୟ ଯେ ଗତ ସାଧାରଣ ନିର୍ବାଚନରେ ରାଜେନ୍ଦ୍ର ଢୋଲକିଆ ବିଜେଡି ପ୍ରାର୍ଥୀ ଭାବେ ନୂଆପଡ଼ାରୁ ୬୧ ହଜାରରୁ ଅଧିକ ଭୋଟ ପାଇ ବିଜୟୀ ହୋଇଥିଲେ। ତେଣୁ ବିଜେଡି ଦାବି କରୁଛି ରାଜେନ୍ଦ୍ର ତାଙ୍କର। ଅନ୍ୟ ପକ୍ଷରେ ପୁଅ ଜୟ ଦାବି କରୁଛନ୍ତି ବାପା ରାଜେନ୍ଦ୍ରେ ତାଙ୍କର। ତେଣୁ ଉଭୟ ସବୁଜ ଓ ଗେରୁଆ ପୋଷ୍ଟରରେ ରାଜେନ୍ଦ୍ର ସ୍ଥାନ ପାଇଥିଲେ। ଏବେ ବିବାଦ ଏବେ ନୂଆପଡ଼ାରୁ ଆସି ଭୁବନେଶ୍ୱରରେ ପହଞ୍ଚିଥିଲେ ମଧ୍ୟ ରାଜେନ୍ଦ୍ର ବିଜେଡି ପୋଷ୍ଟର ବ୍ୟାନରରେ ରହିପାରିବେ କି ନାହିଁ ତାହାକୁ ନେଇ ଆଲୋଚନା ଜୋର ଧରିଛି। ତେବେ ବିରୋଧିଦଳ ନେତା ନବୀନ ପଟ୍ଟନାୟକଙ୍କ ସଭାରେ ଯେଉଁସବୁ ବ୍ୟାନର ଓ ପୋଷ୍ଟର ଲାଗିବ ସେଥିରେ ରାଜନ୍ଦ୍ରେ ସ୍ଥାନ ପାଇବେ କି ନାହିଁ ଏବଂ ନବୀନ ତାଙ୍କ ଭାଷଣରେ ରାଜେନ୍ଦ୍ରଙ୍କୁ କେତେ ଗୁରୁତ୍ୱ ଦେବେ ତାହା ଉପରେ ଏବେ ନୂଆପଡ଼ାବାସୀଙ୍କ ନଜର ରହିଛି। ପ୍ରଶାସନର ବାରଣ ପରେ କିନ୍ତୁ ସୋସିଆଲ ମିଡିଆରେ କିନ୍ତୁ ରାଜେନ୍ଦ୍ରେ ଢୋଲକିଆଙ୍କ ଫଟୋ ଓ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏକାଧିକ ଆକାଉଣ୍ଟରୁ ରାଜେନ୍ଦ୍ରଙ୍କ ସମୟରେ ହୋଇଥିବା କାର୍ଯ୍ୟ, ତାଙ୍କର ଭାଷଣ ଏପରିକି ବିଜେପି ନେତାଙ୍କ ସହିତ ତାଙ୍କର ଯୁକ୍ତିତର୍କ ଓ ଝଗଡା ଆଦି ସ୍ଥାନ ପାଇଛି। ତେବେ ରାଜନୈତିକ ବିଶ୍ଳେଷକମାନଙ୍କ କହିବାକଥା ଯେ ନିର୍ବାଚନ ସମୟରେ ଏଭଳି ପୋଷ୍ଟର ବିବାଦ ଓଡିଶାପାଇଁ ଏକ ପ୍ରକାର ନୂଆ ହୋଇଥିବାବେଳେ ଏଥିରେ ବିଜେଡି ଦଳକୁ ମାଗଣା ପ୍ରଚାର ମିଳିଯାଉଛି।

**ମିଳିଲାନି ଦରମା!**

# ଜୀବନ ହାରିଲେ ହସ୍ପିଟାଲ୍ ସୁରକ୍ଷାକର୍ମୀ

ନୂଆପଡ଼ା,୨।୧୧(ସଂଚାର ବ୍ୟୁରୋ): ଦରମା ମିଳିବାରେ ଅହେତୁକ ବିଳମ୍ବ ହେବାରୁ ନୂଆପଡ଼ାରେ ଜଣେ ସୁରକ୍ଷାକର୍ମୀ ଛାତରୁ ଡେଇଁ ଜୀବନ ହାରିବା ଭଳି ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ରବିବାର ସକାଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ଅଘଟଣ ଘଟିଛି। ଉକ୍ତ ସୁରକ୍ଷାକର୍ମୀ ଜଣଙ୍କ ପଞ୍ଚମ ମହଲାରୁ ତଳକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଅବଶ୍ୟ ତାଙ୍କ ଆତ୍ମହତ୍ୟାର ସଠିକ୍ କାରଣ ଜଣାପଡ଼ିନାହିଁ, କିନ୍ତୁ ଗତ ୫ ମାସ ହେଲା ତାଙ୍କୁ ଦରମା ମିଳୁନଥିବା ଅଭିଯୋଗ କରିଆସୁଥିଲେ। ମୃତ ସୁରକ୍ଷାକର୍ମୀ ଜଣଙ୍କ ନୂଆପଡ଼ା ଜିଲ୍ଲାର ପଳାସଗୁଡ଼ା ଗ୍ରାମର ନିବାସୀ ହୋଇଥିବା ବେଳେ ତାଙ୍କ ନାମ ଜଣାପଡ଼ିନାହିଁ। ଦରମା ମିଳୁନଥିବାରୁ ସୁରକ୍ଷାକର୍ମୀଙ୍କ ଜଣଙ୍କ ଭୀଷଣ ମାନସିକ ଚାପରେ ଥିବା ତାଙ୍କ ସହଯୋଗୀମାନେ କହିଛନ୍ତି। କିନ୍ତୁ ହସ୍ପିଟାଲ୍ ପକ୍ଷରୁ ଏନେଇ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ। ଅନ୍ୟପକ୍ଷରେ ସ୍ଥାନୀୟ ପୁଲିସ୍ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ପୋଷ୍ଟମର୍ଟମ୍ ପାଇଁ ପଠାଇ ତଦନ୍ତ ଆରମ୍ଭ ➪ପୃଷ୍ଠା-୬

# ନବଜାତଙ୍କ ଯତ୍ନ ଓ ସୁରକ୍ଷା ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱ



**ଭୁବନେଶ୍ୱର,୨।୧୧(ସଂଚାର ବ୍ୟୁରୋ):** ପୃଷ୍ଠଭୂମି କିମ୍ବା ପରିସ୍ଥିତି ନିର୍ବିଶେଷରେ ପ୍ରତ୍ୟେକ ନବଜାତଙ୍କୁ ଉପଯୁକ୍ତ ପୁଷ୍ଟି, ଯତ୍ନ ଓ ସୁରକ୍ଷା ପ୍ରଦାନ ଉପରେ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ଆଜି ଏଠାରେ ଇନଫାଣ୍ଟ ଆଣ୍ଡ ୟଙ୍ଗ ଚାଇଲ୍ଡ ଫିଡିଂ ଚାପ୍ଟରର ପଞ୍ଚଦଶ ଜାତୀୟ ସମ୍ମିଳନୀ ଓ ଭାରତୀୟ ମାନବ କ୍ଷୀର ବ୍ୟାଙ୍କ ସଂଘର ଏକାଦଶ ଜାତୀୟ ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ଯେ ଚଳିତ ବର୍ଷ ସମ୍ମିଳନୀର ବିଷୟବସ୍ତୁ 'ଆସନ୍ତାକାଲିର ଐତିହ୍ୟକୁ ପାଳନ କରିବା: ସ୍ଥାୟୀ ନବଜାତ ଏବଂ ଶିଶୁ ଖାଦ୍ୟ ଓ ସ୍ତନ୍ୟପାନ ଅଭ୍ୟାସକୁ ଗ୍ରହଣ କରିବା' ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରେ ବୋଲି କହିଛନ୍ତି। ତାଙ୍କ କହିବା କଥା ଯେ ଏହା ଆମକୁ ମନେ ପକାଇ ଦିଏ ଯେ ଏକ ଜାତିର ସ୍ୱାସ୍ଥ୍ୟ, ବୁଦ୍ଧି ଏବଂ ଜୀବନ ଶକ୍ତି ଏହାର ଭବିଷ୍ୟତ ନାଗରିକମାନଙ୍କୁ ଦିଆଯାଉଥିବା ପୁଷ୍ଟି ଏବଂ ଯତ୍ନରେ ଗଭୀର ଭାବେ ନିହିତ। ମା' କ୍ଷୀରର ପ୍ରତ୍ୟେକ ବୁନ୍ଦା ପୁଷ୍ଟି ସହ ପ୍ରେମ, ରୋଗ ପ୍ରତିରୋଧକ ଶକ୍ତି ଓ ଭାବପ୍ରବଣତା ବହନ କରେ, ଯାହାକୁ କୌଣସି ବିଜ୍ଞାନ ପୁନରାବୃତ୍ତି କରିପାରିବ ନାହିଁ ବୋଲି ରାଜ୍ୟପାଳ କହିଛନ୍ତି। ସମାରୋହରେ ଏଚଏମବିର ସେକ୍ରେଟାରୀ ଡା. କନ୍ୟା ମୁଖୋପାଧ୍ୟାୟ, ଆଇୱାଇସିଏଫର ସେକ୍ରେଟାରୀ ଡା. ଜୟ ସିଂ ବକ୍ତବ୍ୟ ଦେଇଛନ୍ତି। ପ୍ରାରମ୍ଭରେ ସାଇଣ୍ଟିଫିକ କମିଟି ଅଧ୍ୟକ୍ଷ ଡା. ବ୍ରଜକିଶୋର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ସହଆୟୋଜକ ସମ୍ପାଦକ ଡା. ପ୍ରତୀକ ଦେ ଧନ୍ୟବାଦ ଦେଇଥିଲେ।





ରବିବାର କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ନୂଆପଡ଼ା ଉପନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀ ଜୟ ଢୋଲକିୟାଙ୍କ ପାଇଁ ପ୍ରଚାର କରିବାକୁ ଯାଇଥିବା ସମୟରେ ତାଙ୍କ ହେଲିକପ୍ଟରର ଯାଞ୍ଚ୍ ଜିଲ୍ଲା ପୁଲିସର ଏକ ଟିମ୍ ପକ୍ଷରୁ କରୁଛି।

### ସୁଭଦ୍ରା ଶକ୍ତି ମେଳାର ଦ୍ୱିତୀୟ

# ଦର୍ଶକଙ୍କ ମନ କିଣିଲା ଲାଇଭ୍ ଡେମୋ ଷ୍ଟଲ୍

**ଭୁବନେଶ୍ୱର,୨।୧୧(ସଂଚାର ବ୍ୟୁରୋ):** ସୁଭଦ୍ରା ଶକ୍ତି ମେଳାର ଦ୍ୱିତୀୟ ସଂସ୍କରଣକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗତକାଲି ଉଦ୍‌ଘାଟନ କରିଥିବା ବେଳେ ଆଜି ଦ୍ୱିତୀୟ ଦିନରେ ଲାଇଭ୍ ଡେମୋ ଷ୍ଟଲ୍ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ମେଳାର ପ୍ରମୁଖ ଆକର୍ଷଣ ମଧ୍ୟରେ ୩୦୦ ମହିଳା ସ୍ୱୟଂ-ସହାୟକ ଗୋଷ୍ଠୀ ପରିଚାଳିତ ଷ୍ଟଲ, ଯାହା ମଧ୍ୟରୁ ୫୦ଟି ହେଉଛି ଖାଦ୍ୟ ଷ୍ଟଲ ରହିଛି। ଏହାଛଡ଼ା ଅନ୍ୟ ୧୧ଟି ରାଜ୍ୟର ସ୍ୱୟଂ-ସହାୟକ ଗୋଷ୍ଠୀ ସେମାନଙ୍କ ଉତ୍ପାଦ ମଧ୍ୟ ବିକ୍ରି କରୁଛନ୍ତି। ସୁଭଦ୍ରା ଶକ୍ତି ମେଳା କେବଳ ଓଡ଼ିଶା ମଧ୍ୟରେ ସୀମିତ ନ ରହି ଏକ ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମରେ ପରିଣତ ହୋଇପାରିଛି। ଉଦ୍‌ଘାଟନ ଉତ୍ସବର ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଦ୍ୱିତୀୟ ଦିନ ପ୍ରାରମ୍ଭରେ ନୃତ୍ୟ



ଅର୍ପଣ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ରାମନାଟ୍ୟ ପରିଷଦ, ପୁରୀ ପକ୍ଷରୁ 'କୃଷ୍ଣଲୀଳା' ଗୀତିନାଟ୍ୟ ମଞ୍ଚସ୍ଥ ହୋଇଥିଲା। ପରେ ସ୍ୱୟଂ ପାଢ଼ୀ ଓ ତାଙ୍କ ଦଳ ସଙ୍ଗୀତ ମାଧ୍ୟମରେ ଦର୍ଶକଙ୍କୁ ଝୁମାଇଥିଲେ। ଷ୍ଟଲମାନଙ୍କରେ ଗ୍ରାହକଙ୍କ ଅଭୂତପୂର୍ବ ଭିଡ଼ ସହ ବହୁ ପରିମାଣର ସ୍ୱୟଂ-ସହାୟକ ଗୋଷ୍ଠୀ ମା'ଙ୍କ ହାତ ତିଆରି ଉତ୍କୃଷ୍ଟ ଗୁଣବତ୍ତାର ସାମଗ୍ରୀ ପ୍ରତି ଆଗ୍ରହ ବଢ଼ୁଥିବା ଦେଖାଯାଇଛି। ଶିଶୁଙ୍କ କ୍ରୀଡ଼ାଙ୍ଗନରେ ଯଥେଷ୍ଟ ଗହଳି ହୋଇଥିବା ବେଳେ ଲୋକେ ଖାଦ୍ୟ ପ୍ରାଙ୍ଗଣର ବିଭିନ୍ନ ରାଜ୍ୟର ଖାଦ୍ୟର ମଜା ନେଇଛନ୍ତି।

ସେହିପରି ଲାଇଭ ଡେମୋ ଷ୍ଟଲ ଅଞ୍ଚଳରେ ବିଶେଷ କରି ବିୟୁଟି ଓ ୱେଲନେସ ଷ୍ଟଲରେ ଦର୍ଶକଙ୍କ ଗହଳି ଦେଖିବାକୁ ମିଳିଛି। ପ୍ରଥମ ଦିନରେ ମେଳାରେ ୫୦ ଲକ୍ଷରୁ ଟଙ୍କାରୁ ଅଧିକ ବ୍ୟବସାୟ ରେକର୍ଡ କରାଯାଇଛି। ଶାନ୍ତି ଶୃଙ୍ଖଳା ପାଇଁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଅଗ୍ନିଶମ, ରେଡ଼କ୍ରସ, ମେଡ଼ିକାଲ, ପାନୀୟ ଜଳ, ସ୍ୱଚ୍ଛତାର ବ୍ୟବସ୍ଥା କରାଯାଇଥିଲା। ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ଆୟୋଜିତ ବିୟୁଟି ଓ ୱେଲନେସ ଷ୍ଟଲରେ ମହିଳାମାନଙ୍କ ପାଇଁ ନିପୁଣ ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ମେକଅପ୍, ହେୟାର ଷ୍ଟାଇଲ, ନେଲ କେୟାରର ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ରହିଥିଲା।

## ଡିସେମ୍ବର ଶେଷ ପର୍ଯ୍ୟନ୍ତ ଚାଲିବ ଇ-କେୱାଇସି

### ସାମଗ୍ରୀରୁ ବଞ୍ଚିତ ହେବେନି ଜଣେ ବି ହିତାଧିକାରୀ

**ଭୁବନେଶ୍ୱର,୨।୧୧(ସଂଚାର ବ୍ୟୁରୋ):** ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ରାଜ୍ୟର ସମସ୍ତ ପିଡିଏସ ହିତାଧିକାରୀଙ୍କୁ ନିୟମିତ ଭାବେ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଥିବା ବେଳେ କେତେକ ହିତାଧିକାରୀ ଅଦ୍ୟାବଧି ଇ-କେୱାଇସି କରାଇନାହାନ୍ତି। କିନ୍ତୁ ସେମାନଙ୍କୁ ଏବେ ବି ସାମଗ୍ରୀ ପ୍ରଦାନ କରାଯାଉଛି। ଯେଉଁମାନେ ଇ-କେୱାଇସି କରାଇନାହାନ୍ତି, ସେମାନଙ୍କ ସକାଶେ ଏବେ ବି ଏହି ପ୍ରକ୍ରିୟା ଜାରି ରହିଛି। ସେମାନେ ଆଧାରଭିତ୍ତିକ ଇ-କେୱାଇସି ରାଜ୍ୟର ୧୧,୮୨୭ଟି ଖାଉଟି ସୁଲଭ ମୂଲ୍ୟ ଦୋକାନ ତଥା ୩୧୪ଟି ବ୍ଲକ ଓ ୬୪ଟି ପୌରାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ରାସନ କାର୍ଡ ପରିଚାଳନା କେନ୍ଦ୍ରଗୁଡ଼ିକରେ କରାଇପାରିବେ। କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ଇ-କେୱାଇସି ହୋଇନଥିବା କାରଣରୁ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ କରାଯାଇନାହିଁ। ତେବେ ଏପରି ହିତାଧିକାରୀମାନେ ଆସନ୍ତା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଇ-କେୱାଇସି କରାଇପାରିବେ ବୋଲି ଆଜି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୫ରେ ମୁକ୍ତିଲାଭ କରିବ 'ଜେଜେମା'

**ଭୁବନେଶ୍ୱର,୨।୧୧(ସଂଚାର ବ୍ୟୁରୋ):** ସମାଜରୁ ଧୀରେ ଧୀରେ ଆପଣାପଣ ଲିଭିଯାଉଥିବା ବେଳେ ରତ୍ନଗିରି କ୍ରିଏସନ୍ ପକ୍ଷରୁ ପ୍ରସ୍ତୁତ କ୍ଷୁଦ୍ର ଓଡ଼ିଆ ସିନେମା 'ଜେଜେମା' ମାଧ୍ୟମରେ ଫେରାଇ ଆଣିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଅଧିକାଂଶ ପରିବାର ଭିତରେ ଏବେ ବୟସ୍କମାନେ ସତେ ଯେମିତି ବୋଝ ପାଲଟିଯାଉଛନ୍ତି। ଦିନେ ଯେଉଁ ମା ବାପାଙ୍କ ହାତ ଧରି ବାଟ ଚାଲିଶିଖିଥିବା ଶିଶୁ ଯେତେବେଳେ ବାପା କିମ୍ବା ମା' ହୋଇଯାଏ, ସେତେବେଳେ କେମିତି ତାଙ୍କୁ ଅବହେଳା କରୁଛି, ତା'ର ନିଚ୍ଛକ ଚିତ୍ର 'ଜେଜେମା'ରେ ପ୍ରତିଫଳିତ ହୋଇଛି। କେବଳ ଜେଜେମା' ନୁହେଁ, ଅନେକ ଚରିତ୍ର ନିଜ ପରିବାରଠାରୁ ଅଲଗା ହୋଇଗଲେ ବି କେମିତି ପରିବାରକୁ ସଜାଡିବା ପାଇଁ ନିଜର ଉଦ୍ୟମ ଅବ୍ୟାହତ ରଖିଛନ୍ତି ଓ ଶେଷରେ କ'ଣ ପରିଣତି ହେଉଛି, ତା' ଏହି ସିନେମା ମାଧ୍ୟମରେ ଦର୍ଶାଯାଇଛି। ସଚେତନତାଧର୍ମୀ ଏଇ 'ଜେଜେମା' ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ପରମ୍ପରାର ନିଦର୍ଶନ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମୁକ୍ତିଲାଭ କରିବ। ରତ୍ନଗିରି କ୍ରିଏସନ୍ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରର ପ୍ରଯୋଜିକା ଅଛନ୍ତି ଅନସୂୟା ଜେନା। କାହାଣୀ ପରିକଳ୍ପନା ଓ ନିର୍ଦ୍ଦେଶନା ଦେଇଛନ୍ତି ଯୁବ ନିର୍ଦ୍ଦେଶକ ନଗେନ୍ କୁମାର ଜେନା। ଏହାର ସହନିର୍ଦ୍ଦେଶକ ଅଛନ୍ତି ଦୁଷ୍ମନ୍ତ କୁମାର। ସିନେମାର କଳା ନିର୍ଦ୍ଦେଶକ ଅଛନ୍ତି ଯୁବ ନିର୍ଦ୍ଦେଶକ




କଳିଙ୍ଗ କେଶରୀ ନାୟକ। ଡକ୍ଟର ଅଜୟ କୁମାର ଜେନା ଏହାର ସଂଳାପ ଓ ଟାଇଟଲ୍ ଗୀତ ଲେଖିଥିବା ବେଳେ ସ୍ୱର ସଂଯୋଜନା ଓ କଣ୍ଠଦାନ କରିଛନ୍ତି ବେଣୁ ଭାଇ। କ୍ୟାମେରାମ୍ୟାନ୍ ଭୂମିକାରେ ସତ୍ୟ ରହିଥିବା ବେଳେ ମୁଖ୍ୟ ଭୂମିକାରେ ବରିଷ୍ଠ ଅଭିନେତା ପଙ୍କଜ ମହାନ୍ତି, ଅଭିନେତ୍ରୀ ରେଣୁ। ଏହାଛଡ଼ା ଗଣେଶ ପତି, ପ୍ରଦୀପ, ସୋନାକ୍ଷୀ, ଚୈତନ୍ୟ, ମୁକ୍ତେଶ୍ୱର, ସନ୍ତୋଷ, ନିହାର, ଲକି ମଧ୍ୟ ଅଭିନୟ କରିଛନ୍ତି। ଏଥିରେ ଶିଶୁ କଳାକାର ଭାବେ ଏଣ୍ଟ୍ରି କରିଛନ୍ତି ଦମନ। ଆଶିଷ୍ ଡିଜିଟାଲ ଷ୍ଟୁଡିଓ ରତ୍ନଗିରିଠାରେ ଏହାର ଡବିଂ ଓ ଏଡିଟିଂ କାର୍ଯ୍ୟ ହୋଇଛି।

### ଶିଖରପୁରରୁ ଜବରଦଖଲ ଉଚ୍ଛେଦ ଘଟଣା

# ସ୍ଥିର ହୋଇପାରୁନି ସୀମା ନିର୍ଦ୍ଧାରଣ ତାରିଖ

**କଟକ,୨।୧୧(ସଂଚାର ବ୍ୟୁରୋ):** କଟକ ଶିଖରପୁର ଶ୍ରୀଗୁରୁକ୍ଷେତ୍ର ନିକଟରେ ଥିବା କଟକ ମହାନଗର ନିଗମ, ଜଳସେଚନ ବିଭାଗ, ବିଦ୍ୟୁତ ବିଭାଗ ଓ ପ୍ରାୟ ୨୫ ଏକର ଅନାବାଦି ଜାଗାରୁ ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତି ବେଆଇନ୍ ଭାବେ ଜବରଦଖଲ କରିବା ସହ କୋଠା ନିର୍ମାଣ କରି ଭଡ଼ାରେ ଲଗାଇଥିବା ଓ ୧୦ ଟଙ୍କିଆ ଷ୍ଟାମ୍ପ ପେପରରେ ଚୁକ୍ତି କରି ଲିଜ୍ ଦେଇଥିବା ନେଇ ଗତ ମେ' ୨୫ରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଅଭିଯୋଗ କରିଥିଲେ ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର ସାହୁ। ଅଭିଯୋଗ କରିବାର ୫ ମାସ ବିତିଗଲା ପରେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଦେଖାଯାଇଛି। କଟକ କାଳିଆବୁଦା ନୂଆ ବଜାର ରାସ୍ତା କଡ଼ରେ ଶିଖରପୁର ଗୁରୁକ୍ଷେତ୍ର ନିକଟରେ ଥିବା ଅତି ମୂଲ୍ୟବାନ ଜାଗାକୁ ପ୍ରଭାବଶାଳୀ

**ହାଇକୋର୍ଟ ଯିବେ ସୂଚନାଧିକାର କର୍ମୀ**

ବ୍ୟକ୍ତି ଜବରଦଖଲ କରି ରଖିଥିବା ନେଇ ଶ୍ରୀ ସାହୁ କଟକ ମହାନଗର ନିଗମକୁ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଥିଲେ। ଏଥିରୁ ସିଏମସିର ୨୩ ଏକରରୁ ଉର୍ଦ୍ଧ୍ୱ ଜାଗା ରହିଥିବା ବେଳେ ତତ୍କାଳୀନ ସିଏମସିର ଆଇନ ବିଭାଗ ଅଧିକାରୀଙ୍କୁ ମୋଟା ଅଙ୍କର ହାତଗୁଞ୍ଜା ଦେଇ ମାସିକ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବା ଉକ୍ତ ତଥ୍ୟରୁ ଶ୍ରୀ ସାହୁ ଜାଣିବାକୁ ପାଇଥିଲେ। ସେ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିବାର ୨ ମାସ ପରେ ସିଏମ୍‌ସି ଲ୍ୟାଣ୍ଡ ଓ ଏନଫୋର୍ସମେଣ୍ଟ ଅତିରିକ୍ତ ଆୟୁକ୍ତ ଉକ୍ତ ସରକାରୀ ଜାଗାକୁ ସୀମା ନିର୍ଦ୍ଧାରଣ ପାଇଁ ତହସିଲଦାର କଟକ ସଦର, ମହାନଦୀ ଦକ୍ଷିଣ ବିଭାଜନ-୧ ଅଧୀକ୍ଷଣ ଯନ୍ତ୍ରୀ, ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଚିଠି କରାଯାଇଥିବା ନେଇ ଶ୍ରୀ ସାହୁଙ୍କୁ ଅବଗତ କରାଯାଇଥିଲା। କିନ୍ତୁ ଇତିମଧ୍ୟରେ ଉକ୍ତ ଚିଠିକୁ ଶହେ ଦିନରୁ ଅଧିକ ସମୟ ବିତିଯାଇଥିଲେ ବି ସୀମା ନିର୍ଦ୍ଧାରଣ ତାରିଖ ସ୍ଥିର ହୋଇପାରୁନାହିଁ। ସିଏମ୍‌ସି ମୋଟା ଅଙ୍କର ହାତଗୁଞ୍ଜା ନେଇ ସରକାରୀ ଜାଗାକୁ ବେଆଇନ୍ ଭାବେ ବିକ୍ରି କରିଦେଇଥିବା ସନ୍ଦେହ କରାଯାଉଛି। ତେଣୁ ତୁରନ୍ତ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ଓ ଏହାକୁ ସୁରକ୍ଷିତ ରଖିବା ନିମନ୍ତେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସମସ୍ତ ଜିଲ୍ଲାପାଳ ଗତ ବର୍ଷ ଜୁଲାଇ ୬ ଓ ସେପ୍ଟେମ୍ବର ୨୫ରେ ୨ଟି ନିର୍ଦ୍ଦେଶନାମା ଜାରି କରିଥିବା ସତ୍ତ୍ୱେ ସିଏମ୍‌ସି ଏହାର ଅବମାନନା କରୁଛି। ଏହି ସ୍ଥିତି ଜାରି ରହିଲେ, ଶ୍ରୀ ସାହୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

### କଂଗ୍ରେସର ଅଭିଯୋଗ

## ନୂଆଦିଲ୍ଲୀରେ ହୋଇସାରିଛି ବିଜେଡି-ବିଜେପି ଡିଲ



**ଭୁବନେଶ୍ୱର,୨।୧୧(ସଂଚାର ବ୍ୟୁରୋ):** କଂଗ୍ରେସ ଭବନଠାରେ ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ଚାଲିଥିବା ସାମ୍ବାଦିକ ସମ୍ମିଳନୀରେ ଆଜି ଦଳ ପକ୍ଷରୁ ବିଜେଡି ଓ ବିଜେପି ମଧ୍ୟରେ ଡିଲ୍ ହୋଇଛି ଓ ଆଗାମୀ ଉପନିର୍ବାଚନରେ ବିଜେପିକୁ ଜିତାଇବା ସକାଶେ ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ ସେଠାକୁ ଗସ୍ତ କରୁଥିବା ଅଭିଯୋଗ ହୋଇଛି। କଂଗ୍ରେସର ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି ଯେ ଯେଉଁ ନୂଆପଡ଼ାକୁ ଶ୍ରୀ ପଟ୍ଟନାୟକ ଦୀର୍ଘ ୨୪ ବର୍ଷ ହେଲା ଭୁଲିଯାଇଥିଲେ, ଆଜି ତାକୁ ସେ କେବଳ ଉପନିର୍ବାଚନ ପାଇଁ ମନେ ପକାଇଛନ୍ତି। କିନ୍ତୁ ସେ ମନେ ରଖିବା ଉଚିତ ଯେ ତାଙ୍କର ସେଇ ରଙ୍ଗ ଆଉ ନାହିଁ। ଏବେ ଆଉ ହାତ ହଲାଇଦେଲେ ଭୋଟ ଝଡ଼ିପଡ଼ିବନି। କାରଣ ଜନସାଧାରଣ ଦଳର ଠକାମୀକୁ ବୁଝିସାରିଲେଣି। ଆଗାମୀ ଉପନିର୍ବାଚନକୁ ତ୍ରିମୁଖୀ ବୋଲି କୁହାଯାଉଥିଲେ ମଧ୍ୟ ବାସ୍ତବରେ ଏହା ଦ୍ୱିମୁଖୀ। ଗୋଟିଏ ପଟେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଅନ୍ୟପଟେ ବିଜେଡିର ଛାୟା ମୁଖ୍ୟ ଭିକେ ପାଣ୍ଡିଆନ ମିଳିତ ଭାବେ କଂଗ୍ରେସ ବିରୋଧରେ ନିର୍ବାଚନ ଲଢ଼ୁଛନ୍ତି। ବୈଷ୍ଣବ ଓ ପାଣ୍ଡିଆନଙ୍କ ବୁଝାମଣା ଅନୁଯାୟୀ ବିଜେଡି ପ୍ରାର୍ଥୀଙ୍କୁ ବିଜେପି ପ୍ରାର୍ଥୀ କଲା ଓ ବିଜେଡି ଜାଣିଶୁଣି ଜିଲ୍ଲା ବାହାର ନେତ୍ରୀଙ୍କୁ ପ୍ରାର୍ଥୀ କରିଛି। ବିଜେପି ପ୍ରାର୍ଥୀଙ୍କୁ ଜିତାଇବା ଉଭୟ ଦଳର ରଣନୀତି। କିନ୍ତୁ ଏହା କଦାପି କାମ ଦେବ ନାହିଁ। କାରଣ ନବୀନ ମୁଖ୍ୟମନ୍ତ୍ରୀ ଥାଇ ବି ତଳସାରା ଓ ଲକ୍ଷ୍ମୀପୁର ଉପନିର୍ବାଚନରେ କଂଗ୍ରେସ ବିଜୟୀ ହୋଇଥିଲା। ଏଥର ମଧ୍ୟ ଘାସିରାମ ମାଝୀ ଜିତିବେ। ଆମ ପାଖରେ ଅର୍ଥବଳ ନାହିଁ, କିନ୍ତୁ ଯଥେଷ୍ଟ ଲୋକବଳ ଅଛି ବୋଲି ସଭାପତି ଘୋଷଣା କରିସାରିଥିବା ବେଳେ ନବୀନ ଦୋଷ ଘୋଡାଇବା ପାଇଁ ନୂଆପଡ଼ା ଗସ୍ତ କରୁଛନ୍ତି ବୋଲି ଶ୍ରୀ ଜେନା ଅଭିଯୋଗ କରିଛନ୍ତି। ସେହିପରି ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ କହିଛନ୍ତି ଯେ ନୂଆପଡ଼ା ନିର୍ବାଚନ ପାଇଁ ନୂଆଦିଲ୍ଲୀରେ କେବେଠୁ ଡିଲ ସରିଛି। ବିଜେଡି ନିର୍ବାଚନ ଲଢ଼ିବାର କେବଳ ଅଭିନୟ କରୁଛି। କେମିତି କିଛି ସମ୍ମାନଜନକ ଭୋଟ ମିଳିବ, ତା' ସେମାନଙ୍କ ପ୍ରଚାରର ଉଦ୍ଦେଶ୍ୟ। କିନ୍ତୁ କଂଗ୍ରେସ ସ୍ଥାନୀୟ ଅଞ୍ଚଳର ଜଣେ ଆଦିବାସୀଙ୍କୁ ପ୍ରାର୍ଥୀ କରି ସାମାଜିକ ନ୍ୟାୟ ଓ ସାମୂହିକ ବିକାଶର ପ୍ରସଙ୍ଗ ଆଧାରରେ ନିର୍ବାଚନ ଲଢ଼ୁଛି ବୋଲି ଶ୍ରୀ ନାୟକ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ମନୋରଞ୍ଜନ ଦାଶ ମଧ୍ୟ ଉପସ୍ଥିତ ଥିଲେ।

### ପୁଲିସ୍ ଏସ୍‌ଆଇ ନିଯୁକ୍ତି କେଲେଙ୍କାରୀ

# ସିଏମ୍‌ଓ ପ୍ରକୃତ ମାଷ୍ଟରମାଇଣ୍ଡ: ବିଜେଡି

**ଭୁବନେଶ୍ୱର,୨।୧୧(ସଂଚାର ବ୍ୟୁରୋ):** ପୁଲିସ୍ ଏସ୍‌ଆଇ ନିଯୁକ୍ତି କେଲେଙ୍କାରୀରେ ସମ୍ପୃକ୍ତ ଥିବା ଶଙ୍କର ପୃଷ୍ଟିକୁ ଗିରଫ କରି ତାକୁ ଏହି ଘଟଣାର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଥିଲେ ହେଁ ଏହି ମାମଲାର ଅସଲ ମାଷ୍ଟର୍‌ମାଇଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର (ସିଏମ୍‌ଓ) ବୋଲି ଅଭିଯୋଗ କରିଛି ବିଜେଡି। ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜାଣତରେ ହିଁ ଏହି କାମ ଶଙ୍କରକୁ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜେପିର ଆଗଧାଡ଼ିର ନେତୃତ୍ୱଙ୍କ ସହ ତା'ର ଫଟୋ ଓ ବିଜେପିରେ ଯୋଗଦେବା ସମୟର ଫଟୋ ଭାଇରାଲ୍ ହେଉଛି। ତେଣୁ ଏହି କେଲେଙ୍କାରୀରେ



ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କର ସମ୍ପୃକ୍ତି ଥିବା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ସ୍ଥାନୀୟ ଶଙ୍ଖ ଭବନଠାରେ ଆଜି ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ ଲେନିନ ମହାନ୍ତି ଓ ରାଜ୍ୟସଭା ସାଂସଦ ସୁଲତା ଦେଓଙ୍କ ଉପସ୍ଥିତିରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଡ. ମହାନ୍ତି କହିଛନ୍ତି, ଏହି ଘଟଣାରେ ବଡ଼ ମୁଣ୍ଡକୁ ଖସାଇବାକୁ ସରକାର ପ୍ରଥମେ କ୍ରାଇମବ୍ରାଞ୍ଚ ଓ ପରେ ସିବିଆଇ ତଦନ୍ତ ଘୋଷଣା କଲେ। କିନ୍ତୁ ଏଯାବତ ସିବିଆଇ ପକ୍ଷରୁ ତଦନ୍ତ ନେଇ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଶଙ୍କରକୁ ଗିରଫ କରିବା ପରେ ଗଣମାଧ୍ୟମରେ ତାକୁ ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ବିନାନୁମୋଦନରେ ଓପିଆରବି ପରୀକ୍ଷା ପରିଚାଳନା ପାଇଁ ଆଟିଆଇକୁ ଦାୟିତ୍ୱ ଦେଇଥିଲା କି ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି। ସେହିପରି ଶ୍ରୀମତୀ ଦେଓ ଶଙ୍କର କାହା ପ୍ରୋତ୍ସାହନରେ ଏପରି ଟଙ୍କା ଆଦାୟ କରିବା ପାଇଁ ଦୁଃସାହସ କରିଥିଲା ବୋଲି ପ୍ରଶ୍ନ କରିବା ସହ ସରକାର ସମ୍ପୂର୍ଣ୍ଣ ସତ୍ୟ ଲୋକଲୋଚନକୁ ଆଣିବାକୁ ଦାବି କରିଛନ୍ତି।

## ନୂଆପଡ଼ାରେ କଂଗ୍ରେସର ବାଇକ ଶୋଭାଯାତ୍ରା

**ନୂଆପଡ଼ା,୨।୧୧(ସଂଚାର ବ୍ୟୁରୋ):** ଆଜି ନୂଆପଡ଼ାରୁ ଖରିଆର ରୋଡ୍ ସହର ପର୍ଯ୍ୟନ୍ତ କଂଗ୍ରେସ ପକ୍ଷରୁ ଏକ ବାଇକ ର୍‍ୟାଲି ଅନୁଷ୍ଠିତ ହୋଇଛି। ନୂଆପଡ଼ା ପୂର୍ବତନ ଏନଏସି ଉପାଧ୍ୟକ୍ଷ ମହେଶ ନିଆଲ ଓ ରାଉରକେଲା କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସଙ୍କ ନେତୃତ୍ୱରେ ୫ ଶହରୁ ଉର୍ଦ୍ଧ୍ୱ ବାଇକ ଏଥିରେ ସାମିଲ ହୋଇ ପ୍ରଚାର କରିଥିଲେ। ଶୋଭାଯାତ୍ରାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ, ପ୍ରଦେଶ କଂଗ୍ରେସ ରାଜ୍ୟ ପ୍ରଭାରୀ ଅଜୟ ଲଲ୍ଲୁ, କଂଗ୍ରେସ ବିଧାୟକ ରାମଚନ୍ଦ୍ର କାଡ଼ାମ, ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ରାଜ୍ୟ ମହିଳା ସମ୍ପାଦିକା ଶ୍ରୀୟାସ୍ମିତା ପଣ୍ଡା, ଷ୍ଟାର ପ୍ରଚାରକ ସୁନିତା ବିଶ୍ୱାଳ ଓ ଅନିତା ବିଶ୍ୱାଳ, ଧର୍ମଗଡ଼ ପୂର୍ବତନ ବିଧାୟକ ଭରତ ଭୂଷଣ ବେମାଲ, କୋରାପୁଟ ପୂର୍ବତନ ବିଧାୟକ କୃଷ୍ଣ ସଗରିଆ, ରାଜ୍ୟ



ଯୁବ କଂଗ୍ରେସ ସମ୍ପାଦକ ହରିଶ ରାଉତ, ଜିଲ୍ଲା କଂଗ୍ରେସ ମିଡିଆ ସଂଯୋଜକ ସୁଧୀର ମିଶ୍ର କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ।

## ଧବଳେଶ୍ୱର ପୀଠରୁ ୨୮ ସିଲିଣ୍ଡର ଜବତ

### ● ଖାଦ୍ୟର ମାନ ଉପରେ ବିଭାଗର କଡ଼ା ନଜର



**ଭୁବନେଶ୍ୱର,୨।୧୧(ସଂଚାର ବ୍ୟୁରୋ):** ବଡଓଷା ପାଇଁ ଧବଳେଶ୍ୱର ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଉଥିବା ବେଳେ ସେଠାରେ ଖାଦ୍ୟ ପ୍ରସ୍ତୁତି ପାଇଁ ଏକାଧିକ ଦୋକାନ ଖୋଲିଛି। ତେବେ ଏହି ଦୋକାନଗୁଡ଼ିକ ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାର କରୁଥିବା ଖବର ମିଳିବା ପରେ ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ କଟକ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଚନ୍ଦ୍ର ଶେଖର ପଣ୍ଡାଙ୍କ ନିର୍ଦ୍ଦେଶରେ ସେଠାରେ ଚଢ଼ାଉ କରାଯାଇ ଦିନକ ଭିତରେ ୨୮ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ଆଗକୁ ଏଭଳି ସିଲିଣ୍ଡର ବ୍ୟବହାର ନ କରି ବ୍ୟବସାୟ ପାଇଁ ଧାର୍ଯ୍ୟ ହୋଇଥିବା ସିଲିଣ୍ଡର୍ ବ୍ୟବହାର କରିବାକୁ ପ୍ରଶାସନ ପକ୍ଷରୁ ବ୍ୟବସାୟୀମାନଙ୍କୁ ତାଗିଦା କରାଯାଇଛି। ଗ୍ୟାସ ସିଲିଣ୍ଡର ଜବତ ସହ ଧବଳେଶ୍ୱର ପୀଠରେ ବ୍ୟବସାୟୀମାନେ କିଭଳି ମାନର ଖାଦ୍ୟ ପ୍ରସ୍ତୁତ କରୁଛନ୍ତି, ତାହା ଉପରେ ମଧ୍ୟ ପ୍ରଶାସନ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି। ଆଠଗଡ଼ ସହକାରୀ ଯୋଗାଣ ଅଧିକାରୀ ବିଷ୍ଣୁ ଚରଣ ପରିଡାଙ୍କ ସମେତ ଖାଦ୍ୟ ସୁରକ୍ଷା ଅଧିକାରୀ ଅମିତା ଦାସ, ଅଭିନନ୍ଦିତା ପରିଜା, ମାର୍କେଟିଂ ଅଫିସର ବିଦ୍ୟୁଲତା ନାୟକ ପ୍ରମୁଖ ନିୟମିତ ଭାବେ ଚଢ଼ାଉ କରୁଛନ୍ତି। ପ୍ରତି ଦୋକାନରେ ପ୍ରସ୍ତୁତ ହେଉଥିବା ଖାଦ୍ୟର ମାନ ଯାଞ୍ଚ ହେଉଛି।

## 'ରୁଚି ମସଲା' ପ୍ରତିଷ୍ଠାତାଙ୍କ ପରଲୋକ

**ଭୁବନେଶ୍ୱର,୨।୧୧(ସଂଚାର ବ୍ୟୁରୋ):** ପ୍ରସିଦ୍ଧ ଶିଳ୍ପପତି, ଓଏଏସ୍‌ଏମ୍‌ଇର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଓ ଜଣାଶୁଣା ମସଲା କମ୍ପାନୀ 'ରୁଚି'ର ପ୍ରତିଷ୍ଠାତା ଡକ୍ଟର ଶରତ କୁମାର ସାହୁଙ୍କର ଆଜି ଅପରାହ୍ଣରେ ପରଲୋକ ହୋଇଛି। ଦେହାନ୍ତ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ମୁମ୍ବାଇର ଲୀଳାବତି ହସ୍ପିଟାଲରେ ଚିକିତ୍ସାଧୀନ ଥିବା ସମୟରେ ଆଜି ଅପରାହ୍ଣରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ପରଲୋକ ଏମ୍‌ଏସ୍‌ଏମ୍‌ଇ ସମ୍ପ୍ରଦାୟ ସହ ରାଜ୍ୟ ପାଇଁ ଏକ ବଡ଼



ଧରଣର କ୍ଷତି ବୋଲି କୁହାଯାଇଛି। ଅନ୍ୟପକ୍ଷରେ ତାଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିବା ସହ ରାଜ୍ୟ ଉଦ୍ୟୋଗ ଜଗତ ପାଇଁ ବଡ଼ କ୍ଷତି ବୋଲି କହିଛନ୍ତି। ଏଥିସହ ସେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

### ● ନରଣପୁରରେ ଡେଙ୍ଗୁ ଆତଙ୍କ

## ମାସକରେ ୭ ଆକ୍ରାନ୍ତ, ସ୍ୱାସ୍ଥ୍ୟ ବିଭାଗ ସ୍ଥାଣୁ

**ନୀଳଗିରି,୨।୧୧(ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ନରଣପୁର ଗ୍ରାମରେ ଏକମାସ ମଧ୍ୟରେ ୭ରୁ ଉର୍ଦ୍ଧ୍ୱ ଲୋକ ଡେଙ୍ଗୁରେ ଆକ୍ରାନ୍ତ ହୋଇ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିବା ବେଳେ ଏବେବି କିଛି ଲୋକ ଡେଙ୍ଗୁଜ୍ୱରରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅଛନ୍ତି। ମାତ୍ର ଏବେବି ଅନ୍ଧାରରେ ବରହମପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର। ନା କୌଣସି ଆଶାକର୍ମୀ, ନା ସ୍ୱାସ୍ଥ୍ୟାଧିକାରୀଙ୍କ ପାଖରେ ଖବର ଅଛି। ଆକ୍ରାନ୍ତ ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ। ଚତୁଃପାର୍ଶ୍ୱରେ ଥିବା ଜଳାଶୟ ଗୁଡ଼ିକ ଅପରିଷ୍କାର, ସନ୍ତସନ୍ତିଆ ଏବଂ ଦଳପୂର୍ଣ୍ଣ ଥିବାରୁ ମଶା ବଂଶ ବୃଦ୍ଧି ପାଇଛି। ଦୀର୍ଘବର୍ଷ ଧରି ଉକ୍ତ ଜଳାଶୟ ଗୁଡ଼ିକ ବିଶୋଧନ ହୋଇନଥିବା ଅଞ୍ଚଳବାସୀ ଅଭିଯୋଗ କରିଥିବା ବେଳେ ଯଥାଶୀଘ୍ର ଚତୁ ପାର୍ଶ୍ୱ ବ୍ଲିଚିଂ ଏବଂ ଅନ୍ୟ ବିଶୋଧିତ ସାମଗ୍ରୀ ସିଞ୍ଚନ କରିବା ସହ ବିଶୋଧିତ ମସୁରି ଯୋଗାଇଦେବାକୁ ଦାବି ହୋଇଛି।

# ନୂଆପଡ଼ା ଭୋଟ, ଦାଦନଙ୍କ ଠିକଣା ଖୋଜା

**ଭୁବନେଶ୍ୱର,୨।୧୧:** ନୂଆପଡ଼ା ଉପନିର୍ବାଚନ ଜିଣିବାପାଇଁ ତିନି ପ୍ରମୁଖ ରାଜନୈତିକଦଳ ଆପ୍ରାଣ ଉଦ୍ୟମ ଚଳାଇଥିବାବେଳେ ଏଠାରେ ବିଜୟର ବାହକ ହେବେ ଭିଟାମାଟି ଛାଡି ଅନ୍ୟତ୍ର ଦାଦନ ଖଟିବାକୁ ଯାଉଥିବା ଶ୍ରମିକମାନେ। ନୂଆପଡ଼ା ନିର୍ବାଚନମଣ୍ଡଳୀରୁ ବାହାରକୁ କାମ କରିବାପାଇଁ କେତେଲୋକ ଯାଇଛନ୍ତି ତାହାର ସଠିକ୍ ହିସାବ ସରକାରୀ ସ୍ତରରେ ମିଳୁନଥିବାବେଳେ ଗାଁ ଗାଁ ବୁଲି ରାଜନୈତିକ ଦଳମାନେ କିନ୍ତୁ ଏମାନଙ୍କ ଠିକଣା ଖୋଜୁଛନ୍ତି।

ଆଦିବାସୀ ବହୁଳ ଅଣସଂରକ୍ଷିତ ନିର୍ବାଚନମଣ୍ଡଳୀ ନୂଆପଡ଼ାର ଭୋଟର ସଂଖ୍ୟା ପାଖାପାଖି ୨ ଲକ୍ଷ ୫୪ ହଜାର। ଏଥିରୁ ଅଧାରୁ ଅଧିକ ମହିଳା। ଶିଳ୍ପ ବିହୀନ ଜିଲ୍ଲା ନୂଆପଡ଼ାରେ ଲୋକେ ମୁଖ୍ୟତଃ କୃଷି ଓ ଜଙ୍ଗଲ ସମ୍ପଦ ଉପରେ ନିର୍ଭରଶୀଳ। ସରକାର ଜଙ୍ଗଲ



ସମ୍ପଦକୁ ଓଗାଳୁଥିବାବେଳେ ପରିବାର ଚଳାଇବାପାଇଁ ତେଣୁ ନୂଆପଡ଼ା, କୋମନା, ଖରିଆରରୋଡ୍, ବର୍ଲିପଡା, ତରବୋଡ, ଟିକ୍ରାପଡା, ଭେଲା, ଛତା ଆଦି ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଲୋକ କାମଧନ୍ଦା ଅନ୍ୱେଷଣରେ ଅନ୍ୟ ରାଜ୍ୟକୁ ପଳାଇଥାନ୍ତି। ରାଜନୈତିକ ସୂତ୍ରରୁ ମିଳୁଥିବା ତଥ୍ୟ ମୁତାବକ ଏହି ନିର୍ବାଚନମଣ୍ଡଳୀର ୩୦ ହଜାରରୁ ଅଧିକ ଭୋଟର ରାଜ୍ୟ ବାହାରେ ଅଛନ୍ତି। ବିଶେଷକରି ଛତିଶଗଡ, ଗୁଜୁରାଟ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ମହାରାଷ୍ଟ୍ର, ପଞ୍ଜାବ, ହରିଆନା ଆଦି ବିଭିନ୍ନ ରାଜ୍ୟରେ ନୂଆପଡ଼ା ଜିଲ୍ଲାର ଅନେକ ଶ୍ରମିକ କାମ କରୁଛନ୍ତି।

ରାଜ୍ୟ ବାହାରକୁ ଶ୍ରମିକ ପଠାଇବା ସମୟରେ ଶ୍ରମ ବିଭାଗ ଅଧିକାରୀଙ୍କ ନିକଟରେ ପଞ୍ଜିକରଣର ଯେଉଁ ବ୍ୟବସ୍ଥା ରହିଛି ତାହାକୁ ଏଡାଇ ଅନେକ ଦାଦନ ଠିକାଦାର ଚୋରା ଲୁଚାରେ ଅନ୍ୟ ରାଜ୍ୟକୁ ଶ୍ରମିକ ଚାଲାଣ କରିଥାନ୍ତି। ବିଶେଷକରି ଖରିଆରରୋଡ୍, ଟିଟିଲାଗଡ, କଣ୍ଟାବାଞ୍ଜି, ନର୍ଲାରୋଡ୍ ଆଦି ରେଳଷ୍ଟେସନରେ ବିଭିନ୍ନ ସମୟରେ ଯେଭଳି ଅସମ୍ଭବ ଭିଡ ଲକ୍ଷ୍ୟ କରାଯାଏ ସେଥିରୁ ଅବିଭକ୍ତ କଳାହାଣ୍ଡି ଓ ବଲାଙ୍ଗିର ଜିଲ୍ଲାରୁ ଶ୍ରମିକ ଚାଲାଣର ଚିତ୍ର ଜଳ ଜଳ ବାରିହୋଇ ଯାଏ। ଏହାଛଡା ସଡକପଥରେ ବି ଅନେକ ଠିକାଦାର ଶ୍ରମିକ ଚାଲାଣ କରାଇଥାନ୍ତି। ଏବେ ବିଭିନ୍ନ ଦଳର ବୁଥ୍‌ସ୍ତରୀୟ କର୍ମୀମାନେ ଭୋଟର ତାଲିକା ଧରି ଘରକୁ ଘର ବୁଲି ଅନୁଧ୍ୟାନ କରୁଛନ୍ତି। ଯେଉଁ ଘରୁ ଯେତେ ଲୋକ ବାହାରକୁ ଯାଇଛନ୍ତି, ସେମାନଙ୍କୁ ବି ମୋବାଇଲ୍ ଯୋଗେ ସମ୍ପର୍କ କରି ଆସିବା ପାଇଁ ନିବେଦନ କରାଯାଉଛି। ଏଥିଲାଗି ଯାତାୟାତ ଖର୍ଚ୍ଚ ସହ ୧୦/୧୫ ଦିନର ମଜୁରୀ ଦେବାକୁ ବି ପ୍ରତିଶ୍ରୁତି ମିଳୁଛି। ତେବେ ସମସ୍ୟା ଉପୁଜୁଛି ଯେଉଁସବୁ ସଂସ୍ଥାରେ ଏହି ଶ୍ରମିକମାନେ ନିୟୋଜିତ ହୋଇଛନ୍ତି ସେଥିରୁ ଅନେକ ଏମାନଙ୍କୁ ଛାଡିବାକୁ ନାରାଜ। ଥରେ ଘରକୁ ଫେରିଲେ କାମକୁ ଲେଉଟିବାର ସମ୍ଭାବନା କମ୍ ଥିବାରୁ ଏମାନଙ୍କୁ ଛାଡ଼ିବା ମୁସ୍କିଲ। ଏହାଛଡା ବହୁ ଶ୍ରମିକ ନିକଟରେ ନୂଆଁଖାଇ ଅବସରରେ ଘରକୁ ଆସି କର୍ମସ୍ଥଳକୁ ଫେରିଛନ୍ତି।

ଗତ ସାଧାରଣ ନିର୍ବାଚନ ସମୟରେ ଅବଶ୍ୟ କଳ ବଳ ପ୍ରୟୋଗ କରି ଅର୍ଦ୍ଧାଧିକ ଦାଦନ ଶ୍ରମିକଙ୍କୁ ଭୋଟ ପାଇଁ ଫେରାଇ ଅଣାଯାଇଥିଲା। ସେ ସମୟରେ ବି ପଇସାପତ୍ର କାରବାର ହୋଇଥିବା ବିଭିନ୍ନ ଗାଁର ଲୋକେ ସ୍ୱୀକାର କରୁଛନ୍ତି। ଏବେ ଉପନିର୍ବାଚନ ପରିପ୍ରେକ୍ଷୀରେ ଦର ଟିକେ ବଢ଼ି ଯାଇଥିବାବେଳେ ଦଲାଲମାନେ ଅଧିକ ସକ୍ରିୟ ଥିବା ଲକ୍ଷ୍ୟ କରାଯାଉଛି। ବିଜେଡି,ବିଜେପି ଓ କଂଗ୍ରେସର ବହୁ ନେତା ପଞ୍ଚାୟତୱାରି ଶିବିର ପକାଇ ଜଗିଛନ୍ତି। ଏମିତିକି ଭୋଟରମାନଙ୍କୁ ଫେରାଇ ଆଣିବାପାଇଁ ଅଗ୍ରିମ ରେଳ ଟିକଟ ବି କେତେକ ସ୍ଥଳରେ କରାଗଲାଣି। ଜଣେ ଜଣେ ଭୋଟରଙ୍କ ପାଇଁ ଏକାଧିକ ରେଳଟିକଟ ବି ହୋଇ ସାରିଲାଣି। ଏ ପରିପ୍ରେକ୍ଷୀରେ ବିଭିନ୍ନ ରାଜ୍ୟରେ କାମ କରୁଥିବା କେତେ ସଂଖ୍ୟକ ଶ୍ରମିକ ନିର୍ବାଚନ ପୂର୍ବରୁ ନୂଆପଡ଼ା ଫେରିବେ ଓ ସେମାନଙ୍କ ମଧ୍ୟରୁ କେଉଁମାନେ କେଉଁ ପ୍ରାର୍ଥୀଙ୍କୁ ଭୋଟ ଦେବେ ସେଥିଘେନି ବି ବୁଥ୍ ସ୍ତରୀୟ କର୍ମୀମାନେ ଅଙ୍କକଷା ଚଳାଉଛନ୍ତି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ସୋମବାର ୩ ନଭେମ୍ବର ୨୦୨୫, ଭୁବନେଶ୍ୱର
Monday 3 November 2025, Bhubaneswar

# ପ୍ରତିଶ୍ରୁତିର ମାୟାଜାଲ !



ପ୍ରତ୍ୟେକ ନିର୍ବାଚନ ପରି ବିହାର ରାଜନୈତିକ ମଞ୍ଚରେ ବି ହେଉଛି ପ୍ରତିଶ୍ରୁତିର ବର୍ଷା। ୨୦୨୫ ନିର୍ବାଚନରେ ବିଜେପି-ଜେଡିୟୁ ସହଯୋଗୀ ଏନ୍‌ଡିଏ ସରକାରୀ ଯୋଜନାକୁ ନୂତନ ଉତ୍ସାହ ଦେବା ଠାରୁ ଆରମ୍ଭ କରି ପ୍ରତ୍ୟେକ ଗ୍ରାମରେ କାରଖାନା, ରାସ୍ତା, ବିଦ୍ୟୁତ୍ ଓ ନିୟମିତ ରାଶନର ସ୍ୱପ୍ନ ବୁଣିଛନ୍ତି। ଅନ୍ୟପକ୍ଷରେ ଆରଜେଡି-କଂଗ୍ରେସ ସହଯୋଗୀ ମହାଗଠବନ୍ଧନ୍ ନିର୍ବାଚନୀ ଘୋଷଣାପତ୍ରରେ ମହିଳାଙ୍କୁ ପ୍ରତି ମାସରେ ୩୦୦୦ ଟଙ୍କା ସହାୟତା, କୃଷକଙ୍କୁ ନିଃଶୁଳ୍କ ବିଜୁଳି ଓ ଯୁବକଙ୍କୁ ରୋଜଗାରର ଗ୍ୟାରେଣ୍ଟି ଦେବାରୁ ବାଦ ଦେଇପାରିବେ ନାହିଁ। ଏହି ଆଶ୍ୱାସନାଗୁଡ଼ିକ ଲୋକଙ୍କୁ ମୋହିତ କରୁଛି, କିନ୍ତୁ ପ୍ରଶ୍ନ ଉଠୁଛି— ଏଗୁଡ଼ିକ କେତେ ବାସ୍ତବବାଦୀ? କେବେ ପୂରଣ ହେବ?

ବିହାରର ରାଜନୀତି ଐତିହାସିକ ଭାବେ ଜାତି, ଧର୍ମ ଓ ଅର୍ଥନୀତିରେ ଜଡ଼ିତ। ୨୦୨୦ ନିର୍ବାଚନରେ ଏନ୍‌ଡିଏ ନିର୍ବାଚନୀ ଘୋଷଣାପତ୍ରରେ ୧୯ ଲକ୍ଷ ରୋଜଗାର ସୃଷ୍ଟି, ୫ ଲକ୍ଷ ଘର ନିର୍ମାଣ ଓ କୃଷି ସଂସ୍କାରର କଥା କହିଥିଲେ। କିନ୍ତୁ ପାଞ୍ଚ ବର୍ଷ ପରେ ବିହାରରେ ବେକାରୀ ହାର ୭.୬ରୁ ୧୪.୫ ପ୍ରତିଶତ୍ ବୃଦ୍ଧି ପାଇଛି। ମହାଗଠବନ୍ଧନ୍ ୨୦୧୫ରେ ସମାଜିକ ନ୍ୟାୟ, ଶିକ୍ଷା ଓ ସ୍ୱାସ୍ଥ୍ୟରେ ବିପ୍ଳବର ସ୍ୱପ୍ନ ଦେଖାଇଥିଲା, କିନ୍ତୁ ସେତେବେଳେ ବି ଅଧିକାଂଶ ପ୍ରତିଶ୍ରୁତି କାଗଜରେ ସୀମିତ ରହିଗଲା। ଏବେ ୨୦୨୫ରେ ପୁନର୍ବାର ସମାନ ନାଟକ— ଏକପକ୍ଷ ନିର୍ବାଚନୀ ଘୋଷଣାପତ୍ରରେ ୧୦ ଲକ୍ଷ ରୋଜଗାର, ଅନ୍ୟପକ୍ଷରେ ୧୫ ଲକ୍ଷ। ଏହା କେବଳ ସଂଖ୍ୟାର ଖେଳ, ନା କେବଳ ବାସ୍ତବ ଯୋଜନାର ପ୍ରତିଛବି।

ଏହି ଆଶ୍ୱାସନାର ଜାଲରେ ବିହାରୀ ଲୋକମାନେ ଭ୍ରମିତ ହେଉଛନ୍ତି। ଗ୍ରାମ୍ୟ ଅଞ୍ଚଳରେ କୃଷକମାନେ ନିର୍ଭର କରୁଛନ୍ତି ଫସଲ ମୂଲ୍ୟର ପ୍ରତିଶ୍ରୁତି ଉପରେ, କିନ୍ତୁ ବର୍ଷେ ପରେ ମଣ୍ଡି ବଜାରରେ ନିରାଶା ପାଏ। ଯୁବକମାନେ ରୋଜଗାରର ସ୍ୱପ୍ନ ଦେଖୁଛନ୍ତି, କିନ୍ତୁ ପ୍ରବାସୀ କାର୍ଯ୍ୟରେ ବାହାରେ ଯାଇ ପରିବାରକୁ ଧରି ରଖୁଛନ୍ତି। ମହିଳାମାନେ ସ୍ୱାସ୍ଥ୍ୟ ଓ ଶିକ୍ଷାର ଆଶାରେ ଭୋଟ୍ ଦେଉଛନ୍ତି, କିନ୍ତୁ ପ୍ୟାଣ୍ଡେମିକ୍ ପରେ ସେମାନଙ୍କର ଅବସ୍ଥା ଅପରିବର୍ତ୍ତିତ। ଏହା ଏକ ଚକ୍ର— ନିର୍ବାଚନରେ ଆଶ୍ୱାସନା, ସରକାରୀ କଳରେ ଅନ୍ୟାୟ, ପରବର୍ତ୍ତୀ ନିର୍ବାଚନରେ ନୂତନ ମୋହ। ରାଜନୈତିକ ଦଳମାନେ ଜାତିଗତ ସମୀକରଣ କରି ପ୍ରତିଶ୍ରୁତି ଘୋଷଣା କରନ୍ତି, କିନ୍ତୁ ବଜେଟର ଅଭାବରେ ସେସବୁ ପ୍ରତିଶ୍ରୁତି ଉପରେ ଧୂଳି ଲାଗିଯାଏ।

ଏହାର ପରିଣାମ ଗଭୀର। ଲୋକଶାସ୍ତ୍ରରେ ଭୋଟରଙ୍କର ବିଶ୍ୱାସ ହ୍ରାସ ପାଏ, ନିର୍ବାଚନୀ ଅଂଶଗ୍ରହଣ କମ୍ ହୁଏ ଓ ଅସନ୍ତୋଷ ବୃଦ୍ଧି ପାଏ। ବିହାର ଭଳି ଗରିବ ରାଜ୍ୟରେ ଏହା ବିକାଶକୁ ଅଟକାଏ। ସରକାରମାନେ ପ୍ରତିଶ୍ରୁତି ପୂରଣ ପାଇଁ ସ୍ୱତନ୍ତ୍ର ନୀତି ଘୋଷଣା କରନ୍ତୁ— ଯେମିତି ପ୍ରତିଶ୍ରୁତି ପରୀକ୍ଷା କମିଶନ୍ ଗଠନ। ଗଣମାଧ୍ୟମ ଓ ଏନ୍‌ଜିଓମାନେ ଏହାର ପର୍ଯ୍ୟବେକ୍ଷଣ କରନ୍ତୁ। ଭୋଟରମାନେ ମଧ୍ୟ ସଚେତନ ହୋଇ ପ୍ରତିଶ୍ରୁତିର ବାସ୍ତବତା ଯାଞ୍ଚ କରନ୍ତୁ, ନ କେବଳ ନାମରେ ଭୋଟ୍ ଦିଅନ୍ତୁ।

ଅନ୍ତରେ, ବିହାରର ନିର୍ବାଚନୀ ଆଶ୍ୱାସନା ଏକ ନାଟକରୁ ଅଧିକ କିଛି ନୁହେଁ। ଏହା ସମାପ୍ତ ହେବ ଯେତେବେଳେ ରାଜନୈତିକ ଦଳମାନେ ବାସ୍ତବବାଦୀ ସ୍ୱପ୍ନ ଦେଖାଇବେ ଓ ଲୋକମାନେ ତାକୁ ମାପିବେ। ନହେଲେ ବିହାରର ବିକାଶ ଏକ ଅନ୍ତହୀନ ଅପେକ୍ଷାରେ ରହିଯିବ।

# ପୁଣ୍ୟ କାର୍ତ୍ତିକରେ ବୃକ୍ଷ ପୂଜା ପରମ୍ପରା

**ସନ୍ତୋଷ କୁମାର ଦାଶ**



ବର୍ଷକ ବାର ମାସ ମଧ୍ୟରୁ କାର୍ତ୍ତିକ ମାସକୁ ପୁଣ୍ୟ ଓ ଧର୍ମ ମାସ ବୋଲି ବିବେଚନା କରାଯାଏ। ଏହି ମାସରେ ଶ୍ରଦ୍ଧାଳୁମାନେ କାର୍ତ୍ତିକ ବ୍ରତ ରଖି ଶୁଦ୍ଧ ନିରାମିଷ ଭୋଜନ ଗ୍ରହଣ କରିଥାନ୍ତି। ଏହି ମାସରେ ବିଭିନ୍ନ ବୃକ୍ଷକୁ ପୂଜା କରିବା ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ରହି ଆସିଛି। ତୁଳସୀ, ଅଁଳା, ବେଲ, ବର, ଅଶ୍ୱତ୍ଥ ବୃକ୍ଷ ସବୁକୁ ଶ୍ରଦ୍ଧାଳୁମାନେ ପୂଜା କରିଥାନ୍ତି। ଏଗୁଡ଼ିକ ସବୁ ଔଷଧୀୟ ବୃକ୍ଷ। ଅତୀତରେ ମଣିଷ ସୁଖି, ଶାନ୍ତି, ନିରୋଗରେ ରହିବାକୁ ଏହି ସବୁ ବୃକ୍ଷ ସବୁର ବ୍ୟବହାର କରୁଥିଲା। ଯେହେତୁ ଏହି ଔଷଧୀୟ ବୃକ୍ଷ ସବୁ ମଣିଷ ଜୀବନକୁ ସୁସ୍ଥ ଓ ନିରୋଗ ରଖୁଥିଲା ସେହି କାରଣରୁ ଆଦିମ କାଳରୁ ବୃକ୍ଷ ପୂଜନ ପରମ୍ପରା ରହି ଆସିଛି ଆମ ସଂସ୍କୃତିରେ। ବିଭିନ୍ନ ବୃକ୍ଷ ପୂଜା ପାଇବା ସମ୍ପର୍କରେ ଅନେକ ଲୋକକଥା ଓ କିମ୍ବଦନ୍ତୀ ରହିଛି। କାର୍ତ୍ତିକ ମାହାତ୍ମ୍ୟରେ ଦର୍ଶାଯାଇଛି ଯେ, ସ୍ୱୟଂ ମା ଲକ୍ଷ୍ମୀ ଉଭୟ ହରିହରଙ୍କୁ ସନ୍ତୁଷ୍ଟ କରିବାକୁ ଅଁଳା ନବମୀ ଦିନ ଅଁଳା ବୃକ୍ଷକୁ ପୂଜା କରିଥିଲେ ଓ ସେହି ବୃକ୍ଷ ମୂଳରେ ହବିଷାନ୍ନ ଭୋଜନ କରିଥିଲେ। କାର୍ତ୍ତିକ ମାସରେ ତୁଳସୀ ବୃକ୍ଷକୁ ପୂଜା କଲେ ବିଷ୍ଣୁ ଭଗବାନ ସନ୍ତୁଷ୍ଟ ହୋଇଥାନ୍ତି। ଏଣୁ କାର୍ତ୍ତିକ ବ୍ରତଧାରୀ ଶ୍ରଦ୍ଧାଳୁ ମହିଳାମାନେ କାର୍ତ୍ତିକ ମାସ ସାରା ତୁଳସୀ ଚଉରା ମୂଳରେ ରାଇ ଦାମୋଦର ପୂଜା କରିଥାନ୍ତି। ବ୍ରହ୍ମ ଦେବ ପଳାଶ ଗଛରେ ବାସ କରୁଥିବା ବେଳେ ଭଗବାନ ଶିବ ବଟବୃକ୍ଷରେ ଆଉ ବିଷ୍ଣୁ ନାରାୟଣ ଅଶ୍ୱତ୍ଥ ବୃକ୍ଷରେ ବାସ କରୁଥିବା ବିଶ୍ୱାସ ରହିଛି। ବୃକ୍ଷମାନଙ୍କ ମଧ୍ୟରେ ବଟ ବୃକ୍ଷ ମୋକ୍ଷର ପ୍ରତୀକ। ଏହି ବୃକ୍ଷକୁ ଯେଉଁ ପ୍ରାଣୀ ରୋପଣ କରେ ତାହାର ସାତ ଜନ୍ମର ପାପ ନାଶ ଯାଏ । ଯେଉଁ ଜନ ବଟ ବୃକ୍ଷକୁ ପାଳେ ଓ ମନରେ ଇଷ୍ଟ ନାମକୁ ଜପ କରେ ଓ ସୁରକ୍ଷା ଦିଏ ସେହି ଜନ ସଂସାରରୁ ନିସ୍ତରି ଯାଏ। ବିଷ୍ଣୁ ଭଗବାନ ବାସ କରୁଥିବା ଅଶ୍ୱତ୍ଥ ବୃକ୍ଷକୁ ଯେଉଁମାନେ ରୋପଣ କରନ୍ତି ଓ ଯତ୍ନ କରନ୍ତି ସେମାନଙ୍କର ପୂର୍ବ ଜନ୍ମରେ କରିଥିବା ପାପ ସହିତ ଏ ଜନ୍ମର ପାପ ଖଣ୍ଡନ ହୋଇଥାଏ। ଗୋଟିଏ ଆସନରେ ଯେଉଁ ଜନ ହର ଓ ହରିଙ୍କୁ ଆହ୍ୱାନ କରି ପୂଜାକରେ ଓ ଯଜ୍ଞ କରେ ତାଙ୍କର ସର୍ବସିଦ୍ଧି ହୁଏ। ସକଳ ପାପ ଦୂରୀଭୂତ ହୁଏ। ମୃତ୍ୟୁ ପରେ ତାକୁ ବୈକୁଣ୍ଠରେ ବାସ ମିଳେ । ଯେଉଁମାନେ ବଟ, ଅଶ୍ୱତ୍ଥ ଓ ପଳାଶ ଗଛକୁ କାଟିଥାନ୍ତି ସେମାନେ ସର୍ବ ଦେବତାଙ୍କୁ ଦ୍ରୋହ କରନ୍ତି। ଦେବତା ଓ ଭଗବାନଙ୍କୁ ଦ୍ରୋହ କରିବାରୁ ହିଁ ସେମାନେ ଘୋର ନର୍କରେ ବାସ କରନ୍ତି।ଏହି କାର୍ତ୍ତିକ ମାସରେ ଯେଉଁ ଜନ ତୁଳସୀ, ବେଲ, ଅଁଳା, ବଟ, ଅଶ୍ୱତ୍ଥ ବୃକ୍ଷକୁ ପୂଜା କରେ ସେ ମଣିଷ ଜୀବନରୁ ମୁକ୍ତିଲାଭ କରି ସ୍ୱର୍ଗ ପ୍ରାପ୍ତି କରେ। ଏଣୁ କାର୍ତ୍ତିକ ମାସ ରେ ଶ୍ରଦ୍ଧାଳୁମାନେ ବିଭିନ୍ନ ବୃକ୍ଷକୁ ଭକ୍ତି ଓ ନିଷ୍ଠାର ସହିତ ପୂଜା କରି ଆସୁଛନ୍ତି। ପୁଣ୍ୟ ମାସ କାର୍ତ୍ତିକରେ ବୃକ୍ଷ ପୂଜା କରିବା ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ରହିଆସିଛି କାହିଁ କେଉଁ ଯୁଗରୁ।

**ତୁଳସୀପୁର, ପୁରୀ**
**ମୋବାଇଲ୍: ୯୪୩୯୩୬୧୮୮**




# ଶତ୍ରୁ ଘେରରେ ରାଷ୍ଟ୍ରୀୟ ଏକତା

**ଡ ମନୋଜ କୁମାର ମହାନ୍ତି**

ବିଶ୍ୱର କୋଣଅନୁକୋଣରେ ଯାଯାବର ବସତି ସ୍ଥାପନ କରି ଜୀବନଯାପନ କରୁଥିବା ମଣିଷ ମଧ୍ୟରେ ସଂଘବଧ ଜୀବନ ଜୀଇଁବାର ଇଚ୍ଛା ଜାତ ହୋଇଥଲା। କେଉଁଠି ଜଙ୍ଗଲରେ ତ, କେଉଁଠି ନଦୀକୂଳରେ ଐକ୍ୟବଦ୍ଧ ହୋଇ ସୁଖଦୁଃଖର ସହଭାଗୀ ରୂପେ ବଞ୍ଚିବାର ମୋହ ପରବର୍ତ୍ତୀ ସମୟରେ ସଭ୍ୟତା ଗଢ଼ିବାରେ ଆଗ୍ରହ ଦେଖାଇଲା। ସେଇ ସଭ୍ୟତା ପୁନଃଶ୍ଚ ଖଣ୍ଡବିଖଣ୍ଡିତ୍ ହୋଇ ମୁଣ୍ଡଟେକିଲା ଛୋଟବଡ଼ ସ୍ୱାଧିନ ରାଜ୍ୟରେ। ସେଇ ସ୍ୱାଧିନ ରାଜ୍ୟରେ ସ୍ଥାପନ ହେଲା କିଛି ରାଜବଂଶର ଶାସନ। ନିଜ ଭୌଗଳିକ ପରିସୀମାର ବର୍ଦ୍ଧନ ସହ ବିଶ୍ୱକୁ ନିୟନ୍ତ୍ରଣ କରିବାର ଅଭିପ୍ସା ହିଁ ପ୍ରତ୍ୟେକ ସଭ୍ୟତାର ଧ୍ୱଂସର କାରଣ। ହିଂସା, ଘୃଣା, ଅରାଜକତା, ଈର୍ଷା ମଧ୍ୟରେ ଉପୁଜିଥିଲା ରାଜତନ୍ତ୍ରର ଅସ୍ଥିରତା। ରାଜତନ୍ତ୍ରର ଅସ୍ଥିରତାର ସୁଯୋଗ ନେଇ ସାଧାରଣ ଜନତା ନିଜନିଜ ମଧ୍ୟରେ ଷଡଯନ୍ତ୍ରରେ ଲିପ୍ତଥିବା ଭାରତୀୟମାନଙ୍କୁ ମୋଗଲ ଓ ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀ ଶାସନ କରିବ ସେ କଥା କେବେ ପରିକଳ୍ପନା କରାଯାଇନଥିଲା। ଯେଉଁ ଭାରତକୁ ବାହ୍ୟ ଆକ୍ରମଣରୁ ରକ୍ଷାକରିବାପାଇଁ ପୂର୍ବସୂରିମାନେ ନିଜର ଜୀବନକୁ ବଳିଦାନ କରିବାକୁ ତିଳେମାତ୍ର ପଛଘୁଞ୍ଚା ଦେଇ ନଥିଲେ। ମୌର୍ଯ୍ୟ ବଂଶର ପ୍ରତିଷ୍ଠାତା ଚନ୍ଦ୍ରଗୁପ୍ତଙ୍କ ଠାରୁ ଅଶୋକ ଏବଂ ସମୁଦ୍ରଗୁପ୍ତ ବାହ୍ୟଶତ୍ରୁ ସହ ଲଢ଼ି ଭାରତର ଏକତା ତଥା ଅଖଣ୍ଡତାକୁ ବଜାଇ ରଖିବାରେ ଶତ ପ୍ରତିଶତ ଚେଷ୍ଟା କରିଥଲେ। ଗୃହଶତ୍ରୁ ଜୟଚନ୍ଦ୍ର ଦ୍ୱାରା ପୃଥିବୀରାଜ ଚୌହାନଙ୍କୁ ଘୋରୀ ଦ୍ୱାରା ହତ୍ୟା, ଦୌଲତ ଖାଁ ଲୋଧୀ ଦ୍ୱାରା କାବୁଲ ଶାସକ ବାବର୍, ଇବ୍ରହିମ୍ ଲୋଧୀକୁ ଦିଲ୍ଲୀ ଶାସନରୁ ବିତାଡିତ ଓ ଭାରତକୁ ବାବର ଅଧିନକୁ ହସ୍ତାନ୍ତର। ବିଶ୍ୱାସଘାତକ ମିର୍-ଜାଫର୍ ପାଇଁ ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀର ଭାରତରେ ଶହେନବେ ବର୍ଷ ଶାସନ। କିଛି ଭାରତୀୟ ବିଶ୍ୱାସଘାତକ ସବୁ ସମୟରେ ଦେଶର ଏକତାକୁ ନଷ୍ଟ କରିବାରେ ଲାଗିଛନ୍ତି। ସବୁ ଘାତପ୍ରତିଘାତ ସତ୍ତ୍ୱେ ଭାରତ ସ୍ୱାଧୀନତାର ସ୍ୱାଦ ଅନୁଭବ କରି ରାଜତନ୍ତ୍ରକୁ ସବୁଦିନ ପାଇଁ ଭାରତରୁ ଲୋପକରି ଗଣତନ୍ତ୍ରର ସ୍ଥାପନପୂର୍ବକ ଭାରତର ଏକତା ବଜାଇ ରଖିବାରେ ମହତ୍ତ୍ୱପୂର୍ଣ୍ଣ ପ୍ରତିଶ୍ରୁତି ସର୍ବସମ୍ମୁଖରେ ଉପସ୍ଥାପନ କରାଗଲା।

ଦେଶର ଆଇନକାନୁନ୍, ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୀତି, ବିଦେଶ ନୀତି, ପ୍ରତିରକ୍ଷା ସହ ଭାରତର ପ୍ରଭୁତା ଅଖଣ୍ଡତା ଓ ସର୍ବଭୌମତ ରକ୍ଷାକରିବା ହେଉଛି ଦେଶର ଶାସନକର୍ତ୍ତାଙ୍କ ମୁଖ୍ୟ ଦାୟିତ୍ୱ। ସବୁର ଉର୍ଦ୍ଧ୍ୱରେ ଦେଶର ଏକତା ଓ ସୁରକ୍ଷା। କାରଣ ଦେଶର ସୁରକ୍ଷା, ବିକାଶ ଓ ପ୍ରଗତି ସହ ସମ୍ପୂର୍ଣ୍ଣ ଜଡିତ। ଅର୍ଥନୈତିକ ଅଭିବୃଦ୍ଧି ହିଁ ରାଷ୍ଟ୍ରୀୟ ଏକତାର ପ୍ରତୀକ। ବିଶ୍ୱର ପ୍ରତ୍ୟେକ ପ୍ରଗତିଶୀଳ ଦେଶ ପଛରେ ତାର ସୁରକ୍ଷା ବୃହତ୍ ଭୂମିକା ଥାଏ। ଶିଳ୍ପ, ଶିକ୍ଷା ବୈଷୟିକ କ୍ଷେତ୍ରରେ ସୁରକ୍ଷିତ ରହିଲେ ପୁଞ୍ଜିନିବେଶ ପ୍ରତି ଆଗ୍ରହ ପ୍ରକାଶ କରିବେ। ଇଉରୋପୀୟ ଦେଶସମୂହ ସୁରକ୍ଷା ଉପରେ ଯଥେଷ୍ଟ ଧ୍ୟାନ ଦିଅନ୍ତି କିନ୍ତୁ ଭାରତ କ୍ଷେତ୍ରରେ ତାହା ସମ୍ପୂର୍ଣ୍ଣ ବିପରୀତ। ଭାରତକୁ ନିଜର ବାସସ୍ଥଳୀ ଭାବେ ଅବୈଧ ଅନୁପ୍ରବେଶକାରୀମାନେ ଭାରତୀୟମାନଙ୍କ ସହଯୋଗରେ ଭୋଟର ପରିଚୟପତ୍ର ସହ ଭାରତର ନାଗରିକଭାବେ ନିଜକୁ ସ୍ୱୀକାର କରି ଭୋଟ ଦେବାର ଅଧିକାର ରହିଛି। ଭୋଟ ପରିଚୟ ଥିବା ବ୍ୟକ୍ତି ସ୍ୱାଭାବିକ ଭାବେ ଦେଶର ନାଗରିକ। ଦେଶର ନାଗରିକ



ହିସାବରେ ସମ୍ବିଧାନର ସମସ୍ତ ଅଧିକାର ସହ ଭିନ୍ନଭିନ୍ନ ସମୟରେ ଧାରଣା, ପ୍ରତିବାଦ ଓ ପ୍ରତିହିଂସା ଭଳି କାର୍ଯ୍ୟରେ ଉପସ୍ଥିତି ଜାହିର କରି ଉଗ୍ର ହିଂସାତ୍ମକ କାଣ୍ଡରେ ଲିପ୍ତରହି ଧନଜୀବନକୁ ବିପର୍ଯ୍ୟସ୍ତ କରିବାସହ ଆତଙ୍କବାଦ ଭଳି କାର୍ଯ୍ୟ ଭିଆଇ ଚାଲିଛନ୍ତି। ବାହ୍ୟ ଅନୁପ୍ରବେଶକାରୀମାନଙ୍କ ପ୍ରବେଶ ରୋକିବା ସମ୍ଭବ ନୁହେଁ।

ଭାରତର ବିଭିନ୍ନ ରାଜ୍ୟରେ ଅନୁପ୍ରବେଶକାରୀ ସ୍ଥାୟୀ ବାସିନ୍ଦାଭାବେ ବଂଶବିସ୍ତାର ସହ ଭାରତକୁ ନିଜର ବାସସ୍ଥାନ ଓ କର୍ମଭୂମୀଭାବେ ଗ୍ରହଣ କରିନେଇଛନ୍ତି। କିନ୍ତୁ ସେମାନଙ୍କ ନିକଟରେ ମାଟିର ମୋହ କମ୍ କିନ୍ତୁ ଭାରତକୁ କବଜା କରିବା ପାଇଁ କେଉଁ ପ୍ରାଚୀନ କାଳରୁ ପ୍ରୟାସ ଓ ଷଡ଼ଯନ୍ତ୍ର ଚାଲିଛି ତାର ସମସ୍ତ ଐତିହାସିକ ତଥ୍ୟ ଇତିହାସରେ ଲିପିବଦ୍ଧ। ସମସ୍ତଙ୍କର ସେଇ ଗୋଟେ ଲକ୍ଷ୍ୟ ଲୁଣ୍ଠନ, ସାମ୍ରାଜ୍ୟ ପ୍ରତିଷ୍ଠା, ବାଣିଜ୍ୟ ଆଧିପତ୍ୟ ସହ ଭାରତୀୟ ସଭ୍ୟତାସଂସ୍କୃତିକୁ ନଷ୍ଟଭ୍ରଷ୍ଟ କରି ଭାରତୀୟଙ୍କ ମଧ୍ୟରେ ଅରାଜକତା, ଭାରତରେ ଉଦ୍ଦେଶ୍ୟମୂଳକଭାବେ ଦମନ କରିବା ତଥା ଭାରତର ଅର୍ଥନୀତିକୁ ଧ୍ୱଂସବିଧ୍ୱଂସ କରି ଆତଙ୍କ ସୃଷ୍ଟି କରିବା।

ସବୁ ଅରାଜକତା, ଆକ୍ରମଣ ଧର୍ମଘଟ ଅସହିଷ୍ଣୁତା ପଛରେ ଭାରତରେ ଲୁଚି ରହିଥିବା ବାହ୍ୟ ଓ ଆଭ୍ୟନ୍ତରୀଣ ଶତ୍ରୁମାନେ ବୃହତ୍ ଭୂମିକା ଗ୍ରହଣ କରିଆସିଛନ୍ତି। ଭାରତର ଶହିସ୍ନୁତା, ଦୟା ମଧ୍ୟରେ ସେମାନେ ସେମାନଙ୍କର କାର୍ଯ୍ୟ କରି ଚାଲିଛନ୍ତି। ଧର୍ମନିରପେକ୍ଷତାର ଦ୍ୱାହିଦେଇ ଭାରତରେ ଯାହା ସବୁ ଘଟେଇ ଚାଲିଛନ୍ତି ତାହା ଜଳଜଳ ହୋଇ ଦିଶୁଛି। ଭାରତର ପଡୋଶୀ ରାଷ୍ଟ୍ର ସହ ଆଉ କିଛି ଆର୍ଥିକ ଶସକ୍ତରାଷ୍ଟ୍ର ଭାରତୀୟମାନଙ୍କର ଏକତାକୁ ସଦାସର୍ବଦା ନଷ୍ଟ କରିବାକୁ ପ୍ରୟାସ କରିଛନ୍ତି। ଏସିଆର ଭୂସ୍ୱର୍ଗ କହୁଥିବା କାଶ୍ମୀର ଉପତ୍ୟକାରେ ସ୍ୱାଧୀନତା ପରବର୍ତ୍ତୀ ସମୟରେ କେତେଯେ ରକ୍ତର ହୋଲି ଖେଳୁଛି ତାର ହିସାବ ନାହିଁ। କେତେବେଳେ କାଶ୍ମୀରବାସୀ ତ କେତେବେଳେ କାଶ୍ମୀର ହିନ୍ଦୁ। ଦେଶବିଦେଶର ଆସୁଥିବା ପର୍ଯ୍ୟଟକ ପୁଣି କେବେ ସାମରିକ ବିଭାଗର କର୍ମଚାରୀ। କାଶ୍ମୀର କିଛି ଯୁବକ ମଧ୍ୟ ଆତଙ୍କବାଦୀ କାର୍ଯ୍ୟକଳାପରେ ଜଡିତ ଅଛନ୍ତି ସମୟେ ସମୟେ ସେମାନଙ୍କର ଚେହେରା ପଦାକୁ ଆସୁଛି। ବିଚ୍ଛିନ୍ନତାବାଦର ମାନସିକତା ମଧ୍ୟ ସେମାନଙ୍କୁ ଦେଶଦ୍ରୋହ କାର୍ଯ୍ୟରେ ଲିପ୍ତକରୁଛନ୍ତି। ଅନେକ ଅନୁପ୍ରବେଶକାରୀ ଯୁବକଯୁବତୀ ଭାରତରେ ରହି ଭାରତର ଶାନ୍ତିଶୃଙ୍ଖଳା ଭଙ୍ଗସହ ଆତଙ୍କ କାର୍ଯ୍ୟକଳାପକୁ ରୂପଦେବାର ଲାଗିଛନ୍ତି। ଭାରତର ସୀମାରେ ସୁରକ୍ଷା ସହ ଅଭ୍ୟନ୍ତରୀଣ ସୁରକ୍ଷାକୁ କଡ଼ାକଡି ଧ୍ୟାନ ଦେବାର ଏହା ଏକ ଘଡିସନ୍ଧୀ ସମୟ। ଭାରତର ସୁରକ୍ଷା ହେଉଛି ଆମର ଏକତା। ଏହାର କାଣିଚାଏ ଅବହେଳାର ପରିଣାମ ଭାରତର ଜନସାଧାରଣଙ୍କୁ ଭୋଗିବାକୁ ଆଗାମୀ ଦିନରେ ଯେମିତି ନ ପଡେ ସେ ପ୍ରତି ଆମର ଧ୍ୟାନ ରହୁ। ବ୍ୟକ୍ତିଗତ ସ୍ୱାର୍ଥର ଉର୍ଦ୍ଧ୍ୱରେ ରାଷ୍ଟ୍ରୀୟ ଏକତା। ରାଷ୍ଟ୍ର ହିଁ ସର୍ବୋପରି। ଏ ଦେଶକୁ, ମହାନ ସଭ୍ୟତାକୁ, ସଂସ୍କୃତି ତଥା ଗରୀମାକୁ କେବେ ନଷ୍ଟ ହେବାକୁ ଦେବାନି। କାରଣ ଦେଶର ଏକତାରେ ଆମ୍ ସଭିଙ୍କର ଅସ୍ତିତ୍ୱ ଲୁଚି ରହିଛି। ଏ ଦେଶର ଏକତା ଅକ୍ଷୁର୍ଣ୍ଣ ସହ କାଳଜୟୀ ହେଉ। ଜାତି ଓ ସମ୍ପ୍ରଦାୟ ମଧ୍ୟାରେ ଦୀର୍ଘଦିନ ଧରି ଚାଲିଥିବା ଲଢେଇର ଅନ୍ତସହ ପ୍ରେମ ଓ ସହଯୋଗର ଦୃଢ଼ ଇଚ୍ଛାଶକ୍ତି ହି ଆମକୁ ଏକ ସୂତ୍ରରେ ବାନ୍ଧି ରଖିପାରିବ।

**ଭଦ୍ରକ, ମୋବାଇଲ୍: ୮୮୯୫୩୪୧୦୩୩**

# ବିକାଶ ପଥରେ ଅସମାନତାର ଚିତ୍ର



**ଡକ୍ଟର ଲକ୍ଷ୍ମଣ ସାହୁ**

ଭାରତୀୟ ସଂସ୍କୃତି ସର୍ବଦା "ବସୁଧୈବ କୁଟୁମ୍ବକମ୍" ନୀତିକୁ ଗୁରୁତ୍ୱ ଦେଇଆସିଛି। ଏହାର ଅର୍ଥ ହେଉଛି ସମଗ୍ର ପୃଥିବୀ, ସମସ୍ତ ଦେଶ ଓ ଏଥିରେ ଥିବା ନାଗରିକମାନେ ଗୋଟିଏ ପରିବାର। ଯଦି ପରିବାରର କେହି ଦୁର୍ବଳ କିମ୍ବା ଅସୁସ୍ଥ ଥାଆନ୍ତି, ତେବେ ପରିବାରର ପୁନଃସ୍ଥାପନ କିମ୍ବା ତାକ ସହାୟତା ପ୍ରଦାନ କରିବା କର୍ତ୍ତବ୍ୟ। ଅର୍ଥନୀତି ଏହା ମଧ୍ୟ କହେ ଯେ ବିଶ୍ୱର ଯେକୌଣସି କୋଣରେ ଦାରିଦ୍ର୍ୟ ସମଗ୍ର ବିଶ୍ୱର ସମୃଦ୍ଧି ଓ କଲ୍ୟାଣ ପାଇଁ ବିପଦ ସୃଷ୍ଟି କରିପାରେ। ଏହି ଉକ୍ତିର ସତ୍ୟତା ଏକବିଂଶ ଶତାବ୍ଦୀର ବ୍ୟସ୍ତବହୁଳତାରେ ସ୍ପଷ୍ଟ ହେବାରେ ଲାଗିଛି।

ଗୋଟିଏସମୟରେଧନୀଦେଶମାନେଉଦୀୟମାନତୃତୀୟବିଶ୍ୱଦେଶଗୁଡ଼ିକୁ ସମର୍ଥନ କରିବା ଓ ସେମାନଙ୍କର ବ୍ୟବସାୟିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ନିଜର ପଥ ବାହାର କରିଦେବେ। କେତେବେଳେ ସେମାନେ ଗାଡ଼ି ଋଣ ପାଇବେ, କେତେବେଳେ ଅନୁଦାନ ପାଇବେ ଓ ସେମାନଙ୍କର ପଛୁଆପଣକୁ ଦୂର କରିବା ପାଇଁ ପ୍ରୟାସ କରାଯିବ। ଏହି ଉଦ୍ଦେଶ୍ୟରେ, ଅନ୍ତର୍ଜାତୀୟ ସ୍ତରରେ ଅନେକ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ପ୍ରତିଷ୍ଠିତ ହୋଇଥିଲା। ଆମେରିକା ଓ ପାଶ୍ଚାତ୍ୟ ଦେଶଗୁଡ଼ିକ ନିଶ୍ଚିତ ଭାବରେ ଏହି ପ୍ଲାଟଫର୍ମ ପ୍ରତିଷ୍ଠାରେ ଅବଦାନ ରଖିଥିଲେ। କିନ୍ତୁ ଧୀରେ ଧୀରେ ସେମାନଙ୍କର ନିଜସ୍ୱ ସ୍ୱାର୍ଥ ଅଧିକ ପ୍ରଚଳିତ ହୋଇଗଲା। ଭୌତିକବାଦ ଯୁଗରେ ଆମେ କେବଳ ନିଜର ଘର ଦେଖୁ ନାହୁଁ ଅନ୍ୟ କାହାର ଘର ଭୁଶୁଡ଼ି ପଡ଼ିଲେ ମଧ୍ୟ ଆମେ ଚିନ୍ତା କରୁ।

କିଛି ବର୍ଷ ପୂର୍ବେ ଡୋନାଲ୍ଡ ଟ୍ରମ୍ପ ବିଶ୍ୱ ମଞ୍ଚରେ ଉଭା ହୋଇଥିଲେ ଓ "ଆମେରିକା ପାଇଁ ଆମେରିକୀୟ" ସ୍ଲୋଗାନ ଦେଇଥିଲେ। ସେହିପରି ଅନ୍ୟ ପାଶ୍ଚାତ୍ୟ ଦେଶଗୁଡ଼ିକ ମଧ୍ୟ ନିଜ ସ୍ୱାର୍ଥ ଉପରେ ଧ୍ୟାନ ଦେବା ଆରମ୍ଭ କରିଥିଲେ। ଏହା ଗରିବ ଦେଶଗୁଡ଼ିକୁ କୌଣସି ସମ୍ମାନ ନ ଦେଇ ବ୍ଲକ-ଭିତ୍ତିକ ରାଜନୀତି ଆରମ୍ଭ କରିଥିଲା। ଫଳସ୍ୱରୂପ ଉଦୀୟମାନ ତୃତୀୟ ବିଶ୍ୱ ଦେଶଗୁଡ଼ିକ ସମସ୍ତ ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ଆର୍ଥିକ ସହାୟତା ପାଇବା ବନ୍ଦ କରିଦେଲେ। ଧନୀ ଦେଶମାନେ ସେମାନଙ୍କର ପୁରୁଣା ପ୍ରତିଶ୍ରୁତିରୁ ଓହରିଗଲେ। ଜଳବାୟୁ ପରିବର୍ତ୍ତନ ଏକ ପ୍ରମୁଖ ବିଶ୍ୱ ସଙ୍କଟ ଭାବରେ ଉଭା ହେଉଥିଲା। ପାଶ୍ଚାତ୍ୟ ଦେଶଗୁଡ଼ିକ ଏହାର ମୁକାବିଲା ପାଇଁ ଅଧିକ ପାଣ୍ଠି ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରେ ଏହାରୁ ଓହରିଗଲେ। ସେମାନେ ସେମାନଙ୍କ ଦେଶରେ ପ୍ରବେଶ କରିଥିବା ପ୍ରବାସୀମାନଙ୍କୁ ଫେରାଇବାକୁ ମଧ୍ୟ ଚାହୁଁଥିଲେ। ଏହା ମଧ୍ୟ ଘଟିଥିଲା। ଆମେରିକା ଏହି ପଦକ୍ଷେପ ନେଇଥିଲା ଓ ସମଗ୍ର ବିଶ୍ୱ ଏହାକୁ ଦେଖିଥିଲା। ତା'ପରେ ପରେ ଶୁଳ୍କ ଯୁଦ୍ଧ ଆରମ୍ଭ ହୋଇଥିଲା। ଏହା ଘୋଷଣା କରାଯାଇଥିଲା ଯେ ସେମାନେ ବିକାଶଶୀଳ ଦେଶଗୁଡ଼ିକରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ଅଧିକ ଶୁଳ୍କ ଲାଗୁ କରିବେ ନାହିଁ, ବରଂ ସମ୍ପୃକ୍ତ ଦେଶଗୁଡ଼ିକର ସମାନ କିମ୍ବା ତା'ଠାରୁ ଅଧିକ ଶୁଳ୍କ ଲାଗୁ କରିବେ।

ତେଣୁ ପଛୁଆ ଦେଶଗୁଡ଼ିକର ରପ୍ତାନି ପ୍ରଭାବିତ ହେଲା। ସେମାନଙ୍କ କ୍ଷୁଦ୍ର-କ୍ଷୁଦ୍ର, କୁଟୀର ଶିଳ୍ପ ଓ କାରିଗରମାନେ ମଧ୍ୟ ପ୍ରଭାବିତ ହେଲେ। ଯେଉଁ ଦେଶଗୁଡ଼ିକ ଚାଲିଯାଇଥିଲେ ସେମାନଙ୍କୁ ଚିନ୍ତା ନକରି, ଧନୀ ଦେଶମାନେ ମହାକାଶ ଅନୁସନ୍ଧାନ ବିଷୟରେ କଥାବାର୍ତ୍ତା କରିବା ଓ ନିଜ ନାଗରିକଙ୍କ ପାଇଁ ଏକ ସୁବର୍ଣ୍ଣ ବିଶ୍ୱ ସୃଷ୍ଟିକୁ ପ୍ରାଥମିକତା ଦେବା ଆରମ୍ଭ କଲେ। ଯଦି ଗରିବ




ଦେଶଗୁଡ଼ିକ ଏହା ଦ୍ୱାରା ପ୍ରଭାବିତ ହୁଅନ୍ତି, ତେବେ ତାହା ହେଉ। ପରିଣାମ ସ୍ୱରୂପ ଗରିବ ଦେଶଗୁଡ଼ିକ, ଖଣି ଶକ୍ତି ଓ କୃଷି ଉତ୍ପାଦରେ ସମୃଦ୍ଧ ଥିଲେ ମଧ୍ୟ, ସେହି ଧନୀ ଦେଶଗୁଡ଼ିକ ଯେଉଁ ଦ୍ରୁତ ସମୃଦ୍ଧି ଓ ନୂତନ ଆର୍ଥିକ ଅଭିବୃଦ୍ଧି ହାସଲ କରିପାରିଲେ ନାହିଁ।

ଭାରତରେ ମଧ୍ୟ ସେଭଳି ସମାନ ପରିସ୍ଥିତି ଉପୁଜିଥିଲା। ଆମେ ଏକ ଆର୍ଥିକ ମହାଶକ୍ତି ହେବାକୁ ଯାଉଛୁ ବୋଲି ଘୋଷଣା କରାଯାଇଛି। ୨୦୪୭ ସୁଦ୍ଧା ଆମେ ବିଶ୍ୱର ଏକମାତ୍ର ଆର୍ଥିକ ମହାଶକ୍ତି ନ ହୋଇପାରୁ। ଏହି ସ୍ୱପ୍ନ ନିଶ୍ଚିତ ଭାବରେ ଆମେରିକା ମଧ୍ୟ ଦେଖିଛି। ଲକ୍ଷ୍ୟ ହେଉଛି ଚୀନକୁ ପଛରେ ପକାଇବା। ତଥାପି, ଯେତେବେଳେ ଆମେ ବିଶ୍ୱର ସବୁଠାରୁ ଗରିବ ଦେଶଗୁଡ଼ିକୁ ଦେଖୁ, ଆମେ ଦେଖିପାରୁ ଯେ ଅସମାନତା ଜାରି ରହିଛି। ଧନୀ ଓ ଗରିବଙ୍କ ମଧ୍ୟରେ ପାର୍ଥକ୍ୟ ବୃଦ୍ଧି ପାଉଛି। ଭାରତ ଏହାର ବିକାଶ ପାଇଁ ଗର୍ବିତ। ଏହା କହିବାକୁ ଦ୍ୱିଧା କରେ ନାହିଁ ଯେ ଏହା ବିଶ୍ୱର ସବୁଠାରୁ ଦ୍ରୁତତମ ଆର୍ଥିକ ଅଭିବୃଦ୍ଧି ହାସଲ କରିଛି।

କିନ୍ତୁ ପରିସ୍ଥିତି ମଧ୍ୟ ସମାନ। କୁହାଯାଏ ଯେ ଭାରତ ଗରିବ ଲୋକଙ୍କ ବାସସ୍ଥାନ ଥିବା ଏକ ଧନୀ ଦେଶ। ଏହି ଗରିବ ଲୋକମାନେ ହୁଏତ ରାସ୍ତାରେ ଖାଦ୍ୟ ଖୋଜୁଛନ୍ତି। ଆମେ ସବୁଦିନ ପାଇଁ ଧାଡ଼ିରେ ରହିବୁ। ଜାତିସଂଘର ଖାଦ୍ୟ ସହାୟତା ସଂସ୍ଥାର ଏକ ସାମ୍ପ୍ରତିକ ରିପୋର୍ଟ ଏକ ଗମ୍ଭୀର ସଙ୍କଟକୁ ଇଙ୍ଗିତ କରୁଛି। ଧନୀ ଦେଶମାନେ ଆନ୍ତର୍ଜାତୀୟ ଖାଦ୍ୟ ସହାୟତା କାର୍ଯ୍ୟକ୍ରମକୁ ପାଣ୍ଠି ଦେବାକୁ ମନା କରିଦେଇଛନ୍ତି। ଏହା ବର୍ତ୍ତମାନ କିଛି ଗରିବ ଦେଶରେ କ୍ଷୁଧା ବିରୋଧୀ ଲଢ଼େଇକୁ ପ୍ରଭାବିତ କରିପାରେ।

ଅନ୍ୟପକ୍ଷରେ ଧନୀ ଦେଶମାନଙ୍କ ଦ୍ୱାରା ସହାୟତା ପ୍ରତ୍ୟାହାର ଯୋଗୁଁ, ଅତି କମରେ ଛଅଟି ଦେଶର ଲକ୍ଷ ଲକ୍ଷ ଲୋକ ଅନାହାରରେ ପଡ଼ିଛନ୍ତି। ପ୍ରାୟ ୧୪ ନିୟୁତ ଲୋକ ବର୍ତ୍ତମାନ ଅନାହାର ଦ୍ୱାରରେ ଅଛନ୍ତି। ଏଥିରେ ଆଫଗାନିସ୍ତାନ, କଙ୍ଗୋ, ହାଇତି, ସୋମାଲିଆ, ଦକ୍ଷିଣ ସୁଦାନ ଓ ସୁଦାନ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ, ଭାରତରେ, ରୋଗ, ବେକାରୀ, ଦାରିଦ୍ର୍ୟ ଓ ମୁଦ୍ରାସ୍ଫୀତି ଦ୍ୱାରା ଲକ୍ଷ ଲକ୍ଷ ଲୋକଙ୍କ ଜୀବନରେଖା ହ୍ରାସ ପାଉଛି। ଯେତେବେଳେ ପ୍ରଗତି ସର୍ବନିମ୍ନ ସୋପାନରେ ପହଞ୍ଚି ପାରୁନାହିଁ, ସେତେବେଳେ ଅଭିବୃଦ୍ଧି ହାର କ'ଣ ଲାଭ ?

ଭାରତ ଭଳି ଦେଶଗୁଡ଼ିକ ଏକ ସ୍ଥିତି ଦେଖୁଛନ୍ତି। ଭାରତର ଏକ ଅଂଶ। ଯାହାକୁ ଆଧୁନିକ କିମ୍ବା ସମୃଦ୍ଧ କୁହାଯାଇପାରେ। ଦ୍ରୁତ ଗତିରେ ବିକାଶ ହାସଲ କରୁଛି। ଯେତେବେଳେ ଜନସଂଖ୍ୟାର ତିନି-ଚତୁର୍ଥାଂଶ ପଛରେ ପଡ଼ିଛି। ଯଦିଓ କ୍ଷୁଧାର ପରିଭାଷା ପରିବର୍ତ୍ତନ କରାଯାଇପାରେ ଓ ଲୋକଙ୍କୁ କ୍ଷୁଧାମୁକ୍ତ ଘୋଷଣା କରାଯାଇପାରେ। ବାସ୍ତବତା ହେଉଛି ଯେ ବେକାରୀର ସଙ୍କଟ ଓ ଏକ ଅନ୍ଧକାରମୟ ଭବିଷ୍ୟତ ସାମ୍ନାକୁ ଆସୁଛି। ତଥାପି କିଛି ପ୍ରମୁଖ ଦେଶ ଆନ୍ତର୍ଜାତୀୟ ସହାୟତା କାର୍ଯ୍ୟକ୍ରମ ପାଇଁ ପାଣ୍ଠି ୪୦ ପ୍ରତିଶତ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାର ଅର୍ଥ ହେଉଛି ସେମାନଙ୍କର ଆନୁମାନିକ ବଜେଟ୍, ଯଦି ଦଶ ପ୍ରତିଶତ, ହ୍ରାସ ପାଇବ।

ଯଦି ଏହା ୧ ବିଲିୟନ ଡଲାର ଥିଲା, ତେବେ ଏବେ ଏହା ପ୍ରାୟ ୬ ବିଲିୟନ ଡଲାରକୁ ହ୍ରାସ ପାଇବ। ସେହି ସମୟରେ, ସମଗ୍ର ବିଶ୍ୱରେ ବିଶ୍ୱ ଉଷ୍ମତା ସଙ୍କଟ ଦେଖାଦେଇଛି। ଗରିବ ଦେଶଗୁଡ଼ିକର ଅର୍ଥନୀତି ପୂର୍ବରୁ ସଂଘର୍ଷ କରୁଛି। ଏହି ସମୟରେ, ଧନୀ ଦେଶମାନେ ସେମାନଙ୍କର ପ୍ରତିଶ୍ରୁତି ଭାଙ୍ଗିଛନ୍ତି ଓ ଜଳବାୟୁ ସଙ୍କଟର ମୁକାବିଲା ପାଇଁ ଅତିରିକ୍ତ ପାଣ୍ଠି ଦେବାକୁ ମନା କରିଦେଇଛନ୍ତି। ଆମେରିକା ଏହାର ଶୁଳ୍କରେ କୌଣସି ରିହାତି ମଧ୍ୟ ଦେଇନାହିଁ। ଫଳସ୍ୱରୂପ, ତୃତୀୟ ବିଶ୍ୱ ଦେଶଗୁଡ଼ିକ କ୍ଷତିଗ୍ରସ୍ତ ହେଉଛନ୍ତି। ପ୍ରଦୂଷଣ ମୁକାବିଲା ପାଇଁ ପ୍ରତିଶ୍ରୁତି ଅପୂର୍ଣ୍ଣ ମନେ ହେଉଛି।

ଏବେ ଏକାଧିକ ବିରୋଧାଭାସ ଦେଖାଦେଇଛି। ଗୋଟିଏ ପଟରେ ବିକାଶ ଯାତ୍ରା ଅଛି, ଯାହାକୁ ବଜାୟ ରଖିବା ପାଇଁ ଗବେଷଣା, କୃତ୍ରିମ ବୁଦ୍ଧିମତ୍ତା ଓ ଇଣ୍ଟରନେଟର ଶକ୍ତି ଆବଶ୍ୟକ। ଅନ୍ୟପକ୍ଷରେ ଯଦି ଆମେ ଲକ୍ଷ ଲକ୍ଷ ଗରିବ ଲୋକଙ୍କୁ ଦେଖିବା, ତେବେ ସେମାନଙ୍କର ଜୀବିକା କ'ଣ ? ସେମାନେ କେବଳ ଲଙ୍ଗରରୁ ଖାଦ୍ୟ ପାଇବେ ? ସେମାନଙ୍କୁ ଏକ ସୁରକ୍ଷିତ ଆଶ୍ରୟସ୍ଥଳ ସୁନିଶ୍ଚିତ କରାଯାଇଛି, କିନ୍ତୁ ସେମାନଙ୍କୁ ନିଯୁକ୍ତି ସୁନିଶ୍ଚିତ କରାଯାଇ ନାହିଁ।

ଆମେ ଆଧୁନିକ ବୈଜ୍ଞାନିକ ବିପ୍ଳବ ବିଷୟରେ କଥା ହେଉଛୁ, କିନ୍ତୁ ଭବିଷ୍ୟତ ପିଢ଼ି ପାଇଁ ଆଧୁନିକ ଶିକ୍ଷା ବିପ୍ଳବ କେଉଁଠି ? ଲକ୍ଷ ଲକ୍ଷ ଯୁବକ ପୁରୁଣା ଶିକ୍ଷାର ଚକ୍ରବ୍ୟୁହରେ କାହିଁକି ଫସି ରହିଛନ୍ତି? କୃତ୍ରିମ ବୁଦ୍ଧିମତ୍ତାର ଶକ୍ତିକୁ ପ୍ରଚାର କରିବା ସତ୍ତ୍ୱେ ଆମେ ପାଠ୍ୟକ୍ରମ କାହିଁକି ପରିବର୍ତ୍ତନ କରିନାହୁଁ? ସେମାନଙ୍କୁ ମାର୍ଗଦର୍ଶନ କରିବା ପାଇଁ ଦକ୍ଷ ଶିକ୍ଷକ କେଉଁଠି ? ଏହିପରି, ଏହି ଦ୍ରୁତ ଗତିରେ ଆର୍ଥିକ ପ୍ରଗତି ମଧ୍ୟରେ ସୃଷ୍ଟି ହେଉଥିବା ଜ୍ଞାନ ଶୂନ୍ୟତାକୁ ପଛରେ ପକାଇ ଦିଆଯାଉଛି। ଏହି ଶୂନ୍ୟସ୍ଥାନ ପୂରଣ କରିବା ପାଇଁ କ'ଣ ଏକ ବୈପ୍ଳବିକ ପଦ୍ଧତି ଆବଶ୍ୟକ ନୁହେଁ ? ଏହି ପଦ୍ଧତି ହେଉଛି ସନ୍ତୁଳନର ପଦ୍ଧତି। ଏହା ସଂସ୍କୃତିର ସୂତ୍ର ସହିତ ଆର୍ଥିକ ପ୍ରଗତିକୁ ସନ୍ତୁଳିତ କରିବା ଓ ଭୌତିକବାଦର କଠୋର ବାସ୍ତବତା ସହିତ ସଂଘର୍ଷ କରିବା ସତ୍ତ୍ୱେ , ଆତ୍ମ-ମୂଲ୍ୟ ବଜାୟ ରଖିବା ବିଷୟରେ ଚିନ୍ତା କରେ। ଯଦି ଭାରତ ଏହି ସନ୍ତୁଳନ ହାସଲ କରେ, ତେବେ ଏହା ନିଶ୍ଚିତ ଭାବରେ ୨୦୪୭ ପାଇଁ ଏହାର ନେତୃତ୍ୱ କଳ୍ପନା କରିଥିବା ବିଶ୍ୱନେତା ହୋଇପାରିବ। କିନ୍ତୁ ନିଶ୍ଚିତ ଜୀବିକା ବିନା ସ୍ୱପ୍ନର ଏହି ଉଡ଼ାଣର କ'ଣ ଲାଭ କଣ ହୋଇପାରେ...!!!

**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪**
**ମୋବାଇଲ୍: ୯୦୪୦ ୧୫୧୪ ୭୫**

**ଦୁଲାରଚାନ୍ଦ ଯାଦବ ହତ୍ୟା ମାମଲାରେ ବଡ଼ କାର୍ଯ୍ୟାନୁଷ୍ଠାନ**

# ଜେଡିୟୁ ପ୍ରାର୍ଥୀ ଅନନ୍ତ ସିଂହ ଗିରଫ



ପାଟନା,୨।୧୧: ଦୁଲାରଚାନ୍ଦ ଯାଦବ ହତ୍ୟା ମାମଲାରେ ପାଟନା ପୋଲିସ ଅଭିଯୁକ୍ତ ଅନନ୍ତ ସିଂହଙ୍କୁ ଗିରଫ କରିଛି। ଅନନ୍ତ ସିଂହ ଜଣେ ଟାଣୁଆ ନେତା ଏବଂ ପୂର୍ବତନ ବିଧାୟକ। ପାଟନା ଏସଏସପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ତାଙ୍କ ବାସଭବନ ନିକଟରେ ପହଞ୍ଚିଥିଲା। ପୋଲିସ ବର୍ତ୍ତମାନ ଅନନ୍ତ ସିଂହଙ୍କୁ ଅଧିକ ପଚରାଉଚରା ଲାଗି ପାଟନାକୁ ନେଇଛି। ଏହି ଗିରଫଦାରୀ ନିର୍ବାଚନୀ ଉଷ୍ମତାକୁ ବୃଦ୍ଧି କରିଛି। ଅନନ୍ତ ସିଂହଙ୍କ ସମ୍ଭାବ୍ୟ ଗିରଫଦାରୀ ସମ୍ପର୍କରେ ପୋଲିସ ନିରନ୍ତର ଆଲର୍ଟ ରହିଥିଲା। ପାଟନା ଏସଏସପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ସିଧାସଳଖ ବାର୍ହର କାରଗିଲ ମାର୍କେଟକୁ ଯାଇଥିଲା। ଏହି କାର୍ଯ୍ୟାନୁଷ୍ଠାନ ସମ୍ପୂର୍ଣ୍ଣ ଗୁପ୍ତ ଭାବରେ କରାଯାଇଥିଲା। ଦୁଲାରଚାନ୍ଦ ଯାଦବ ହତ୍ୟା ମାମଲାରେ ଅନନ୍ତ ସିଂହଙ୍କ ନାମ ଆସିବା ପରଠାରୁ ତାଙ୍କ ଗିରଫଦାରୀ ନିଶ୍ଚିତ ବୋଲି କୁହାଯାଉଥିଲା।

ଦୁଲାର ଚାନ୍ଦ ଯାଦବ ହତ୍ୟା ମାମଲାର ତଦନ୍ତ ଏବେ ବିହାର ପୋଲିସର ଅପରାଧ ତଦନ୍ତ ବିଭାଗ ସିଆଇଡିକୁ ହସ୍ତାନ୍ତର କରାଯାଇଛି। ସିଆଇଡି ଡିଜିପି ଜୟନ୍ତ କାନ୍ତ ମାମଲାର ତଦାରଖ କରୁଛନ୍ତି। ମୋକାମାର ବହୁବାର ବିଧାୟକ ଅନନ୍ତ ସିଂହ ରାଜନୀତିରେ ପ୍ରବେଶ କରିବା ପୂର୍ବରୁ ଅପରାଧିକ ମାମଲାରେ ଜଡିତ ଥିଲେ। ଅନନ୍ତ ସିଂହ ଜେଡିୟୁ ଟିକେଟରେ ୨୦୨୫ ବିହାର ବିଧାନସଭା ନିର୍ବାଚନ ଲଢୁଛନ୍ତି। ଦୁଲାରଚାନ୍ଦ ହତ୍ୟା ମାମଲା ଅକ୍ଟୋବର ୩୦ ତାରିଖର। ମୋକାମାର ତାଲ ଅଞ୍ଚଳରେ ନିର୍ବାଚନ ପ୍ରଚାର ସମୟରେ ଦୁଲାରଚାନ୍ଦ ଯାଦବଙ୍କୁ ହତ୍ୟା କରାଯାଇଥିଲା। ଏହି ହାଇପ୍ରୋଫାଇଲ ହତ୍ୟାକାଣ୍ଡ ପରେ ପୋଲିସ ପୂର୍ବତନ ବିଧାୟକ ଅନନ୍ତ ସିଂହଙ୍କୁ ମୁଖ୍ୟ ଅଭିଯୁକ୍ତ କରି ଗିରଫ କରିଛଇ।

# ଉତକ୍ଷେପଣ ହେଲା ବାହୁବଳୀ କ୍ଷେପଣାସ୍ତ୍ର



ନୂଆଦିଲ୍ଲୀ,୨।୧୧: ଲଞ୍ଚ ହେଲା ବାହୁବଳୀ ସିଏମସି-୦୩ ସାଟେଲାଇଟ। ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଦ୍ୱାରା ନିର୍ମିତ ଏହି ସାଟେଲାଇଟ ହେଉଛି ଏକ ଯୋଗାଯୋଗ ଉପଗ୍ରହ(କମ୍ୟୁନିକେସନ ସାଟେଲାଇଟ୍)। ରବିବାର ସନ୍ଧ୍ୟା ୫:୨୬ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଇସ୍ରୋ ଏହି ୪,୪୧୦ କିଲୋଗ୍ରାମ ଓଜନର ସାଟେଲାଇଟକୁ ମହାକାଶକୁ ଉତକ୍ଷେପଣ କରିଛି।

ଇସ୍ରୋର ଏହି ମିଶନ ଖୁବ୍ ସ୍ୱତନ୍ତ୍ର। କାରଣ ଏହା ଏପର୍ଯ୍ୟନ୍ତ ଉତକ୍ଷେପଣ କରାଯାଇଥିବା ସବୁଠାରୁ ଭାରୀ ଉପଗ୍ରହ। ବୈଜ୍ଞାନିକମାନେ ଏହାକୁ ଅତ୍ୟନ୍ତ ଶକ୍ତିଶାଳୀ 'ବାହୁବଳୀ' ରକେଟ୍ - ଏଲଭିଏମ୩-ଏମ୫ ସାହାଯ୍ୟରେ ଲଞ୍ଚ୍ କରାଯାଇଛି। ଲଞ୍ଚିଂ ପରେ ସାଟେଲାଇଟକୁ ପୃଥିବୀର ଜିଓସିଙ୍କ୍ରୋନାସ୍ ଟ୍ରାନ୍ସଫର ଅରବିଟ୍‌କୁ ପଠାଯିବ। ଏହି ସାଟେଲାଇଟ୍ ଭାରତ ଏବଂ ଆଖପାଖର ବିଶାଳ ସମୁଦ୍ର ଅଞ୍ଚଳରେ ଯୋଗାଯୋଗ ସେବାକୁ ଉନ୍ନତ କରିବାରେ ସାହାଯ୍ୟ କରିବ। ଇସ୍ରୋ ପକ୍ଷରୁ କୁହାଯାଇଛି ଯେ, ୪୩.୫ ମିଟର ଉଚ୍ଚ ଏହି ରକେଟ୍ ଏଲଭିଏମ୩ ହେଉଛି ଇସ୍ରୋର ନୂତନ ଭାରୀ-ଲିଫ୍ଟ ଲଞ୍ଚ ରକେଟ୍ ଏବଂ ଏହା ୪ ହଜାର କିଲୋଗ୍ରାମ ମହାକାଶ ଯାନକୁ ଜିଓସିଙ୍କ୍ରୋନାଇଜ୍ ଟ୍ରାନ୍ସଫର ଅରବିଟ୍ରେ ବେଶ ପ୍ରଭାବଶାଳୀ ଭାବରେ ରଖିବା ପାଇଁ ବ୍ୟବହୃତ ହୁଏ। ଏଲଭିଏମ୩-ଏମ୫ ରକେଟ୍‌ର ଭାରୀ ପେଲୋଡ୍ କ୍ଷମତା ପାଇଁ ଏହାକୁ 'ବାହୁବଳୀ' ନାମ ଦିଆଯାଇଛି।

ସିଏମସି-୦୩ ଉପଗ୍ରହ ଦେଶରେ ଡିଜିଟାଲ୍ ଯୋଗାଯୋଗ, ସାଟେଲାଇଟ୍ ଇଣ୍ଟରନେଟ୍ ଏବଂ ସାମୁଦ୍ରିକ ସଂଯୋଗକୁ ସୁଦୃଢ଼ କରିବ। ଏହି ଉପଗ୍ରହ ଭାରତର ଜାତୀୟ ଯୋଗାଯୋଗ ଭିତ୍ତିଭୂମିରେ ଏକ ପ୍ରମୁଖ ପଦକ୍ଷେପ, ଟିଭି ପ୍ରସାରଣ, ଟେଲିମେଡିସିନ୍, ଅନଲାଇନ୍ ଶିକ୍ଷା, ବିପର୍ଯ୍ୟୟ ପରିଚାଳନା ଏବଂ ଜରୁରୀକାଳୀନ ଯୋଗାଯୋଗ ସେବାର ପ୍ରବେଶକୁ ଉନ୍ନତ କରିବ। ଏହି ମିଶନ୍ ଭାରତକୁ ଭବିଷ୍ୟତର ସାଟେଲାଇଟ୍ ନକ୍ଷତ୍ର ଏବଂ ଗଭୀର ସମୁଦ୍ର ଯୋଗାଯୋଗ ଆଡ଼କୁ ପ୍ରେରିତ କରିବ।

# ସୁପରମାର୍କେଟରେ ଭୟଙ୍କର ଅଗ୍ନିକାଣ୍ଡ, ୨୩ ମୃତ




ମେକ୍ସିକୋ,୨।୧୧: ମେକ୍ସିକୋର ସୋନୋରା ରାଜ୍ୟରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ୨୩ ଜଣଙ୍କର ମୃତ୍ୟୁ ଘଟିଥିଲା ବେଳେ ୧୨ ଜଣ ଆହତ ହୋଇଛନ୍ତି। ଯାହା ଫଳରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ରାଷ୍ଟ୍ରପତି ସେନବାଉମ୍ ପୀଡିତଙ୍କ ପରିବାରକୁ ସହାୟତା ଯୋଗାଇଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, 'ଡେ ଅଫ୍ ଦ ଡେଡ୍' ଉତ୍ସବ ପାଳନ କରୁଥିବା ସମୟରେ ଅଗ୍ନିକାଣ୍ଡ ଘଟିଥିଲା। ଯେଉଁ ଉତ୍ସବରେ ପରିବାରବର୍ଗ ସେମାନଙ୍କ ଦିବଂଗତ ପ୍ରିୟଜନଙ୍କୁ ମନେ ପକାଇଥାନ୍ତି। ଏହି ଦୁର୍ଘଟଣା ଉତ୍ସବକୁ ଦୁଃଖରେ ପରିଣତ କରିଥିଲା। ହର୍ମୋସିଲୋ ସହରର ଡିସକାଉଣ୍ଟ କାଉଣ୍ଟରରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି। ଧୂଆଁ ବ୍ୟାପିବାରୁ ଅଧିକାଂଶ ଲୋକଙ୍କର ନିଶ୍ୱାସ ନେବାରେ ଅସୁବିଧା ହେବା ଯୋଗୁଁ ମୃତ୍ୟୁ ଘଟିଛି, ଯାହା ଆଟର୍ଣ୍ଣି ଜେନେରାଲ ଗୁସ୍ତାଭୋ ସାଲାସ କହିଛନ୍ତି। ଏହା ବ୍ୟତୀତ ସେ କହିଛନ୍ତି ଯେ, ଫୋରେନସିକ୍ ଟିମ୍ ମୃତଦେହଗୁଡ଼ିକର ଯାଞ୍ଚ ଆରମ୍ଭ କରିଛନ୍ତି। ବୈଦ୍ୟୁତିକ ତ୍ରୁଟି ଯୋଗୁଁ ଅଗ୍ନିକାଣ୍ଡ ଘଟିଛି ବୋଲି କୁହାଯାଉଛି। ସେ ସମ୍ପର୍କରେ ତଦନ୍ତ ଜାରି ରହିଛି ବୋଲି ସହରର ଅଗ୍ନିଶମ ବାହିନୀର ମୁଖ୍ୟ କହିଛନ୍ତି। କିନ୍ତୁ ଏହା ଆତଙ୍କବାଦୀ ଆକ୍ରମଣ ନୁହେଁ ବୋଲି ହର୍ମୋସିଲୋର ପୌରପାଳିକା ସ୍ପଷ୍ଟ କରିଛନ୍ତି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ସାନୋରାର ରାଜ୍ୟପାଳ ଆଲଫୋନ୍ସୋ ଡୁରାଜୋ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସୋସିଆଲ ମିଡିଆରେ ଏକ ଭିଡିଓ କରି ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ରାଜ୍ୟପାଳଙ୍କ ସମେତ ମେକ୍ସିକୋର ରାଷ୍ଟ୍ରପତି ଏକ୍ସ ରେ ପୋଷ୍ଟ କରି ପରିବାର ପ୍ରତି ସେ ମଧ୍ୟ ସମବେଦନା ଜଣାଇଛନ୍ତି।

ଅନ୍ୟପଟେ ଉଦ୍ଧାର କାର୍ଯ୍ୟରେ ୪୦ ଜଣ ଟିମ୍ ସଦସ୍ୟ ଏବଂ ୧୦ ଟି ଆମ୍ବୁଲାନ୍ସ ପହଞ୍ଚିଛି। ଆହତଙ୍କ ଚିକିତ୍ସା ପାଇଁ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏବେ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଛନ୍ତି ଅଗ୍ନିଶମ ବାହିନୀ ଟିମ୍। କିନ୍ତୁ ଭଗ୍ନାବଶେଷରେ ଫସି ରହିଥିବା ଲୋକଙ୍କ ସନ୍ଧାନ ବର୍ତ୍ତମାନ ସୁଦ୍ଧା ଜାରି ରହିଛି।

# ଆକ୍ରମଣ ପାକିସ୍ତାନରେ ହେଲା, ନିଦ କଂଗ୍ରେସର ହଜିଲା: ମୋଦୀ



ପାଟନା,୨।୧୧: ବିହାରର ଆରାରେ ଅନୁଷ୍ଠିତ ଏକ ନିର୍ବାଚନୀ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସ ଏବଂ ଆରଜେଡିକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଅପରେସନ ସିନ୍ଦୂରର ସଫଳତା ଦେଶର ମନୋବଳକୁ ବୃଦ୍ଧି କରିଥିଲା, କିନ୍ତୁ ବିରୋଧୀ ଦଳଗୁଡ଼ିକ ଏଥିରେ ଖୁସି ନଥିଲେ। ସେ କହିଥିଲେ ଯେ କଂଗ୍ରେସ ଏବଂ ଏହାର ସହଯୋଗୀ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ଅପରେସନ ସିନ୍ଦୂର ଉପରେ ଅସନ୍ତୁଷ୍ଟ ଥିଲେ। ଗାନ୍ଧୀ ପରିବାର ଉପରେ କଠୋର ଆକ୍ରମଣ କରି ସେ କହିଥିଲେ, ପାକିସ୍ତାନରେ ବିସ୍ଫୋରଣ ଘଟିଥିଲା, କିନ୍ତୁ କଂଗ୍ରେସ ରାଜପରିବାରର ନିଦ ହଜିଗଲା। ପାକିସ୍ତାନ ଏବଂ କଂଗ୍ରେସର ବଡ଼ ବଡ଼ ନେତାମାନେ ଅପରେସନ ସିନ୍ଦୂରର ଆଘାତରୁ ଏପର୍ଯ୍ୟନ୍ତ ମୁକୁଳି ପାରିନାହାଁନ୍ତି।"

ପ୍ରଧାନମନ୍ତ୍ରୀ ମୋଦୀ ଦାବି କରିଛନ୍ତି ଯେ, ଆସନ ବଣ୍ଟନକୁ ନେଇ ମେଣ୍ଟ ମଧ୍ୟରେ ଅସନ୍ତୋଷ ରହିଛି। ନାମାଙ୍କନ ପ୍ରତ୍ୟାହାରର ସମୟସୀମା ପୂର୍ବରୁ, ବଡ଼ ଖେଳ ବନ୍ଦ ଦ୍ୱାର ପଛରେ ଖେଳାଯାଇଥିଲା। ତାଙ୍କ ଅନୁସାରେ, କଂଗ୍ରେସ କୌଣସି ଆରଜେଡି ନେତାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବରେ ଘୋଷଣା କରିବାକୁ ଚାହୁଁନଥିଲା, କିନ୍ତୁ ଆରଜେଡି ସେମାନଙ୍କ ଦାବି ଗ୍ରହଣ କରିବାକୁ ଚାପ ପକାଇଥିଲା। ବିହାରରେ ମହାଗଠବନ୍ଧନ ମଧ୍ୟରେ ଆଭ୍ୟନ୍ତରୀଣ କନ୍ଦଳ ରହିଛି ଏବଂ ବନ୍ଧୁକ ମୁନରେ ଆରଜେଡି ନେତାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବରେ ବାଛିଛନ୍ତି। ଆରଜେଡି ଏବଂ କଂଗ୍ରେସ ମଧ୍ୟରେ ଫାଟ ବଢ଼ୁଛି। କଂଗ୍ରେସ ସହିତ ପରାମର୍ଶ ନକରି ଘୋଷଣାପତ୍ର ପ୍ରକାଶ କରାଯାଇଛି। ନିର୍ବାଚନ ପ୍ରଚାର ସମୟରେ ମଧ୍ୟ କଂଗ୍ରେସକୁ ଶୁଣାଯାଉନାହିଁ। ସେ କହିଛନ୍ତି ଯେ, ଯଦି ନିର୍ବାଚନ ପୂର୍ବରୁ ଏହି ପରିସ୍ଥିତି ହୁଏ, ତେବେ ଏହା ପରେ ଆହୁରି ଖରାପ ହେବ। ଏପରି ଲୋକମାନେ ବିହାରର କୌଣସି ଭଲ କରିପାରିବେ ନାହିଁ।

# କେନିଆରେ ଭୟଙ୍କର ଭୂସ୍ଖଳନ: ୨୧ ମୃତ



**୩୦ ନିଖୋଜ, ୧୦୦୦ରୁ ଉର୍ଦ୍ଧ୍ୱ ଘର ନଷ୍ଟ**

ନାଇରୋବୀ,୨।୧୧ : କେନିଆର ପଶ୍ଚିମ ରିଫ୍ଟ ଭ୍ୟାଲିରେ ବଡ଼ ଧରଣର ଭୂସ୍ଖଳନ ହୋଇଛି। ଯାହା ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଯାହା ଫଳରେ ଏଥିରେ ପ୍ରାୟ ୨୧ ଜଣଙ୍କର ମୃତ୍ୟୁ ଘଟିଥିଲା ବେଳେ ୩୦ ଜଣ ନିଖୋଜ ରହିଛନ୍ତି। ଏଥିସହ ୧୦୦୦ରୁ ଅଧିକ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଏପରି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି। ସୂଚନାନୁଯାୟୀ, ଭୂସ୍ଖଳନ ଯୋଗୁଁ ଅନେକ କ୍ଷୟକ୍ଷତି ଘଟିଛି। ଅନେକ ଲୋକଙ୍କ ଜୀବନ ଯାଇଥିବା ବେଳେ ଅଧିକାଂଶ ଆହତ ଏବଂ ନିଖୋଜ ରହିଛନ୍ତି। ଭୂସ୍ଖଳନ ଯୋଗୁଁ ସମସ୍ତଙ୍କ ଜୀବନଜୀବିକା ଅସ୍ତବ୍ୟସ୍ତ ହୋଇ ପଡିଛି। ଏହାରି ମଧ୍ୟରେ ସରକାର ଏଲଡୋରେଟ ସହରର ଏକ ହସ୍ପିଟାଲରେ ଆହତଙ୍କୁ ବିମାନରେ ସ୍ଥାନାନ୍ତର କରିଛନ୍ତି। ଅନ୍ୟପଟେ ଏକ ଶବ୍ଦ ଶୁଣି ତୁରନ୍ତ ପିଲାମାନଙ୍କ ସହିତ ଘର ବାହାରକୁ ଦୌଡି ପଳାଇ ଆସିଥିଲେ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ପ୍ରବଳ ବର୍ଷା ସତ୍ତ୍ୱେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପୂର୍ବରୁ ଚେସୋଙ୍ଗୋଚରେ ଭୂସ୍ଖଳନ ହୋଇଥିଲା। ଯେଉଁଥିରେ ଅନେକ ଲୋକଙ୍କ ମୃତ୍ୟୁ ଘଟିଥିଲା। ନିକଟରେ ପାପୁଆ ନ୍ୟୁ ଗିନିର ପାର୍ବତ୍ୟ ଅଞ୍ଚଳରେ ଭୂସ୍ଖଳନ ଘଟିଥିଲା। ଯେଉଁଥିରେ ପ୍ରାୟ ୨୧ ଜଣଙ୍କର ମୃତ୍ୟୁ ଘଟିବା ସହ ଘରଦ୍ୱାର ନଷ୍ଟ ହୋଇଥିଲା। ଏଭଳି ଘଟଣା ପ୍ରାୟ ବିଳମ୍ବିତ ରାତି ୨ ଟା ସମୟରେ ଦେଖିବାକୁ ମିଳିଥିଲା।

# ୬୦ ବର୍ଷରେ କିଙ୍ଗ୍ ଖାନ୍

**୩୨ ବର୍ଷ ହେବ ବଲିଉଡରେ କରୁଛନ୍ତି ରାଜ୍**



**ମୁମ୍ବାଇ, ୨।୧୧:** ବଲିଉଡ ସୁପରଷ୍ଟାର, ରୋମାନ୍ସର କିଙ୍ଗ୍ ଏବଂ ବି-ଟାଉନର ବାଦଶାହା ଶାହରୁଖ ଖାନଙ୍କୁ ପୂରିଛି ୬୦ ବର୍ଷ। ଆଉ ଫ୍ୟାନ୍ସଙ୍କ ପାଇଁ ତାଙ୍କ ଜନ୍ମଦିନ ଇଦ୍ କିମ୍ବା ଦୀପାବଳି ଠାରୁ କମ୍ ନୁହେଁ। କାରଣ ୩୨ ବର୍ଷ ଧରି ବକ୍ସ ଅଫିସରେ ରାଜ୍ କରିଚାଲିଛନ୍ତି କିଙ୍ଗ ଖାନ୍। କେବଳ ଭାରତରେ ନୁହେଁ ବରଂ ସାରା ବିଶ୍ୱରେ ଶାହରୁଖଙ୍କ ଫ୍ୟାନ୍ ଫଲୋୱିଙ୍ଗ୍ ଢେର୍ ଅଧିକ। ତାଙ୍କର ଟିକିଏ ଝଲକ ଦେଖିବା ପାଇଁ ପ୍ରଶଂସକମାନେ ଥିଏଟର ଏବଂ ତାଙ୍କ ମୁମ୍ବାଇ ସ୍ଥିତ ବାସଭବନ ମନ୍ନତ ଆଗରେ ଲଗାନ୍ତି ଲମ୍ବା ଲାଇନ। ବଲିଉଡ୍‌କୁ ସେ ଅନେକ ହିଟ୍ ଫିଲ୍ମ ଦେଇ ମନୋରଞ୍ଜନର ଖୋରାକ ଯୋଗାଇଛନ୍ତି। ୧୯୬୫ ମସିହା ନଭେମ୍ବର ୨ରେ ଦିଲ୍ଲୀରେ ଶାହରୁଖଙ୍କ ଜନ୍ମ ହୋଇଥିଲା। ଦିଲ୍ଲୀର ହଂସରାଜ କଲେଜରେ ପାଠପଢ଼ା ସାରି ଅଧିକ ଶିକ୍ଷା ପାଇଁ ଜାମିଆ ମିଲିଆ ଇସଲାମିଆ ଯାଇଥିଲେ। ଶାହରୁଖ ଖାନ ସେହି ବଲିଉଡ ଅଭିନେତାମାନଙ୍କ ମଧ୍ୟରୁ ଜଣେ ଯିଏ ଗରିବରୁ ଧନୀ ଅଭିନେତା ଭାବେ ସମସ୍ତଙ୍କ ପାଇଁ ଉଦାହରଣ।

# ରୁଷ ଉପରେ ୟୁକ୍ରେନର ବଡ଼ ଆକ୍ରମଣ

# ବନ୍ଦର କ୍ଷତିଗ୍ରସ୍ତ, ଜଳୁଛି ତେଲ ଟର୍ମିନାଲ



ମସ୍କୋ,୨।୧୧: ରୁଷ ଉପରେ ୟୁକ୍ରେନ ବଡ଼ ଧରଣର ଡ୍ରୋନ୍ ଆଟାକ୍ କରିଛି। ରବିବାର ୟୁକ୍ରେନ୍ ଏହି ଆକ୍ରମଣ କରିଛି, ଯେଉଁଥିରେ ବ୍ଲାକ୍ ସି'ରେ ଥିବା ଡୁଆପ୍ସେ ପୋର୍ଟ ଧ୍ୱଂସ ହୋଇଛି। କୁହାଯାଉଛି ଏହି ଆକ୍ରମଣରେ ପୋର୍ଟର ଏକ ଅଂଶ ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏହି ଆକ୍ରମଣରେ ରୁଷର ଏକ ତେଲ ଟର୍ମିନାଲ ପ୍ରଭାବିତ ହୋଇଛି। ହେଲେ ରୁଷର ଏୟାର ଡିଫେନ୍ସ ୟୁନିଟ୍ କିନ୍ତୁ ଦାବି କରିଛି ଯେ, ୟୁକ୍ରେନର ଏହି ଆକ୍ରମଣକୁ ରୁଷ ବାୟୁମଣ୍ଡଳରେ ହିଁ ନଷ୍ଟ କରିଦେଇଛି। ରିପୋର୍ଟ ମୁତାବକ ରୁଷ କିନ୍ତୁ ୧୬୪ଟି ୟୁକ୍ରେନର ଡ୍ରୋନକୁ ନଷ୍ଟ କରିଦେଇଥିଲା। ଅନ୍ୟପଟେ ୟୁକ୍ରେନର କହିବା କଥା ହେଲା, ଏହି ଆକ୍ରମଣରେ ଡୁଆପ୍ସେ ପୋର୍ଟ ନଷ୍ଟ ହୋଇଛି। କ୍ରାସନୋଡାର ପ୍ରଶାସନ କହିଛି ଯେ, ଡ୍ରୋନ୍ ଭଗ୍ନାବଶେଷ ପଡ଼ିବା ଯୋଗୁଁ ବନ୍ଦରର ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି ଏବଂ ନିଆଁ ଲାଗିଛି। ଡୁଆପ୍ସେ ତୈଳ ଟର୍ମିନାଲ ଏବଂ ରୋସନେଫ୍ଟ-ନିୟନ୍ତ୍ରିତ ଡୁଆପ୍ସେ ତୈଳ ରିଫାଇନାରୀର ଘର ଚଳିତ ବର୍ଷ ଏକାଧିକ ବାର ଟାର୍ଗେଟ୍ କରାଯାଇସାରିଛି। ହେଲେ ବର୍ତ୍ତମାନ ସମୟରେ ବନ୍ଦରର କେତେ ଭିତ୍ତିଭୂମି ନଷ୍ଟ ହୋଇଛି ସେନେଇ ସ୍ପଷ୍ଟ ସୂଚନା ମିଳିପାରିନି। ରୁଷର ପାୱାର ଗ୍ରୀଡ ଉପରେ ଆକ୍ରମଣର ପ୍ରତିଶୋଧ ନେବା ପାଇଁ କିଭ ରୁଷର ତୈଳ ବିଶୋଧନାଗାର, ଡିପୋ ଏବଂ ପାଇପଲାଇନ ଉପରେ ଆକ୍ରମଣ ବୃଦ୍ଧି କରିଛି। ଏହି ଆକ୍ରମଣଗୁଡ଼ିକର ଲକ୍ଷ୍ୟ ଇନ୍ଧନ ଯୋଗାଣ ଉପରେ ଚାପ ପକାଇବା, ସାମରିକ ଲଜିଷ୍ଟିକ୍ସ ବାଧାପ୍ରାପ୍ତ କରିବା ଏବଂ ରୁଷର ଯୁଦ୍ଧକାଳୀନ ଖର୍ଚ୍ଚ ବୃଦ୍ଧି କରିବା।

# ହାଇପରସୋନିକ୍ ମିସାଇଲ ପରୀକ୍ଷଣ କଲା ପାକିସ୍ତାନ



**ଇସଲାମାବାଦ, ୨।୧୧ :** ହାଇପରସୋନିକ୍ ମିସାଇଲ ପରୀକ୍ଷଣ କରିଛି ପାକିସ୍ତାନ। ଲୁଚାଚୋରାରେ କରାଯାଇଛି ଏହି ଟେଷ୍ଟିଂ। କିନ୍ତୁ ଏନେଇ ସିଧାସଳଖ କିଛି କହିବାକୁ ମନା କରିଦେଇଛନ୍ତି ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍। ଏପରି ପ୍ରଶ୍ନ ସର୍ବସାଧାରଣ ସ୍ଥାନରେ ନ ପଚାରିବାକୁ ସେ ଗଣମାଧ୍ୟମକୁ କହିଛନ୍ତି। ଅକ୍ଟୋବର ୨୮ ତାରିଖରେ ପାକିସ୍ତାନ ନିଜ ପ୍ରତିରକ୍ଷା କ୍ଷେତ୍ରରେ କିଛି ବଡ ଧରଣର ପଦକ୍ଷେପ ନେଇଥିଲା। ଏପରିକି ସେ ଶକ୍ତିଶାଳୀ ମିସାଇଲର ପରୀକ୍ଷଣ କରିଥିବା ଚର୍ଚ୍ଚା ହେଉଥିଲା। ଏନେଇ ସେଠାକାର ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଗଣମାଧ୍ୟମ ପ୍ରଶ୍ନ କରିଥିଲା। କିନ୍ତୁ ଅତି ଚାଲାକ୍ ଭାବେ ସେ ଏହାର ଉତ୍ତର ଦେଇଥିଲେ। ତେବେ ଅକ୍ଟୋବର ୨୮ ତାରିଖରେ କ୍ୱେଟା ଏବଂ ଆଖପାଖ ଅଞ୍ଚଳର ଆକାଶରେ କିଛି ଧୂଆଁ ଦେଖାଯାଇଥିଲା। ଯାହା ପରେ ବାଦଲ ଆକୃତି ନେଇଥିଲା। ଅନେକ ୟୁଜର ଏନେଇ ସୋସିଆଲ ମିଡିଆରେ ଫଟୋ ଏବଂ ଭିଡିଓ ସେୟାର କରିଥିଲେ। ସୂର୍ଯ୍ୟୋଦୟ ପୂର୍ବରୁ ଆକାଶରେ ଏମିତି କଣ ଦେଖାଯାଉଛି ବୋଲି ପ୍ରଶ୍ନ କରିଥିଲେ। ଯାହା ପରେ ପାକିସ୍ତାନର କିଛି ମିସାଇଲ ପରୀକ୍ଷଣ ନେଇ ଆଶଙ୍କାକୁ ଘନୀଭୂତ କରିଥିଲା। ଘଟଣା ପରେ ଏହାକୁ ପ୍ରଥମେ ଖ୍ୱାଜା ଗୁଜବ ବୋଲି କହିଥିଲେ। କିନ୍ତୁ ଟେଲିଭିଜନ କାର୍ଯ୍ୟକ୍ରମରେ ସେ ଏହାକୁ ଗୁଜବ ନକହି ଖୋଲାଖୋଲି ଭାବେ ଏନେଇ ସେ କିଛି କହିପାରିବେ ନାହି ବୋଲି ପ୍ରକାଶ କରିଥିଲେ।

# ଚଳନ୍ତା ଟ୍ରେନରେ ଆକ୍ରମଣ: ୧୦ ଆହତ, ୨ ଗିରଫ




**ଲଣ୍ଡନ,୨।୧୧ :** ଲଣ୍ଡନ ଯାଉଥିବା ଚଳନ୍ତା ଟ୍ରେନରେ ଯାତ୍ରୀଙ୍କ ଉପରେ ଆକ୍ରମଣ କରାଯାଇଛି। ଶନିବାର ସନ୍ଧ୍ୟାରେ ଏହି ଘଟଣା ଯୋଗୁଁ ୧୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ଘଟଣାରେ ଦୁଇ ସନ୍ଦିଗ୍ଧଙ୍କୁ ମଧ୍ୟ ଗିରଫ କରାଯାଇଛି। ତେବେ ଚଳନ୍ତା ଟ୍ରେନରେ ଏପରି ଘଟଣା ପରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇଥିଲା।

ସୂଚନା ମୁତାବକ, ଶନିବାର ସନ୍ଧ୍ୟା ୭ଟା୪୦ ସମୟରେ ଟ୍ରେନଟି କେମ୍ବ୍ରିଜସାୟର ଦେଇ ଅତିକ୍ରମ କରୁଥିଲା। ଏହା ହଣ୍ଟିଂଡନ୍ ପାଖରେ ପହଁଚିବା ପରେ ପୋଲିସ ଏହାକୁ ଅଟକାଇଥିଲା। ପ୍ରଥମେ ସନ୍ଦିଗ୍ଧ ଦୁଇ ଜଣଙ୍କୁ ଗିରଫ କରାଯିବା ସହ ଆହତଙ୍କୁ ହସ୍ପିଟାଲକୁ ପଠାଯାଇଥିଲା। ପୋଲିସର କହିବାନୁସାରେ କେଉଁ କାରଣ ପାଇଁ ଟ୍ରେନରେ ଛୁରାମାଡ ହୋଇଥିଲା ତାହା ଜଣାପଡିନାହିଁ। ତଦନ୍ତ ଜାରି ରହିଛି। ଯାତ୍ରୀଙ୍କ ପାଖରେ ଥିବା ଭିଡିଓ ଫୁଟେଜକୁ ଯାଞ୍ଚ କରାଯାଉଛି। ବ୍ରିଟିଶ ପ୍ରଧାନମନ୍ତ୍ରୀ କୀର ଷ୍ଟାରମର ଏବଂ ଗୃହ ସଚିବ ଶବାନା ମହମୁଦ ଏହି ଘଟଣାକୁ ଭୟଙ୍କର ବୋଲି କହିଛନ୍ତି ଏବଂ ଗୁଜବରୁ ଦୂରେଇ ରହିବାକୁ ଲୋକଙ୍କୁ ନିବେଦନ କରିଛନ୍ତି। ଏହି ଘଟଣାକୁ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ନିନ୍ଦା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଘଟଣା ଖୁବ୍ ଚିନ୍ତାଜନକ। ସେ ପୀଡିତଙ୍କ ସହ ଅଛନ୍ତି। ଆହତଙ୍କୁ ତୁରନ୍ତ ଜରୁରୀ ସେବା ପ୍ରଦାନ କରାଯାଇଥିଲା।

**ଗାଜା ପରେ ଲେବାନନ ଉପରେ ଇସ୍ରାଏଲର ନଜର**

# ଭୟଙ୍କର ଆକ୍ରମଣ କରିବାକୁ ଧମକ



ନୂଆଦିଲ୍ଲୀ,୨।୧୧ : ଗାଜାରେ ଯୁଦ୍ଧବିରତି ପରେ ମଧ୍ୟ ଇସ୍ରାଏଲ ଅନେକ ଥର ହମାସର ଆଡ୍ଡା ଉପରେ ଆକ୍ରମଣ କରି ସାରିଛି। ଅନ୍ୟପଟେ ଏବେ ତାର ନଜର ଲେବାନନ ଉପରେ ରହିଛି। ଲେବାନନ ଓ ଇସ୍ରାଏଲ ମଧ୍ୟରେ ହିଜବୁଲ୍ଲାହ କାରଣରୁ ପୂର୍ବରୁ ହିଁ ଉତ୍ତେଜନା ଜାରି ରହିଛି। ସେପଟେ ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ଚେତାବନୀ ଦେଇ କହିଛନ୍ତି , ଯଦି ହିଜବୁଲ୍ଲାହ ଅସ୍ତ୍ରଶସ୍ତ୍ର ନଛାଡ଼େ ତ ଦକ୍ଷିଣ ଲେବାନନରେ ଦ୍ରୁତ ଆକ୍ରମଣ କରାଯିବ। ଏହା ପୂର୍ବରୁ ଲେବାନନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଥିଲା ଯେ, ଇସ୍ରାଏଲର ଆକ୍ରଣରେ ଚାରିଜଣ ଲୋକଙ୍କ ମୃତ୍ୟୁ ହୋଇଛି। ଇସ୍ରାଏଲ କହିଛି , ହିଜବୁଲ୍ଲାହ ନିଆଁରେ ଖେଳୁଛି ଏବଂ ଲେବାନନର ରାଷ୍ଟ୍ରପତି ନିଜର ପାଦ ପଛକୁ ପକାଇବାରେ ଲାଗିଛନ୍ତି। କୌଣସି ମୂଲ୍ୟରେ ଲେବାନନକୁ ହିଜବୁଲ୍ଲାହର ଅସ୍ତ୍ରଶସ୍ତ୍ରକୁ ଛାଡ଼ିବାକୁ ହେବ, ନୁହେଁତ ଆମେ ଉତ୍ତର ଇସ୍ରାଏଲର ସୁରକ୍ଷା ପାଇଁ ଭୟଙ୍କର ଆକ୍ରମଣ କରିବୁ। ଏହା ପୂର୍ବରୁ ଶନିବାର ରାତିରେ ଇସ୍ରାଏଲ ବିମାନ ଆକ୍ରମଣ କରିଥିଲା, ଯେଉଁଥିରେ ଗାଁର ପୂର୍ବୀୟ ବାହାର ଅଞ୍ଚଳରେ ଦୋହା-କଫର ରୁମାନେ ରୋଡ୍‌ରେ ଏକ ନିର୍ଦ୍ଦେଶିତ ମିସାଇଲରୁ ଚାରି ଚକିଆ ଯାନକୁ ଟାର୍ଗେଟ୍ କରାଗଲା। ଏନଏନଏ କହିଛି ଆମ୍ବୁଲାନ୍ସ ଟିମ୍ ଗୁଡ଼ିକ ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ଏକ ସୁରକ୍ଷା ସୂତ୍ର ସିନହୁଆଙ୍କୁ କହିଛି ଯେ, ଚାରି ମୃତକ ହିଜବୁଲ୍ଲାହର ସଦସ୍ୟ ଥିଲେ , ହେଲେ ସେ ଆଉ କୌଣସି ବିସ୍ତୃତ ତଥ୍ୟ ଦେଇ ନାହାନ୍ତି।

**ଆମେରିକାକୁ ଇରାନର ଶକ୍ତ ଧକ୍କା**

# ଦୁଇ ସପ୍ତାହରେ ପରମାଣୁ ବୋମା ତିଆରି କରିବ

**ନୂଆଦିଲ୍ଲୀ,୨।୧୧ :** ଇରାନର ରାଷ୍ଟ୍ରପତି ମସୁଦ ପେଜେସ୍କିୟନ ଏକ ବଡ଼ ବୟାନ ଦେଇଛନ୍ତି। ରବିବାର ତେହରାନରେ ଘୋଷଣା କରିଛନ୍ତି ଯେ, ଆମେରିକୀୟ ଆକ୍ରମଣରେ ଧ୍ୱଂସ ହୋଇ ସାରିଥିବା ଦେଶର ପରମାଣୁ ପ୍ଲାଣ୍ଟଗୁଡ଼ିକୁ ପୁନଃନିର୍ମାଣ କରାଯିବ। ସେ କହିଛନ୍ତି ଯେ, ଏହା ମଧ୍ୟ ପୂର୍ବ ଅପେକ୍ଷା ବହୁତ ଶକ୍ତିଶାଳୀ ଭାବେ ଗଠନ ହେବ। ସେ ସ୍ପଷ୍ଟ କରିଛନ୍ତି ଯେ, ଇରାନର ଲକ୍ଷ୍ୟ ପରମାଣୁ ଅସ୍ତ୍ର ବିକଶିତ କରିବା ନୁହେଁ, ବରଂ ଜନ କଲ୍ୟାଣ ଏବଂ ଚିକିତ୍ସା ଗବେଷଣାକୁ ପ୍ରୋତ୍ସାହିତ କରିବା। ଅନ୍ୟପକ୍ଷରେ, ଜଣେ ପୂର୍ବତନ ବରିଷ୍ଠ ନ୍ୟାୟିକ ଅଧିକାରୀ ଦାବି କରିଛନ୍ତି ଯେ, ଇରାନ ଦୁଇ ସପ୍ତାହ ମଧ୍ୟରେ ପରମାଣୁ ବୋମା ବିକଶିତ କରିପାରେ। ପେଜେସ୍କିୟନ ଏହି ବିବୃତ୍ତି ସେତେବେଳେ ଦେଇଛନ୍ତି, ଯେତେବେଳେ ଦେଶର ପରମାଣୁ ଶକ୍ତି ସଂଗଠନ ପରିଦର୍ଶନ କରିଥିଲେ ଏବଂ ସେଠାରେ ବୈଜ୍ଞାନିକମାନଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ସରକାରୀ ମିଡ଼ିଆ ସହିତ କଥାବାର୍ତ୍ତା କରି ସେ କହିଛନ୍ତି, କୋଠା ଘର ଏବଂ କାରଖାନା ଭାଙ୍ଗିବା ଆମକୁ କେବେ ବି ହଇରାଣ କରିପାରିବ ନାହିଁ। ଆମେ ସେଗୁଡ଼ିକୁ ପୁନଃନିର୍ମାଣ କରିବୁ, ଏବଂ ଏଥର ପୂର୍ବ ଅପେକ୍ଷା ଆହୁରି ଶକ୍ତିଶାଳୀ ହେବୁ। ଏପରି କରିବାରୁ ଆମକୁ କେହି ଅଟକାଇ ପାରିବେ ନାହିଁ। ଅନ୍ୟପଟେ, ପୂର୍ବତନ ବରିଷ୍ଠ ଇରାନୀ ନ୍ୟାୟିକ ଅଧିକାରୀ ମହମ୍ମଦ-ଜୱାଦ ଲାରିଜାନି ଦାବି କରିଛନ୍ତି ଯେ, ଇରାନ ଦୁଇ ସପ୍ତାହ ମଧ୍ୟରେ ପରମାଣୁ ବୋମା ବିକଶିତ କରିବାର କ୍ଷମତା ରଖୁଛି, କିନ୍ତୁ ତଥାପି ସେ ସେହି ରାସ୍ତାକୁ ବାଛିବାକୁ ମନା କରୁଛି। ଲାରିଜାନି କହିଛନ୍ତି ଯେ, ସର୍ବୋଚ୍ଚ ନେତା ଅଲି ଖାମେନି ପରମାଣୁ ଅସ୍ତ୍ର ବିରୁଦ୍ଧରେ ଏକ ଦୃଢ଼ ଫତୱା ଜାରି କରିଛନ୍ତି, ଯାହା ଶିୟା ନ୍ୟାୟଶାସ୍ତ୍ର ଉପରେ ଆଧାରିତ।

**ସୌକତ- ଭିକ୍ଟୋରିଆ ଛାଡ଼ପତ୍ର ବିବାଦକୁ ନେଇ ଦ୍ୱନ୍ଦ୍ୱରେ ସୁପ୍ରିମକୋର୍ଟ**

# ବିଗିଡ଼ିପାରେ ଭାରତ-ରୁଷ ସମ୍ପର୍କ





ନୂଆଦିଲ୍ଲୀ,୨।୧୧: ରୁଷ ମହିଳା ଭିକ୍ଟୋରିଆ ବାସୁଙ୍କ ମାମଲାକୁ ନେଇ ଏକ ବିବାଦ ସୃଷ୍ଟି ହୋଇଛି। ଭିକ୍ଟୋରିଆ ଭାରତୀୟ ନାଗରିକ ସୈକତ ବାସୁଙ୍କୁ ବିବାହ କରିଥିଲେ ଏବଂ ସେମାନଙ୍କର ଏକ ପୁଅ ଅଛି। କିନ୍ତୁ, କିଛି ବର୍ଷ ପରେ, ସେମାନଙ୍କର ବିବାହ ଭାଙ୍ଗିଯାଇଥିଲା ଓ ପରେ ଉଭୟ ଛାଡପତ୍ର ନେଇଥିଲେ। ଯେତେବେଳେ ଦମ୍ପତି ସେମାନଙ୍କ ସନ୍ତାନର ହେପାଜତ ପାଇଁ କୋର୍ଟ ମାମଲା ଲଢ଼ୁଥିଲେ, ଭିକ୍ଟୋରିଆ ହଠାତ୍ ପିଲାଟିକୁ ନେଇ ଗାଏବ ହୋଇଗଲେ। ଦାବି କରାଯାଉଛି ଯେ, ସେ ଭାରତରୁ ନେପାଳ ଦେଇ ରୁଷ ପଳାଇଯାଇଛନ୍ତି। ତଦନ୍ତକାରୀ ଅଧିକାରୀମାନେ ଶିଶୁ ଏବଂ ମା'ଙ୍କୁ ଖୋଜିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ଅଭିଯୋଗ ହେଉଛି ଯେ ଋଷ ଦୂତାବାସ କୌଣସି ସହାୟତା ପ୍ରଦାନ କରୁନାହିଁ।

ଯେତେବେଳେ ମାମଲା କୋର୍ଟରେ ପହଞ୍ଚିଲା, ସୁପ୍ରିମକୋର୍ଟ ଚିନ୍ତା ପ୍ରକାଶ କରି କହିଥିଲେ, 'ଆମେ ଭାରତ-ରୁଷ ସମ୍ପର୍କକୁ କ୍ଷତି ପହଞ୍ଚାଉଥିବା କୌଣସି ନିର୍ଦ୍ଦେଶ ଜାରି କରିବାକୁ ଚାହୁଁନାହୁଁ, କିନ୍ତୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ।' କୁହାଯାଉଛି ଯେ, ଏହି ମାମଲାରେ ମହିଳା ଅନେକ ଗମ୍ଭୀର ନିୟମ ଉଲ୍ଲଂଘନ କରିଛନ୍ତି ଏବଂ ମାନବ ଚାଲାଣର ମଧ୍ୟ ସନ୍ଦେହ ହେଉଛି।

ସୁପ୍ରିମକୋର୍ଟଙ୍କ ମନ୍ତବ୍ୟ ପରେ, ରୁଷ ଦୂତାବାସ ଏକ ବିବୃତ୍ତି ଜାରି କରି ଦାବି କରିଛି ଯେ, ଏହି ରିପୋର୍ଟଗୁଡ଼ିକ କେବଳ ଅନୁମାନ ଉପରେ ଆଧାରିତ ଏବଂ ସତ୍ୟକୁ ସମ୍ପୂର୍ଣ୍ଣ ଭାବରେ ପ୍ରତିଫଳିତ କରେ ନାହିଁ। ଏଥିରେ ଆହୁରି କୁହାଯାଇଛି, 'ଦୂତାବାସ ରୁଷ ନାଗରିକଙ୍କ ଅଧିକାର ଏବଂ ବୈଧ ସ୍ୱାର୍ଥକୁ ସୁରକ୍ଷା ଦେବା ଏବଂ ଭାରତୀୟ ଆଇନକୁ ସମ୍ପୂର୍ଣ୍ଣ ପାଳନ କରିବା ଏହାର ପ୍ରାଥମିକ ଦାୟିତ୍ୱ ବୋଲି ବିବେଚନା କରେ। ଭିକ୍ଟୋରିଆ ବାସୁଙ୍କ କ୍ଷେତ୍ରରେ, ଦୂତାବାସ ଭାରତୀୟ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗରେ ଅଛି।'

● ଦଳାଚକଟାରେ ଓଡ଼ିଆ ମହିଳାଙ୍କ ମୃତ୍ୟୁ

## ୬ ଲକ୍ଷ ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨।୧୧(ସଂଚାର ବ୍ୟୁରୋ):** ଗତକାଲି ଆନ୍ଧ୍ରପ୍ରଦେଶର ଏକ ମନ୍ଦିରରେ କାର୍ତ୍ତିକ ମାସରେ ଭୀଷଣ ଗହଳି ଯୋଗୁଁ ଦଳାଚକଟା ଘଟିବା ଫଳରେ ୯ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ହୋଇଥିଲା। ଏହି ମୃତକଙ୍କ ମଧ୍ୟରେ ଜଣେ ଓଡ଼ିଆ ମହିଳା ମଧ୍ୟ ରହିଥିଲେ। ସେ ଗଞ୍ଜାମ ଜିଲ୍ଲା ଗୁଡ଼ିଆପଦରର ରଙ୍ଗଲା ଦିନେଶଙ୍କ ଝିଅ ରଙ୍ଗଲା ରୁପା ହୋଇଥିବା ବେଳେ ତାଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୬ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏହି ରାଶି ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ୍‌ରୁ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ମୃତ ରୁପାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

● ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କଲେ ପ୍ରଫୁଲ୍ଲ ଘଡାଇ

## ଯାଜପୁର ରୋଡ ହସ୍ପିଟାଲକୁ ସବଡିଭିଜନାଲ ହସ୍ପିଟାଲ କରାଯାଉ



**ଭୁବନେଶ୍ୱର,୨।୧୧(ସଂଚାର ବ୍ୟୁରୋ):** ଯାଜପୁର ରୋଡ ଏରିଆ ହସ୍ପିଟାଲକୁ ଉନ୍ନତିକରଣ କରାଯାଇ ସବଡିଭିଜନାଲ ହସ୍ପିଟାଲରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ। ଏଥିସହ ଆବଶ୍ୟକ ସ୍ପେଶିଆଲିଷ୍ଟ ଡାକ୍ତର, ପାରାମେଡିକ ଷ୍ଟାଫ ଓ ଅନ୍ୟାନ ସୁବିଧା ସୁଯୋଗ ଯୋଗାଇଦେବାକୁ ସେ ଅପିଲ କରିଛନ୍ତି। ସେ କହିଛନ୍ତି, ଯାଜପୁର ରୋଡ ଅଞ୍ଚଳର ଲୋକ ସଂଖ୍ୟା ଦିନକୁ ଦିନ ବଢ଼ୁଛି। କଳିଙ୍ଗ ନଗର ଶିଳ୍ପାଞ୍ଚଳ ପ୍ରତିଷ୍ଠା ହେବା ପରେ ବ୍ୟବସାୟିକ ପ୍ରତିଷ୍ଠାନ ଓ ବ୍ୟବସାୟିକ କାରବାର ବି ବଢ଼ିବାରେ ଲାଗିଛି। ଯାଜପୁର ରୋଡ ଏବେ ରାଜ୍ୟର ଶିଳ୍ପ ବ୍ୟବସାୟ କ୍ଷେତ୍ରରେ ଏକ ପମୁଖ ସ୍ଥାନ ହୋଇଛି। ଯେଉଁଥି ପାଇଁ ଦିନକୁ ଦିନ ରୋଗୀ ସଂଖ୍ୟା ଓ ଦୁର୍ଘଟଣା ବି ବଢ଼ୁଛି। କିନ୍ତୁ ସ୍ୱାସ୍ଥ୍ୟ ସେବାର ଏହି ବର୍ଦ୍ଧିତ ଆବଶ୍ୟକତାକୁ ମେଣ୍ଟାଇବାକୁ ଯାଜପୁର ରୋଡ ସରକାରୀ ହସ୍ପିଟାଲର ସମ୍ପ୍ରସାରଣ ହେଉନାହିଁ। ଡାକ୍ତର ଓ ପାରାମେଡିକାଲ ଷ୍ଟାଫ ସଂଖ୍ୟା ମଧ୍ୟ ବୃଦ୍ଧି ପାଉନି। ବିଭିନ୍ନ ସମୟରେ ସ୍ଥାନୀୟ ଲୋକେ ଓ ଜନପ୍ରତିନିଧି ଯାଜପୁର ରୋଡ ଏରିଆ ହସ୍ପିଟାଲର ଉନ୍ନତିକରଣ ପାଇଁ ଦାବି କରୁଛନ୍ତି। ଏହି ପରିପ୍ରେକ୍ଷିରେ ଯାଜପୁର ରୋଡର ଜଣେ ସ୍ଥାନୀୟ ବାସିନ୍ଦା ସହ ପୂର୍ବତନ ଲୋକ ପ୍ରତିନିଧି ଭାବେ ସେ ଏହି ଏରିଆ ହସ୍ପିଟାଲର ଉନ୍ନତିକରଣ କରାଯାଇ ସବଡିଭିଜନାଲ ହସ୍ପିଟାଲରେ ପରିଣତ କରିବାକୁ ଦାବି କରିଛନ୍ତି। ଏଥିସହିତ ଏଠାରେ ଆବଶ୍ୟକ ସ୍ପେଶାଲିଷ୍ଟ ଡାକ୍ତର, ପାରାମେଡିକ୍ସ, ଷ୍ଟାଫ କ୍ୱାର୍ଟସ ଓ ମେଡିକାଲ ଉପକରଣ ଯୋଗାଇଦେବାକୁ ଶ୍ରୀଯୁକ୍ତ ଘଡାଇ ଦାବି କରିଛନ୍ତି। ବର୍ତ୍ତମାନ ରାଜ୍ୟର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ଅଛି ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ପୂର୍ବ ବର୍ଷ ଅପେକ୍ଷା ଅଧିକ ଅର୍ଥ ବ୍ୟୟ ବରାଦ କରାଯାଇଛି। ତେଣୁ ଚିକିତ୍ସା କ୍ଷେତ୍ରରେ ଅବହେଳିତ ଯାଜପୁର ରୋଡ ଏବଂ କଳିଙ୍ଗନଗର ଶିଳ୍ପାଞ୍ଚଳରେ ସ୍ୱାସ୍ଥ୍ୟସେବାର ବିକାଶ ସହ ଏକ ଟ୍ରମା କେୟାର ପ୍ରତିଷ୍ଠା କରିବାକୁ ସେ ଦାବି କରିଛନ୍ତି।

# ଶାଳିମାର ଟ୍ରେନ୍ ଧକ୍କାରେ ଦନ୍ତାହାତୀ ମୃତ

## ବନ, ରେଳ ବିଭାଗକୁ ଦାୟୀକଲେ ଲୋକେ



**ବାରିପଦା/ବେତନଟୀ,୨।୧୧ (ସଂଚାର ବ୍ୟୁରୋ):** ଗତକାଲି ବିଳମ୍ବିତ ରାତିରେ ଶାଳିମର-ଭଞ୍ଜପୁର ଟ୍ରେନ ଭଞ୍ଜପୁର ଅଭିମୁଖେ ଯାଉଥିବା ସମୟରେ ବେତନଟୀଠାରୁ ୪ କିମି ଦୂର ଆଗ୍ରିଆ ରେଳ କ୍ରସିଂ ନିକଟରେ ଏକ ଦନ୍ତାହାତୀକୁ ଧକ୍କା ଦେଇଛି। ଫଳରେ ଉକ୍ତ ହାତୀଟିର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ଶାଳିମର ଟ୍ରେନ କିଛି ସମୟ ଅଟକିବା ପରେ ପୁଣି ଭଞ୍ଜପୁର ଅଭିମୁଖେ ଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ଓ ସାମ୍ବାଦିକଙ୍କ ନିକଟରୁ ଖବର ପାଇ ବେତନଟୀ ରେଞ୍ଜରଙ୍କ ସମେତ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ବେତନଟୀ ବନାଞ୍ଚଳରେ ହାତୀମାନେ ବିଭିନ୍ନ ସମୟରେ ଜନବସତି, ରାଜପଥ, ସଡ଼କପଥ ଓ ରେଳପଥ ଉପରେ ଯାତାୟାତ କରୁଥିବା ବେଳେ ବନ ବିଭାଗ ପକ୍ଷରୁ ହାତୀର ଗତିବିଧି ଉପରେ ଠିକ ଭାବେ ଦୃଷ୍ଟି ଦେଉ ନ ଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ବେତନଟୀ ରେଞ୍ଜ ଇଲାକାରେ ୩୦ରୁ ଉର୍ଦ୍ଧ୍ୱ ହାତୀ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ବିଚରଣ କରୁଥିବା ବେଳେ ମୁଖ୍ୟ ଦଳରୁ ଅଲଗା ହୋଇ ଉକ୍ତ ଦନ୍ତାହାତୀ ଗତକାଲି ସର୍ବଣା, ବିଶ୍ରାମପୁର ଇଲାକାରେ ବିଚରଣ କରୁଥିଲା। ତେବେ ରାତି ପ୍ରାୟ ସାଢେ ୧୧ଟା ସମୟରେ ପଶ୍ଚିମବଙ୍ଗ ସାଲିମରରୁ ବାରିପଦା ଭଞ୍ଜପୁର ଅଭିମୁଖେ ଯାଉଥିବା ଦ୍ରୁତଗାମୀ ଶାଲିମର ଏକ୍ସପ୍ରେସ ଆଗ୍ରିଆ ରେଳ ଫାଟକଠାରେ ରେଳଧାରଣା ଅତିକ୍ରମ କରୁଥିବା ଏହା ହାତୀକୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ ଗୋଠଛଡା ବିଶାଳ ଦନ୍ତାହାତୀର ମୃତ୍ୟୁ ଘଟିଥିବା ବେଳେ ବନବିଭାଗ ଏବଂ ରେଳ ବିଭାଗ ମଧ୍ୟରେ ସମନ୍ୱୟର ଅଭାବରୁ ଏହି ଦୁର୍ଘଟଣା ଘଟିଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହ ଉଭୟ ବିଭାଗର ଦାୟିତ୍ୱହୀନତା ପାଇଁ ଗୋଟେ ଅସହାୟ ନିରୀହ ଜଙ୍ଗଲୀ ଜୀବର ଅକାଳ ମୃତ୍ୟୁ ହୋଇଥିବାରୁ ଘଟଣାସ୍ଥଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ଦେଖଣାହାରୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଖବର ପାଇ ବାରିପଦା ବନଖଣ୍ଡର ଏସିଏଫ ଶେଖ ମେହେରବାନ ଅଲ୍ଲୀ, ଡେପୁଟି ରେଞ୍ଜର ଧ୍ରୁବେନ୍ଦ୍ର ନାଥ ନାୟକ ପ୍ରମୁଖ ସଦଳବଳ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ମୃତ ଦନ୍ତା ଶୁଣ୍ଡରେ ସ୍ଥାନୀୟ ଲୋକେ ସିନ୍ଦୂର ଲଗାଇ ଫୁଲ ସହ ଝୁଣା, ଧୂପ ଦେଇ ଅନ୍ତିମ ବିଦାୟ ଦେଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଏନେଇ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ତା' ଦେଖିବାର କଥା।

## 'ସ୍ୱଚ୍ଛ ପାନୀୟ ଜଳ ଓ ପରିମଳ ସମସ୍ତଙ୍କ ଦାୟିତ୍ୱ'



**ଭୁବନେଶ୍ୱର, ୨।୧୧ (ସଂଚାର ବ୍ୟୁରୋ) :** ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ମୁଖ୍ୟ କାରଣ ହେଉଛି ଆସୁରକ୍ଷିତ ପାନୀୟ ଜଳ ଓ ଦୁର୍ବଳ ପରିମଳ ବ୍ୟବସ୍ଥା। ଦୂଷିତ ପାଣି ଓ ପରିମଳ ଜ୍ଞାନ ଆଭାବ ଯୋଗୁ ବ୍ୟାପୁଥିବା ରୋଗ ପରୋକ୍ଷ ଭାବେ ଦାରିଦ୍ର୍ୟକୁ ଡାକିଆଣେ। ତେଣୁ ନାଗରିକ ମାଜ ଏଥିପ୍ରତି ସଚେତନ ହେବା ସହିତ ତୃଣମୂଳ ସ୍ତରରେ ସ୍ୱଚ୍ଛତାର ଗୁରୁତ୍ୱକୁ ପହଞ୍ଚାଇବା ଆବଶ୍ୟକ। ସାମାଜିକ 'ଫ୍ରେସ୍‌ୱାଟର ଆକ୍ସନ ନେଟ୍‌ୱାର୍କ ସାଉଥ୍ ଏସିଆ' (ଫାନ୍‌ସା), "ବିଶ୍ୱ ଯୁବକ କେନ୍ଦ୍ର', "ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଆଫ୍ ୟୁଥ୍ ଡେଭଲପ୍‌ମେଣ୍ଟ' ଓ "ଏଣ୍ଡ ୱାଟର ପଭଟିର ମିଳିତ ଆନୁକୂଲ୍ୟରେ ରେଡ୍‌କ୍ରସ୍‌ଭବନରେ ଆୟୋଜିତ 'ଜଳ, ପରିମଳ ଓ ସ୍ୱଚ୍ଛତା ପାଇଁ ନାଗରିକ ସମାଜକୁ ସଶକ୍ତୀକରଣ' ଶୀର୍ଷକ କର୍ମଶାଳାରେ ଯୋଗଦାଇ ଆତିଥିମାନେ ଏଭଳି ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଆତିଥି ଭାବେ ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍‌ର ଆଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୌମ୍ୟ ରଂଜନ ପ;ନାୟକ ଯୋଗେଦାଇ କହିଥିଲେ ଯେ, ପ୍ରକୃତି ମାତାର ପ୍ରତ୍ୟେକ ସୃଷ୍ଟିରେ ସମସ୍ତଙ୍କର ଆ%କାର ରହିଛି। ଏହାର ସଂରକ୍ଷଣ ବ୍ୟକ୍ତିକେନ୍ଦ୍ରିକ ହେବା ଉଚିତ ନୁହେଁ। ସ୍ୱଚ୍ଛ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ମାନବାଧିକାରର ଆଂଶ ବିଶେଷ ଏବଂ ସ୍ଥାୟୀ ବିକାଶର ମୂଳଦୁଆ। ତେଣୁ ଏହାର ସୁରକ୍ଷା ପାଇଁ ସମସ୍ତ ନାଗରିକ ସମାଜ ଏକାଠି ହୋଇ ସମାଜର ତୃଣମୂଳ ପର୍ଯ୍ୟନ୍ତ ସଚେତନତା ବାର୍ତ୍ତା ପହଞ୍ଚାଇବା ଆବଶ୍ୟକ ବୋଲି କହିଥିଲେ।

## ବାଇକ୍ ଦୁର୍ଘଟଣାରେ ଚାଳକ ମୃତ

**ବୌଦ୍ଧ,୨।୧୧(ସଂଚାର ବ୍ୟୁରୋ):** ପଇଦାଭୂଇଁ ଗାଁ ନିକଟରେ ବାଇକ୍ ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଛତ୍ରଙ୍ଗ ଗ୍ରାମର ଅମୂଲ୍ୟ ବେହେରା (୩୨ ବର୍ଷ) ବୋଲି ଜଣାପଡ଼ିଛି। ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ପଇଦାଭୂଇଁ ଗାଁ ନିକଟରେ ଏଭଳି ଘଟଣା ଘଟିଛି। ସୂଚନା ମୁତାବକ, ଅମୂଲ୍ୟ ବିଳମ୍ବିତ ରାତିରେ ବାଇକ୍ ଯୋଗେ ଚାରିଛକ-କୁଶଙ୍ଗ ପୂର୍ତ୍ତ ରାସ୍ତା ଦେଇ ଯାଉଥିଲେ। ଏହି ସମୟରେ ପଇଦାଭୂଇଁ ଗାଁ ନିକଟ ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତା ଉପରେ ପିଟି ହୋଇଥିଲେ । ଦ୍ରୁତ ଗତିରେ ଯାଉଥିବା ହେତୁ ଚାଳକ ବାଇକ୍ ରୁ ଛିଟିକି ପଡ଼ିଥିଲେ। ଫଳରେ ଅମୂଲ୍ୟଙ୍କ ମୁଣ୍ଡ ଏବଂ ଛାତିରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ହରଭଙ୍ଗା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାର ତଦନ୍ତ ଚାଲିବା ସହ ଶବ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଯାଇଥିବା ଥାନାଧିକାରୀ ବାଲ୍ମିକ ପ୍ରଧାନ କହିଛନ୍ତି ।

● ଯୁବକଙ୍କୁ ଆକ୍ରମଣ ଘଟଣାରୁ ଉତ୍ତେଜନା

## ଗ୍ରାମବାସୀଙ୍କ ଦ୍ୱାରା ପୁଲିସ ଅଟକ, ଗାଡ଼ି ଭଙ୍ଗାରୁଜା

**ବଲାଙ୍ଗିର, ୨ ।୧୧(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ପୁଇନ୍ତଲା ଥାନା ଆଠଗାଁରେ ଜଣେ ଯୁବକଙ୍କୁ ସ୍ଥାନୀୟ ହରିଜନ ପଡ଼ାର ୬ଜଣ ଯୁବକ ଆକ୍ରମଣ ଉଦ୍ୟମ କରିବା ନେଇ ଶନିବାର ସନ୍ଧ୍ୟାରୁ ଉତ୍ତେଜନା ଲାଗି ରହିଛି। ଗ୍ରାମବାସୀ ୨ଜଣଙ୍କୁ କାବୁ କରିଥିବାବେଳେ ଅନ୍ୟ ୪ଜଣ ଫେରାର ହୋଇଯାଇଛନ୍ତି। ପୁଇନ୍ତଲା ଥାନା ପୁଲିସ ବିଳମ୍ବରେ ଘଟଣାସ୍ଥଳରେ ପହଂଚିବାରୁ ଶତାଧିକ ମହିଳା ପୁଲିସକୁ ଅଟକ ରଖିବା ସହ ୨ଟି ପୁଲିସ ଗାଡ଼ି ଭଙ୍ଗାରୁଜା କରିଛନ୍ତି। ବରିଷ୍ଠ ପୁଲିସ ଅଧିକାରୀମାନେ ପହଞ୍ଚିବା ପରେ ରାତି ୧୧ ଟା ବେଳେ ଗ୍ରାମବାସୀ ପୁଲିସକୁ ଛାଡ଼ି ଥିବା ଜଣା ଯାଇଛି। ଅଭିଯୋଗ ଅନୁଯାୟୀ, ହରିଜନ ପଡ଼ାର କେତେକ ଯୁବକ ସନ୍ଧ୍ୟା ପ୍ରାୟ ୬ଟାରେ ଗାଁକୁ ଆସି ସୁମନ୍ତ ମାଝୀ (୨୦) ଙ୍କୁ ମାରଣାସ୍ତ୍ରରେ ଆକ୍ରମଣ ଉଦ୍ୟମ କରିଥିଲେ। ଆକ୍ରମଣରୁ ସୁମନ୍ତଙ୍କୁ ବଂଚାଇବାକୁ ଯାଇ ବିମଳ ପୁଟେଲ ଆହତ ହୋଇଥିଲେ। ଏଥିରେ ତାଙ୍କ ହାତରେ ଆଘାତ ଲାଗିଛି। ଏହାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗତ ଶୁକ୍ରବାର ସନ୍ଧ୍ୟାରେ ଗାଁରେ ହରିଜନ ପଡ଼ାର କେତେକ ଯୁବକ ମଦ୍ୟପାନ ସହ ଓ ଅଶ୍ଳୀଳ ଗାଳିଗୁଲଜ କରିଥିଲେ। ଗାଁ ମହିଳାଙ୍କୁ ନେଇ ଗଠିତ ଶାନ୍ତି କମିଟି ଏହାର ପ୍ରତିବାଦ କରିଥିଲେ। ଏହି ଘଟଣାରେ ଶୁକ୍ରବାର ସନ୍ଧ୍ୟାରେ ହରିଜନ ପଡ଼ାର କେତେକ ଯୁବକ ଗାଁର ୨ଜଣ ଯୁବକଙ୍କୁ ମାରପିଟ କରିଥିଲେ। ଏହାକୁ ନେଇ ଗ୍ରାମବାସୀ ଓ ହରିଜନ ସାହି ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶନିବାର ଗ୍ରାମବାସୀ ଥାନା ଅଧିକାରୀଙ୍କୁ ଫୋନରେ ଅଭିଯୋଗ କରିଥିଲେ।

## କୂଅରେ ପଡ଼ି ଯୁବତୀ ମୃତ

**ଜୟପୁର, ୨ ।୧୧(ସଂଚାର ବ୍ୟୁରୋ):** ଜୟପୁର ସଦରଥାନା ଅନ୍ତର୍ଗତ ରାଣୀପୁଟ ଗ୍ରାମର ଏକ କୂଅରେ ପଡି ଯୁବତୀର ମୃତ୍ୟୁ ହୋଇଥିବା ନେଇ ସଦରଥାନାରେ ଏକ ମାମଲା ରୁଜୁ ହୋଇଛି। ମୃତ ଯୁବତୀ ଜଣକ ହେଲେ ବିରମା ମୁଦୁଲି(୩୩)। ଆଜି ସକାଳୁ ରାଣୀପୁଟ ଗ୍ରାମର କୂଅ ନିକଟରେ ଶୌଚ କରୁଥିବା ସମୟରେ ହଠାତ ତାଙ୍କ ଗୋଡ ଖସିଯାଇଥିଲା। ଫଳରେ ସେ କୂଅ ଭିତରେ ପଡିଯାଇଥିଲେ। ସ୍ଥାନୀୟ ଗ୍ରାମବାସୀ ମାନେ ତୁରନ୍ତ ଦମକଳ ବିଭାଗକୁ ଫୋନ କରି ଡାକିବା ସମୟରେ ଯୁବତୀଙ୍କ ମୃତ୍ୟୁ ହୋଇଯାଇଥିଲା। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଏତଲା ଦେବା ପରେ ପୁଲିସ ଘଟଣାର ତଦନ୍ତ କରିବା ସହ ଶବବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ନିଶାସକ୍ତ ସ୍ୱାମୀ ମାଡ଼ରେ ସ୍ତ୍ରୀର ମୃତ୍ୟୁ

**ବାରିପଦା, ୨ ।୧୧(ସଂଚାର ବ୍ୟୁରୋ):** ନିଶାସକ୍ତ ଅବସ୍ଥାରେ ସ୍ୱାମୀର ମାଡ଼ରେ ସ୍ତ୍ରୀର ମୃତ୍ୟୁ ହୋଇଛି। ଏହିପରି ଅଘଟଣ ବାରିପଦା ସଦର ଥାନା ଅନ୍ତର୍ଗତ ରାଣୀଭୋଳ ଗ୍ରାମରେ ଘଟିଯାଇଛି। ମୃତ ସ୍ତ୍ରୀ ଜଣକ ହେଲେ ଉକ୍ତ ଗ୍ରାମର କସ୍ତୁରୀ ଦେହୁରୀ। ପୂର୍ବରୁ କସ୍ତୁରୀ ଓ ତାଙ୍କ ସ୍ୱାମୀ ସୁରୁ ଦେହୁରୀଙ୍କ ମଧ୍ୟରେ ପାରିବାରିକ କଳହ ହେଉଥିଲା। ସ୍ୱାମୀ ସୁରୁ ନିଶାସକ୍ତ ଅବସ୍ଥାରେ ସ୍ତ୍ରୀ କସ୍ତୁରୀଙ୍କୁ ପିଟାମରା ମଧ୍ୟ କରୁଥିଲା। ସୁରୁ ଦେହୁରୀ ରବିବାର ପୂର୍ବାହ୍ନ ସମୟରେ ନିଶାଶକ୍ତ ଅବସ୍ଥାରେ ଘରକୁ ଆସିଥିବା ବେଳେ ସ୍ତ୍ରୀ କସ୍ତୁରୀ ଦେହୁରୀ ସହ ଝଗଡା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ପାଖରେ ପଡିଥିବା ଏକ କାଠ ଫାଳିଆରେ କସ୍ତୁରୀଙ୍କ ମୁଣ୍ଡକୁ ପ୍ରହାର କରିଥିଲା। ଯାହା ଫଳରେ ପ୍ରଚୁର ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ କସ୍ତୁରୀର ପ୍ରାଣବାୟୁ ଉଡି ଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ଘଟଣା ବାବଦରେ ଜାଣିବା ପରେ ବାରିପଦା ସଦର ଥାନା ପୁଲିସକୁ ଖବର ଦେଇଥିଲେ।

## ଚତୁର୍ଦ୍ଧାମୂର୍ତ୍ତିଙ୍କ ଲକ୍ଷ୍ମୀ ନାରାୟଣ ବେଶ

**ପୁରୀ, ୨ ।୧୧(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିରରେ ଆଜିଠାରୁ ଆରମ୍ଭ ହୋଇଛି ପଚଂକ ନୀତି। ପ୍ରଥମ ଦିନରେ ଅର୍ଥାତ କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ବଡ ଏକାଦଶୀ ତିଥିରେ ଭକ୍ତଙ୍କୁ ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ଏହି ବେଶକୁ ଲକ୍ଷ୍ମୀ ନାରାୟଣ ବେଶ କିମ୍ବା ଠିଆକିଆ ବେଶ କୁହାଯାଇଥାଏ। ସ୍ୱର୍ଣ୍ଣ ଅଳଙ୍କାର, ପୁଷ୍ପମାଲ୍ୟ, ପାଟବସ୍ତ୍ର ଇତ୍ୟାଦିରେ ପୁଷ୍ପାଳକ ସେବକମାନେ ତିନି ଠାକୁରଙ୍କୁ ଲକ୍ଷ୍ମୀନାରାୟଣ ବେଶରେ ଭୂଷିତ କରିଛନ୍ତି। ପଂଚକକୁ ବାଦ୍ ଦେଲେ କାର୍ତ୍ତିକ ମାସ ସାରା ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଅନୁଷ୍ଠିତ ରାଧାଦାମୋଦର ବେଶରେ ଠାକୁରମାନେ ଶ୍ରୀହସ୍ତରେ ନଳୀଭୁଜ ଧାରଣ କରିଥିଲେ। ହେଲେ ପଂଚକର ପ୍ରଥମ ଦିନରେ ଲକ୍ଷ୍ମୀନାରାୟଣ ବେଶରେ ଶ୍ରୀଭୁଜ ଓ ଶଙ୍ଖ, ଚକ୍ର, ହଳ, ମୂଷଳ ଓ କେତେକ ଅଧିକ ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଛନ୍ତି। ସୁଭଦ୍ରାଙ୍କ ବେଶରେ କିଛି ପରିବର୍ତ୍ତନ ହୋଇନାହିଁ। ଶ୍ରଦ୍ଧାଳୁମାନେ ବ୍ୟାରିକେଡ୍ ଦେଇ ଯାଇ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରିବା ସହ ଦର୍ଶନ, ବେଢ଼ା ପରିକ୍ରମା କରି ଅନ୍ୟ ତିନି ଦ୍ୱାରରେ ପ୍ରସ୍ଥାନ କରୁଛନ୍ତି।

### ୱାଶିଂଟନ ସୁନ୍ଦରଙ୍କ ବିସ୍ଫୋରକ ବ୍ୟାଟିଂ

## ୩ୟ ଟି-୨୦ରେ ଭାରତର ଧମାକାଦାର ବିଜୟ



ହୋବାର୍ଟ,୨।୧୧: ଟିମ ଡେଭିଡ ଓ ମାର୍କସ ଷ୍ଟୋଇନିସଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଉପରେ ଭାରି ପଡ଼ିଲେ ୱାଶିଂଟନ ସୁନ୍ଦର। ହୋବାର୍ଟରେ ଖେଳା ଯାଇଥିବା ତୃତୀୟ ଟି-୨୦ ମ୍ୟାଚରେ ଭାରତ ବିଜୟୀ ହୋଇଛି। ଘରୋଇ ଅଷ୍ଟ୍ରେଲିଆକୁ ୫ ୱିକେଟ୍‌ରେ ହରାଇ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜକୁ ୧-୧ରେ ବରାବର କରିଛି ଟିମ୍ ଇଣ୍ଡିଆ। ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଟିମ୍ ଡେଭିଡଙ୍କ ୭୪ ରନ ଓ ମାର୍କସ ଷ୍ଟୋଇନିସଙ୍କ ୬୪ ରନ ବଳରେ ୬ ୱିକେଟ୍ ହରାଇ ୧୮୬ ରନ କରିଥିଲା। ଜବାବରେ ୱାଶିଂଟନ ସୁନ୍ଦରଙ୍କ ବିସ୍ଫୋରକ ୪୯ ରନ ସହ ଅନ୍ୟ ବ୍ୟାଟରଙ୍କ ଉପଯୋଗୀ ରନ ବଳରେ ଭାରତ ୧୮.୩ ଓଭରରେ ୫ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଛି। ନଭେମ୍ବର ୬ରେ ଖେଳାଯିବ ଚତୁର୍ଥ ମ୍ୟାଚ୍। ୧୮୭ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଭାରତକୁ ୩୩ ରନ ସ୍କୋରରେ ପ୍ରଥମ ଝଟକା ଲାଗିଥିଲା। ଅଭିଷେକ ଶର୍ମା ୧୬ ବଲରୁ ୨୫ ରନ କରିଥିଲେ। ଶୁଭମନ ଗିଲ୍ ୧୫ ରନ କରିଥିଲେ। ଏହା ପରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମାତ୍ର ୧୧ ବଲରୁ ୨୪ ରନ କରି ଆଉଟ୍ ହୋଇଥିଲେ। ଭାରତ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ଥିଲେ ହେଁ ଆବଶ୍ୟକ ଗତିରେ ରନ ସଂଗ୍ରହ କରି ଚାଲିଥିଲା। ଫଳରେ ଦଳ ଚାପରେ ଆସି ନ ଥିଲା। ତେବେ ୱାଶିଂଟନ ସୁନ୍ଦର ବିସ୍ଫୋରକ ବ୍ୟାଟିଂ କରି ଭାରତ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଅକ୍ଷର ପଟେଲ୍ ୧୭ ରନ କରିଥିବା ବେଳେ ତିଳକ ବର୍ମା ୨୯ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଉଭୟଙ୍କ ମଧ୍ୟରେ ଅପରାଜିତ ୪୩ ରନର ଭାଗିଦାରୀ ଭାରତର ବିଜୟ ସୁନିଶ୍ଚିତ କରିଥିଲା। ଶେଷ ଆଡ଼କୁ ୱାଶିଂଟନ ସୁନ୍ଦର ଓ ଜିତେଶ ଶର୍ମା ଦଳର ଆଉ କୌଣସି କ୍ଷତି ହେବାକୁ ଦେଇ ନ ଥିଲେ। ୱାଶିଂଟନ ୨୩ ବଲରୁ ଦ୍ରୁତ ୪୯ ରନ କରି ଅପରାଜିତ ରହି ଦଳକୁ ଜିତାଇଛନ୍ତି।

## ବଡ଼ ଏକାଦଶୀରେ ବାବା ଧବଳେଶ୍ୱରଙ୍କ ଚନ୍ଦ୍ରଚୂଡ଼ ବେଶ

**କଟକ,୨।୧୧(ସଂଚାର ବ୍ୟୁରୋ):** କଟକ ଜିଲ୍ଲାର ଆଠଗଡ଼ ସ୍ଥିତ ବାବା ଧବଳେଶ୍ୱରଙ୍କ ପୀଠରେ ଆଜି ବଡ଼ ଏକାଦଶୀରେ ବାବା ଧବଳେଶ୍ୱର ଭକ୍ତଙ୍କୁ ଚନ୍ଦ୍ରଚୂଡ଼ ବେଶରେ ଦର୍ଶନ ଦେଉଛନ୍ତି। ରାତି ୪ଟାରେ ଦ୍ୱାରଫିଟା ପରେ ବାବାଙ୍କ ନୀତିକାନ୍ତି ସମାପନ ପରେ ଦର୍ଶନ ଆରମ୍ଭ ହୋଇଛି। ବାବା ଧବଳେଶ୍ୱର ଭକ୍ତଙ୍କୁ ଚନ୍ଦ୍ରଚୂଡ଼ ବେଶରେ ଦର୍ଶନ ଦେଉଛନ୍ତି। ଶ୍ରଦ୍ଧାଳୁମାନେ ଧାଡିରେ ବ୍ୟାରିକେଡ୍ ରେ ଆସି ବାବାଙ୍କ ଦର୍ଶନ କରୁଛନ୍ତି। ଏହି ଦିନରେ ଦେବଦେବ ମହାଦେବଙ୍କୁ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳିବା ସହ ମାନସିକ ଶାନ୍ତି ମିଳିଥାଏ ବୋଲି ଧାର୍ମିକ ବିଶ୍ୱାସ ରହିଛି। ରାତ୍ର ୪ଟାରେ ମନ୍ଦିରର ଦ୍ୱାରଫିଟା, ପ୍ରଥମେ ମଙ୍ଗଳଆଳତୀ ପରେ ବାବାଙ୍କୁ ସ୍ନାନ କରାଯାଇଥିଲା। ସ୍ନାନ ପରେ ବାବା ଧବଳେଶ୍ୱରଙ୍କୁ ଚନ୍ଦ୍ରଚୂଡ଼ ବେଶରେ ସଜ୍ଜିତ କରାଯାଇଥିଲା। ସକାଳେ ବାଲଭୋଗ, ଖେଚୁଡ଼ି ଭୋଗ ଲାଗି କରାଯାଇଛି। ଏହାପରେ ଦହିରେ ବାବାଙ୍କୁ ଅଭିଶେକ କରାଯାଇଛି । ଅଭିଶେକ ପରେ ଦର୍ଶନ ନିମନ୍ତେ ପହଡ଼ ଖୋଲାଯାଇଥିଲା। ମଧ୍ୟାହ୍ନରେ ବାବାଙ୍କୁ ଅନ୍ନ, ଡାଲମା, କ୍ଷିରୀ, ଖେଚୁଡ଼ି ଭୋଗ ଲାଗି ହୋଇଛି । ସନ୍ଧ୍ୟାରେ ପୁର୍ନବାର ବାବାଙ୍କୁ ସ୍ନାନ କରାଯିବ। ସହ ରାତିରେ ବାବାଙ୍କ ଶୟନ ପୂର୍ବରୁ ଦହି ପଖାଳ ବାଟୁଳା ଭୋଗ ଲାଗି କରାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏଠାରେ ୨ ଜଣ ଅତିରିକ୍ତ ଏସପି, ୫ ଜଣ ମାଜିଷ୍ଟ୍ରେଟ ଏବଂ ୧୫ ପ୍ଲାଟୁନ୍ ଫୋର୍ସ ମୁତୟନ ରହିଛନ୍ତି। ଏଥିସହ ସିସିଟିଭି ବ୍ୟବସ୍ଥା କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନବୀନଙ୍କୁ...

ଥିଲେ। ବରାବର ନେତୃତ୍ୱ ବିରୋଧରେ ବିଭିନ୍ନ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ସମାଲୋଚନା ମଧ୍ୟ କରୁଥିଲେ।

ପୂର୍ବତନ ବିଧାୟକ ପ୍ରକାଶ ବେହେରା ମଧ୍ୟ ୨୦୨୪ ସାଧାରଣ ନିର୍ବାଚନରେ ସେ ବିଜେଡି ଟିକେଟରେ କଟକ-ବାରବାଟି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ହେଲେ ହାରିଯାଇଥିଲେ। ନିର୍ବାଚନ ହାରିବା ପରେ ୨୦୨୪ ଅକ୍ଟୋବର ମାସରେ ସେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ୨୦୧୪ରେ କଂଗ୍ରେସ ଟିକେଟରେ ସାଲେପୁରରୁ ଜିତିଥିବା ପ୍ରକାଶ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ବିଜେପିରେ ଯୋଗଦେଇ ପୁଣି ଥରେ ସାଲେପୁରରୁ ଲଢ଼ିଥିଲେ। ହେଲେ ବିଜେଡି ପ୍ରାର୍ଥୀଙ୍କ ଠାରୁ ହାରିଯାଇଥିଲେ। ୨୦୨୪ ନିର୍ବାଚନ ପୂର୍ବରୁ ସେ ବିଜେପି ଛାଡି ବିଜେଡିରେ ଯୋଗ ଦେଇ କଟକ-ବାରବାଟି ଆସନରୁ ଭାଗ୍ୟ ପରୀକ୍ଷା କରିଥିଲେ। ସେ ଏବେ ଘର ବାହୁଡା କରୁଛନ୍ତି। ଏହି ତିନି ନେତାଙ୍କ ମିଶ୍ରଣ ପାଇଁ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଜୋରସୋର ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତାକାଲି ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଏହି ତିନି ନେତା ପଦ୍ମ ଧରିବେ ବୋଲି ଜଣାପଡିଛି।

## ୧୦୦୦...

ସରକାର ବିରୋଧରେ ଶଙ୍କର ପାଖରେ କି ତଥ୍ୟ ରହିଛି? କାହାକୁ ଇଙ୍ଗିତ କରିବାକୁ ଚାହୁଁଛନ୍ତି ସେ? କେଉଁ କେଉଁ ନିଯୁକ୍ତି ପାଇଁ ହଜାରେ କୋଟିର ଡିଲ୍ ହୋଇଥିଲା ପୂର୍ବ ସରକାର ଅମଳରେ? ଏବେ ଏଭଳି ସବୁ ପ୍ରଶ୍ନ ଉଠୁଛି। ଅପରପକ୍ଷରେ ଆଜି କଟକ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ଘଣ୍ଟାଚକଟା କରୁଛି ତଦନ୍ତକାରୀ ଟିମ୍। ପୂର୍ବରୁ ଗିରଫ ହୋଇ ରିମାଣ୍ଡରେ ଆସିଥିବା ଦଲାଲ ଲୋକନାଥ ସାହୁ, ମୁନା ମହାନ୍ତି ଓ ପ୍ରିୟଦର୍ଶିନୀ ସାମଲ ଓରଫ୍ ସୌମ୍ୟା ସହ ଶଙ୍କର ପୃଷ୍ଟିକୁ ସାମ୍ନାସାମ୍ନି ବସାଇ କ୍ରାଇମବ୍ରାଞ୍ଚ ଉଗାରି ଚାଲିଛି ତଥ୍ୟ। ପୁଲିସ ଏସଆଇ ନିଯୁକ୍ତି ପାଇଁ କିଏ ଓ କେମିତି ତିଆରି କରିଥିଲା ଏତେ ବଡ଼ କେଳେଙ୍କାରୀର ପ୍ଲଟ୍? ୯୩୩ ମଧ୍ୟରୁ କେତୋଟି ପୋଷ୍ଟ ପାଇଁ ହୋଇଥିଲା ଡିଲ୍? ଏସଆଇ ପରୀକ୍ଷା ପରିଚାଳନା ଲାଗି ପ୍ରଥମେ ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆର୍‌ବି) ଠାରୁ ଆଇଟିଆଇ ଲିମିଟେଡ ଓ ପରେ ସିଲିକନ୍ ଟେକ୍ ଟେଣ୍ଡର ନେଇଥିବା ବେଳେ ଶଙ୍କର ପୃଷ୍ଟିଙ୍କ ପଞ୍ଚସପ୍ଟ୍ ଏହି ଟେଣ୍ଡରକୁ ହାତେଇଥିଲା କେମିତି? ଖାଲି ପୁଲିସ ଏସଆଇ ନା ଅନ୍ୟ କୌଣସି ପଦବୀ ପାଇଁ ବି ଚାଲୁଥିଲା ବେପାର, ତା' ଜାଣିବା ସକାଶେ ଖୋଳତାଡ ଆରମ୍ଭ ହୋଇଛି।

ପ୍ରାର୍ଥୀ ପିଛା ଡିଲ ହୋଇଥିଲା ୨୫ ଲକ୍ଷରୁ କାହାର କେତେ ଭାଗ ଧାର୍ଯ୍ୟ ହୋଇଥିଲା, କେଉଁ ସରକାରୀ ବାବୁଙ୍କ ସହ ହୋଇଥିଲା ଡିଲ, କାହା ଛତ୍ରଛାୟାରେ ଚାଲିଥିଲା ଏହି ସିଣ୍ଡିକେଟ, ଏମିତି କିଛି ପ୍ରଶ୍ନକୁ ଧରି ତଥ୍ୟ ଆଦାୟ ପାଇଁ ଉଦ୍ୟମ ଚଳାଇଛି କ୍ରାଇମବ୍ରାଞ୍ଚ। ମାମଲାରେ ପୂର୍ବରୁ ଗିରଫ ହୋଇଥିଲେ ମୋଟ୍ ୧୨୩ ଜଣ। ସେମାନଙ୍କ ମଧ୍ୟରୁ ୧୧୪ ଜଣ ହେଉଛନ୍ତି ଟଙ୍କା ବଦଳରେ ଏସଆଇ ପଦବୀ ହାତେଇବା ପାଇଁ ବିଜୟନଗରମ୍ ଯାଉଥିବା ପରୀକ୍ଷାର୍ଥୀ। ସେମାନେ ଜାମିନରେ ମୁକୁଳିସାରିଥିବା ବେଳେ ଏବେ ବି ୯ ଦଲାଲ ଜେଲରେ ରହିଛନ୍ତି। ଆଉ ଶଙ୍କରଙ୍କୁ ମିଶାଇ ଗିରଫ ଦଲାଲଙ୍କ ସଂଖ୍ୟା ଏବେ ୧୦ରେ ପହଞ୍ଚିଛି। ଶଙ୍କର ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ୩୧୯ (୨), ୩୧୮ (୪), ୩୩୮/୩୩୬ (୩), ୩୪୦ (୨), ୧୧୧/୬୧ (୨)/୩(୫) ଧାରାରେ ମାମଲା ରୁଜୁ ହୋଇଛି। ସେହିପରି ଓଡ଼ିଶା ପବ୍ଲିକ ଏକଜାମିନେସନ୍ ଆକ୍ଟର ସେକ୍ସନ ୧୧(୧)/୧୨(୧)ରେ ମାମଲା ବି ରୁଜୁ ହୋଇଛି। ଏହାଛଡ଼ା ଶଙ୍କର ପୃଷ୍ଟିର ଗୋଟିଏ ଫର୍ଚୁନର କାର, ୩ଟି ଦାମୀ ମୋବାଇଲ୍ ଫୋନ୍ ସହ ପାସପୋର୍ଟ ଜବତ ହୋଇଛି।

ଗିରଫ ଶଙ୍କରକୁ ଆସନ୍ତାକାଲି କଟକରୁ ନିଆଯିବ ବ୍ରହ୍ମପୁର। ସେଇଠି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରି ବିସ୍ତୃତ ତଥ୍ୟ ହାତେଇବା ପାଇଁ ରିମାଣ୍ଡରେ ନେବାକୁ କ୍ରାଇମବ୍ରାଞ୍ଚ ଆବେଦନ କରିବାର ସମ୍ଭାବନା ରହିଛି। ସେପଟେ ସରକାର ସିବିଆଇକୁ ଏହି କେଳେଙ୍କାରୀର ତଦନ୍ତ ଭାର ଦେଇଛନ୍ତି। ତେଣୁ ଖୁବଶୀଘ୍ର ସିବିଆଇ ମଧ୍ୟ ତଦନ୍ତ ଆରମ୍ଭ କରିପାରେ।

## ଟ୍ରେଲରକୁ...

ଦର୍ଶନ ସାରି ଯୋଧପୁରର ସୁରସାଗରକୁ ଫେରୁଥିବା ସମୟରେ ଏପରି ଅଘଟଣର ଶିକାର ହୋଇଥିବା ସ୍ଥାନୀୟ ଏସ୍‌ପି କୁନ୍ଦନ କଓ୍ୱାଁରିୟା ସୂଚନା ଦେଇଛନ୍ତି।

ତାଙ୍କ ସୂଚନାନୁସାରେ, ଟ୍ରାଭେଲରଟି କୋଲାୟତରୁ ଫେରୁଥିଲା ଏବଂ ଯୋଧପୁର ଅଭିମୁଖେ ଯାଉଥିଲା। ତେବେ ମାଟୋଡା ନିକଟରେ ରାସ୍ତାକଡ଼ରେ ଛିଆ ହୋଇଥିବା ଏକ ଟ୍ରେଲରକୁ ଡ୍ରାଇଭର ଦେଖିପାରି ନଥିଲେ। ଫଳତଃ ଦ୍ରୁତ ଗତିରେ ଟ୍ରେଲରକୁ ଧକ୍କା ଦେଇଥିଲା ଟ୍ରାଭେଲର। ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଟ୍ରାଭେଲ୍‌ରଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଚୂରମାର ହୋଇଯାଇଛି। ଘଟଣାସ୍ଥଳରେ ଅନେକ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ଗୁରୁତର ଭାବେ ଆହତ ହୋଇଥିଲେ। ତେବେ ମୃତ୍ୟୁ ସଂଖ୍ୟା ବଢ଼ିବାର ଯଥେଷ୍ଟ ଆଶଙ୍କା ବ୍ୟକ୍ତ କରାଯାଇଛି। ଗୁରୁତର ଭାବେ ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଯୋଧପୁରକୁ ପଠାଯାଇଛି। ମୃତକଙ୍କ ମଧ୍ୟରୁ ଅଧିକାଂଶ ଯୋଧପୁର ଜିଲ୍ଲାର ସୁରସାଗର ଅଞ୍ଚଳର ବାସିନ୍ଦା ବୋଲି ଜଣାପଡିଛି। ଦୁର୍ଘଟଣା ପରେ ସ୍ଥାନୀୟ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସେହିପରି ସୂଚନା ପାଇ ପୁଲିସ ଓ ପ୍ରଶାସନିକ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା। ଜେସିବି ମେସିନ୍ ମାଧ୍ୟମରେ ଟ୍ରାଭେଲରରେ ଫସି ରହିଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଯୋଧପୁର ଜିଲ୍ଲା ପ୍ରଶାସନ, ପୁଲିସ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହଗୁଡ଼ିକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଥିବା ବେଳେ ଘଟଣାସ୍ଥଳରୁ ଟ୍ରେଲର୍ ଡ୍ରାଇଭର୍ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଏପରି ଏକ ଦୁଃଖଦ ଘଟଣାରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ୍ ଶାହ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହାଛଡ଼ା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଅଶୋକ ଗେହଲୋଟ୍ ମଧ୍ୟ ଦୁଃଖ ପ୍ରକାଶ କରିଛନ୍ତି।

## ମନ କଥା...

ବିଜେପିକୁ ଆସିଥିବା କହିଛନ୍ତି ଜୟ। ଯାହାକୁ ନେଇ ସରଗରମ ନୂଆପଡ଼ା ରାଜନୀତି। ହେଲେ ବିଜେଡି ଜୟଙ୍କ ଅଭିଯୋଗକୁ ମିଥ୍ୟା ଓ କପୋଳକଳ୍ପିତ ବୋଲି କହିଛି।

## ଜୀବନ...

କରିଥିବା ଜଣାପଡ଼ିଛି। ତେବେ ହସ୍ପିଟାଲ୍ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଏହି ଘଟଣା ତୀବ୍ର ଅସନ୍ତୋଷ ସୃଷ୍ଟି କରିଥିବା ବେଳେ ସେମାନେ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଦାବି କରିଛନ୍ତି।

## ଟ୍ରମ୍ପ ଦେଲେ ...

ଅଧିକ ଖ୍ରୀଷ୍ଟିଆନଙ୍କୁ ହତ୍ୟା କରାଯାଇଛି। ଏହି ନରସଂହାର ପାଇଁ ମୁଖ୍ୟତଃ ବୋକୋ ହରାମ ଓ ଫୁଲାନି ଭଳି ଆତଙ୍କବାଦୀ ଗୋଷ୍ଠୀ ନିଜକୁ ଦାୟୀ କରିଛନ୍ତି। ଅନ୍ୟପକ୍ଷରେ ଏନେଇ ନାଇଜେରିଆ ରାଷ୍ଟ୍ରପତି ବୋଲା ଅହମ୍ମଦ ଟିନୁବୁ କହିଛନ୍ତି ଯେ ଦେଶକୁ ଧାର୍ମିକ ଭାବେ ଅସହିଷ୍ଣୁ କହିବା ସମ୍ପୂର୍ଣ୍ଣ ଭୁଲ। ଆମ ଦେଶର ପରିଚୟ ଧାର୍ମିକ ସ୍ୱାଧୀନତା ଓ ସମ୍ମାନ ଉପରେ ଆଧାରିତ। ନାଇଜେରିଆ କୌଣସି ଧାର୍ମିକ ନିର୍ଯାତନାକୁ ଆଦୌ ପ୍ରୋତ୍ସାହିତ କରେ ନାହିଁ। ଦେଶର ସମ୍ବିଧାନ ସମସ୍ତ ଧର୍ମର ସୁରକ୍ଷା ନେଇ ଗ୍ୟାରେଣ୍ଟି ଦିଏ। ନାଇଜେରିଆର ଜନସଂଖ୍ୟା ୨୨ କୋଟି। ଉଭୟ ମୁସଲିମ ଏବଂ ଖ୍ରୀଷ୍ଟିଆନଙ୍କ ସଂଖ୍ୟା ପ୍ରାୟ ସମାନ। ବୋକୋ ହରାମ ଭଳି ମୌଳବାଦୀ ଇସଲାମିକ ଗୋଷ୍ଠୀ ଦୀର୍ଘଦିନ ଧରି ଦେଶରେ ହିଂସା ସହ ଜଡ଼ିତ ରହିଆସିଛି। ଦେଶର ଉତ୍ତର ଭାଗରେ ବିଶେଷକରି ଖ୍ରୀଷ୍ଟିଆନ ଓ ମୁସଲମାନ ଉଭୟ ହିଂସାର ଶିକାର ହୋଇଛନ୍ତି। ଏହି ଆକ୍ରମଣ କେତେକ ସମୟରେ ଧାର୍ମିକ ପ୍ରସଙ୍ଗ ଦ୍ୱାରା ପ୍ରେରିତ ହୋଇଥାଏ। ଅନେକ ସମୟରେ ଜମି ବିବାଦ ଯୋଗୁଁ ଆକ୍ରମଣ ଘଟଣା ମଧ୍ୟ ବୃଦ୍ଧି ପାଏ। ଆମେରିକା ପ୍ରଥମେ ୨୦୨୦ରେ ନାଇଜେରିଆକୁ ଧାର୍ମିକ ସ୍ୱାଧୀନତା ଉଲ୍ଲଂଘନ କରୁଥିବା ଦେଶ ତାଲିକାରେ ରଖିଥିଲା। କିନ୍ତୁ ଗତ ୨୦୨୩ରେ ଏହି ଟ୍ୟାଗ୍ ପ୍ରତ୍ୟାହାର କରାଯାଇଥିଲା। ଏହାଦ୍ୱାରା ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଉନ୍ନତି ଆଣିବା ସକାଶେ ପ୍ରୟାସ କରାଯାଇଥିଲା। କିନ୍ତୁ ଏବେ ଖ୍ରୀଷ୍ଟିଆନ୍‌ଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଇବାକୁ ନେଇ ଟ୍ରମ୍ପ୍ ଉତ୍କ୍ଷିପ୍ତ ହୋଇପଡ଼ିଛନ୍ତି। ତେଣୁ ବିଗତ ଦିନରେ ଯୁଦ୍ଧ ବିରାମ ପାଇଁ ଉଦ୍ୟମ କରୁଥିବା ନେଇ ଦାବି କରିଆସିଥିବା ଟ୍ରମ୍ପ୍ ଏବେ ନାଇଜେରିଆକୁ ଯୁଦ୍ଧ ଧମକ ଦେଇଛନ୍ତି।

## ନୂଆପଡ଼ାରେ...

ବିଫଳ ହୋଇଛି ତାର ଚିଠା ମଧ୍ୟ ରଖିବେ। ନବୀନଙ୍କ ଗସ୍ତ ପାଇଁ ଦଳ ପକ୍ଷରେ ବ୍ୟାପକ ପ୍ରସ୍ତୁତି ହୋଇଛି। ଏହି ଅବସରରେ ବିଜେଡି ନେତାମାନେ ସରକାରୀ କଳର ଅପବ୍ୟବହାର ଓ ବିରୋଧୀ ଦଳ ଉପରେ ପୋଲିସର ଦାଦାଗିରୀ ଅଭିଯୋଗ ନେଇ ମଧ୍ୟ ବର୍ଷିବେ। ଆସନ୍ତା ୭ ତାରିଖରେ ନାହିଁ ପୁଣି ଥରେ ସ୍ନେହାଙ୍ଗିନୀଙ୍କ ପାଇଁ ପ୍ରଚାର ପାଇଁ ଯିବାର କାର୍ଯ୍ୟକ୍ରମ ରହିଛି। ସେପଟେ ଆସନ୍ତା ୮ ଓ ୯ ତାରିଖ ଦୁଇଦିନ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ପ୍ରଚାରକୁ ଓଲ୍ହାଇବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ସେ ଡବଲ ଇଞ୍ଜିନ ସରକାରର ଦେଢ଼ ବର୍ଷର ସଫଳତାର ବାର୍ତ୍ତା ଦେବା ସହ ନୂଆପଡ଼ାର ବିକାଶ ପାଇଁ ଥିବା ରୋଡମ୍ୟାପ ବାବଦରେ ଲୋକଙ୍କୁ କହିବେ।

ସେହିଭଳି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ପାଇଁ ମୈଦାନକୁ ଆସିବେ ରେବନ୍ତ ରେଡ୍ଡୀ। ଆସନ୍ତା ୭ ତାରିଖରେ ନୂଆପଡ଼ା ଉପନିର୍ବାଚନରେ ଘାସିରାମଙ୍କ ପାଇଁ ପ୍ରଚାର କରିବେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ। ନୂଆପଡ଼ା ସାଲେଭଟାଠାରେ ରେବନ୍ତଙ୍କ ବିଶାଳ ସମାବେଶ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

## ଧରାପଡ଼ିଲା ୮ କୋଟିର ତରଳ ଗଞ୍ଜେଇ



**ମାଲକାନଗିରି,୨।୧୧(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲାରେ ଗଞ୍ଜେଇ ଚୋରାଚାଲାଣ ନେଇ ଏବେ ମାଫିଆମାନେ ନୂଆ ଫଣ୍ଡା ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଗଞ୍ଜେଇ ତରଳ କରି ମାଫିଆମାନେ ଚାଲାଣ ସକାଶେ ଉଦ୍ୟମ କରୁଥିବା ବେଳେ ସେମାନଙ୍କ ଏହି ଉଦ୍ୟମକୁ ଭଣ୍ଡୁର କରିଛି ମାଲକାନଗତିରି ପୁଲିସ୍। ରାଜ୍ୟରେ ପ୍ରଥମ ଥର ପାଇଁ ୮ କୋଟି ଟଙ୍କାର ତରଳ ଗଞ୍ଜେଇ ବୋତଲ ପୁଲିସ ଜବତ କରିଛି। ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଏସଆର ଛକ ନିକଟରେ ପୁଲିସ ଏହି ତରଳ ଗଞ୍ଜେଇ ଜବତ କରିଥିବା ନେଇ ଆଜି ମାଲକାନଗିରି ଏସପି ବିନୋଦ ପାଟିଲ ଏଚ୍. ସୂଚନା ଦେଇଛନ୍ତି। ମିଳିଥିବା ସୂଚନାନୁସାରେ, ଚିତ୍ରକୋଣ୍ଡା ଅଞ୍ଚଳର ଏକ ଜଙ୍ଗଲରେ ଗଞ୍ଜେଇ କଳିକୁ ତରଳ କରି ବୋତଲରେ ପ୍ୟାକିଂ କରାଯାଇଥିଲା। ତରଳ ଗଞ୍ଜେଇକୁ ବାଇକ ଯୋଗେ ଚୋରା ଚାଲାଣ କରାଯାଉଥିଲା। ୮ ଜଣ ମାଫିଆ ମୋଟର ସାଇକେଲ ସହ ଏସାର ଛକରେ ଏକତ୍ରିତ ହୋଇ ଆନ୍ଧ୍ର ପ୍ରଦେଶର ଜଣେ ମାଫିଆଙ୍କୁ ଏହି ଚୋରା ତରଳ ଗଞ୍ଜେଇ ଚାଲାଣ ପାଇଁ ଅପେକ୍ଷା କରିଥିଲେ। ତେବେ ଚିତ୍ରକୋଣ୍ଡା ଥାନାଞ୍ଚଳରେ ପାଟ୍ରୋଲିଂ ଚାଲିଥିବା ସମୟରେ ପୁଲିସ ଏନେଇ ଖବର ପାଇ ସେଠାରେ ପହଞ୍ଚିଥିଲା। ତେବେ ପୁଲିସକୁ ଦେଖି ମାଫିଆମାନେ ଜଙ୍ଗଲରେ ଲୁଚିଯାଇଥିବା ବେଳେ ଘଟଣାସ୍ଥଳରୁ ୮ଟି ମୋଟର ସାଇକେଲ ସହ ୬୦ ଲିଟର ମୂଲ୍ୟବାନ ତରଳ ଗଞ୍ଜେଇ ବୋତଲ ଜବତ ହୋଇଛି। ଏହି ତରଳ ଗଞ୍ଜେଇର ବଜାର ମୂଲ୍ୟ ପ୍ରାୟ ୮ କୋଟି ଟଙ୍କା ହେବ ବୋଲି ମାଲକାନଗିରି ଏସପି କହିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ମୋଟର ସାଇକେଲ୍ ଚାଳକର ମୃତ୍ୟୁ

**ସାଲେପୁର,୨।୧୧(ସଂଚାର ବ୍ୟୁରୋ):** ଆଜି ମଧ୍ୟାହ୍ନରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ମୋଟର ସାଇକେଲ୍ ଚାଳକର ମୃତ୍ୟୁ ଘଟିଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ଆଜି ଦିନ ପ୍ରାୟ ୧.୩୦ମି. ସମୟରେ କଟକ-ସାଲେପୁର ରାସ୍ତାର କଳାରୁଦ୍ର ଗେଷ୍ଟ ହାଉସ୍ ନିକଟରେ ଏକ ଅଜଣା ଗାଡ଼ି ଏକ ମୋଟର ସାଇକେଲକୁ ପଛପଟୁ ଧକ୍କା ଦେଇ ଦ୍ରୁତଗତିରେ ପଳାଇଯାଇଥିବାବେଳେ ମୋଟର ସାଇକେଲ୍ ଚାଳକ ଜଣକ ଗୁରୁତର ଆହତ ହୋଇ ରାସ୍ତା ଉପରେ ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ମୃତ ଯୁବକଙ୍କ ଘର ବାଲେଶ୍ୱର ଜିଲ୍ଲା ସୋର ଥାନା ଅନ୍ତର୍ଗତ ଅନନ୍ତପୁରଗ୍ରାମର କୃଷ୍ଣକେଶବ ମହାପାତ୍ର(୨୫) ବୋଲି ଜଣାପଡ଼ିଛି।

## ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବୈଠକ

**ବ୍ରହ୍ମପୁର,୨।୧୧(ସଂଚାର ବ୍ୟୁରୋ):** ପଞ୍ଜାବର ରାଜଧାନୀ ଚଣ୍ଡିଗଡ଼ ଠାରେ ଅକ୍ଟୋବର ପ୍ରଥମ ସପ୍ତାହରେ ଅନୁଷ୍ଠିତ ସିପିଆଇର ୨୫ ତମ ମହାଅଧିବେଶନର ନିର୍ଦ୍ଧାରଣ ସଂପର୍କରେ ବ୍ରହ୍ମପୁର ଆଞ୍ଚଳିକ ପରିଷଦର ଜେନେରାଲ ବଡ଼ି ସମାବେଶରେ ଆଜି ରିପୋର୍ଟିଂ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ସିପିଆଇ ଗଞ୍ଜାମ ଜିଲ୍ଲା ସଂପାଦକ ଶ୍ରୀହର୍ଷ ରଥ, ବରିଷ୍ଠ ନେତା ପ୍ରଶାନ୍ତ ପାଟଯୋଷୀ, ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ପ୍ରକାଶ ପାତ୍ର, ପ୍ରବୀଣ ଦାଶ, ରମେଶ ଚନ୍ଦ୍ର ପାଢ଼ୀ, ପ୍ରଦୀପ ସେଠୀ, ଜୋନାଲ ସମ୍ପାଦକ୍ କାମଦେବ ନାହାକ ପ୍ରମୁଖ ଯୋଗ ଦେଇଥିଲେ। କାଳୀକିଙ୍କର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶ ପୂର୍ବରୁ ପାର୍କ ସାହିରେ ସ୍ଥିତ ସିପିଆଇ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବାହ୍ନରେ ବରିଷ୍ଠ କମ୍ୟୁନିଷ୍ଟ ନେତା ପ୍ରକାଶ ପାତ୍ର ଲାଲ ପତାକା ଉତ୍ତୋଳନ କରିଥିଲେ।

## ମହିଳା ଚେସ୍- ଆଗରେ ସ୍ମାରକୀ



**କେନ୍ଦ୍ରାପଡ଼ା,୨।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଚେସ୍ ଆସୋସିଏସନ୍ ଦ୍ୱାରା ଚାଲିଥିବା ରାଜ୍ୟ ମହିଳା ଫିଡେ ରେଟିଂ ଚେସ ଚାମ୍ପିଅନସିପ-୨୦୨୫ ଆଜି ତୃତୀୟ ଦିନରେ ପହଁଚିଛି। ଏହି ଅବସରରେ ବରଗଡ଼ ଜିଲ୍ଲା ଚେସ ଆସୋସିଏସନ୍ ର ସମ୍ପାଦକ ଶ୍ରୀ କେ ଆର ପ୍ରଧାନ ତୃତୀୟ ଦିନ ର ଟୁର୍ଣ୍ଣାମେଣ୍ଟ କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଉଦ୍ଘାଟନୀ ସଭାରେ ଆସୋସିଏସନ୍ ର ସଭାପତି କିଶୋର ପଣ୍ଡା, ସମ୍ପାଦକ ଭବେଶ୍ ମହାନ୍ତି, ମାଷ୍ଟର ଚେସ ଫାଉଣ୍ଡେସନ ର ପ୍ରତିଷ୍ଠାତା ବିକ୍ରମ କେଶରୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଥାଉକି ମୋଟ ୮ ରାଉଣ୍ଡ ବିଶିଷ୍ଟ ଚାଲିଥିବା ଏହି ୪ ଦିନିଆ ମ୍ୟାଚଟି ଆଜି ୬ ରାଉଣ୍ଡ ରେ ଶେଷ ହୋଇଛି। ଆଜି ୬ ରାଉଣ୍ଡ ଶେଷ ସୁଦ୍ଧା କେନ୍ଦ୍ରାପଡା ଝିଅ ତଥା ରାଜ୍ୟ ଗୋଷ୍ଠୀ କ୍ରୀଡା ସ୍ୱର୍ଣ୍ଣ ପଦକ ବିଜେତା ସ୍ମାରକୀ ମହାନ୍ତି କଟକ ର ଗୀତଶ୍ରୀ ବିଶ୍ୱାଳଙ୍କୁ ପରାସ୍ତ କରି ସାଢ଼େ ପାଞ୍ଚ ପଏଣ୍ଟ ରେ ଆଗୁଆ ଥିବା ବେଳେ ଦ୍ୱିତୀୟ ଏବଂ ତୃତୀୟ ବୋର୍ଡ ରେ ଯଥାକ୍ରମେ ଯାଶିତା ରାଉତ(୪ ପଏଣ୍ଟ), ଜୟଲକ୍ଷ୍ମୀ ସାହୁ (୪ପଏଣ୍ଟ), ନୟାନିକ ସାହୁ ( ୩.୫ ପଏଣ୍ଟ) , ଜ୍ୟୋତିକା ସାହୁ (୩.୫) ରେ ପରସ୍ପରକୁ ଭେଟୁଛନ୍ତି।

# ଅସ୍ୱାସ୍ଥ୍ୟକର ପରିବେଶରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

## ପ୍ରଶାସନ ନିରବ ; ଦୁର୍ଗନ୍ଧ ଓ ଆବର୍ଜନାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର

**ଯାଜପୁର,୨।୧୧(ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ସେବାର ମୂଳ କେନ୍ଦ୍ର ହେବାକୁ ଥିବା ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ଏବେ ଅସ୍ୱାସ୍ଥ୍ୟକର ଓ ଦୁର୍ଗନ୍ଧିତ ପରିବେଶରେ ପରିଣତ ହୋଇପଡ଼ିଛି। ଚିକିତ୍ସାଳୟ ଚାରିପାଖରେ ଦିନକୁ ଦିନ ବଢ଼ୁଥିବା ଆବର୍ଜନା ଓ ମାଳମାଳ ଅଳିଆ ଦେଖି ସାଧାରଣ ଲୋକଙ୍କ ମନରେ ଅସନ୍ତୋଷ ଜାଗିଛି।ରୋଗୀମାନେ ଯେଉଁଠି ସୁସ୍ଥ ହେବାକୁ ଆସନ୍ତି, ସେହିଠି ଦୁର୍ଗନ୍ଧ, ମାଛି, ମଶା ତାଙ୍କୁ ଅଧିକ ରୋଗାଳୁ କରୁଛି। ରୋଗୀଙ୍କ ସମ୍ପର୍କୀୟ ଜଣେ କହିଛନ୍ତି, "ଚିକିତ୍ସା ପାଇ ଆସିଲେ ଔଷଧରୁ ବେଶି ଦୁର୍ଗନ୍ଧ ମିଳୁଛି। ଏପରି ପରିବେଶରେ ରୋଗୀକୁ ରଖିବା ଅତ୍ୟନ୍ତ ବିପଦଜନକ।ସ୍ଥାନୀୟ ନାଗରିକମାନେ




ପ୍ରଶ୍ନ ଉଠାଇଛନ୍ତି - ଏହି ଅସ୍ୱଚ୍ଛତା ଓ ଅସ୍ୱାସ୍ଥ୍ୟକର ପରିସ୍ଥିତି ପାଇଁ ଦାୟୀ କିଏ? ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ପ୍ରଶାସନ କାହିଁକି ନୀରବ? ସ୍ୱାସ୍ଥ୍ୟ ସେବାର ମଧ୍ୟରେ ଏପରି ଅବ୍ୟବସ୍ଥା କେତେଦିନ ଚାଲିବ? ଯାଜପୁର ବାସିନ୍ଦା ଶେଖ୍ ଆଦିଲ୍ ହୋସେନ କହିଛନ୍ତି, "ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଅସ୍ୱାସ୍ଥ୍ୟକର ପରିବେଶ ପ୍ରଶାସନର ଲଜ୍ଜାଜନକ ବିଫଳତାକୁ ପ୍ରମାଣ କରୁଛି। ସଂଚାର ଖବର ପ୍ରକାଶିତ ହେବା ପରେ ଜିଲ୍ଲା ପ୍ରଶାସନ ଯଦିଓ ହଠାତ୍ ସଜାଗ ହୋଇଉଠିଛି, ତଥାପି ତାହା କେବଳ ଦୃଶ୍ୟ ଅଲୋଚନା ପାଇଁ ସୀମିତ ରହିଛି। ସାମ୍ବାଦିକମାନଙ୍କ ନଜର ଆଢୁଆଳ ଦେଖି ସେହି ଆବର୍ଜନାକୁ ଟିଣ ଚାଦରରେ ଢାଙ୍କି ରଖିଦିଆଯାଇଛି। କିନ୍ତୁ, ଏହି ବର୍ଜ୍ୟବସ୍ତୁ ଦୀର୍ଘଦିନ ଧରି ସେଠାରେ ଥିବାରୁ ଦୁର୍ଗନ୍ଧ ଛଡ଼ାଉଛି, ଯାହା ଫଳରେ ସେଠାରେ ଜିବା-ଆସିବା କରିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ସ୍ଥାନୀୟ ଲୋକମାନେ ଦାବି କରୁଛନ୍ତି ଯେ, ଏହି ଅବସ୍ଥାର ତୁରନ୍ତ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ଓ ପୌରପାଳିକା ସ୍ୱାସ୍ଥ୍ୟ ବିଭାଗ ସକ୍ରିୟ ହେବା ଅତ୍ୟାବଶ୍ୟକ।

## ବନ୍ଦର ନଗରୀରେ ସର୍ବଭାରତୀୟ ଶ୍ରମିକ ନେତା ତନ୍ମୟଙ୍କୁ ବିପୁଳ ସ୍ୱାଗତ



**ପାରାଦୀପ,୨।୧୧(ସଂଚାର ବ୍ୟୁରୋ):** ପାରାଦୀପରେ ପହଞ୍ଚିଲେ ସର୍ବଭାରତୀୟ ଶ୍ରମିକ ନେତା ଶ୍ରୀଯୁକ୍ତ ତନ୍ମୟ କୁମାର ଜେନା। ପ୍ରବଳ ବର୍ଷା ସତ୍ତ୍ୱେ ହଜାର ହଜାର ଶ୍ରମିକ ସ୍ଥାନୀୟ ଦୋଛକିରେ ପହଂଚି ଶ୍ରମିକ ନେତାଙ୍କୁ ସ୍ୱାଗତ କରିବା ସହ ସ୍ଥାନୀୟ ବଡପଡ଼ିଆ ସଂଘ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଶ୍ରୀଯୁକ୍ତ ଜେନା ତିନିଦିନ ଧରି ପାରାଦୀପରେ ରହିବା ସହିତ ଭାରତୀୟ ତୈଳ ବିଶୋଧନାଗାର କର୍ତ୍ତୃପକ୍ଷଙ୍କ ସହ ଶ୍ରମିକ ମାନଙ୍କ ସେଟେଲମେଣ୍ଟ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବେ। ଅନେକ ସମୟରେ ଶ୍ରମିକ ମାନେ ଏଠାରେ ବିଭିନ୍ନ ଠିକାଦାର ଓ ସଂଗଠନ ଦ୍ୱାରା ଶୋଷିତ ହେଉଥିବା ବେଳେ ଶ୍ରମିକ ମାନେ କିପରି ସେମାନଙ୍କର ନାର୍ଯ୍ୟ ଦାବି ହାସଲ କରିବେ ସେନେଇ ଆଗାମୀ ଦିନରେ ଅନେକ କାର୍ଯ୍ୟପନ୍ଥା ସଂଘ ପକ୍ଷରୁ ଗ୍ରହଣ କରାଯିବ ବୋଲି ଗଣମାଧ୍ୟମକୁ ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ରାତାରାତି ଗଢି ଉଠୁଥିବା ଶ୍ରମିକ ସଂଗଠନ ହିଁ ଶ୍ରମିକ ମାନଙ୍କ ଶତ୍ରୁ ଓ ନିଜ ଫାଇଦା ପାଇଁ ସେମାନେ ସଂଗଠନ ଗଢି କମ୍ପାନୀ ସହ ସାଲିସ କରୁଛନ୍ତି।

## ସ୍ଥାୟୀ ପଟ୍ଟା ପାଇଁ ଭିତରକନିକା ଗେଟ ସମ୍ମୁଖରେ ଅନଶନ



**ରାଜନଗର,୨।୧୧(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତ ଭିତରକନିକା ପ୍ରବେଶ ପଥରେ ଥିବା ବାଙ୍କୁଆଳ ଗାଁରେ ଲୋକେ ଶହେ ବର୍ଷରୁ ଅଧିକ ହେଲା ବସବାସ କରୁଛନ୍ତି। ଗାଁରେ ବସବାସ କରୁଥିବା ପରିବାର ମଧ୍ୟରୁ ୧୦ ପ୍ରତିଶତ ଲୋକଙ୍କର ସ୍ଥାୟୀ ପଟ୍ଟା ଥିବା ବେଳେ ଅନ୍ୟ ପରିବାର ଗୁଡିକୁ ସ୍ଥାୟୀ ପଟ୍ଟା ଯୋଗାଇ ଦେବା କ୍ଷେତ୍ରରେ ସରକାର ଦୀର୍ଘ ବର୍ଷ ହେଲା ସମୟ ଗଡ଼ାଇ ଚାଲିଛନ୍ତି। ବାଙ୍କୁଆଳ ଗ୍ରାମର ଅଧିବାସୀମାନେ ବାରମ୍ବାର ଜିଲ୍ଲାପାଳ ଓ ତହସିଲଦାରଙ୍କୁ ଭେଟି ସ୍ଥାୟୀ ପଟ୍ଟା ପାଇଁ ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଆଜି ଯାଏଁ ପଟ୍ଟା ଯୋଗାଇ ଦିଆଯାଇ ନାହି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଭିତରକନିକାକୁ ପର୍ଯ୍ୟଟକଙ୍କ ପ୍ରବେଶ ପାଇଁ ନୂତନ ଗେଟ ନିର୍ମାଣ କରାଯିବ। ସେଥିପାଇଁ ପ୍ରବେଶ ପଥ ନିକଟରେ ଥିବା ଆଠଟି ପରିବାରକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ନୋଟିସ ଦିଆଯାଇଛି। ଆସନ୍ତା ସୋମବାର ସେମାନଙ୍କୁ ଉଚ୍ଛେଦ କରାଯିବା ପାଇଁ ନୋଟିସ ଜାରି କରାଯାଇଛି। ଏହି ନୋଟିସ ଜାରି ହେବା ପରେ ଗାଁରେ ଉତ୍ତେଜନା ସୃଷ୍ଟି ହୋଇଛି। ଆଜି ବାଙ୍କୁଆଳ ଗାଁର ଶତାଧିକ ମହିଳା ଓ ପୁରୁଷ ଭିତରକନିକା ପ୍ରବେଶ ପଥ ନିକଟରେ ଅନଶନରେ ବସିଥିଲେ।

## ସତ୍ତା ହରାଉଛି ଦ୍ୱୀପ, ନାଳି କଙ୍କଡ଼ା ଉଭାନ

### ଆକର୍ଷଣ କେନ୍ଦ୍ର ବିନ୍ଦୁ ହରାଉଛି ଅସ୍ତରଙ୍ଗ

**କାକଟପୁର/ଅସ୍ତରଙ୍ଗ,୨।୧୧(ସଂଚାର ବ୍ୟୁରୋ):** ଜିଲ୍ଲାର ଅନନ୍ୟ ପର୍ଯ୍ୟଟନସ୍ଥଳୀ ଭାବେ ଅସ୍ତରଙ୍ଗ ଅଞ୍ଚଳ ଗଙ୍ଗାଦେବୀ। ପ୍ରାକୃତିକ ସୌନ୍ଦର୍ଯ୍ୟ ରେ ପରିପୂର୍ଣ୍ଣ ଗଙ୍ଗାଦେବୀ, ପୀରଜାହାନିଆ ଓ କେଲୁଣୀ ମୁହାଁଣ ସମେତ ଦେବୀ ନଦୀରେ ନାଳି କଙ୍କଡା ଦେଖିବାର ମଜା ଅପରୂପ ଶୋଭା ପର୍ଯ୍ୟଟକଙ୍କୁ ଶୀତ ଦିନରେ ଆକର୍ଷିତ କରିଥାଏ। ଗଙ୍ଗାଦେବୀରେ ବଣଭୋଜି କରିବାକୁ ପର୍ଯ୍ୟଟକଙ୍କ ଯେତିକି ଆଗ୍ରହ ରହିଥାଏ, ତା ଠାରୁ ଅଧିକ ଅସ୍ତରଙ୍ଗ ଦେବୀ ନଦୀରେ ବୋଟିଂ ମଜା ସହ ଦେବୀ ନଦୀର ଦ୍ୱୀପରେ ନାଳି କଙ୍କଡା ଙ୍କ ବିଚରଣ ଦେଖିବାକୁ ମନଲୋଭା ହୋଇଥାଏ। ଏହି ଦେବୀ ନଦୀର ଦ୍ୱୀପରେ ପୂର୍ବରୁ ବର୍ଷ ତମାମ ନାଳି କଙ୍କଡା ଦେଖା ଯାଇଥାନ୍ତି। ପର୍ଯ୍ୟଟକ ଡ଼ଙ୍ଗାରେ ବସାଇ ଚାଳକ ଦ୍ୱୀପରେ ବୁଲୁଥିବା ନାଳି କଙ୍କଡାକୁ ଦେଖାଇଥାନ୍ତି। ଅତି ସୁନ୍ଦର ଦେଖା ଯାଉଥିବା ଏହି ଦ୍ୱୀପ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ।

## ଅଗ୍ନିକାଣ୍ଡରେ ୨ଗାଈ ସହ ବାଛୁରୀର ମୃତ୍ୟୁ

### ଉଦ୍ଧାର କରିବାକୁ ଯାଇ ଜଣେ ଗୁରୁତର





**ସାଲେପୁର,୨।୧୧(ସଂଚାର ବ୍ୟୁରୋ):** ଗତକାଲି ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡ ଘଟି ୧ବଖରା ଗୁହାଳ ଘର ଜଳିଯିବା ସହ ୨ଟି ଗାଈ ଆଂଶିକ ପୋଡ଼ିହେବା ସହ ଗୋଟିଏ ବାଛୁରୀର ମୃତ୍ୟୁ ଘଟିଥିବାବେଳେ ନିଆଁକୁ ଆୟତ୍ତ କରିବାକୁ ଯାଇ ଗୃହକର୍ତ୍ତା ନିଆଁରେ ପୋଡ଼ି ହୋଇ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଗତକାଲି ବିଳମ୍ବିତ ରାତ୍ରିରେ ସାଲେପୁର ଥାନା ଅନ୍ତର୍ଗତ ଜାହାଙ୍ଗିରାବାଦ ଗ୍ରାମର ଦୋଳଗୋବିନ୍ଦ ବେହେରାଙ୍କ ଗୁହାଳରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ଗୁହାଳଟି ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ ୨ଟି ଗର୍ଭିଣୀ ଗାଈ ୮୦ଭାଗ ପୋଡ଼ିଯାଇଥିବାବେଳେ ଏକ ବାଛୁରୀ ନିଆଁରେ ପୋଡ଼ିହୋଇ ମରିଯାଇଥିବା ଜଣାଯାଇଛି। ନିଆଁକୁ ଆୟତ୍ତ କରିବାକୁ ଯାଇ ଗୃହକର୍ତ୍ତା ଦୋଳଗୋବିନ୍ଦ ମଧ୍ୟ ପୋଡ଼ି ହୋଇ ଏବେ କଟକ ମେଡ଼ିକାଲରେ ଆଇ.ସି.ୟୁ.ରେ ରହି ଚିକିତ୍ସିତ ହେଉଥିବା ଜଣାଯାଇଛି। ଅପର ପକ୍ଷରେ ସାଲେପୁର ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚିଲା ବେଳକୁ ଗୁହାଳଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ଜଣାଯାଇଛି। ଖବର ପାଇ ଆଜି ସାଲେପୁର ପ୍ରାଣୀ ଚିକିତ୍ସା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଗାଈ ଦୁଇଟିର ଚିକିତ୍ସା କରିଥିବାବେଳେ ବାଛୁରୀର ବ୍ୟବଚ୍ଛେଦ କରିଥିବା ଜଣାଯାଇଛି। ରାଜସ୍ୱ ନିରୀକ୍ଷକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାଯାଇଛି। ଅପର ପକ୍ଷରେ ନିଆଁରେ ପୋଡ଼ି ହୋଇ ଗୁରୁତର ଆହତ ହୋଇଥିବା ଗୃହକର୍ତ୍ତା ଦୋଳଗୋବିନ୍ଦ ଆଇ.ସି.ୟୁ.ରେ ଭର୍ତ୍ତି ହୋଇଥିବା ଜଣାଯାଇଛି।

## ଲିଭି ଯାଉଥିବା ଆକାଶ ଦୀପକୁ ପୁଣି ତେଜିଲା ଶ୍ରୀଜଗନ୍ନାଥ ଟ୍ରଷ୍ଟ

**କେନ୍ଦ୍ରାପଡ଼ା,୨।୧୧(ସଂଚାର ବ୍ୟୁରୋ):** ଆମ ଉତ୍କଳ ଭୂଖଣ୍ଡ ରେ ପବିତ୍ର କାର୍ତ୍ତିକ ମାସ ରେ ଆକାଶ ଦୀପ ର ପରମ୍ପର ରହିଛି। ପୂର୍ଣ୍ଣ ମାସ କାର୍ତ୍ତିକ ରେ ଆମ ଓଡିଶା ରେ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ କରାଯାଇଥାଏ। ଆକାଶ ଦୀପ ପରମ୍ପରା ପ୍ରାୟ ମନ୍ଦିର ଓ ଧାର୍ମିକ ପୀଠ ରେ ଜଳାଯାଏ। କିଛି ମନ୍ଦିର ରେ ଏହି ପରମ୍ପରା କୁ ପାଳନ ନ ହେଉଥିବା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର କର୍ମକର୍ତ୍ତା ଜାଣିବା ପରେ ଟ୍ରଷ୍ଟ ର କର୍ମକର୍ତ୍ତା ଙ୍କ ଦ୍ୱାରା ମନ୍ଦିର ର ଅନ୍ତେବାସୀ ଙ୍କ ସମର୍ଥନ ରେ ପୁଣି ଥରେ ଆକାଶ ଦୀପ ଜଳି ଉଠିଛି। ଯାହା ସହର ବାସୀ ଙ୍କ ମନ ରେ ଭକ୍ତି ର ଉନ୍ମାଦନା ଆଣିଦେଇଛି। ଏହି କାର୍ଯ୍ୟକ୍ରମ ରେ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି, ଭାବଗ୍ରାହୀ ସାହୁ, ମନୋଜ ରାଉତ, ନିଗମ ସାହୁ, କମଳାକାନ୍ତ ବରାଳ, ବରଦାକାନ୍ତ ବରାଳ, ପ୍ରତାପ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଯୌତୁକ ପାଇଁ ଭଉଣୀକୁ ହତ୍ୟା

## ଥାନାରେ ଅଭିଯୋଗ କଲା ଭାଇ



**ଗୋପ,୨।୧୧(ସଂଚାର ବ୍ୟୁରୋ):** ଗୋପ ଥାନା ଅଧିନ ସିଙ୍ଗପାନିଆ ଗ୍ରାମରେ ଯୌତୁକ ଜନିତ ବଧୂହତ୍ୟା କରାଯାଇଥିବା ନୟାହାଟ ଫାଣ୍ଡି ଓ ଗୋପ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ତଦନ୍ତ ଜାରି ରଖିଛି ଗୋପ ପୋଲିସ। ସୂଚନା ଅନୁସାରେ କଟକଜିଲ୍ଲା ନୂଆ ପଲମହାଟ ମହତାପାରି ଗ୍ରାମର ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ସାନ ଭଉଣୀ ସସ୍ମିତା ସାହୁ ଗତ ୧୧ ବର୍ଷ ତଳେ ଗୋପଥାନା ଅଧିନ ନୟାହାଟ ଫାଣ୍ଡିସ୍ଥିତ ସିଙ୍ଗପାନିଆ ଗ୍ରାମର ରବୀନ୍ଦ୍ର ସାହୁଙ୍କୁ ବଡ଼ପୁଅ ସନ୍ଦୀପ ସାହୁଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ।ବିବାହ ସମୟରେ ଦାବି ମୁତାବକ ଏକ ଲକ୍ଷ ଟଙ୍କା ସୁନା ଗହଣା ଓ ସମେତ ସମସ୍ତ ଆସବାସ ପତ୍ର ଦେଇଥିଲେ ଗୋବିନ୍ଦ। ମାତ୍ର ବିବାହ ପରେ ସସ୍ମିତାଙ୍କ କୌଣସି ସନ୍ତାନ ନହେବାରୁ ଶାଶୁ କୁନି ସାହୁ, ଶଶୁର ରବୀନ୍ଦ୍ର ସାହୁ ସସ୍ମିତାଙ୍କୁ ଶାରୀରିକ ମାନସିକ ନିର୍ଯାତନା ଦେବା ସହ ଆହୁରି ଦେଢ଼ଲକ୍ଷ ଟଙ୍କା ଆଣିବାକୁ ଦାବି କରିଥିଲେ ଶାଶୂଘର ଲୋକେ। ପରେ ସସ୍ମିତାଙ୍କ ଭାଇ ଟଙ୍କା ଦେଇଥିଲେ ପରେ ଆଉ ଏକ କାର କିଣିବାକୁ ମଧ୍ୟ ୨ ଲକ୍ଷ ଟଙ୍କା ଦେଇଥିଲେ ବୋଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ସସ୍ମିତାଙ୍କ ଭାଇ। ପରେ ସସ୍ମିତାଙ୍କୁ ଅଧିକ ଟଙ୍କା ଆଣିବାକୁ କହିବା ସହ ତାଙ୍କର ସମସ୍ତ ସୁନାଗହଣା ଛଡାଇ ରଖି ବିଭିନ୍ନ ସମୟରେ ମରାନାତ୍ମକ ଆକ୍ରମଣ କରିଆସୁଥିଲେ ଶାଶୂଘର ଲୋକେ ବୋଲି ଅଭିଯୋଗ କରିଛନ୍ତି ସସ୍ମିତାଙ୍କ ଭାଇ। ଅଭିଯୋଗ ଅନୁସାରେ ଗତ ୩୦ ତାରିଖରେ ସସ୍ମିତା ଗୁରୁତର ଥିବା ତାଙ୍କ ସ୍ୱାମୀ ସନ୍ଦୀପ ଫୋନ କରି ଜଣାଇବା ସହ ୫୦ ହଜାର ଟଙ୍କା ନେଇ ଡାକ୍ତରଖାନାରେ ପହଁଞ୍ଚି ବାକୁ କହିବା ପରେ ତାଙ୍କ ଭାଇ ଟଙ୍କାନେଇ ଚିକିତ୍ସା ହେଉଥିବା ଘରୋଇ ଡାକ୍ତରଖାନାରେ ପହଁଞ୍ଚି ଥିଲେ ମାତ୍ର ସସ୍ମିତା ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ବରଣ କରିଥିଲେ।

## 'ସାଇବର ସୁରକ୍ଷା ସଚେତନତା 'ୱାକାଥନ୍'




**ଖୋର୍ଦ୍ଧା,୨।୧୧(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ୱାକଥନ ଅନୁଷ୍ଠିତ ହୋଇଯାଇଛି। ଯାହାର ଉଦ୍ଦେଶ୍ୟ ଥିଲା ନାଗରିକମାନଙ୍କ ମଧରେ ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ଅନଲାଇନ୍ ବ୍ୟବହାରକୁ ପ୍ରୋତ୍ସାହିତ କରିବା। ଏହି ୱାକଥନ ପୁଲିସ ଆରକ୍ଷୀ ଅଧିକ୍ଷକ ଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ, ଆଦର୍ଶ ଥାନା ମାର୍ଗରେ ଗତି କରି, ପୁନଃ ସେହି ସ୍ଥାନରେ ଶେଷ ହୋଇଥିଲା ଖୋର୍ଦ୍ଧା ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା ଆନୁଷ୍ଠାନିକ ଭାବରେ ଏହି ୱାକଥନ କୁ ଉଦଘାଟନ କରିବା ସହିତ ଡିଜିଟାଲ ଜଗତରେ ସଚେତନ ଓ ସତର୍କ ରହିବା ପାଇଁ ପରାମର୍ଶ ଦେଇଥିଲେ। ପୁଲିସ କର୍ମଚାରୀ, ସିଭିଲ ଅଧିକାରୀ, ଛାତ୍ରଛାତ୍ରୀ ଓ ବିଭିନ୍ନ ସଂଗଠନର ସଦସ୍ୟମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ସାଇବର ହାଇଜିନ, ଅନଲାଇନ୍ ଠକେଇ ପ୍ରତିରୋଧ ଓ ଦାୟିତ୍ୱପୂର୍ଣ୍ଣ ସୋସିଆଲ ମିଡିଆ ବ୍ୟବହାର ବିଷୟରେ ସଚେତନତା ସନ୍ଦେଶ ସହ ପ୍ଲାକାର୍ଡ ଧାରଣ କରି ସ୍ଲୋଗାନ ମାନ ଦେଇଥିଲେ। ଏହି ୱାକଥନ ଏକ ସୁରକ୍ଷିତ ଓ ସାଇବର ସଚେତନ ସମାଜ ଗଠନ ପାଇଁ ଖୋର୍ଦ୍ଧା ଜିଲ୍ଲା ପୁଲିସ ର ଦୃଢ଼ ସଂକଳ୍ପ କୁ ପ୍ରତିଫଳିତ କରିଛି ।

## ନହୁଣୀ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା

# ୨ ନଂ ୱାର୍ଡରେ ନାହିଁ ପିଇବା ପାଣି



**କେନ୍ଦ୍ରାପଡା,୨।୧୧(ସଂଚାର ବ୍ୟୁରୋ):** ନେତାଙ୍କ ପ୍ରତିଶ୍ରୁତି ପାଣିରେ ଗାର ପାଲଟିଛି। ନେତାଙ୍କ ଦ୍ୱାରା ଏଠାରେ ପାନୀୟଜଳ ପ୍ରକଳ୍ପ ପାଇଁ ଫଳକ ଲାଗିଛି, ପାଣି ଆସିବ ବୋଲି ବାରମ୍ବାର କହି ନେତା ଏଠାରୁ ଭୋଟ ବି ନେଇଛନ୍ତି ହେଲେ ରାଜକନିକା ବ୍ଲକ ନହୁଣୀ ପଞ୍ଚାୟତ ଦୁଇ ନମ୍ବର ୱାର୍ଡ ରେ ପିଇବା ପାଣି ପାଇଁ ମହିଳା ପାଖ ଗାଁ ଉପରେ ନିର୍ଭର କରୁଛନ୍ତି। ଏହି ପଞ୍ଚାୟତର ନୂଆଗାଁ (ଫୁଲଗଡ଼ିଆ) ହରିଜନ ସାହିର ୧୬ ପରିବାର ଦୈନିକ ପାଣି ପାଇଁ ଏ କିମି ଦୂର ନୂଆଗାଁ କୁ ଯାଉଛନ୍ତି। ଏହି ଗାଁ କୁ ରାସ୍ତା ନ ଥିବାରୁ ବର୍ଷା ଦିନେ କାଦୁଅ ପଚ ପଚ ରାସ୍ତାରେ ଜୁବୁବୁବୁ ହୋଇ ପୁଣି ଶ୍ମଶାନ ଦେଇ ପାଣି ଗରାଏ ଆଣିବାକୁ ବାଧ୍ୟ ହେଉଛନ୍ତି। ସାହି ଲୋକଙ୍କ ଅଭିଯୋଗ ମୁତାବକ ପ୍ରତି ନିର୍ବାଚନରେ ନେତା ଆସନ୍ତି ହାତ ଯୋଡି ଭୋଟ ମାଗନ୍ତି, ମେଞ୍ଚାଏ ପ୍ରତିଶ୍ରୁତି ଦେଇକି ପଳାନ୍ତି, ଆମେ ସେମିତି ଘାଣ୍ଟି ହେଉଛୁ ବୋଲି ଏହି ଗାଁ ର ଦୀପଙ୍କର ଜେନା, ଉପେନ୍ଦ୍ର ଜେନା, ଅଞ୍ଜଳ ଜେନା, ରଞ୍ଜୁଲତା ଜେନା, ରିତାରାଣୀ ଜେନା, ଶାନ୍ତିଲତା ଜେନା, ଲକ୍ଷ୍ମୀ ଜେନା, ପଦ୍ମାବତୀ ଜେନା, ଉମା ଜେନା ଓ ବସୁମତୀ ଜେନା ଅଭିଯୋଗ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ପ୍ରଳମ୍ବାସୁର ବେଶରେ ଶ୍ରୀ ବଳଦେବଜୀଉ



**କେନ୍ଦ୍ରାପଡା,୨।୧୧(ସଂଚାର ବ୍ୟୁରୋ):** ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉ ପ୍ରଳମ୍ବାସୁର ବଧ ବେଶରେ ଭକ୍ତ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେବା ସହ ଶ୍ରୀକ୍ଷେତ୍ର ରୁ ଆସିଥିବା ପାଟ ଶାଢ଼ୀ ପରିଧାନ କରି ସଂହାର ବେଶ ରେ ଭକ୍ତ ଙ୍କୁ ଦର୍ଶନ ଦେଉଛନ୍ତି । କାର୍ତ୍ତିକ ଏକାଦଶୀ ଦ୍ୱାଦଶୀ ତିଥି ଗୋଟିଏ ଦିନ ରେ ଥିବାରୁ ଉଭୟ ପ୍ରଳମ୍ବାସୁର ଓ ଗରୁଡ଼ ବେଶ ଅନୁଷ୍ଠିତ ହୋଇଯାଇଛି । ତୁଳସୀ କ୍ଷେତ୍ର ର କ୍ଷେତ୍ରଧିପତି ପ୍ରଭୁ ବଳଦେବ ଜୀଉ ଆଜି ପ୍ରଳମ୍ବାସୁର ବଧ ବେଶ ରେ ଭକ୍ତ ଙ୍କୁ ଦର୍ଶନ ଦେଉଛନ୍ତି । ଏକାଦଶୀ ଦ୍ୱାଦଶୀ ତିଥି ଗୋଟିଏ ଦିନରେ ଥିବାରୁ ଗରୁଡ଼ ଦ୍ୱାଦଶୀ ଗରୁଡ଼ ବେଶ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ନୀତି ସମ୍ପନ୍ନ ପରେ ପୂଜା ପଣ୍ଡା ଙ୍କ ଦ୍ୱାରା ବେଶ ଅନୁଷ୍ଠିତ ହୋଇଥିଲା । ଶ୍ରୀକ୍ଷେତ୍ର ରୁ ଆସିଥିବା ପାଟ ଶାଢ଼ୀ ପରିଧାନ ପୂର୍ବକ ଏହି ଦୁଇ ଦୁର୍ଲଭ ବେଶ ଦେଖିବାକୁ ମନ୍ଦିର ରେ ଅସଂଖ୍ୟ ଭିଡ଼ ହୋଇଥିଲା । ତୁଳସୀ ବିବାହ ଗରୁଡ଼ ଜନ୍ମ ନୀତି ଥିବାରୁ ମହାପ୍ରଭୁଙ୍କ ଙ୍କ ଚଳନ୍ତି ପ୍ରତିମା ଗୋବିନ୍ଦ ଜୀଉ ବିମାନ ରେ ଯାତ୍ରା କରିଥିଲେ । ଭଗବାନପୁର ଗ୍ରାମରେ ଥିବା ତୁଳସୀ ମନ୍ଦିରକୁ ସେଠି ତୁଳସୀ ବିବାହ ନୀତି ସମ୍ପନ୍ନ ହୋଇଥିଲା । ରାତ୍ର ଧୂପ ସମ୍ପନ୍ନ ପରେ ପୂଜା ପଣ୍ଡା ଙ୍କ ଦ୍ୱାରା ଦେବ ଉଥାପନ୍ ନୀତି ସିଂହାସନ ରେ କରାଯାଇଥିଲା । ପରେ ଜଗମୋହନ ରେ ଦଣ୍ଡାୟମାନ ଥିବା ଗରୁଡ଼ ଙ୍କ ଜନ୍ମ ଜୟନ୍ତୀ ନୀତି ପାଳନ କରାଯାଇଥିଲା ।

## ୮୦ଗ୍ରାମ ବ୍ରାଉନସୁଗାର ଜବତ, ୨ଗିରଫ



**ପଟ୍ଟାମୁଣ୍ଡାଇ,୨।୧୧(ସଂଚାର ବ୍ୟୁରୋ):** ଜିଲ୍ଲା ଅବକାରୀ ବିଭାଗ ସ୍ପେସିଆଲ ସ୍ୱାର୍ଡ ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ସହାୟତାରେ ୮୦ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି ଓ ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ ୨ଜଣ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଓ ପ୍ରକାଶ ଯେ ଜିଲ୍ଲା ଅବକାରୀ ଏସପିଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସ୍ପେସିଆଲ ସ୍ୱାର୍ଡ ଓ ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ବାଲିପଡ଼ା ହନୁମାନ ମନ୍ଦିର ନିକଟରେ ଚଢ଼ାଉ କରି ୮୦ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି ଓ ବ୍ରାଉନ ସୁଗାର ବିକ୍ରି ଅଭିଯୋଗ ରେ ପଟ୍ଟାମୁଣ୍ଡାଇ ମାଟିଆ ଗ୍ରାମର ଚନ୍ଦ୍ର କାନ୍ତ ମଲିକ ଓ ନିମପୁର ଗ୍ରାମର ପିଣ୍ଟୁ ମଲିକଙ୍କୁ ଗିରଫ କରିବା ସହିତ ମାରୁତି ସୁଜକି ଡିଜାୟାର କାର ଜବତ କରିଛି ଓ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ଓ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ପଠାଇ ଦିଆଯାଇଛି ।

## ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ଓଡ଼ିଆ ଭାଷା ଭିତିକ ପ୍ରତିଯୋଗିତା



**କେନ୍ଦ୍ରାପଡା,୨।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ କଜଳା ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଓଡ଼ିଆ ଭାଷା ଭିତିକ ବିଦ୍ୟାଳୟ ସ୍ତରୀୟ ବକ୍ତୃତା, ପ୍ରବନ୍ଧ ଲିଖନ, ସ୍ୱ ରଚିତ କବିତା ଆବୃତ୍ତି ପ୍ରତିଯୋଗିତା କରଯାଇଥିଲା। ବିଭିନ୍ନ ବିଦ୍ୟାଳୟରୁ ୪୦ ଜଣ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଓଡ଼ିଆ ଭାଷାର ଅଧିକ ପ୍ରଚାର ପ୍ରସାର ସହିତ ନୂତନ ପିଢ଼ି ମାନଙ୍କ ମଧ୍ୟରେ ଭାଷା ପ୍ରୀତି ବୃଦ୍ଧି ଲକ୍ଷ୍ୟ ନେଇ ଏହା କରଯାଇଥିଲା। ଓଡିଆ ଭାଷାରେ ଏହି ପିଲାମାନେ ଅତି ଚମତ୍କାର ଭାବେ ନିଜ ନିଜ ପ୍ରତିଭାର ପରି ପ୍ରକାଶ କରିଥିଲେ। ପ୍ରତ୍ୟେକ ବର୍ଗରୁ ତିନି ଜଣ ଲେଖା ଛାତ୍ର ଛାତ୍ରୀ ପ୍ରଥମ, ଦ୍ୱିତୀୟ, ତୃତୀୟ ଭାବେ କୃତକାର୍ଯ୍ୟ ହୋଇଥିଲେ। ଏହି ପିଲାମାନଙ୍କୁ ଚଳିତ ମାସ ୯ ତାରିଖ ରବିବାର କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ରେ ହେବାକୁ ଥିବା ଆମ ଗାଁ ସାହିତ୍ୟ ପରିଷଦ ର ଦଶମ ବାର୍ଷିକୋତ୍ସବରେ ପୁରସ୍କୃତ କରାଯିବ।

# ଭାରରେ ବୁହାହେଲେ ଗର୍ଭବତୀ



### ମା ଗୃହ ଓ ବାଇକ ଆମ୍ବୁଲାନ୍ସ ଯୋଜନା କାହା ପାଇ

**ବୈପାରୀଗୁଡା,୨।୧୧(ସଂଚାର ବ୍ୟୁରୋ):** ଆଜି ବି ଗାଁ କୁ ପଂହଁଚି ପାରିନି ମୌଳିକ ସୁବିଧା। ଗାଁ କୁ ଯିବା ପାଇଁ ରାସ୍ତା ଖଣ୍ଡେ ନାହିଁ। ମୃତ୍ୟୁ ମୁଖ ରୁ ଅଳ୍ପକେ ବର୍ତ୍ତିଗଲେ ଗର୍ଭବତୀ ମହିଳା। ଘଟଣା ଟି ହେଉଛି ବୈପାରୀଗୁଡା ବ୍ଲକ ମାଝୀ ଗୁଡା ପଞ୍ଚାୟତ ଖରିଭଟା ଗ୍ରାମ ର ଜୟରାମ ମାଣ୍ଡି ଙ୍କ ସ୍ତ୍ରୀ ର ରାଧାମଣି ମାଣ୍ଡି ଙ୍କ ଗର୍ଭବେଦନା ହେବାରୁ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେବା ପାଇଁ ୧୦୮ ଆମ୍ବୁଲାନ୍ସ କୁ ଫୋନ କରିଥିଲେ। ୧୦୮ ଆମ୍ବୁଲାନ୍ସ ଆସିଥିଲା କିନ୍ତୁ ଘୋଡାବେଡା ଛକ ଠାରେ ଅଟକିଗଲା ଆଗକୁ ରାସ୍ତା ନ ଥିବାରୁ ଆଗକୁ ଯାଇ ପାରିଲା ନାହିଁ। ଗାଁ ଭିତରେ ୧୦୮ କୁ ଅପେକ୍ଷା କରି କରି ଯନ୍ତ୍ରଣା ରେ ଛୋଟ ପଟ ହେଉଥିଲେ ଗ ର୍ଭ ବ ତୀ ମହିଳା। ଗାଡି ନ ପଂହଁଚିବାରୁ ବାଧ୍ୟ ହୋଇ ରା ଧା ମ ଣି ର ସ୍ୱାମୀ ଜୟରାମ ମାଣ୍ଡି ଓ ପରିବାର ବର୍ଗ ଏକ ଭାର ରେ ଗର୍ଭବତୀ ମହିଳା ଙ୍କୁ ବିପଦପୂର୍ଣ୍ଣ ଭାବେ ୨ କିମି ଚାଲି ଚାଲି ଭାର ରେ କାନ୍ଧେଇ ଚାଲି ଚାଲି ଖଡାବେଡା ଛକ ଠାରେ ଅଟକି ଥିବା ଆମ୍ବୁଲାନ୍ସ ପାଖରେ ପଂହଁଚି ଥିଲେ। ଏବଂ ସେଠାରୁ ଆମ୍ବୁଲାନ୍ସ ଯୋଗେ ବୈପାରୀଗୁଡା ଡାକ୍ତର ଖାନା ଆଣିବା ପରେ ରାଧା ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଏବଂ ଉଭୟ ମା ଛୁଆ ଏବେ ସୁସ୍ଥ ଅଛନ୍ତି। ପ୍ରଶ୍ନ ଏଠି ଗର୍ଭବତୀ ମହିଳା ଙ୍କ ପାଇଁ ଥିବା ମା ଗୃହ କାହା ସ୍ୱାର୍ଥ ରେ। ଏହା ସହ ଦୁର୍ଗମ ଅଞ୍ଚଳ ପାଇଁ ବାଇକ ଆମ୍ବୁଲାନ୍ସ ଥିଲେ ସୁଦ୍ଧା ବାଇକ ଆମ୍ବୁଲାନ୍ସ କାହିଁକି ବ୍ୟବହାର କରାଗଲା ନାହିଁ। ସରକାର ଯୋଜନା ରହିଛି କିନ୍ତୁ ଲୋକ ସୁବିଧା ପାଇ ପାରୁନାହାନ୍ତି। କିଛି ଦିନ ତଳେ ଆମ୍ବୁଲାନ୍ସ ଗାଁ କୁ ନ ଯିବାରୁ ଜଣଙ୍କ ମୃତ୍ୟୁ ହୋଇଥିବ ଗାଁ ଲୋକ ଅଭିଯୋଗ କରିଥିଲେ।

## ମହାଆଡମ୍ବରରେ ଇଛାପୁରରେ କାର୍ତ୍ତିକେଶ୍ୱର ପୂଜା



**କେନ୍ଦ୍ରାପଡା, ୨।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ର ଇଛାପୁର ରେ ମହା ଆଡମ୍ବର ରେ କାର୍ତିକେଶ୍ୱର ଙ୍କ ପୂଜା ଆରମ୍ଭ ହୋଇ ଯାଇଛି। ଇଛାପୁର ର ୧, ୨ ଓ ୩ନଂ ୱାର୍ଡ ମାନଙ୍କରେ ପ୍ରାୟ ୨୦ ରୁ ଅଧିକ କାର୍ତିକେଶ୍ୱର ଙ୍କ ମୃଣୟୀ ମୂର୍ତି ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି। ପ୍ରାୟ ୨୫ ବର୍ଷ ହେବ ପଞ୍ଚୁକ ପ୍ରଥମ ଦିବସ ଦଶମୀ ଠାରୁ ପ୍ରତିବର୍ଷ ଏହି ପୂଜା ଆରମ୍ଭ ହୋଇ ୧୦ ଦିନ କାଳ ବିଭିନ୍ନ ମଣ୍ଡପରେ ପୂଜାର୍ଚ୍ଚନା, ପ୍ରସାଦ ସେବନ, ହୋମ ଯଜ୍ଞ ଅଦି ପୂଜପାଠ ପାଳନ କରାଯାଇ ଆସୁଅଛି। ଚଳିତ ବର୍ଷ ନଭେମ୍ବର ୧ ତାରିଖ ଠାରୁ ଏହି ପୂଜା ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଇ ୧୧ ଓ ୧୨ ଦୁଇ ଦିନ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ। ଉଜ୍ଜ୍ୱଳ ରଙ୍ଗ ବେରଙ୍ଗ ଆଲୋକସଜ୍ଜା, ସୁସଜ୍ଜିତ ତୋରଣ ସହିତ ଆଧୁନିକ ଜ୍ଞାନ କୌଶଳରେ ବିଭିନ୍ନ ମଣ୍ଡପ ଶୋଭା ପାଉଥିବା ବେଳେ ବିଭିନ୍ନ ପୂଜା କମିଟି ପକ୍ଷରୁ ଭଜନ ସମାରୋହ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମନୋରଂଜନ କାର୍ଯ୍ୟକ୍ରମ କରାଯିବାର ବ୍ୟବସ୍ଥା ଅଛି। ବର୍ତ୍ତମାନ କାର୍ତିକ ପଞ୍ଚୁକ ଚାଲି ଥିବାରୁ ଶ୍ରୀ ବଳଦେବଜୀଉଙ୍କ ପୀଠକୁ ଆସୁଥିବା ଶ୍ରଦ୍ଧାଳୁ ମାନେ ଦିଅଁ ମାନଙ୍କୁ ଦର୍ଶନ କରିବା ସହ କାର୍ତିକେଶ୍ୱର ମେଢ ଦେଖିବାକୁ ଗହଳି କରୁଥିବା ଦେଖିବାକୁ ମିଳିଛି।

ସିଟି salad

## ଖସି ଯାଉଥିଲେ ବିଶି



ନୂଆପଡା ଲଢେଇ ବେଳେ ଯେଉଁ ନେତାଙ୍କୁ ନେଇ ଅଧିକ ରୋଚକ ଚର୍ଚ୍ଚା ସେ ହେଉଛନ୍ତି ରାଜ୍ୟସଭାର ବିଜେଡି ସାଂସଦ ନିରଞ୍ଜନ ବିଶି। ଏହି ଆଦିବାସୀ ନେତା ନୂଆପଡାରେ ବିଜେଡି ପାଇଁ ପ୍ରଚାର କରିବା ବଦଳରେ ଆମେରିକା ଯିବା ବାଟରେ ଧରାପଡିଛନ୍ତି। ଧରିଛନ୍ତି ଖୋଦ ବିଜେଡି ସଭାପତି ନବୀନ ପଟ୍ଟନାୟକ। ଅଧାବାଟରୁ ଫେରି ବିଶି ନୂଆପଡାରେ ପହଞ୍ଚିବା ପରେ ଘଟଣାଟି ପଦାକୁ ଆସିଛି। ବିଶି ହେଉଛନ୍ତି ଟାଣୁଆ ଆଦିବାସୀ ନେତା। ବିଜେଡିରେ ଯୋଗଦେବା ପୂର୍ବରୁ ହାତ ହରିଆର ଧରି ରାସ୍ତାରେ ବିଜେଡିକୁ ଧମକାଇଥିଲେ। ହେଲେ ରାଜନୀତିର ପଶାପାଲିରେ ସମୟ ବଦଳିବା ସହିତ ବିଶି ବିଜେଡିରେ ଯୋଗଦେଇ ରାଜ୍ୟସଭାକୁ ଯାଇଛନ୍ତି। ତେବେ ନୂଆପଡା ଉପନିର୍ବାଚନବେଳେ ଏହି ଆଦିବାସୀ ନେତାଙ୍କର କେହି ଦେଖାଦର୍ଶନ ପାଇଲେ ନାହିଁ। ଖୋଜା ପଡିଲା ବିଶି କୁଆଡେ ଗଲେ ? କେତେକ କହିଲେ ବିଶିଙ୍କୁ ବିଜେପି ନେଇଗଲା। ହାଇଜାକ୍ ହୋଇଥିବାରୁ ଆଉ ଦେଖା ଦେଉନାହାନ୍ତି। ହେଲେ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଲା ଯେ ବିଶି କୁଆଡେ ବୁଲିବାକୁ ଆମେରିକା ଯାଉଛନ୍ତି। ଆଗରୁ ଟିକଟ କରିଛନ୍ତି। ଅନ୍ୟ କେହି କହିଲେ କାଳେ ବିଶି ଖସିଯିବେ, ତେଣୁ ସିଧା ନବୀନଙ୍କ କାନରେ କଥା ପକାଇଲେ। ନବୀନ ଫୋନ୍ ଉଠାଇ ବିଶିଙ୍କୁ ତାଗିଦା କଲେ। ତୁରନ୍ତ ନୂଆପଡାରେ ହାଜିରା ପକାଇବାକୁ କହିଲେ। ବିଚରା ଆମେରିକା ବୁଲିବାର ସ୍ୱପ୍ନରେ ମସଗୁଲ ଥିବା ବିଶି ଖସି ପାରିଲେ ନାହିଁ। ଏବେ ନୂଆପଡାରେ ହାଜିରା ପକାଉଛନ୍ତି। ନୂଆପଡାରେ ନିର୍ବାଚନ ସମୟରେ ଅନେକ ଚର୍ଚ୍ଚା ମଧ୍ୟରୁ ବିଶିଙ୍କର ଖସି ପଳାଇବାର ଉଦ୍ୟମ କିନ୍ତୁ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି।

## ଅରୁଣଙ୍କ ଚାଣକ୍ୟ ଅବତାର



ବିଜେଡିର ନୂଆ ଚାଣକ୍ୟ ହେଲେ ନୟାଗଡ ମଣି ଡକ୍ଟର ଅରୁଣ ସାହୁ। ବିଧାୟକ ଡକ୍ଟର ସାହୁ ଏବେ ନୂଆପଡାରେ। ତାଙ୍କ ସହିତ ଅନ୍ୟମାନେ ବି ସେଠାରେ ନିର୍ବାଚନ ପ୍ରଚାର କରୁଛନ୍ତି। ସମସ୍ତଙ୍କର ପ୍ରଚାର ଖବର ଗଣମାଧ୍ୟମରେ ଆସୁଛି। ହେଲେ ଅରୁଣଙ୍କ ଖବରଟି ଏବେ ସମସ୍ତଙ୍କୁ ଚମକାଇ ଦେଇଛି। ଅରୁଣ ବହୁ ହିସାବ କିତାବ ପରେ କହିଛନ୍ତି ଯେ ନୂଆପଡାରେ ବିଜେଡରି ଶତ ପ୍ରତିଶତ ବିଜୟ ହେବ। ବାବୁଙ୍କର ଏଭଳି ଭବିଷ୍ୟବାଣୀ ଶୁଣି ବିଜେଡି ନେତାମାନେ ତାଙ୍କୁ ନୂଆ ଚାଣକ୍ୟ ବୋଲି କହିବା ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ ଜଣେ ବିଜେଡି ଭକ୍ତଙ୍କୁ ପଚାରିବାରୁ ସେ କହିଲେ ବିଜେଡିର ପୁରୁଣା ଚାଣକ୍ୟ ଥିଲେ ବାବୁ ପ୍ୟାରୀମୋହନ ମହାପାତ୍ର। ନିର୍ବାଚନରେ ଯେତିକି ଆସନରେ ବିଜେଡି ଜିତିବ ବୋଲି କହୁଥିଲେ ଦଳ ଠିକ୍ ସେତିକି ଜିତୁଥିଲା। ତାଙ୍କରି ଶିଷ୍ୟ ହେଉଛନ୍ତି ବାବୁ ଅରୁଣ। ଶହୀଦନଗର ଚାଟଶାଳୀର ଛାତ୍ର। ତେଣୁ ଗୁରୁଙ୍କ ଭଳି ଶିଷ୍ୟ ବି ଯେଉଁ ହିସବା ଦେଇଛନ୍ତି ତାହା ନିଶ୍ଚିତ ସତ୍ୟ ହେବ। କଥାବାର୍ତ୍ତା ବେଳେ ଆଉଜଣେ ଭକ୍ତ କହିଲେ ନୟାଗଡ ଓ ନୂଆପଡା ର ଲେଖା ଭିତରେ ସାମଞ୍ଜସ୍ୟ ରହିଛି। ବାବୁ ନୟାଗଡର ନାଡି ଚିପିଛନ୍ତି। ସେହି ଫର୍ମୁଲାରେ ଏବେ ନୂଆପଡାର ନାଡି ଚିପି ହିସାବ ଦେଇଛନ୍ତି। ଯଦି ତାଙ୍କ ଗଣିତ ଠିକ୍ ହେଲା ତେବେ ଆଗାମୀ ନିର୍ବାଚନରେ ବାବୁଙ୍କ ନିକଟରେ ଭିଡହେବା ସ୍ୱାଭାବିକ।

## ସରକାର ବଦଳିଲେ ଚାରିଗୁଣ ଦରମା



ସରକାର ବଦଳିଲେ କର୍ମଚାରୀଙ୍କ ଦରମା ଏକାଥରକେ ୪ଗୁଣା ବୃଦ୍ଧି। କଥାଟା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଖାରବେଳଭବନରେ ଏ ନେଇ ଚାଲିଥିବା ଆଲୋଚନା କାନରେ ପଡିବାରୁ ଆମେ ଟିକେ ଅଟକି ଗଲୁ। ଜଣେ ବାବୁ କହୁଥାନ୍ତି, ବୁଝିଲେ ଏ ସରକାରୀ ଚାକିରିରେ କିଛି ଲାଭ ନାହିଁ। ଠିକା ଚାକିରି କରିଥିଲେ ଭଲ ହୋଇଥାନ୍ତା। ଘଟଣାଟି କ'ଣ ଆମେ ଟିକେ ଜାଣିବାପାଇଁ ତାଙ୍କୁ ପଚାରିବାରୁ ଏପଟ ସେପଟ ହୋଇ ଚାହିଁ କହିଲେ, ଆଜ୍ଞା, ନଗର ଉନ୍ନୟନ ବିଭାଗ ଅଧିନରେ ରହିଛି ସୁଡା ବୋଲି ଗୋଟିଏ ସଂସ୍ଥା। ଏଠାରେ କିଛି ଠିକା କର୍ମଚାରୀ ରହିଛନ୍ତି। ପୂର୍ବ ସରକାର ଅମଳରେ। ଏମାନେ ଚାକିରି ପାଇଥିଲେ। ଜଣେ ବାବୁଙ୍କ ଦରମା ଥିଲା ମାସକୁ ୩୦ହଜାର। ବାବୁ କିନ୍ତୁ ସରକାର ବଦଳିବା ସହିତ ବାଳିଆ ଧରିବାରେ ସକ୍ଷମ ହୋଇଛନ୍ତି। ତାଙ୍କ ପାଉଣା ଏକାଥରକେ କୁଆଡେ ଚାରି ଗୁଣ ବଢିଯାଇଛି। ଦରମା ଏବେ ଲକ୍ଷେ ଉପରେ। ତା ସହିତ ତାଙ୍କୁ ଭଲ ଦୁଧିଆଳି ଦାୟିତ୍ୱଟିଏ ମିଳିଛି। ସେଥିରୁ ବି ଭଲ ଆୟ ହେଉଛି। ଦୁଇ ପଟୁ ଲାଭରେ ବାବୁଙ୍କର ଏବେ ଖିରି ହାଣ୍ଡିରେ ଗୋଡ ପୁରାଇଲା ଭଳି ଅବସ୍ଥା। ତାଙ୍କୁ ଦେଖିଲାପରେ ବିଭାଗର ଅନେକ କର୍ମଚାରୀ ଏବେ ନିଜ ଭାଗ୍ୟକୁ ନିନ୍ଦୁଛନ୍ତି। ଏଠାରୁ ନିୟମିତ ଚାକିରି ଛାଡି କିଛି ବାବୁ ସୁଡାରେ ଠିକାରେ ରହିବାକୁ ବି ମନ ବଳାଇଲେଣି। ରାଜ୍ୟରେ ସହରାଞ୍ଚଳର କିଛି ବିକାଶ ହେଉ କି ନହେଉ ସୁଡା ବାବୁଙ୍କର କିନ୍ତୁ ଜୋରଦାର ବିକାଶ ହେବାରେ ଲାଗିଛି।

## ଛାଡ଼ ପୂର୍ବରୁ ମାଡ଼




ଛାଡ ପୂର୍ବରୁ ଜୋରଦାର ମାଡ। ମାଡ ମାରିଛି ଭୁବନେଶ୍ୱର ମହାନଗର ନିଗମ ବା ବିଏମ୍‌ସି। ମାଡର ଶିକାର ହୋଇଛନ୍ତି ରାଜଧାନୀର ପ୍ରମୁଖ ଆମିଷ ବ୍ୟବସାୟୀମାନେ। ପୂରା ଚେପା ହୋଇ ଯାଇଛନ୍ତି। ସହରର ୪ ନମ୍ବର ହାଟଟି ମାଛ, ମାଂସ ପାଇଁ ବେଶ୍ ଜଣାଶୁଣା। ସାରା ସହରର ବାବୁମାନେ ଏଠାକୁ ଆସି ମାଂସ ଓ ମାଛ ନିଅନ୍ତି। ଏବର୍ଷ ଛାଡଖାଇରେ ଭଲ ବେପାର ପାଇଁ ବ୍ୟବସାୟୀମାନେ ରାଜ୍ୟ ବାହାରୁ ବିନା ଚର୍ବିବାଲା ଖାସି ଓ ମଞ୍ଜିବିହୀନ ମାଛ ମଗାଇଥିଲେ। ଦେଶୀ କୁକୁଡା ବି କୁଆଡେ ଫୁଲବାଣୀରୁ ଆଣିବାକୁ ବରାଦ ଦେଇଥିଲେ। ଏହିସବୁ ଜୀବ ଜନ୍ତୁମାନେ ଅଧାବାଟରେ ଥିବାବେଳେ ବିଏମ୍‌ସି ମାଡରେ ବ୍ୟବସାୟୀମାନେ ଚେପା ହୋଇଛନ୍ତି। ଛାଡ ପୂର୍ବରୁ ବିଏମସି ଦଳ ବଳ ଧରି ସେମାନଙ୍କର ଦୋକାନକୁ ମାଟିରେ ମିଶାଇ ଦେଇଛି। ତେବେ ଦୀର୍ଘଦିନ ଧରି ବ୍ୟବସାୟ କରୁଥିବା ଏହି ଛୋଟିଆ ବେପାରୀଙ୍କ ଉପରେ ବିଏମ୍‌ସି ଏଭଳି କୋପ କଲା କାହିଁକି ? ତାହା ପୁଣି ଠିକ୍ ଛାଡ ପୂର୍ବରୁ। ଏ ନେଇ ହୋଇଥିବା ଆଲୋଚନା ଅନୁଯାୟୀ କିଛି ବାବୁ ଏବର୍ଷ ଛାଡଖାଇରେ ମାଗଣା ଛାଡ କରିବାକୁ ମନ ବଳାଇ ଖବର ଦେଇଥିଲେ। ହେଲେ ସେମାନଙ୍କ କଥାଟାକୁ କିଛି ବ୍ୟବସାୟୀ ଅଣଦେଖା କରିଦେଲେ। ତେଣୁ ବାବୁମାନେ ରାଗ ଶୁଝାଇଛନ୍ତି। ବେପାରୀମାନେ ଏବେ ମୁଣ୍ଡରେ ହାତଦେଇ ବସିବା ସହିତ ମାଗଣାଖିଆ ବାବୁଙ୍କୁ କେବଳ ଅଭିଶାପ ଦେଉଛନ୍ତି। ସେମାନଙ୍କ ଅଭିଶାପ ଫଳୁ କି ନଫଳୁ, ଆଇଁଷ ଖିଆ ଲୋକଙ୍କ ଅଭିଶାପ କିନ୍ତୁ ନିଶ୍ଚୟ ପଡିବ ବୋଲି ଚାରିନମ୍ବର ମାଛ ହାଟରେ ଜୋରଦାର ଆଲୋଚନା।

## ହାତୀ ପାଇଁ ରାତି ଅନିଦ୍ରା



ହାତୀ ପାଇଁ ପୁଲିସ୍ ବାବୁମାନେ ରାତି ଅନିଦ୍ରା। କିଏ ଟର୍ଚ୍ଚ ମାରି ହାତୀଙ୍କୁ ଘଉଡାଉଛି ତ ଆଉ ହୁଇସିଲ୍ ମାରୁଛି। ଜଙ୍ଗଲ ବିଭାଗର ଟିମ୍ ବି ନାକେଦମ୍। ଏଭଳି ହାତୀ ଘଉଡା ଚାଲିଛି ଚନ୍ଦକାରେ ଥିବା ପୁଲିସ୍ ତାଲିମ କେନ୍ଦ୍ରରେ। ଏଠାକୁ ହଠାତ୍ ଦୁଇଟି ବଡ ହାଲି ପଲ ପଶି ଆସିବାରୁ ଏଭଳି ଅବସ୍ଥା। ସହଜେ ତ ରାଜଧାନୀ ଉପକଣ୍ଠରେ ହାତୀମାନେ ଆଉ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ସେମାନଙ୍କ ଘରେ ବାବୁମାନେ ପଶିଯିବାରୁ ସେମାନେ ଏବେ ମଉକା ଦେଖି ବାବୁମାନଙ୍କ ସହର ଭିତରକୁ ପଶି ଆସୁଛନ୍ତି। ତେବେ ଏଥର କିନ୍ତୁ ହାତୀମାନେ ପୁଲିସ୍ ତାଲିମ କେନ୍ଦ୍ରକୁ ସୁରକ୍ଷିତସ୍ଥାନ ଭାବି ପିଲାଛୁଆ ସହିତ ଆସିଗଲେ। ତେବେ ଏହା ପୂର୍ବରୁ ଏମିତି ବି କେତେଥର ଆସିଛନ୍ତି। ଏଥର କିନ୍ତୁ ପୁଲିସ୍ ବାବୁ ପୂରା ରାତି ଅନିଦ୍ରା। ଏ ସଂକ୍ରାନ୍ତରେ ଜଣେ ଖାକି ବାବୁଙ୍କ କହିବାକଥା ଯେ ଏପଟେ ହାତୀ ପଶି ଆସିଲା ବେଳକୁ ସେପଟୁ ଖବର ଆସିଲା ମୁଖ୍ୟମନ୍ତ୍ରୀ ଏଠାକୁ ବୁଲିବାକୁ ଆସିବେ। ତେଣୁ ପୁଲିସ୍ ବାବୁମାନେ ରାତି ଅନିଦ୍ରା ହୋଇ ହାତୀ ଘଉଡାଇଲେ। ହେଲେ ହାତୀ ତ ବହୁତ ଚାଲାକ। ସେମାନେ ଜାଗା ଛାଡି ଯିବାକୁ ନାରାଜ। ବହୁ କଷ୍ଟ ପରେ ସିନା ହାତୀ ପଳାଇଲେ, ହେଲେ ମୁଖ୍ୟମନ୍ତ୍ରୀ କୌଣସି କାରଣ ଯୋଗୁଁ ଆଉ ତାଲିମ କେନ୍ଦ୍ରକୁ ଆସିଲେ ନାହିଁ। ଏବେ ହାତୀ ଘଉଡାରେ ମାତିଥିବା ପୁଲିସ୍ ଓ ଜଙ୍ଗଲ ବିଭାଗ ବାବୁମାନେ ଭାବୁଛନ୍ତି ହାତୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆସିବା ଖବର ମିଳିଗଲା ନା ମୁଖ୍ୟମନ୍ତ୍ରୀ ହାତୀ ଭୟରେ ଆସିଲେ ନାହିଁ ?

# ୮ବର୍ଷ ପରେ ହେବ ମତ୍ସ୍ୟଜୀବୀ ଗଣନା

## ନଭେମ୍ବର ୩ ରୁ ଡିସେମ୍ବର ୧୮ ଯାଏଁ ଚାଲିବ



**ଛତ୍ରପୁର ୨।୧୧:** ୮ ବର୍ଷ ପରେ ହେବାକୁ ଯାଉଛି ସାମୁଦ୍ରିକ ମତ୍ସ୍ୟଜୀବୀ ଜନଗଣନା। ପଞ୍ଚମ ଜାତୀୟ ସାମୁଦ୍ରିକ ମତ୍ସ୍ୟଜୀବୀ ଜନଗଣନା ଚଳିତ ମାସ ୩ରୁ ଡିସେମ୍ବର ୧୮ ପର୍ଯ୍ୟନ୍ତ ଏହି ଜନଗଣନା କାର୍ଯ୍ୟ ଚାଲିବ। ଏହି ଜନଗଣନା ଯେପରି ତ୍ରୁଟିମୁକ୍ତ ଓ ସୁବିଧା ପାଇଁ ପ୍ରଥମ ଥର କେନ୍ଦ୍ରୀୟ ସାମୁଦ୍ରିକ ମତ୍ସ୍ୟ ଅନୁସନ୍ଧାନ ସଂସ୍ଥାନ ପକ୍ଷରୁ ବ୍ୟାସଭାରତ ମୋବାଇଲ ଆପ୍ ଜରିଆରେ ସର୍ଭେ କରାଯିବ। ଓଡ଼ିଶାରେ ୬ଟି ସମୁଦ୍ର କୂଳବର୍ତ୍ତୀ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରପଡା, ଜଗତସିଂହପୁର, ପୁରୀ ଓ ଗଞ୍ଜାମରେ ବସବାସ କରୁଥିବା ତଥା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନରେ ନିର୍ଭରଶୀଳ ଥିବା ମତ୍ସ୍ୟଜୀଜୀ ପରିବାରଙ୍କୁ ସର୍ଭେ କରାଯିବ। ଶେଷଥର ପାଇଁ ୨୦୧୬ରେ ସାମୁଦ୍ରିକ ମତ୍ସ୍ୟଜୀବୀ ଜନଗଣନା ହୋଇଥିଲା। ପ୍ରତି ୫ ବର୍ଷରେ ଥରେ ହେବାକୁ ଥିବାବେଳେ ୨୦୨୧ରେ କୋଭିଡ୍ ପାଇଁ ଏହା ହୋଇପାରିନଥିଲା। ଜନଗଣନା କରାଯାଇ ସେମାନଙ୍କ ପରିବାରର ସ୍ଥିତି ସମ୍ପର୍କରେ ସରକାର ଜାଣିବା ସହ ଆବଶ୍ୟକତା ପୂରଣ ନିମନ୍ତେ ପଦକ୍ଷେପ ନିଆଯାଇଥାଏ। ଏହି ସର୍ଭେ ପରେ ଯେଉଁ ତଥ୍ୟ ଆସିବ ତାହାକୁ ଆଧାରକରି କେନ୍ଦ୍ର ସରକାର ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ଉନ୍ନତି ପାଇଁ ପଦକ୍ଷେପ ନେବେ।

ଗଞ୍ଜାମ ଜିଲ୍ଲାରେ ୪ଟି ଉପକୂଳ ବ୍ଲକ ଚିକିଟି, ରଙ୍ଗେଇଲୁଣ୍ଡା, ଛତ୍ରପୁର ଓ ଗଞ୍ଜାମ ବ୍ଲକର ୨୭ ଗୋଟି ସାମୁଦ୍ରିକ ମତ୍ସ୍ୟଜୀବୀ ଗାଁ ରହିଛି। ଏହି ଗଣନାରେ ଓଡ଼ିଶାର ମତ୍ସ୍ୟଗ୍ରାମ, ମତ୍ସ୍ୟଜୀବୀ ଏବଂ ଅନ୍ୟାନ୍ୟ ମତ୍ସ୍ୟ ଭିତ୍ତିଭୂମି ତଥା ମତ୍ସ୍ୟ କ୍ଷେତ୍ରର ତଥ୍ୟକୁ ସାମିଲ କରାଯିବ।

୨୦୧୬ ସର୍ଭେ ରିପୋର୍ଟରେ ୭୩୯ଟି ସାମୁଦ୍ରିକ ମତ୍ସ୍ୟଜୀବୀ ଗାଁରେ ୧ ଲକ୍ଷ ୧୫ ହଜାର ୨୨୮ ଟି ପରିବାର ବସବାସ କରୁଥିଲେ। ବାଲେଶ୍ୱରରେ ୩୩୫ ଗ୍ରାମରେ ୪୨ ହଜାର ୭୮୩ ସାମୁଦ୍ରିକ ମତ୍ସ୍ୟଜୀବୀ ପରିବାର, ଭଦ୍ରକରେ ୧୨୩ଟି ଗ୍ରାମରେ ୧୫ ହଜାର ୯୯୩, କେନ୍ଦ୍ରପଡାରେ ୧୧୪ଟି ଗ୍ରାମରେ ୧୬ ହଜାର ୧୧୭,ଜଗତସିଂହପୁରରେ ୧୦୬ ଗ୍ରାମରେ ୧୭ ହଜାର ୮୪୮, ପୁରୀରେ ୩୪ଟି ଗ୍ରାମରେ ୧୨ ହଜାର ୪୨୭ ଓ ଗଞ୍ଜାମ ଜିଲ୍ଲାରେ ୨୭ଟି ସାମୁଦ୍ରିକ ମତ୍ସ୍ୟଜୀବୀ ଗାଁରେ ୧୦ ହଜାର ୬୦ ସାମୁଦ୍ରିକ ମତ୍ସ୍ୟଜୀବୀ ପରିବାର ବାସବାସ କରୁଥିଲେ। ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ପ୍ରକୃତ ସ୍ଥିତି ଜାଣିବା ପାଇଁ କେନ୍ଦ୍ର ସରକାର ଯେଉଁ ଜନଗଣନା କାର୍ଯ୍ୟ ଆରମ୍ଭ କରୁଛନ୍ତି ତାହା ଏକ ଉତ୍ତମ ପଦକ୍ଷେପ ଓ ସ୍ୱାଗତଯୋଗ୍ୟ। ଏହି ସର୍ଭେ ହେଲେ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ପ୍ରକୃତ ସମସ୍ୟା ଲୋକଲୋଚନକୁ ଆସିପାରିବ।

## ଦୁଇ ଦିନରେ ୧୦ ମନ୍ଦିରରୁ ଚୋରି

### ଲକ୍ଷାଧିକ ଟଙ୍କାର ଅଳଙ୍କାର, ଦାନବକ୍ସ ନେଇଗଲେ

**ସୋର,୨।୧୧(ସଂଚାର ବ୍ୟୁରୋ):** ଲଗାତାର ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି ଲୁଟେରା। ଦୁଇ ଦିନରେ ୧୦ଟି ମନ୍ଦିର ଚୋରି ପରେ ସିମୁଳିଆ ଓ ଖଇରା ଥାନା ଅଞ୍ଚଳରେ ଥିବା ମନ୍ଦିରକୁ ଟାର୍ଗେଟ କରୁଛନ୍ତି ଲୁଟେରା। ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତ ପାଟନା ଗାଁରେ ଥିବା ୪ ଗୋଟି ମନ୍ଦିରରେ ହୋଇଛି ସିରିଜ ଚୋରି। ମଙ୍ଗଳା ମନ୍ଦିର, ରାଧାକୃଷ୍ଣ ମନ୍ଦିର, ମହିଁଶାସୁରି ମନ୍ଦିର ଓ ସିଦ୍ଧବାସୁଳି ମନ୍ଦିରରେ ଗତକାଲି ବିଳମ୍ବିତ ରାତିରେ ଠାକୁରଙ୍କର ସୁନା ରୂପାର ଚିତା, ଲକେଟ, ମୁକୁଟ, ମା' ମଙ୍ଗଳାଙ୍କର ସୁନାର ମଙ୍ଗଳ ସୂତ୍ର, ରୁପାର ବେଲ ପତ୍ର, ରାଧା କୃଷ୍ଣ ମନ୍ଦିର ରୂପା ବଂଶୀ, ସୁନା ରୂପା ଅଳଙ୍କାର ଲୁଟି ଫେରାର ହୋଇଯାଇଛନ୍ତି ଲୁଟେରା। ଅନ୍ୟପଟେ ଖଇରା ଥାନା ଅନ୍ତର୍ଗତ ଗଗନଧୂଳି ପଞ୍ଚାୟତ ଗଣ୍ଡୁଆ ଗାଁରେ ବଳି ବାସୁଳି ମନ୍ଦିର, ରଫେତପୁର ଗାଁରେ ଥିବା ଲକ୍ଷ୍ମୀ ନାରାୟଣ ମନ୍ଦିର ଓ ଜଗନ୍ନାଥ ମନ୍ଦିରରେ ମଧ୍ୟ ବିଳମ୍ବିତ ରାତିରେ ସିରିଜ ଚୋରି ହୋଇଛି। ଠାକୁରଙ୍କର ଲକ୍ଷାଧିକ ଟଙ୍କାର ସୁନା ରୁପା ଅଳଙ୍କାର ସମେତ ଦାନବକ୍ସ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ ସାହାଯ୍ୟରେ ତଦନ୍ତ ଚଳାଇଛି।

■ ମହାକାର୍ତ୍ତିକ ପଞ୍ଚୁକର ପ୍ରଥମ ଦିନ

## ଶ୍ରୀମନ୍ଦିରରେ ଭକ୍ତଙ୍କ ଠେଲାପେଲା

**ପୁରୀ, ୨।୧୧(ସଂଚାର ବ୍ୟୁରୋ):** ଅସହ୍ୟ ହେଲା ଧାଡ଼ିରେ ଛିଡ଼ା ହେବା। ବ୍ୟାରିକେଡ ଠେଲି ଶ୍ରୀମନ୍ଦିର ଭିତରକୁ ପଶିଲେ ଭକ୍ତ। ଠେଲାପେଲା ବେଳେ ତଳେ ପଡ଼ିଗଲେ ୨ ମହିଳା ଭକ୍ତ। ସୌଭାଗ୍ୟବଶତଃ କାହାକୁ କୌଣସି କ୍ଷତି ହୋଇନାହିଁ। ରବିବାର ମହାକାର୍ତ୍ତିକ ପଞ୍ଚୁକର ପ୍ରଥମ ଦିନରେ ଶ୍ରୀମନ୍ଦିରରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ। ସୂଚନା ଅନୁସାରେ, ଶ୍ରୀମନ୍ଦିର ଉତ୍ତରଦ୍ୱାର ନିକଟରେ ଅତିଥିମାନଙ୍କୁ ନିଆଯାଉଥିବା ବ୍ୟାରିକେଡକୁ ଠେଲି କିଛି ଭକ୍ତ ମନ୍ଦିରକୁ ପଶିଥିଲେ। ଏହି ସମୟରେ ବେଶ୍ ଠେଲାପେଲା ଦେଖିବାକୁ ମିଳିଥିଲା। ଆଉ ସେହି ଠେଲାପେଲା ମଧ୍ୟରେ ଦୁଇ ମହିଳା ଭକ୍ତ ପଡ଼ିଯାଇଥିଲେ। ତେବେ ମନ୍ଦିର ନିକଟରେ ଥିବା ସ୍ୱେଚ୍ଛାସେବୀ ସେମାନଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ। ତେବେ ବର୍ତ୍ତମାନ ପୁଲିସ ସ୍ଥିତିକୁ ନିଜ ନିୟନ୍ତ୍ରଣକୁ ନେଇଛି। ସିଂହଦ୍ୱାର ଦେଇ ଭକ୍ତମାନେ ମନ୍ଦିର ଭିତରକୁ ପ୍ରବେଶ କରୁଛନ୍ତି। ସୂଚନାଯୋଗ୍ୟ, ପଞ୍ଚୁକରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଆରମ୍ଭ ହୋଇଥିବା ବେଳେ ପୁରୀରେ ଦେଖିବାକୁ ମିଳିଛି ଅସମ୍ଭାଳ ଭିଡ଼। ସିଂହଦ୍ୱାରଠାରୁ ମାର୍କେଟ ଛକ ଯାଏ ଭକ୍ତଙ୍କ ଧାଡ଼ି ଦେଖିବାକୁ ମିଳିଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରୀକ୍ଷେତ୍ରକୁ ଆସିଛନ୍ତି ହଜାର ହଜାର ଶ୍ରଦ୍ଧାଳୁ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ମାର୍କେଟ ଛକ ଠାରୁ ଛାୟା ବ୍ୟାରିକେଡ଼ ବ୍ୟବସ୍ଥା ହୋଇଛି। ସିଂହଦ୍ୱାରରେ ପ୍ରବେଶ କରି ଅନ୍ୟ ୩ ଦ୍ୱାରରେ ପ୍ରସ୍ଥାନ କରୁଛନ୍ତି ଶ୍ରଦ୍ଧାଳୁ। ବିଭିନ୍ନ ସ୍ଥାନରେ ୩୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ସେହିଭଳି ଶୃଙ୍ଖଳିତ ଦର୍ଶନ ଓ ଭିଡ଼ ନିୟନ୍ତ୍ରଣ ପାଇଁ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରାଯାଇଛି।

## ପାଉଁରୁଟି ଖାଇଦେବାରୁ ଷଣ୍ଢକୁ ଛୁରୀ ଭୁସି ହତ୍ୟା

**ହୀରାକୁଦ,୨।୧୧(ସଂଚାର ବ୍ୟୁରୋ):** ମାତ୍ର ୨୦ ଟଙ୍କା ପାଇଁ ଷଣ୍ଢକୁ ହତ୍ୟା। ଏକଥା ହୁଏତ ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥାଇପାରେ। ହେଲେ ଏହି ଅଭାବନୀୟ ଘଟଣା ସତରେ ଘଟିଛି ସମ୍ବଲପୁର ହୀରାକୁଦ ଅଞ୍ଚଳରେ। ଜଣେ ଦୋକାନୀ ସାମାନ୍ୟ ୨୦ ଟଙ୍କାର ପାଉଁରୁଟି ଖାଇଦେଇଥିବା ଏକ ଷଣ୍ଢକୁ ମାରିଦେଇଛନ୍ତି। ସୂଚନା ଅନୁସାରେ, ହୀରାକୁଦ ବଜାରରେ ଏକ ଦୋକାନ କରିଛନ୍ତି ଶିବରାମ ମହାନ୍ତି। ରବିବାର ଦିନ ୧୨ଟା ସମୟରେ ଏକ ବୁଲା ଷଣ୍ଢ ତାଙ୍କ ଦୋକାନରୁ ଏକ ୨୦ ଟଙ୍କା ମୂଲ୍ୟର ପାଉଁରୁଟି ଖାଇଦେଇଥିଲା। ହେଲେ ଏଥିରେ ରାଗି ଯାଇ ଶିବରାମ ପାଖରେ ଥିବା ଏକ ଧାରୁଆ ଛୁରୀରେ ଷଣ୍ଢଟିକୁ ଭୁଷିବା ଆରମ୍ଭ କରିଦେଇଥିଲେ। ଏଥିରେ ଷଣ୍ଢଟି ଗୁରୁତର ଆହତ ହୋଇ ପ୍ରାଣ ବିକଳରେ ଏଣେତେଣେ ଧାଇଁଥିଲା। ଏ ଘଟଣା ଦେଖି

**ଦୋକାନୀକୁ ବାନ୍ଧିଲା ପୁଲିସ**

ସ୍ଥାନୀୟ ଲୋକମାନେ ଦୋକାନୀଙ୍କୁ କାବୁ କରିବା ସହ ଷଣ୍ଢଟିର ଚିକିତ୍ସା ପାଇଁ ଉଦ୍ୟମ କରିଥିଲେ, ମାତ୍ର ଦେଖୁ ଦେଖୁ କିଛି ମିନିଟ ମଧ୍ୟରେ ହିଁ ଷଣ୍ଢଟିର ମୃତ୍ୟୁ ହୋଇଯାଇଥିଲା। ତେବେ ଖବର ପାଇ ହୀରାକୁଦ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଦୋକାନୀ ଶିବରାମ ମହାନ୍ତିଙ୍କୁ ଗିରଫ କରିଛି। ସେପଟେ ଏହି ଘଟଣାକୁ ସବୁ ମହଲରୁ ନିନ୍ଦା କରାଯାଉଥିବାର ଦେଖିବାକୁ ମିଳିଛି।

## କାଠଯୋଡ଼ିରେ ବୁଡ଼ିଗଲେ ୨ ନାବାଳକ

**କଟକ,୨।୧୧(ସଂଚାର ବ୍ୟୁରୋ):** କଟକ କାଠଯୋଡ଼ିରେ ଘଟିଛି ଅଘଟଣ। ନଦୀରେ ବୁଡ଼ି ୨ ଜଣ ନାବାଳକ ନିଖୋଜ ହୋଇଯାଇଛନ୍ତି। ଆଜି ସକାଳେ ସେମାନେ ଗାଧୋଉଥିବା ସମୟରେ ଅଚାନକ ଅସାବଧାନତାବଶତଃ ସେମାନେ ନଦୀରେ ବୁଡ଼ିଯାଇଥିଲେ। ଏନେଇ ଖବର ପାଇ ସ୍ଥାନୀୟ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଖୋଜାଖୋଜି ଆରମ୍ଭ କରିଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସେମାନଙ୍କୁ କୌଣସି ସଫଳତା ମିଳିପାରିନାହିଁ। ନିଖୋଜ ହୋଇଥିବା ଦୁଇ ନାବାଳକ ହେଲେ ଭଗତପୁର ବଗଲା ଲେନ୍‌ର ବାସିନ୍ଦା। ସାହିର ବୟସ୍କ ଲୋକେ ନଦୀକୂଳରେ ପହଞ୍ଚିବା ପୂର୍ବରୁ ପଠାରେ ପହଞ୍ଚିଯାଇଥିଲେ ଉଭୟ ନାବାଳକ। ସେମାନେ ସେଠାରେ କିଛି ସମୟ ବଲ ଖେଳିଥିଲେ। ଏହାପରେ ଗାଧୋଇବା ସମୟରେ ସେମାନଙ୍କ ମଧ୍ୟରୁ ଜଣେ ବୁଡିଯାଇଥିଲା। ତାକୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ନାବାଳକ ଜଣଙ୍କ ମଧ୍ୟ ବୁଡ଼ିଯାଇଥିବା ଜଣାପଡ଼ିଛି।

## ୧୫ ଲକ୍ଷର ବ୍ରାଉନସୁଗର ଜବତ, ୪ ଗିରଫ



**ପୁରୀ,୨।୧୧(ସଂଚାର ବ୍ୟୁରୋ) :** ପୁଲିସ କବଜାରେ ବ୍ରାଉନସୁଗର ବେପାରୀ। ଅପରେସନ ଚକ୍ର ଅଭିଯାନରେ ପୁରୀ ପୁଲିସକୁ ମିଳିଛି ବଡ଼ ସଫଳତା। ୧୫ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ କରାଯାଇଛି। ୪ଜଣ ବ୍ରାଉନ ସୁଗର ବ୍ୟବସାୟୀଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟଜଣେ ଫେରାର ଅଛି। ଅଭିଯୁକ୍ତଙ୍କ ଠାରୁ ୧୫୧ ଗ୍ରାମ ବ୍ରାଉନ ସୁଗର ସହ ନଗଦ ୬ ଲକ୍ଷ ୩୦ ହଜାର ୭ ଶହ ଟଙ୍କା ଜବତ କରିଛି ପିପିଲି ଥାନା ପୁଲିସ। ସେମାନଙ୍କ ଠାରୁ ୭ ଟି ମୋବାଇଲ, ଗୋଟିଏ କାର, ଗୋଟିଏ ବୁଲେଟ ଏବଂ ୨ଟି ବାଇକ ଜବତ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପୁରୀ ଏସପି ପ୍ରତୀକ ସିଂ।

## ୮ ଲକ୍ଷର ବ୍ରାଉନସୁଗର ଜବତ,୨ଗିରଫ

**କେନ୍ଦ୍ରାପଡ଼ା,୨।୧୧(ସଂଚାର ବ୍ୟୁରୋ):** ଏକ ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା ଅବକାରୀ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବାଲିପଡା ଅଞ୍ଚଳରେ ଚଢ଼ଉ କରାଯାଇ ନିମପୁର ଗ୍ରାମର ପିଣ୍ଟୁ ମଲିକ(୨୬)ଙ୍କ ଠାରୁ ୫୦ଗ୍ରାମ ଓଜନର ବ୍ରାଉନସୁଗର ଏବଂ ମାଟିଆ ଗ୍ରାମର ଚନ୍ଦ୍ରକାନ୍ତ ମଲିକ(୩୮)ଙ୍କ ଠାରୁ ୩୦ଗ୍ରାମ ଓଜନର ବ୍ରାଉନସୁଗର ଜବତ କରାଯିବା ସହ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୮୦ଗ୍ରାମ ଓଜନର ବ୍ରାଉନସୁଗର ସମେତ ଏକ ଧଳା ରଙ୍ଗର ମାରୁତି ସ୍ୱିଫ୍ଟ ଡିଜେଆର କାର ଜବତ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜବତ ବ୍ରାଉନସୁଗରର ମୂଲ୍ୟ ୮ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚଢ଼ଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ସହକାରୀ ଉପନିରୀକ୍ଷକ ସୁନିଲ କୁମାର ମିଶ୍ର, ପ୍ରଦୀପ କୁମାର ମଲିକ, ଜଗନ୍ନାଥ ବେସ୍ରା, କନେଷ୍ଟବଳ ଅଶୋକ କୁମାର ବେହେରା, ହିମାଂଶୁ ଶେଖର ଦାସ, ପ୍ରଶାନ୍ତ କୁମାର ଘଡେଇ ଓ ଲୁଲୁ ସାହୁ ପ୍ରମୁଖ ସାମିଲ ହୋଇଥିଲେ।




● ନୂଆପଡ଼ାବାସୀଙ୍କୁ ସାଂସଦ ବୈଜୟନ୍ତଙ୍କ ନିବେଦନ

## ଜୟ ଢୋଲକିଆଙ୍କୁ ରେକର୍ଡ ବ୍ୟବଧାନରେ ଜିତାଅ



**ନୂଆପଡା / ଭୁବନେଶ୍ୱର, ୨।୧୧(ସଂଚାର ବ୍ୟୁରୋ):** ଆଜି ପ୍ରଚାରର ଦ୍ୱିତୀୟ ଦିନରେ ସାଂସଦ ବୈଜୟନ୍ତ ପଣ୍ଡା ନୂଆପଡାରେ ତୋଫାନି ରୋଡ ସୋ , ପଥପ୍ରାନ୍ତ ସଭା ଓ ସାଧାରଣ ସଭା କରି ବିଜେପି ପାର୍ଥୀ ଜୟ ଢୋଲକିଆଙ୍କ ପାଇଁ ଭୋଟ ଭିକ୍ଷା କରିବା ସହ ତାଙ୍କୁ ରେକର୍ଡ ବ୍ୟବଧାନରେ ଜିତେଇବାକୁ ନୂଆପଡ଼ାବାସୀଙ୍କୁ ନିବେଦନ କରିଛନ୍ତି।

ଆଜି ସକାଳେ ନୂଆପଡା ସହରରେ ଗାୟତ୍ରୀ ମନ୍ଦିର ଛକଠାରୁ ଏକ ଖୋଲା ଗାଡ଼ିରେ ସାଂସଦ ଶ୍ରୀ ପଣ୍ଡା ବାହାରି ଏକତା ଛକ ପର୍ଯ୍ୟନ୍ତ ଏକ ବିଶାଳ ରୋଡ ସୋ'ରେ ଯୋଗଦେଇ ନୂଆପଡାବାସୀଙ୍କୁ ଜୟ ଢୋଲକିଆଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଏକତା ଛକରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ମ୍ୟାଲାପଣ କରିବା ସହିତ ଏକ 'ଚାଏ ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପାର୍ଥୀ ଜୟ ଢୋଲକିଆ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ବରିଷ୍ଠ ବିଜେପି ନେତା ବସନ୍ତ ପଣ୍ଡା, ଜିଲ୍ଲା ସଭାପତି କମଳେସ ଦୀକ୍ଷିତ ,ପ୍ରସନ୍ନ ପାଢ଼ୀ ,ଯୁବନେତା ଅଭିନନ୍ଦନ ପଣ୍ଡାଙ୍କ ସମେତ ଶତାଧିକ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଏହା ପରେ କୋମନା ବ୍ଲକର ଉଦ୍ୟାନ ବନ୍ଧ ଠାରେ ଏକ ରୋଡ ସୋ'ରେ ଯୋଗ ଦେଲା ପରେ ଶ୍ରୀଯୁକ୍ତ ପଣ୍ଡାଙ୍କୁ ଏକ ବିଶାଳ ବାଇକ ଶୋଭାଯାତ୍ରାରେ ବୁଢ଼ି କୋମନା ସଭାସ୍ଥଳ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ବୁଢ଼ି କୋମନା ଠାରେ ଏକ ବିଶାଳ ଜନସଭାକୁ ସମ୍ବୋଧିତ କରି ନୂଆପଡ଼ାକୁ ଡବଲ ଇଂଜିନ ସରକାର ସହ ଯୋଡି ସ୍ୱର୍ଗତ ରାଜୁ ଭାଇ ଢୋଲକିଆଙ୍କର ଏକ 'ବିକଶିତ ନୂଆପଡା'ର ସ୍ୱପ୍ନକୁ ସାକାର କରିବାକୁ ନିବେଦନ କରିଥିଲେ। ଏହି ସଭାରେ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ଯୋଗଦେଇ ନୂଆପଡା ଉପନିର୍ବାଚନରେ ଭାରତୀୟ ଜନତା ପ୍ରାର୍ଥୀକୁ ପଦ୍ମ ଚିହ୍ନରେ ବହୁ ସଂଖ୍ୟାରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହାତ ମୁଠାକୁ ମଜଭୁତ କରିବା ସହ ନୂଆପଡାର ସାମଗ୍ରିକ ବିକାଶ ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଧାୟକ ଫକୀର ନାୟକ, ଦୁର୍ଗା ପ୍ରସନ୍ନ ନାୟକ, ବସନ୍ତ ପଣ୍ଡା, କମଲେସ ଦୀକ୍ଷିତ, ପ୍ରସନ୍ନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଏଏମ୍‌ଏନ୍‌ଏସ୍ ଆନ୍ଧ୍ର ପ୍ରକଳ୍ପକୁ ପରିବେଶ ମଞ୍ଜୁରି



ନୂଆଦିଲ୍ଲୀ, ୨।୧୧: ଆନ୍ଧ୍ରପ୍ରଦେଶରେ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆ ପକ୍ଷରୁ ଏକ ମେଗା ଇସ୍ପାତ କାରଖାନା ସ୍ଥାପନ ହେବ। ପ୍ରଥମ ପର୍ଯ୍ୟାୟରେ ବାର୍ଷିକ ୮.୨ ନିୟୁତ ଟନ୍ କ୍ଷମତା ବିଶିଷ୍ଟ କାରଖାନା ସ୍ଥାପନକୁ ପରିବେଶ ମଞ୍ଜୁରି ମିଳିଛି। ଅନକାପଲ୍ଲୀ ଜିଲ୍ଲାରେ ୨୨୦୦ ଏକର ଜମିରେ ପ୍ରଥମ ପର୍ଯ୍ୟାୟରେ ସ୍ଥାପନ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ୮୦ ହଜାର କୋଟି ଟଙ୍କା ନିବେଶ ହେବ। ଚଳିତବର୍ଷ ଏହି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇପାରେ। ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରକଳ୍ପର ମୋଟ ଇସ୍ପାତ ଉତ୍ପାଦନ କ୍ଷମତା ୨୪ ନିୟୁତ ଟନକୁ ବୃଦ୍ଧି ପାଇପାରେ। ଏଥିପାଇଁ କମ୍ପାନିର ମୋଟ ନିବେଶ ରାଶି ୧.୫ ଲକ୍ଷ କୋଟି ଟଙ୍କା ହୋଇପାରେ।

୨୦୨୪ ଅଗଷ୍ଟରେ କମ୍ପାନି ଆନ୍ଧ୍ରପ୍ରଦେଶ ସରକାରଙ୍କୁ ଏହାର ପ୍ରକଳ୍ପ ପ୍ରସ୍ତାବ ପଠାଇଥିଲା। ଚଳିତବର୍ଷ ଅନକାପଲ୍ଲୀ ଜିଲ୍ଲାରେ ରାଜୟାପେଟାଠାରେ ଉକ୍ତ ପ୍ରକଳ୍ପ ସ୍ଥାପନ ହେବ। ଦ୍ୱିତୀୟ ପର୍ଯ୍ୟାୟ ସଂପ୍ରସାରଣ ପାଇଁ କମ୍ପାନି ୩୩୦୦ ଏକର ଜମି ମାଗିଛି। ଛତିଶଗଡ଼ର ବଇଲଡିଲାରୁ ଏଠାକୁ ସ୍ଲରି ପାଇପ୍ ଯୋଗେ ଲୁହାପଥର ଆଣିବା ଯୋଜନା ରଖିଛି। ଆନ୍ଧ୍ରପ୍ରଦେଶରେ ଏଏମଏନଏସର ଏହି ପ୍ରକଳ୍ପ ପାଇଁ କମ୍ପାନି ଖୁବ୍ ଦ୍ରୁତ ବେଗରେ ମଞ୍ଜୁରି ଓ ଅନୁମତି ହାସଲ କରିବାରେ ଲାଗିଛି। ଜମି ଚିହ୍ନଟ, ଆବଣ୍ଟନ, ଜନଶୁଣାଣି ଏବଂ ଚୂଡ଼ାନ୍ତ ପରିବେଶ ମଞ୍ଜୁରି ପାଇଁ ସାଧାରଣତଃ ୨ରୁ ୪ ବର୍ଷ ସମୟ ଲାଗିଥାଏ। କିନ୍ତୁ ଏ କ୍ଷେତ୍ରରେ ୧୪ ମାସ ସମୟ ଲାଗିଛି। ରାଜ୍ୟ ସରକାର କମ୍ପାନିକୁ ଯେଉଁ ଜମି ଦେଇଛନ୍ତି ସେଠାରେ ବନ୍ୟଜନ୍ତୁ, ଜଙ୍ଗଲ, ନଦୀ ଏବଂ ଆଦିବାସୀ ଲୋକ ବାସ କରୁନାହାନ୍ତି ବୋଲି ଜଣେ ଅଧିକାରୀ କହିଛନ୍ତି।

- ପ୍ରଥମ ପର୍ଯ୍ୟାୟରେ ୮୦ ହଜାର କୋଟି ନିବେଶ
- ବାର୍ଷିକ ୮.୨ ନିୟୁତ ଟନ୍ ଉତ୍ପାଦନ କ୍ଷମତା

## ଫେରିନି ସବୁ ୨୦୦୦ ଟଙ୍କିଆ



ନୂଆଦିଲ୍ଲୀ, ୨।୧୧: ଏବେବି ଫେରିନି ଅନେକ ୨ ହଜାର ଟଙ୍କିଆ ନୋଟ୍। ନୋଟବନ୍ଦୀର ଅଢେଇ ବର୍ଷ ପରେ ବି ସବୁ ନୋଟ୍ ଆରବିଆଇ ପାଖରେ ପହଁଚି ପାରିନି। ଏତେ ଦିନ ପରେ ମଧ୍ୟ ନୋଟକୁ ଲୋକେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ନଦେଇ ନିଜ ପାଖରେ ରଖିଛନ୍ତି। ଏମିତି ପ୍ରାୟ ୫ହଜାର କୋଟି ଟଙ୍କାର ନୋଟ୍ ଲୋକଙ୍କ ପାଖରେ ମହଜୁଦ ରହିଛି। ସୂଚନା ଅନୁସାରେ, ୨୦୨୩ ମସିହା ମେ ୧୯ ତାରିଖରେ ଭାରତୀୟ ରିଜର୍ଭ ବ୍ୟାଙ୍କ ୨୦୦୦ ନୋଟ୍ କରେନ୍ସିର ପ୍ରଚଳନ ବନ୍ଦ ପାଇଁ ଘୋଷଣା କରିଥିଲା। ଏହି ଘୋଷଣାର

### ଏବେବି ଲୋକଙ୍କ ପାଖରେ ଅଛି ୫୦୦୦ କୋଟିର ଗୋଲାପୀ ନୋଟ୍

ଏତେ ବର୍ଷ ପରେ ମଧ୍ୟ ଲୋକଙ୍କ ପାଖରେ ୫୮୧୭ କୋଟି ମୂଲ୍ୟର ୨ ହଜାର ଟଙ୍କିଆ ନୋଟ୍ ରହିଛି। ଯାହା ବ୍ୟାଙ୍କରେ ଜମା ହୋଇ ନାହିଁ। ଯାହା ଆଗକୁ ଫେରିପାରେ ବୋଲି ଆଶା କରୁଛି ରିଜର୍ଭ ବ୍ୟାଙ୍କ। ଆରବିଆଇ ପକ୍ଷରୁ କୁହାଯାଇଛି ଯେ, ୯୮.୩୭ ପ୍ରତିଶତ ନୋଟ୍ ଜମା ହୋଇ ସାରିଛି। କିନ୍ତୁ ୧.୬୩ ପ୍ରତିଶତ ନୋଟ୍ ଏବେବି ବଜାରରେ ବୁଲୁଛି। ଯାହାକୁ ଆରବିଆଇ ଲିଗାଲ ଟେଣ୍ଡର ଭାବେ ଗ୍ରହଣ କରିବ। ଅର୍ଥାତ ଆପଣ ଚାହିଁଲେ ଏହା ବଦଳରେ ରିଜର୍ଭ ବ୍ୟାଙ୍କରୁ ଅନ୍ୟ ପ୍ରଚଳନ୍ତି ନୋଟ୍ ଆଣିପାରିବେ। ଯେତେବେଳେ ଆରବିଆଇ ଗୋଲାପୀ ନୋଟର ପ୍ରଚଳନ ବନ୍ଦ କରିଥିଲା, ସେତେବେଳେ ପ୍ରାୟ ୩ ଲକ୍ଷ ୫୬ ହଜାର କୋଟି ମୂଲ୍ୟର ନୋଟ୍ ବଜାରରେ ଥିଲା। ଏବେ ଏହା ୫୮୧୭ କୋଟିରେ ପହଁଚିଛି। ଏହା ପୂର୍ବରୁ ୨୦୧୬ରେ ବଡ ଧରଣର ନୋଟବନ୍ଦୀ ହୋଇଥିଲା। ଯେଉଁଥିରେ ପୁରୁଣା ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟକୁ ବନ୍ଦ କରାଯାଇଥିଲା। ତାହା ବଦଳରେ ନୂଆ ୨୦୦,୫୦୦ ଓ ୨୦୦୦ ମୂଲ୍ୟର ନୋଟ୍ ପ୍ରଚଳନ କରାଯାଇଥିଲା।

## ଆଜିର ସୁନା ଦର



ଆଜି ସ୍ଥିର ରହିଛି ସୁନା ଏବଂ ରୁପା ଦର। ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୩,୦୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୨,୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୩,୦୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୨,୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୩,୦୦୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୨,୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୩,୧୫୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୨,୯୦୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୩,୩୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୩,୧୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୩,୦୦୦ ଓ ୧,୧୨,୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୫୨,୦୦୦ ଟଙ୍କା ହୋଇଛି।

## ଜିନ୍ଦଲ ଫାଉଣ୍ଡେସନ୍‌କୁ ଏକ୍ସିଡ୍ ସିଏସ୍‌ଆର୍ ଆୱାର୍ଡ



ଭୁବନେଶ୍ୱର, ୨।୧୧: ଲୋକାଭିମୁଖୀ ସମନ୍ୱିତ ସିଏସ୍‌ଆର୍ ପ୍ରକଳ୍ପ ପାଇଁ ଜିନ୍ଦଲ ଷ୍ଟିଲ୍‌ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ୍‌କୁ ଏକ୍ସିଡ୍ ସିଏସ୍‌ଆର୍ ଆୱାର୍ଡ- ୨୦୨୫ରେ ସମ୍ମାନିତ କରାଯାଇଛି। ଅକ୍ଟୋବର ୩୦ରେ ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ପୂର୍ବତନ ସଚିବ ତଥା ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ କର୍ପୋରେଟ ଆଫେୟାର୍ସର ପୂର୍ବତନ ମହାନିର୍ଦ୍ଦେଶକ ଡ. ଭାସ୍କର ଚାଟାର୍ଜୀ ଏହି ପୁରସ୍କାର ପ୍ରଦାନ କରିଥିଲେ। ସାଂସଦ ତଥା ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଦୂରଦୃଷ୍ଟିକୁ ଆଧାର କରି ଫାଉଣ୍ଡେସନ୍ ଏହାର ପରିମଳ ଓ ପରିଚ୍ଛନ୍ନତା ଅଭିଯାନ, 'ଜଳଛାୟା ପରିଚାଳନା' ଏବଂ 'ଓ୍ୱାସ' କାର୍ଯ୍ୟକ୍ରମ ଜରିଆରେ ସ୍ଥାନୀୟ ସମୁଦାୟରେ ଉଲ୍ଲେଖନୀୟ ବିକାଶ ଆଣିପାରିଛି। ଏହି ସମ୍ମାନଜନକ ପୁରସ୍କାର ମିଳିଥିବାରୁ ଜିନ୍ଦଲ ଫାଉଣ୍ଡେସନ୍‌ର ଅଧ୍ୟକ୍ଷା ଶାଲୁ ଜିନ୍ଦଲ ଜୁରି ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥି ସହ ସେ କହିଛନ୍ତି, "ଆମେ ବିଶ୍ୱାସ କରୁ, ବାସ୍ତବ ବିକାଶ ସେହିଠାରେ ହୁଏ, ଯେଉଁଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ପରିବେଶ ଓ ସଂସ୍କୃତି ସମନ୍ୱିତ ଭାବେ ନିରନ୍ତର ଉପାୟରେ ଜୀବନର ମାନକୁ ଉନ୍ନତ କରିଥାଏ। ଜିନ୍ଦଲ ଷ୍ଟିଲର ପ୍ରେସିଡେଣ୍ଟ ତଥା ଗ୍ରୁପ୍ ହେଡ୍ (ସିଏସ୍‌ଆର୍ ଏଣ୍ଡ୍ ଏଜୁକେସନ) ପ୍ରଶାନ୍ତ ହୋତା ଏହି ସମ୍ମିଳନୀର ବୈଷୟିକ ଅଧିବେଶନରେ ଅଂଶଗ୍ରହଣ କରି ସିଏସ୍‌ଆର୍ ମାଧ୍ୟମରେ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ପାଇଁ ବିଭିନ୍ନ କୌଶଳ ଓ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ।ଭୁବନେଶ୍ୱର, ୧/୧୧(ଇମିସ): ଲୋକାଭିମୁଖୀ ସମନ୍ୱିତ ସିଏସ୍‌ଆର୍ ପ୍ରକଳ୍ପ ପାଇଁ ଜିନ୍ଦଲ ଷ୍ଟିଲ୍‌ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ୍‌କୁ ଏକ୍ସିଡ୍ ସିଏସ୍‌ଆର୍ ଆୱାର୍ଡ- ୨୦୨୫ରେ ସମ୍ମାନିତ କରାଯାଇଛି। ଅକ୍ଟୋବର ୩୦ରେ ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ପୂର୍ବତନ ସଚିବ ତଥା ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ କର୍ପୋରେଟ ଆଫେୟାର୍ସର ପୂର୍ବତନ ମହାନିର୍ଦ୍ଦେଶକ ଡ. ଭାସ୍କର ଚାଟାର୍ଜୀ ଏହି ପୁରସ୍କାର ପ୍ରଦାନ କରିଥିଲେ।

ସାଂସଦ ତଥା ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଦୂରଦୃଷ୍ଟିକୁ ଆଧାର କରି ଫାଉଣ୍ଡେସନ୍ ଏହାର ପରିମଳ ଓ ପରିଚ୍ଛନ୍ନତା ଅଭିଯାନ, 'ଜଳଛାୟା ପରିଚାଳନା' ଏବଂ 'ଓ୍ୱାସ' କାର୍ଯ୍ୟକ୍ରମ ଜରିଆରେ ସ୍ଥାନୀୟ ସମୁଦାୟରେ ଉଲ୍ଲେଖନୀୟ ବିକାଶ ଆଣିପାରିଛି। ଏହି ସମ୍ମାନଜନକ ପୁରସ୍କାର ମିଳିଥିବାରୁ ଜିନ୍ଦଲ ଫାଉଣ୍ଡେସନ୍‌ର ଅଧ୍ୟକ୍ଷା ଶାଲୁ ଜିନ୍ଦଲ ଜୁରି ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥି ସହ ସେ କହିଛନ୍ତି, "ଆମେ ବିଶ୍ୱାସ କରୁ, ବାସ୍ତବ ବିକାଶ ସେହିଠାରେ ହୁଏ, ଯେଉଁଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ପରିବେଶ ଓ ସଂସ୍କୃତି ସମନ୍ୱିତ ଭାବେ ନିରନ୍ତର ଉପାୟରେ ଜୀବନର ମାନକୁ ଉନ୍ନତ କରିଥାଏ। ଜିନ୍ଦଲ ଷ୍ଟିଲର ପ୍ରେସିଡେଣ୍ଟ ତଥା ଗ୍ରୁପ୍ ହେଡ୍ (ସିଏସ୍‌ଆର୍ ଏଣ୍ଡ୍ ଏଜୁକେସନ) ପ୍ରଶାନ୍ତ ହୋତା ଏହି ସମ୍ମିଳନୀର ବୈଷୟିକ ଅଧିବେଶନରେ ଅଂଶଗ୍ରହଣ କରି ସିଏସ୍‌ଆର୍ ମାଧ୍ୟମରେ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ପାଇଁ ବିଭିନ୍ନ କୌଶଳ ଓ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ।

## ବିବିଡି ବାଗ ଶ୍ରୀଶ୍ରୀଜଗନ୍ନାଥ ସେବା ସମିତି ପକ୍ଷରୁ ହରିବଂଶ ପାଠ



କୋଲକାତା, ୨।୧୧(ସଂଚାର ବ୍ୟୁରୋ): ପବିତ୍ର ପଞ୍ଚୁକ ଅବସରରେ କୋଲକାତା ମହାନଗରୀର ଡେଲହାଉସୀ ବିବିଡି ବାଗ ଶ୍ରୀ ଶ୍ରୀ ଜଗନ୍ନାଥ ସେବା ସମିତି ପକ୍ଷରୁ ମନ୍ଦିର ପ୍ରାଙ୍ଗଣରେ ଶନିବାର ଆୟିଜିତ ହୋଇଯାଇଛି ପାଂଚଦିନବ୍ୟାପୀ ହରିବଂଶ ପାଠ। ଏହି ଅବସରରେ ପ୍ରତ୍ୟହ ହୋମ, ଯଜ୍ଞ ସହ ହରିବଂଶ ପାଠ ସହ ଭଜନ କୀର୍ତ୍ତନ କରାଯାଉଛି। ପାଞ୍ଚଦିନବ୍ୟାପୀ ଅନୁଷ୍ଠିତ ଏହି ଉତ୍ସବ ଆଗାମୀ ୫ ତାରିଖ ବୁଧବାର କାର୍ତ୍ତୀକ ପୂର୍ଣ୍ଣିମା ଦିନ ସମ୍ପନ୍ନ ହେବ। କାର୍ତ୍ତୀକ ପୂର୍ଣ୍ଣିମା ଦିନ ଲକ୍ଷ୍ମୀନାରାୟଣ ବିବାହ, ପୂର୍ଣ୍ଣାହୁତି ଓ ମହାଆଳତୀ ମାଧ୍ୟମରେ ପୂଜାର୍ଚ୍ଚନା ସହ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନଏର ବ୍ୟବସ୍ଥା କରାଯାଇଛି। ଜଗନ୍ନାଥ ମନ୍ଦିରର ପୂଜକ ସୁଶାନ୍ତ କୁମାର ଦାଶ ପୂଜାର୍ଚ୍ଚନା କରୁଥିବା ବେଳେ ଭାଗବତ ଗୀତା ଓ ଜଗନ୍ନାଥ ସଂସ୍କୃତି ଉପରେ ପ୍ରବଚକମାନେ ପ୍ରବଚନ ଦେଉଛନ୍ତି। କାର୍ଯ୍ୟକ୍ରମକୁ ଶ୍ରୀ ଶ୍ରୀ ଜଗନ୍ନାଥ ସେବା ସମିତିର ସମସ୍ତ ସଦସ୍ୟ ବୃନ୍ଦ ପରିଚାଳନା କରୁଛନ୍ତି।

## ଶରତ ସଦନରେ ଆଧୁନିକତା ଏବଂ ସୁବର୍ଣ୍ଣ ଯୁଗକୁ ଏକାଠି କଲା ସଞ୍ଜୟ ଏବଂ ଝୁମକି ସେନଙ୍କ ଗୀତ

କୋଲକାତା, ୨।୧୧(ସଂଚାର ବ୍ୟୁରୋ): 'ଆମାର ଗାନେଇ ପାବେ ଆମାୟ' ନାମକ ଏକ ସଙ୍ଗୀତ ପରିବେଷଣ। ମ୍ୟୁଜିକ୍ ଫିଭର ଦ୍ୱାରା ଆୟୋଜିତ ଏହି ସଙ୍ଗୀତ ପରିବେଷଣରେ ଦୁଇ କଳାକାର, ସଞ୍ଜୟ ଚାଟାର୍ଜୀ ଏବଂ ଝୁମକି ସେନ୍ ସେମାନଙ୍କର ସ୍ୱରରେ ମଞ୍ଚକୁ ଆଲୋକିତ କରିଲେ। ଉଭୟ କଳାକାର ହାଓଡା ଶରତ ସଦନରେ ଦର୍ଶକଙ୍କୁ ସେମାନଙ୍କର ଗୀତରେ ମୋହିତ କରିଲେ। ସଂଗୀତଜ୍ଞ ସଞ୍ଜୟ ଚାଟାର୍ଜୀ ତାଙ୍କ ବଙ୍ଗଳା ଗୀତ ସହିତ ନୂତନ ପିଢ଼ିର ହୃଦୟକୁ ଛୁଇଁଛନ୍ତି। ସଞ୍ଜୟ ନିଜ ଶବ୍ଦ ଏବଂ ସ୍ୱରରେ ହିନ୍ଦି ଏବଂ ବଙ୍ଗାଳି ଗୀତ ସହିତ ଅନେକ ସୁମଧୁର ଗୀତ ପରିବେଷଣ କରିଥିଲେ। ଝୁମକି ସେନ୍ ଲତା, ଆଶା ଏବଂ ଆରତୀଙ୍କ ଲୋକପ୍ରିୟ ଗୀତ ମନେ ପକାଇ ଦେଇଥିଲେ। ତାଙ୍କ କଣ୍ଠସ୍ୱରରେ ଏକ ଚମତ୍କାର ଏବଂ ସ୍ପନ୍ଦନଶୀଳ ସ୍ୱର ଥିଲା। ମଞ୍ଚରେ ନୃତ୍ୟ ପ୍ରଦର୍ଶନ ଏକ ଆନନ୍ଦଦାୟକ ଥିଲାକୁ ଅଭୀର ସେନଗୁପ୍ତାଙ୍କ ଦ୍ୱାରା ହୋଷ୍ଟିଂ କାର୍ଯ୍ୟକ୍ରମରେ ଆଉ ଏକ ପରିମାଣ ଯୋଡିଥିଲା।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇନି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



## ଓଡ଼ିଶାରେ ୧,୮୭,୯୬୭ ମୋବାଇଲ ଗ୍ରାହକ ଯୋଡ଼ିହେଲେ

ଭୁବନେଶ୍ୱର, ୨।୧୧ ସେପ୍ଟେମ୍ବର ମାସରେ ଓଡ଼ିଶାରେ ୧ ଲକ୍ଷ ୮୭ ହଜାର ୯୬୭ ଜଣ ମୋବାଇଲ ଫୋନ ଗ୍ରାହକ ଯୋଡ଼ି ହୋଇଛନ୍ତି। ଅଗଷ୍ଟ ମାସରେ ରାଜ୍ୟରେ ମୋଟ ମୋବାଇଲ ଫୋନ ଗ୍ରାହକଙ୍କ ସଂଖ୍ୟା ୩ କୋଟି ୫୬ ଲକ୍ଷ ୩୪ ହଜାର ୧୨୬ ଥିବାବେଳେ ସେପ୍ଟେମ୍ବରରେ ଏମାନଙ୍କ ସଂଖ୍ୟା ୩ କୋଟି ୫୮ଲକ୍ଷ ୨୨ ହଜାର ୯୩କୁ ବୃଦ୍ଧି ପାଇଛି ବୋଲି ଭାରତୀୟ ଟେଲିକମ୍ ନିୟାମକ ଓ ବିକାଶ କର୍ତ୍ତୃପକ୍ଷ (ଟ୍ରାଇ) ତଥ୍ୟରୁ ଜଣାଯାଇଛି।

ଟ୍ରାଇ ତଥ୍ୟକୁ ବିଶ୍ଳେଷଣ କରିବାରୁ ଜଣାଯାଇଛି ଯେ ରାଜ୍ୟରେ ଚଳିତବର୍ଷ ସେପ୍ଟେମ୍ବର ମାସରେ ଦୁଇଟି କମ୍ପାନି ନୂଆ ଗ୍ରାହକ ଯୋଡ଼ିଥିବାବେଳେ ୨ଟିର ଗ୍ରାହକଙ୍କ ସଂଖ୍ୟା ହ୍ରାସ ପାଇଛି। ରାଜ୍ୟରେ ଯେଉଁ ଦୁଇ କମ୍ପାନି ମୋବାଇଲ ଫୋନ୍ ଗ୍ରାହକ ସେପ୍ଟେମ୍ବରରେ ଯୋଡ଼ିଛନ୍ତି ସେମାନଙ୍କ ମଧ୍ୟରେ ରିଲାଏନ୍ସ ଜିଓ ବହୁ ଆଗରେ ରହିଛି। ଏହି କମ୍ପାନି ୧ ଲକ୍ଷ ୯୬ ହଜାର ୪୫୯ ଗ୍ରାହକଙ୍କୁ ନିଜ ନେଟୱର୍କରେ ଯୋଡ଼ିଛି। ଫଳରେ ସେପ୍ଟେମ୍ବର ଶେଷ ସୁଦ୍ଧା ଓଡ଼ିଶାରେ ରିଲାଏନ୍ସ ଜିଓର ମୋବାଇଲ ଫୋନ ଗ୍ରାହକଙ୍କ ସଂଖ୍ୟା ୧ କୋଟି ୬୭ ଲକ୍ଷ ୬୫ ହଜାର ୯୧୬ରେ ପହଞ୍ଚିଛି। ସେହିଭଳି ଭୋଡାଫୋନ ଆଇଡିଆ ସେପ୍ଟେମ୍ବର ମାସରେ ୭୨୮୦ ଜଣ ମୋବାଇଲ ଗ୍ରାହକଙ୍କୁ ନିଜ ନେଟୱର୍କରେ ସାମିଲ କରିବା ଦ୍ୱାରା ଏହାର ମୋଟ ଗ୍ରାହକ ସଂଖ୍ୟା ୧ କୋଟି ୪୭ ଲକ୍ଷ ୨ ହଜାର ୭୦୧ରେ ପହଞ୍ଚିଛି। ସେପ୍ଟେମ୍ବରରେ ଉପରୋକ୍ତ ଦୁଇଟି କମ୍ପାନିର ମୋବାଇଲ ଗ୍ରାହକ ବଢ଼ିଥିବାବେଳେ ଅନ୍ୟ ଦୁଇ କମ୍ପାନି ବିଏସ୍‌ଏନ୍‌ଏଲ୍ ଏବଂ ଭାରତୀ ଏୟାରଟେଲର ଗ୍ରାହକ ସଂଖ୍ୟା ହ୍ରାସ ପାଇଛି। ଟ୍ରାଇ ସୂଚନା ଅନୁଯାୟୀ ଭାରତୀ ଏୟାରଟେଲର ୮୧୭୬ ଜଣ ମୋବାଇଲ ଫୋନ ଗ୍ରାହକ କମିଛନ୍ତି। ଏହାଦ୍ୱାରା ରାଜ୍ୟରେ ଏହାର ମୋଟ ଗ୍ରାହକ ସଂଖ୍ୟା ୧ କୋଟି ୨୦ ଲକ୍ଷ ୩୩ ହଜାର ୪କୁ ହ୍ରାସ ପାଇଛି। ସେହିଭଳି ବିଏସ୍‌ଏନ୍‌ଏଲ୍‌ର ମୋବାଇଲ ଫୋନ ଗ୍ରାହକ ସଂଖ୍ୟା ୮୨୯୬ କମିବା ଫଳରେ ଏହାର ମୋଟ ମୋବାଇଲ ଫୋନ ଗ୍ରାହକ ସଂଖ୍ୟା ୫୫ ଲକ୍ଷ ୫୦ ହଜାର ୪୭୨କୁ ହ୍ରାସ ପାଇଛି।




## ବ୍ୟାଙ୍କ ଅଫ୍ ବରୋଦାର ନିଟ୍ ଲାଭ ୪୮୦୯ କୋଟି

ଭୁବନେଶ୍ୱର,୨।୧୧: ୨୦୨୫-୨୬ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସରେ ବ୍ୟାଙ୍କ ଅଫ୍ ବରୋଦାର ନିଟ୍ ଲାଭ ୫.୯ % ବୃଦ୍ଧି ପାଇ ୪୮୦୯ କୋଟି ଟଙ୍କା ହୋଇଛି । ୨୦୨୫ ସେପ୍ଟେମ୍ବର ୩୦ ସୁଦ୍ଧା ଅର୍ଦ୍ଧବାର୍ଷିକରେ ବ୍ୟାଙ୍କର ନିଟ୍ ଲାଭ ୯୩୫୧ କୋଟି ଟଙ୍କା ହୋଇଛି । ସେହିପରି, ବ୍ୟାଙ୍କର ପରିଚାଳନା ଲାଭ ଦ୍ୱିତୀୟ ତ୍ରୈମାସରେ ୭,୫୭୬ କୋଟି ଟଙ୍କା ଓ ଅର୍ଦ୍ଧବାର୍ଷିକରେ ୧୫,୮୧୨ କୋଟି ଟଙ୍କା ହୋଇଛି। ଦ୍ୱିତୀୟ ତ୍ରୈମାସରେ ବ୍ୟାଙ୍କର ନିଟ୍ ସୁଧ ଆୟ ୪.୫୫ % ବୃଦ୍ଧି ପାଇ ୧୧,୯୫୪ କୋଟି ଓ ଅର୍ଦ୍ଧବାର୍ଷିକରେ ତାହା ୨୩,୩୮୮ କୋଟି ଟଙ୍କା ରହିଛି। ଦ୍ୱିତୀୟ ତ୍ରୈମାସରେ ବ୍ୟାଙ୍କର ମୋଟ୍ ଏନ୍‌ପିଏ ୨.୧୬ % ଓ ନିଟ୍ ଏନ୍‌ପିଏ ୦.୫୭% ରହିଛି। ବ୍ୟାଙ୍କ ଅଫ୍ ବରୋଦାର ମୋଟ୍ ଘରୋଇ ଅଗ୍ରିମ ୧୧.୫% ବୃଦ୍ଧି ପାଇ ୧୦,୪୬,୫୦୬ କୋଟି ଟଙ୍କା ଏବଂ ବିଶ୍ୱସ୍ତରୀୟ ଅଗ୍ରିମ ୧୧.୯% ବୃଦ୍ଧି ପାଇ ୧୨,୭୮,୮୪୭ କୋଟି ଟଙ୍କା ହୋଇଛି। ଘରୋଇ ଜମା ପରିମାଣ ୯.୭% ବୃଦ୍ଧି ସହ ୧୨,୭୧,୯୯୨ କୋଟି ଟଙ୍କା ଏବଂ ବିଶ୍ୱସ୍ତରୀୟ ଜମା ପରିମାଣ ୯.୩ % ବୃଦ୍ଧି ପାଇ ୧୫,୦୦,୦୧୨ କୋଟି ଟଙ୍କା ରହିଛି।

● ପାତାଳୀ କ୍ଷେତ୍ରରେ ବଡ଼ ଏକାଦଶୀ

## ଲକ୍ଷ୍ମୀ ନାରାୟଣ ଓ ବାଙ୍କଚୂଡ଼ା ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ



**ସୁବର୍ଣ୍ଣପୁର,୨।୧୧(ସଂଚାର ବ୍ୟୁରୋ):** ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଦ୍ୟ ଲୀଳାକ୍ଷେତ୍ର ପାତାଳୀ ଶ୍ରୀକ୍ଷେତ୍ର କୋଟସମଲାଇ ଠାରେ ପବିତ୍ର କାର୍ତ୍ତିକ ପଞ୍ଚୁକ ଉତ୍ସବ ଦେବୋତ୍ଥାନ ଏକାଦଶୀ ରୁ ଆରମ୍ଭ ହୋଇଯାଇଛି। ଏ ଅବସରରେ ଭୋର୍ ୫.୦୦ ଘ. ରେ ଦ୍ୱାର ଫିଟା, ମଙ୍ଗଳ ଆଳତୀ, ସୂର୍ଯ୍ୟ ପୂଜା, ଖେଚୁଡ଼ି ଭୋଗ ଆଦି ପୂଜାନୀତି ପରେ ଶ୍ରୀଜିଉମାନଙ୍କ ଲକ୍ଷ୍ମୀନାରାୟଣ ଓ ବାଙ୍କଚୁଡ଼ା ବେଶ ଅନୁଷ୍ଠିତ ହୋଇଥିଲା। ଆଜି ଏ ପବିତ୍ର ତିଥିରେ ସୁବର୍ଣ୍ଣପୁର ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକଙ୍କ ସପରିବାର ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ପାଇଁ ବହୁ ସଂଖ୍ୟାରେ ଭକ୍ତ ଦର୍ଶନାର୍ଥୀଙ୍କ ସମାଗମ ହୋଇଥିଲା। ଗୁଣାକର ପଣ୍ଡା ଓ ଜଗନ୍ନାଥ ହୋତା ବେଶ ଓ ପୂଜା ନୀତି ସଂପାଦନ କରିଥିଲେ।

### ସରୁନି ଜମି ଅଧିଗ୍ରହଣ ପ୍ରକ୍ରିୟା, କାମରେ ଆସୁନି ସେତୁ

# ସେତୁକୁ ନାହିଁ ସଂଯୋଗୀକରଣ ରାସ୍ତା

**ବିଞ୍ଝାରପୁର,୨।୧୧(ସଂଚାର ବ୍ୟୁରୋ):** ନଦୀ ଉପରେ ସେତୁ ନିର୍ମାଣ ହୋଇଛି ସତ କିନ୍ତୁ ଗମନା ଗମନର ସୁବିଧା ନାହିଁ। ଦୁଇ ଦୁଇଟି ଜିଲ୍ଲାର ସଂଯୋଗୀକରଣ ସେତୁର ବ୍ୟବହାର ପାଇଁ ପ୍ରତିବନ୍ଧକ ସାଜିଛି ଜମି ଅଧିଗ୍ରହଣ ପ୍ରକ୍ରିୟା। ବିଭାଗୀୟ ଅଧିକାରୀଙ୍କ ମନ୍ଥର ଗତିରେ କାର୍ଯ୍ୟ ସେତୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ। ଡଙ୍ଗା ସାଜିଛି ଦୁଇଟି ଜିଲ୍ଲାର ସଂଯୋଗୀକରଣ ମାଧ୍ୟମ। ଯାଜପୁର ଜିଲ୍ଲା ବରୀ ବ୍ଲକ ର ପଣ୍ଡୁଆ ନଦୀ ଉପରେ ଦୁଇଟି ଜିଲ୍ଲା ଯାଜପୁର କେନ୍ଦ୍ରାପଡାର ସଂଯୋଗ ପାଇଁ ଏକ ସୁଉଚ୍ଚ ସେତୁ ନିର୍ମାଣ ପାଇଁ ୨୦୧୮-୧୯ ଆର୍ଥିକ ବର୍ଷରେ ୨୬ କୋଟି ଟଙ୍କାର ବ୍ୟୟ ବରାଦ ହୋଇଥଲା। ଗମନା ଗମନର ସୁବିଧା ପାଇଁ କଳାମାଟିଆ ବିଞ୍ଝାରପୁର ରାସ୍ତାର ପଣ୍ଡୁଆ ନଦୀ ଉପରେ ଏହି ସେତୁର



ନିର୍ମାଣ ପାଇଁ ଶିଳାନ୍ୟାସ କରାଇଥିଲେ ତତ୍କାଳୀନ ବିଧାୟକ ଦେବାଶିଷ ନାୟକ। କିନ୍ତୁ ଏପର୍ଯ୍ୟନ୍ତ ସେତୁ ନିର୍ମାଣ ର ସୁବିଧା ଅଞ୍ଚଳବାସୀଙ୍କ ପାଖରେ ପହଞ୍ଚି ପାରିଲା ନାହିଁ। ବିଧାୟକ ପରିବର୍ତ୍ତନ ହେଲେ ସରକାର ବି ପରିବର୍ତ୍ତନ ହେଲା କିନ୍ତୁ ବ୍ୟବସ୍ଥା ଯେଉଁ ଧିମା କୁ ସେହି ଧିମାରେ ରହିଗଲା। ପ୍ରଥମତଃ ସେତୁ ନିର୍ମାଣ ବିଳମ୍ବ ହେଲା ଆଉ ଏବେ ସଂପୂର୍ଣ୍ଣ ପରେ ବି ସେତୁକୁ ଯିବାକୁ ବାଟ ଓଗାଳିଚି ଜମି ଅଧିଗ୍ରହଣ ପ୍ରକ୍ରିୟା। ୨୬ କୋଟି ପରିବର୍ତ୍ତେ ୫୪ କୋଟିରେ ନିର୍ମିତ ଏହି ସେତୁ ଏବେ ଅଞ୍ଚଳ ବାସୀଙ୍କ ଦୁଃଖର କାରଣ। କେନ୍ଦ୍ରାପଡ଼ା ଏବଂ ଯାଜପୁର ଜିଲ୍ଲାର ବିଞ୍ଝାରପୁର, ବରୀ, ଆଳୀ, ପଟ୍ଟାମୁଣ୍ଡେଇ, କେନ୍ଦ୍ରାପଡ଼ା ବ୍ଲକ୍ ର ହଜାର ହଜାର ଲୋକ ଏହି ସେତୁ ପାଇଁ ଉପକୃତ ହେବା କଥା। କିନ୍ତୁ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ମନ୍ଥର ଗତିରେ ରଖି ଲୋକମାନଙ୍କୁ ଅସୁବିଧାରେ ଠେଲି ଦେଇଛି ପୂର୍ତ୍ତ ବିଭାଗ। ସେତୁ କାର୍ଯ୍ୟ ସରିଛି କିନ୍ତୁ ଜମି ଅଧିଗ୍ରହଣ ହୋଇ ନଥିବାରୁ ସେତୁକୁ ସଂଯୋଗୀକରଣ ରାସ୍ତା ହେଇ ପାରୁ ନାହିଁ। ଯଦି ଏହି ସେତୁଟି କାର୍ଯ୍ୟରେ ଲାଗେ ତେବେ ବରୀ ବ୍ଲକର ଅଂଗାଳ, ମଧୁସୂଦନ ପୁର ପଞ୍ଚାୟତର ନିଜ ବ୍ଲକ କାର୍ଯ୍ୟାଳୟ କୁ ଯିବା ଆସିବା ମଧ୍ୟ ସୁବିଧା ହେବ। ସେତୁ ପାଇଁ ଲୋକେ ଡଙ୍ଗାରେ ବିପଦ ଜନକ ଭାବରେ ପାରି ହେଉଛନ୍ତି। ମୁଖ୍ୟ କଥା ଏହିକି ପୂର୍ବତନ ବିଧାୟିକା ସୁନନ୍ଦା ଦାସଙ୍କ ନିଜ ପଞ୍ଚାୟତକୁ ଦୁଇ ଭାଗ କରୁଛି ଏହି ନଦୀ। କିନ୍ତୁ ସ୍ୱୟଂ ସୁନନ୍ଦା ଦାସ ନିଜେ ୫ ବର୍ଷ ବିଧାୟିକା ରହିବା ପରେ ମଧ୍ୟ ଅଞ୍ଚଳବାସୀଙ୍କ ଦୁଃଖ ଦୂର କରି ପାରିଲେ ନାହିଁ ବୋଲି ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା ପ୍ରଭାସ କୁମାର ସାମଲ। ତେବେ ଏନେଇ ମୁଖ୍ୟମନ୍ତ୍ରୀ ଙ୍କ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ ଉଭୟ ଜିଲ୍ଲାର ଲୋକେ। ଅଭିଯୋଗର ସମାଧାନ ମୂଳକ ଉତ୍ତର ଦେବାକୁ ଯାଇ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଆୟୁଧ କରି ଉତ୍ତର ଦେବା ସହିତ ପୂର୍ତ୍ତ ବିଭାଗ ଚୁପ୍ ବସିଥିବା ଅଭିଯୋଗ ହୋଇଛି।ଯଦି ଆଗାମୀ ଦିନର ସମସ୍ୟାର ସମାଧାନ ନହୁଏ ତେବେ ପଣ୍ଡୁଆ ନଦୀ ପାଖରେ ଆମରଣ ଅନଶନର ଚେତାବନୀ ଦେଇଛନ୍ତି ସ୍ଥାନୀୟ ବାସିନ୍ଦା।

## କାଳାସୀ ଯାତ୍ରା ଉପଲକ୍ଷେ ଜଳନ୍ଧର ଦରବାର ଉଦ୍‌ଘାଟିତ

**ସୁବର୍ଣ୍ଣପୁର,୨।୧୧(ସଂଚାର ବ୍ୟୁରୋ):** ସୋନପୁର ସହର ନିକଟସ୍ଥ ଜନମୁରା ପଞ୍ଚାୟତ ବଡଝିଙ୍କି ଗ୍ରାମଠାରେ କଳାସି ଯାତ୍ରା ଉପଲକ୍ଷେ ଜଳନ୍ଧର ଦରବାର ଉଦଘାଟିତ ହୋଇଯାଇଛି । ଅଁଳା ନବମୀ ଠାରୁ କାଳାସୀ ଯାତ୍ରା ଆରମ୍ଭ ହୋଇ ଥାଏ ଗ୍ରାମଦେବୀ ଠାରୁ ଦଶମୀ ତିଥିରେ ସୋନପୁର ସହରରେ ସୋମନାଥ ଶିବ ମନ୍ଦିରକୁ କଳସ ବୁଢାଇ ଯାତ୍ରା ଆରମ୍ଭ ହୋଇଥାଏ । ଏହା ୧ ରୁ ୫ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଜଳନ୍ଧର ଦରବାର, ସାଂସ୍କୃତିକ କାର୍ଯ୍ୟକ୍ରମ, ମୀନା ବଜାର ପ୍ରତ୍ୟେକ ଦିନ ହେବ ।ଏହି ଉତ୍ସବକୁ ଜନମୁରା ପଞ୍ଚାୟତର ସମିତି ସଭ୍ୟ ତଥା ସମାଜସେବୀ -ଅରବିନ୍ଦ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ବଳଦେବ ପ୍ରସାଦ ବେଦବାକ, ସୁବ୍ରତ ସେଠୀ, ଶରତ ମହାପାତ୍ର, ଶରତ ନନ୍ଦ, ନିଶାନ୍ତ ମହାନ୍ତି ଉପସ୍ଥିତ ଥିଲେ। ଜଳନ୍ଧର ଦରବାର କୁ ଗ୍ରାମର ଯୁବକ ମାନେ ସହଯୋଗ କରିବା ସହ ଯାତ୍ରା କୁ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

## ଭାରୀଯାନ ପାଇଁ ଭାଙ୍ଗିଲା ଶଙ୍ଖପୋଲ ?

**ଫିରିଙ୍ଗିଆ,୨।୧୧(ସଂଚାର ବ୍ୟୁରୋ):** ନଳକୂଅ ଗାଡ଼ି ରାସ୍ତାରେ ଯାଉଥିବା ବେଳେ ଏକ ଶଙ୍ଖପୋଲ ଭାଙ୍ଗି ଯିବାରୁ ଅଟକି ରହିଲା, ନଳକୂପ ଗାଡ଼ି ଚାଳକ ଧ୍ୟାନର ସହିତ ନଜର ରଖିବାରୁ ଗାଡ଼ିର କୌଣସି ଅସୁବିଧା ହୋଇନାହିଁ। ନୂତନ ନଳକୂଅ ଖନନ କରିବାକୁ ଯିବା ସମୟରେ ଭାଙ୍ଗି ଗଲା ଗାଡ଼ାମାହା ନାଳର ଶଙ୍ଖ ପୋଲ, ହଁ ଆଜ୍ଞା କାକ୍ରିକେଟା ନାଳର ଶଙ୍ଖ ପୋଲ ଅସମ୍ଭାଳ ହୋଇ ଭାଙ୍ଗି ଗଲା। ଯାହା ଫଳରେ ଗମନାଗମନ କରିବା ପାଇଁ ଜନସାଧାରଣ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତି ଏକ ଅଭାବନୀୟ ଘଟଣା ଘଟିଛି କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକର ସାର୍ତ୍ତୁଳ ପଞ୍ଚାୟତ ଅନ୍ତର୍ଗତ ଆଡ଼ିପଦର ଗ୍ରାମରେ। କାକ୍ରିକେଟା ନାଳ ଶଙ୍ଖପୋଲ ଠାରେ ଏହି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି।



ଉପାନ୍ତ ଅଞ୍ଚଳ ବୋଲି ସୂଚନା ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପ୍ରଶାସନ କିମ୍ବା ପ୍ରତିନିଧି ଜାଣିଶୁଣି ଆସିନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଏହି ରାସ୍ତା ନିର୍ମାଣ ହୋଇଥିଲେ ସୁଧା ଠିକ ଭାବରେ କାର୍ଯ୍ୟରତ ହୋଇ ନାହିଁ ଏବଂ ଗାଡାମାହା ନାଳ ଦେଇ ବର୍ଷା ଦିନରେ ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟକୁ ଯାଉଛନ୍ତି ବୋଲି ଅଞ୍ଚଳବାସୀ କହୁଛନ୍ତି। ସରକାରଙ୍କୁ ଗୁହାରି କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ ବୋଲି ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ଗାଡାମାହା ନାଳ ଶଙ୍ଖପୋଲ ନିର୍ମାଣ ଏବଂ ରାସ୍ତା ମରାମତି କରିବା ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି।

## ସାଇବର ସୁରକ୍ଷା ସଚେତନତା ଅଭିଯାନ



**ଆଗଲପୁର,୨।୧୧(ସଂଚାର ବ୍ୟୁରୋ):** ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋତରେ ଆଗଲପୁର ଥାନା ତରଫରୁ ଏକ ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଗଲପୁରର ତହସିଲଦାର ନବୀନ କୁମାର ପାଢ଼ୀ ମୁଖ୍ୟ ଅତିଥି, ବଲାଙ୍ଗୀର ସାଇବର ଥାନାର ଆଇ.ଆଇ.ସି. ଭାରତୀ ନାୟକ ମୁଖ୍ୟବକ୍ତା, ଆଗଲପୁର ଥାନାର ଆଇ.ଆଇ.ସି ବାସୁଦେବ ଭୋଇ, ଏସ୍.ଆଇ. ସୁଚିସ୍ମିତା ଜେନା, ଅତିରିକ୍ତ ତହସିଲଦାର ଫାଲଗୁନି ଶବର, ଇଂରାଜୀ ଅଧ୍ୟାପକ ଆର୍ଯ୍ୟେନ୍ଦୁ ମେହେର ପ୍ରଭୃତି ସମ୍ମାନୀତ ଅତିଥି ଭାବରେ ମଞ୍ଚାସୀନ ଥାଇ ସଚେତନ ହେଲେ ହିଁ ସାଇବର ରାକ୍ଷସକୁ ଜୟ କରି ପାରିବା ବୋଲି ବକ୍ତବ୍ୟ ରଖିଥିଲେ। ଏଥିରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଏନ.ଏସ୍.ଏସ୍, ଯୁବ ରେଡକ୍ରସ, ଏନ.ସି.ସି.ର ସ୍ୱେଚ୍ଛାସେବୀ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ସମେତ ଅଞ୍ଚଳର ବିଭିନ୍ନ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ, ଜାଗୃତି ବିଦ୍ୟାପୀଠ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମାହେଶ୍ୱରୀ ସଂଗଠନ, ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ପ୍ରଭୃତିର ସଦସ୍ୟମାନେ ଯୋଗଦାନ କରିଥିଲେ।

## କୋରେଇ ବିଧାୟକ ନଦୀ କୁଳିଆବାସୀଙ୍କ ସ୍ୱପ୍ନକୁ କଲେ ପୂରଣ

**ଯାଜପୁର ରୋଡ଼,୨।୧୧( ସଂଚାର ବ୍ୟୁରୋ):** କୋରେଇ ବ୍ଲକ ଅର୍ନ୍ତଗତ ମୁଳାପାଳ ଗ୍ରାମ ପଞ୍ଚାୟତ ଆଖୁଆପଦା ବ୍ରିଜ ଠାରୁ ସରସଦା ପର୍ଯ୍ୟନ୍ତ ମାନ୍ୟବର ବିଧାୟକ ଆକାଶ ଦାସ ନାୟକ'ଙ୍କୁ କୋରେଇର ହଜାର ହଜାର ବିଜେପି କର୍ମୀମାନେ ଏକ ବିରାଟ ବାଇକ ଶୋଭାଯାତ୍ରା ରେ ପାଛୋଟି ନେଇ ଭବ୍ୟ ସମ୍ବର୍ଦ୍ଧନା ଦେବା ସହ



ବିଧାୟକ'ଙ୍କ ଦ୍ୱାରା ୩୭କୋଟି ଟଙ୍କା ବେୟ ଅଟକଳରେ ନିର୍ମାଣ କରାଯିବାକୁ ଥିବା ବିଭିନ୍ନ ପକଳ୍ପର ଶିଳାନ୍ୟାସ କରାଯାଇଥିଲା। ପୂର୍ତ୍ତବିଭାଗ ତରଫରୁ ଅନୁମୋଦିତ ହୋଇଥିବା ବରୁଣ୍ଡେଇ, ରୁ ବନ୍ଧାଳୋ, ସରସଦା, ରୁ ବନ୍ଧାଳୋ, ଖିରୋ ଠାରୁ ସରସଦା, ବେଲଗାଡ଼ିଆ ଠାରୁ ଧନତ୍ରୀ, ପ୍ରମୁଖ ରାସ୍ତାର ଉର୍ନତି କରଣ ନିମନ୍ତେ ଶିଳ୍ୟାନ୍ୟାସ କରାଯାଇଥିଲା। ଏହି ରାସ୍ତାର ଉର୍ନତି କରଣ ହେବା ଦ୍ୱାରା କରଦା, ମୁଳାପାଳ, ବନ୍ଧାଳୋ, ଅମ୍ବରୁଡ଼ିଆ ଗ୍ରାମପଞ୍ଚାୟତର ନଦୀକୁଳିଆ ଲୋକମାନଙ୍କର ଦୀର୍ଘ ଦିନ ଧରି ରହିଥିବା ବନ୍ୟାର ଦୁଃଖ ଦୂର ହୋଇଯିବ ବୋଲି ବିଧାୟକ ସୂଚନା ଦେଇଥିଲେ। ଅଞ୍ଚଳବାସିଙ୍କ ଦୀର୍ଘ ଦିନର ସ୍ୱପ୍ନକୁ ପୂରଣ କରିଥିବାରୁ ବିଧାୟକଙ୍କୁ ଅଞ୍ଚଳବାସୀ ବିଧାୟକଙ୍କୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗର ସମସ୍ତ କର୍ମଚାରୀଙ୍କ ସମେତ ବିଜେପିର ଟାଣୁଆ ନେତା ପ୍ରକାଶ ଧଳ, ରବି ବେହେରା, ଏସକେ ଜହର ଅଲି, ସତ୍ୟାନନ୍ଦ ମହାପାତ୍ର, ପ୍ରମୋଦ ସାହୁ, ଧନେଶ୍ୱର ବାରିକ, ପ୍ରୀତିରଞ୍ଜନ ସାହୁ, ଦିପ୍ତିମୟୀ କୁଅଁର, ରୁନୁ ଭୂୟାଁ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଠିକା ସିକ୍ୟୁରିଟି ସଂସ୍ଥାର ମନମୁଖୀ

## ୭ ମାସ ହେଲା ଦରମା ପାଇନାହାଁନ୍ତି ସିକ୍ୟୁରିଟି ଗାର୍ଡ

**ବୋରିଗୁମ୍ମା,୨।୧୧(ସଂଚାର ବ୍ୟୁରୋ):** ଇନ୍ଦ୍ରାବତୀ ନଦୀବନ୍ଧ ପ୍ରକଳ୍ପ ଅଧୀନରେ ଥିବା ମୁରାନ ଡେମ ଡିଭିଜନ ରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ ମାନଙ୍କୁ ମିଳୁନି ନିୟମିତ ମାସିକ ଦରମା। ଠିକା ସିକ୍ୟୁରିଟି ସଂସ୍ଥା ମଞ୍ଜୁ ସର୍ଭିସ କୁ ଦାବି ଜଣାଇଲେ ମିଳୁଛି ଚାକିରି ରୁ ବିଦା କରିବା ଧମକ। କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ ମାନଙ୍କୁ ଧମକ ଦେଉଛି ଠିକା ନେଇଥିବା ମଞ୍ଜୁ ସର୍ଭିସ୍ ନାମକ ଏକ ଠିକା ସଂସ୍ଥା। ଧମକ ଦେବା ସହିତ କାର୍ଯ୍ୟାନୁଷ୍ଠାନ ବି ଗ୍ରହଣ କରିଛି ଠିକା ସଂସ୍ଥା। ଏହି ଭଳି ମନମୁଖୀ କାର୍ଯ୍ୟ କୁ ବିରୋଧ ପ୍ରଦର୍ଶନ କରିଛନ୍ତି କୋରାପୁଟ ଜିଲ୍ଲାର ମୁରାନ ଡେମ୍ କୁ ଦିନ ରାତି ସୁରକ୍ଷା ଦେଉଥିବା ସୁରକ୍ଷା କର୍ମୀ। କୋରାପୁଟ - ନବରଙ୍ଗପୁର - କଳାହାଣ୍ଡି ତିନି ଜିଲ୍ଲାରେ ଅବସ୍ଥିତ ଇନ୍ଦ୍ରାବତୀ ନଦୀବନ୍ଧ ପ୍ରକଳ୍ପ ଅଧୀନରେ ଇନ୍ଦ୍ରାବତୀ, ପୋଡା ଗଡ଼, କପୁର, ମୁରାନ ଡେମ ଡିଭିଜନ, ମୁଖିଗୁଡା ରେ ସୁରକ୍ଷା କର୍ମୀ ଭାବରେ ନିୟୋଜିତ ଅଛନ୍ତି ସହ ସହ ବିସ୍ଥାପିତ ପରିବାର ସଦସ୍ୟ। ଜୀବନ ଜୀବିକା ହରାଇ ଇନ୍ଦ୍ରାବତୀ ବିସ୍ଥାପିତ



ଭାବେ ନିଜର ଭିଟା ମାଟି ହରାଇ ଅସ୍ଥାୟୀ ସୁରକ୍ଷା କର୍ମୀ ଭାବରେ ଦୀର୍ଘ ୨୫ ବର୍ଷ ହେବ କମ ଦରମା ରେ ପରିବାର ପ୍ରତି ପୋଷଣ କରୁଛନ୍ତି। ପ୍ରକଳ୍ପ ନିର୍ମାଣ ହେବା ଦିନ ଠାରୁ ବିଭିନ୍ନ ଠିକା ସଂସ୍ଥା ଅଧୀନରେ ଏମାନେ କାର୍ଯ୍ୟ କରି ଆସୁଛନ୍ତି। କିନ୍ତୁ ଗତ ବର୍ଷ ଠାରୁ ଦେଖା ଦେଇଛି ଘୋର ସମସ୍ୟା।ପୂର୍ବରୁ ମା ତାରିଣୀ ସିକୁରିଟି ଠିକା ସଂସ୍ଥା ଗୋଟିଏ ମାସ ର ଦରମା ନ ଦେଇ ଚାଲି ଯାଇଥିବା ବେଳେ ଏବେ ଦୁଇଟି ଠିକା ସଂସ୍ଥା କାର୍ଯ୍ୟ କରୁଛନ୍ତି। ଏମ ପି ସିକ୍ୟୁରିଟି ଓ ମଞ୍ଜୁ ସିକ୍ୟୁରିଟି ସର୍ଭିସ୍ ନାମକ ଠିକା ସଂସ୍ଥା। ଦୀର୍ଘ ନଅ ମାସ ର ଦରମା ଦେଇ ନାହାନ୍ତି।

## ବାପାଙ୍କ ନିର୍ଯାତନା ଅସହ୍ୟ: ଥାନାର ଦ୍ୱାରସ୍ଥ ନାବାଳିକା

**ବାଲିଆପାଳ,୨।୧୧(ସଂଚାର ବ୍ୟୁରୋ):** ବାଲିଆପାଳ ଥାନା ଅନ୍ତର୍ଗତ ଯମୁନାଶୂଳ ଗ୍ରାମର ଜନୈକା ନାବାଳିକାଙ୍କୁ ନିଜ ଜନ୍ମ କଲା ବାପା ଟଙ୍କା ଲୋଭରେ ଝିଅର ଅନିଚ୍ଛା ସତ୍ତ୍ୱେ ଜୋର ଜବରଦସ୍ତ ବିବାହ କରିଦେବା ଏବଂ ଝିଅ ରାଜି ନହେବାରୁ ଅକଥନୀୟ ନିର୍ଯାତନା ଦେବା ଘଟଣା ଏବେ ଚର୍ଚ୍ଚା ବିଷୟ ପାଲଟିଛି। ସୁଚନାରୁ ପ୍ରକାଶ ଜନୈକା ଝିଅର ମା କିଛି ବର୍ଷ ପୂର୍ବେ ଆରପାରିକୁ ଚାଲିଗଲା ପରେ ବାପା ଗୋଟାଏ ପରେ ଗୋଟିଏ ବିବାହ କରି ବହୁ ଋଣ ଗ୍ରସ୍ତ ରହିଛନ୍ତି। ତେଣୁ ଅର୍ଥ ଲୋଭରେ ସେ ଝିଅକୁ ଅନ୍ୟକୁ ବିବାହ କରିଦେବା ପାଇଁ ଚେଷ୍ଟା କରୁଥିଲେ। ଝିଅ ଭୟଭୀତ ହୋଇ ସେହି ଗ୍ରାମରେ ଥିବା ଅଜା, ଆଇଙ୍କ ଘରେ ଆଶ୍ରୟ ନେଇଥିଲେ। ମାତ୍ର ପିଶାଚ ବାପା ସେଠାରେ ଗୁଣ୍ଡା ଲଗାଇ ଅଜା ଆଇଙ୍କୁ ମାରି ଲହୁଲୁହାଣ କରିବା ପରେ ଅଜା, ଆଇ ଏବଂ ଝିଅ ବାଲିଆପାଳ ଥାନାରେ ୨୩ ତାରିଖରେ ବାପା ଙ୍କ ବିରୋଧ ରେ ଲିଖିତ ଅଭିଯୋଗ କରିଥିଲେ। ଝିଅ ଚଳିତ ବର୍ଷ ମେଟ୍ରିକ୍ ପରୀକ୍ଷା ଦେବା ପରେ ସେ ଉଚ୍ଚ ଶିକ୍ଷା ପାଇଁ ପାଠ ପଢିବ ବୋଲି ସରକାରଙ୍କୁ ଅଭିଯୋଗ ପତ୍ରରେ ମଧ୍ୟ ନିବେଦନ କରିଛନ୍ତି। ମାତ୍ର ଅଜା, ଆଇ ଏବଂ ନାବାଳିକା ଜଣକ ବାରମ୍ବାର ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୈଣସି ଫଳ ମିଳିନଥିଲା। ରବିବାର ସନ୍ଧ୍ୟାରେ ସୁଚନା ଅଧିକାର ସଂଘର ସଭାପତି ଅନୁଜ ମହାପାତ୍ର ଏବଂ ଗଣମାଧ୍ୟମର ପ୍ରତିନିଧିଙ୍କ ହସ୍ତକ୍ଷେପ ପରେ ରାତିରେ ନାବାଳିକାଙ୍କୁ ବାଲେଶ୍ୱର ସୁଧାର ଗୃହ କୁ ପଠାଯାଇଛି। ଏଠାରେ ପ୍ରଶ୍ନ ଉଠୁଛି ଏ ଘଟଣାକୁ ନଅ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କାହା ଚାପରେ ଚୁପ୍ ରହିଥିଲା। ଏଭଳି ବାପାଙ୍କ ବିରୋଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

## ସୁବର୍ଣ୍ଣରେଖା ବନ୍ଦର କଲ୍ୟାଣ କମିଟିର ବୈଠକ

**ବାଲିଆପାଳ,୨।୧୧( ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ସୁରଡିହା ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ରବିବାର ପୂର୍ବାହ୍ନରେ ସୁବର୍ଣ୍ଣରେଖା ବନ୍ଦର କଲ୍ୟାଣ କମିଟିର ସମ୍ପାଦିକା କଳ୍ପନା ଜେନାଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ର ସଭାପତି ଅବସରପ୍ରାପ୍ତ ବିଡିଓ ବାଜେଲ ମାଝୀ, କାର୍ଯ୍ୟକାରୀ ସଭାପତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର ନାଥ ହାଜିରା, ଅଜୟ କୁମାର ବେହେରା, ଯତିନ୍ଦ୍ର ନାଥ ପରିଡା, ଗଣେଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ କୌଣସି ଲୋକଙ୍କୁ ଉଦବାସ୍ତ ନକରି ସରକାରୀ ଜାଗାରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ସ୍ଥାନୀୟ ପିଲାଙ୍କୁ ଯୋଗ୍ୟତା ଭିତ୍ତିକ ନିଯୁକ୍ତି ପ୍ରଦାନ, ସହିତ ବିଭିନ୍ନ କ୍ଷେତ୍ରରେ ସ୍ଥାନୀୟ ଲୋକଙ୍କ ସହଯୋଗ ଲୋଡ଼ିବା ଇତ୍ୟାଦି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସଦସ୍ୟ ବଙ୍କିମ ଜେନା, ବିକ୍ରମ ବାଡ଼ି, ପର୍ଶୁରାମ ପାତ୍ର, କରୁଣା କର ପାତ୍ର, ଶିଶିର ଖଣ୍ଡା, ମଧୁସୂଦନ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

## ଥାନା ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ

**ଯାଜପୁରରୋଡ଼,୨।୧୧(ସଂଚାର ବ୍ୟୁରୋ):** ରାଜ୍ୟସରକାର ଓ ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଆଜି ଯାଜପୁର ରୋଡ ଥାନା ପକ୍ଷରୁ ଏସଡିପିଓ଼ ଲକ୍ଷ୍ମୀଧର ସ୍ୱାଇଁ ଓ ଆଇ.ଆଇ. ସି ଶ୍ରୀ ଆଶିଷ ସାହୁ'ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତତ୍ତ୍ୱାବଧାନରେ ଏକ ସାଇବର ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଆଇଆଇସି ଏବଂ ଥାନାର ଅନ୍ୟ ଅଧିକାରୀଙ୍କ ସମେତ କିଛି ସ୍ଥାନୀୟ ଯୁବକ ଓ଼ ଯୁବତୀ ମାନେ ସ୍ଥାନୀୟ ରାଜୀବଗାନ୍ଧୀ ଷ୍ଟାଡିଅମ ଠାରୁ ଏକ ସାଇକେଲ ଶୋଭାଯାତ୍ରା କରି ଲୋକମାନଙ୍କୁ ସାଇବର ସୁରକ୍ଷା ଅଭିଯାନ ଉପରେ ସଚେତନତା କରାଇବା ସହିତ ସହର ପରିକ୍ରମା କରିବା ପରେ ପରେ ଯାଜପୁର ରୋଡ଼ ଥାନା ନିକଟରେ ପହଞ୍ଚିଥିଲେ।

## ଗ୍ୟାସ ବୋଝେଇ ଟ୍ରକରେ ନିଆଁ



**ସୁବର୍ଣ୍ଣପୁର,୨।୧୧(ସଂଚାର ବ୍ୟୁରୋ):** ଏକ ଗ୍ୟାସ ବୋଝେଇ ଟ୍ରକରେ ଲାଗିଲା ନିଆଁ। ନିଆଁକୁ ଆୟତ୍ତ କଲା ଅଗ୍ନିଶମ ବିଭାଗ। ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା-ବୀରମହାରାଜପୁର ରାସ୍ତାର ଜଟେସିଂହା ହରିହରଯୋର ସେତୁ ନିକଟରେ ଘଟିଛି ଅଭାବନୀୟ ଘଟଣା। ସଂଧ୍ୟା ସମୟରେ ଇଣ୍ଡିଆନ୍ ଗ୍ୟାସ୍ ବୋଝେଇ ଟ୍ରକଟି ଡିପୋ ରୁ ମାଲ ନେଇ ବୀରମହାରାଜପୁର ଗ୍ୟାସ ପଏଣ୍ଟକୁ ଆଣୁଥିବାବେଳେ ଗାଡି ଇଂଜିନରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ସଙ୍ଗେସଙ୍ଗେ ଖବର ପାଇ ବୀରମହାରାଜପୁର ଅଗ୍ନିଶମ ବିଭାଗର ତିନୋଟି ଗାଡି ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିଶମ ବିଭାଗର କର୍ମଚାରୀ ଙ୍କ ଅକ୍ଳାନ୍ତ ପରିଶ୍ରମ ପରେ ନିଆଁ କୁ ଆୟତ୍ତ କରିବାରେ ସମର୍ଥ ହୋଇଥିଲେ। ଅଳ୍ପକେ ବର୍ତ୍ତି ଯାଇଥିଲା ଗ୍ୟାସ ଟାଙ୍କି ଗୁଡ଼ିକ କୌଣସି ଜନଜୀବନ ଙ୍କ କ୍ଷୟକ୍ଷତି ହୋଇନଥିବା ସୂଚନା ମିଳିଛି।

## ଭାଇଚାରା ଓ ନୂତନ ବନ୍ଧୁତ୍ୱ ସୃଷ୍ଟି କରିଥାଏ ବନ୍ଧୁମିଳନ: ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ



**ନୀଳଗିରି,୨।୧୧(ସଂଚାର ବ୍ୟୁରୋ):** ନୀଳଗିରି ଡାକବଙ୍ଗଳା ପରିସରରେ ରବିବାର ଦିବସବ୍ୟାପୀ ବିଜୟା ବନ୍ଧୁ ମିଳନ ସମାରୋହ ୨୦୨୫ ଧୁମଧାମରେ ପାଳିତ ହୋଇଯାଇଛି। ସମାରୋହର ଶେଷ ପର୍ଯ୍ୟାୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ମାନ୍ୟବର ଆଇନ୍ ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ଅସ୍ତ୍ର ପୂଜନ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏଭଳି ବିଜୟା ବନ୍ଧୁମିଳନ ସମାରୋହ ଭାଇଚାରା ଓ ନୂତନ ବନ୍ଧୁତ୍ୱ ସୃଷ୍ଟି କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପୃଥ୍ୱିରାଜ ହରିଚନ୍ଦନଙ୍କୁ ସମାରୋହ କମିଟି ତରଫରୁ ଉତ୍ତରିୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ସମାରୋହ କମିଟିର ସଭାପତି ତଥା କାଲେଶ୍ୱର ଏମ୍.ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ଅସତ୍ୟ, ଅନ୍ୟାୟ, ଦୁର୍ନୀତି, ବ୍ୟଭିଚାର ଭଳି ରାକ୍ଷସୀ ପ୍ରକୃତିକୁ ବିନାଶକରି ବିଶ୍ୱ ବନ୍ଧୁତ୍ୱର ଭାବନା ଜାଗ୍ରତ କରିବାର ସୌଭାଗ୍ୟ ଲାଭକରିବା ହେଉଛି ବିଜୟାବନ୍ଧୁ ମିଳନର ପ୍ରକୃତ ଉଦ୍ଦେଶ୍ୟ। ଦୀର୍ଘ ୧୩ ବର୍ଷ ଧରି ଏହି ବିଜୟକୁ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇ ଆସୁଅଛି।

● ବୋଇତ ବନ୍ଦାଣ ଯାତ୍ରା ଉତ୍ସବ ଦ୍ୱିତୀୟ ସନ୍ଧ୍ୟା

## ତାନସେନ ସିଂଙ୍କ ଗୀତରେ ଝୁମିଲେ ଦର୍ଶକ

**ନୟାଗଡ଼,୨।୧୧(ସଂଚାର ବ୍ୟୁରୋ):** ନୟାଗଡ଼ ପୁରୁଣା ସହର ମଣ୍ଡାବାଗନ୍ ପଡ଼ିଆରେ ୨୨ ତମ ବୋଇତ ବନ୍ଦାଣ ଯାତ୍ରା ଉତ୍ସବ ଦ୍ୱିତୀୟ ସଭାରେ ମୁଖ୍ୟ ଅତିଥି ଭାବେ କଳିଙ୍ଗ



ହସ୍ପିଟାଲ ଅଧ୍ୟକ୍ଷ ସୀତକଣ୍ଠ ଦାଶ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କଳିଙ୍ଗ ହସ୍ପିଟାଲ ସିଇଓ ଏସ ସନ୍ତୋଷ କୁମାର ଦୋରା, ଜିଲ୍ଲା ପରିଷଦ ସଦସ୍ୟ ସରୋଜ ରଣସିଂ ଓ ନୟାଗଡ଼ ପୌର ପରିଷଦର ସମସ୍ତ କାଉନସିଲର ଯୋଗ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଶିଳ୍ପିକା ଡାନ୍ସ ଗ୍ରୁପ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୟାଗଡ଼ ମାଟିର ସନ୍ତାନ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ତାନସେନ ସିଂ ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା। ତାନସେନ ସିଂଙ୍କ ସେହି ପୁରୁଣା ଗୀତ ଝୁମକା ଟିକେ ହଲେଇ ଦେ ଗୀତ ରେ ଝୁମିଥିଲେ ନୟାଗଡ଼ ସହରବସୀ। ମେଲୋଡି କାର୍ଯ୍ୟକ୍ରମକୁ ଦର୍ଶକ ଉପଭୋଗ କରିଥିଲେ। ବୋଇତ ବନ୍ଦାଣ ଯାତ୍ରାରେ ଛୋଟ ପିଲାଙ୍କ ପାଇଁ ଦୋଳି, ଟ୍ରେନ ବ୍ୟବସ୍ଥା ହୋଇଛି। ଅନେକ ଘର ଉପକରଣ ଦ୍ରବ୍ୟ, ଖାଦ୍ୟ ଷ୍ଟଲ ଖୋଲିଛି। ଆଜି ଦ୍ୱିତୀୟ ସଂଧ୍ୟା ବେଶ୍ ଗହଳି ହୋଇଥିବା ଦେଖା ଯାଇଛି।

## ଏନ୍‌ଏସ୍‌ସି କ୍ୟାଡେଟମାନଙ୍କ ଦ୍ୱାରା ସ୍ୱଚ୍ଛତା ଅଭିଯାନ



**ସୁବର୍ଣ୍ଣପୁର,୨।୧୧(ସଂଚାର ବ୍ୟୁରୋ):** ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମଜୟନ୍ତୀ ଅବସରରେ ୧୧ ଓଡ଼ିଶା ବାଟାଲିଅନ ଏନ ସି ସି ବଲାଙ୍ଗୀର ଅଧୀନସ୍ଥ ସୋନପୁର କଲେଜ, ସୋନପୁରର ଏନ ସି ସି କ୍ୟାଡେଟମାନେ ଏକ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟ କ୍ରମ ଆୟୋଜନ କରା ଯାଇଥିଲା। ଏହି କାର୍ଯ୍ୟକ୍ରମଟି ଏନ୍‌ଏସ୍‌ସି ଅଫିସର ଲେଫ୍ଟେନାଣ୍ଟ ଆଶିଷ କୁମାର ଅଗ୍ରୱାଲଙ୍କ ନିର୍ଦ୍ଦେଶନା ରେ ଏବଂ ସୋନପୁର କଲେଜର ଅଧ୍ୟକ୍ଷ ଶ୍ରୀ ରାଧାକାନ୍ତ ନାୟକଙ୍କ ମାର୍ଗଦର୍ଶନ ରେ ଆୟୋଜିତ ହୋଇଥିଲା। ମୋଟ ୪୨ ଜଣ କ୍ୟାଡେଟ ଏହି ସ୍ୱଚ୍ଛତା ଅଭିଯାନରେ ଉତ୍ସାହ ପୂର୍ବକ ଭାଗ ନେଇଥିଲେ। ସେମାନେ କଲେଜ ପରିସର ଏବଂ ଚାରିପାଖ ଅଞ୍ଚଳ ସଫା କରି ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସ୍ୱଚ୍ଛତା ଓ ପରିବେଶ ସଚେତନତାର ସନ୍ଦେଶ ପ୍ରସାର କରି ଥିଲେ।

## ଅବସରପ୍ରାପ୍ତ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ ପାଳିତ

**ରାୟଗଡ଼ା,୨।୧୧(ସଂଚାର ବ୍ୟୁରୋ):** ରାୟଗଡ଼ା ସଦର ଠାରେ ଉପସ୍ଥିତ ଆର୍. ଏସ୍.ଇ.ଡବ୍ଲୁ.ସି. ପ୍ରାଥମିକ ବିଦ୍ୟାଳୟ ପରିସରରେ ଅବସରପ୍ରାପ୍ତ ଶିକ୍ଷକମାନଙ୍କ



ସମ୍ବର୍ଦ୍ଧନା ଉତ୍ସବ ଉତ୍ସାହମୟ ପରିବେଶରେ ପାଳିତ ହୋଇଥିଲା। ଏହି ସମାରୋହରେ ଶିକ୍ଷକମାନଙ୍କ ଦୀର୍ଘ ଶିକ୍ଷାସେବା, ନିଷ୍ଠା ଓ ତ୍ୟାଗକୁ ସ୍ମରଣ କରି ସମ୍ମାନ ଜଣାଇଥିଲେ ଅତିଥିବୃନ୍ଦ। ଅନୁଷ୍ଠାନର ମୁଖ୍ୟ ଅତିଥି ଥିଲେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଭଜନ ଲାଲ ମାଝୀ, ମୁଖ୍ୟ ବକ୍ତା ଭାବେ ଶ୍ରୀ ଶଶୀଭୂଷଣ ପଟ୍ଟନାୟକ, ଏବଂ ସମ୍ମାନୀତ ଅତିଥି ଭାବେ ଅବସରକାଳୀନ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ଭି.ଭି. ଭାସ୍କର ରାଓ, ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମିଶ୍ର ଓ ଆୟୋଜକ ଶିକ୍ଷକ ଇଶ୍ୱର ଟିମିଟି ମଞ୍ଚାସୀନ ଥିଲେ। ଅତିଥିବୃନ୍ଦ ନିଜ ଉଦ୍‌ବୋଧନାରେ କହିଥିଲେ ଯେ ଶିକ୍ଷକ ହେଉଛନ୍ତି ମଣିଷ ତିଆରି କାରଖାନାର କୌଶଳୀ ବିନ୍ଧାଣୀ, ଯେଉଁମାନେ ଜୀବନ ଗଠନର ମୂଳ ସ୍ତମ୍ଭ। ସମାଜ ଓ ଦେଶର ଭବିଷ୍ୟତ୍ ଗଠନ ପାଇଁ ଶିକ୍ଷକମାନେ ଅନନ୍ୟ ଭୂମିକା ନିଭାନ୍ତି। ଶିକ୍ଷା କ୍ଷେତ୍ରରେ ଗଠନମୂଳକ ପରିବର୍ତ୍ତନ ନେଇ ସମସ୍ତଙ୍କୁ ଦାୟିତ୍ୱପରାୟଣ ହେବାକୁ ଉତ୍ସାହିତ କରାଯାଇଥିଲା। ଏହି ଅବସରରେ ଛୟାଳିଶି ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଶାଲ ଓ ସ୍ମୃତିଚିହ୍ନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜନା ସସ୍ମିତା ମିଶ୍ର କରିଥିଲେ। ପ୍ରତିବର୍ଷ ଏପରି ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରି ଶିକ୍ଷକ ଇଶ୍ୱର ଟିମିଟି ସମାଜରେ ଶିକ୍ଷକ ସମ୍ମାନର ଉଦାହରଣ ସୃଷ୍ଟି କରିଆସୁଛନ୍ତି।

SANCHAR

# ସଂଚାର

ସୋମବାର ୩ ନଭେମ୍ବର ୨୦୨୫

# ସ୍ୱାସ୍ଥ୍ୟ




ପ୍ରଫେସର ଡାକ୍ତର ମଞ୍ଜୁଶ୍ରୀ ନାୟକ



## ସ୍ୱାସ୍ଥ୍ୟ ପାଇଁ ଶାକାହାର ଖାଦ୍ୟ

ଜୀବ ଜଗତ କହିଲେ ଆମେ ମୁଖ୍ୟତଃ ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ ବୁଝିଥାଉ। ମଣିଷ ଯେପରି ପ୍ରାଣୀ ଜଗତରେ ଅନ୍ତର୍ଭୁକ୍ତ ସେହିପରି ଅନ୍ୟ ସମସ୍ତ ହିଂସ୍ର ବା ନିରୀହ ପଶୁପକ୍ଷୀ ମଧ୍ୟ ଏହି ପ୍ରାଣୀଜଗତରେ ଅନ୍ତର୍ଭୁକ୍ତ। ତେଣୁ ସେମାନଙ୍କର ଜୀବକୋଷ ଓ ମଣିଷର ଜୀବକୋଷ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ସବୁଠାରୁ ଶ୍ରେଷ୍ଠ ଓ ବଳବାନ ଜୀବ ଓ ତା'ର ଇଛା ଏବଂ ରୁଚି ଅନୁସାରେ ସେ ନିଜର ଖାଦ୍ୟ ଗ୍ରହଣ କରେ। ଏହି ଖାଦ୍ୟ ଆମିଷ କିମ୍ବା ନିରାମିଷ ହୋଇପାରେ। ଆବହମାନ କାଳରୁ ସବୁ ସମୟରେ ଆମିଷ ଖାଇବା ପାଇଁ ଆପତ୍ତି ରହିଛି, ତେବେ ମାଛ, ମାଂସ ଖାଇବାରେ ଏତେ ଦୋଷ କାହିଁକି? ଏହି ପ୍ରଶ୍ନର ଉତ୍ତରରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ଶରୀର, ମନ ଓ ଜୀବନ ପକ୍ଷରେ ଯଦି ଆମିଷ ଖାଦ୍ୟ ଭଲ ହୋଇଥାଆନ୍ତା ତେବେ ଏତେ ଆପତ୍ତି କାହିଁକି? ମଣିଷର ଯେଉଁ ସ୍ୱାଭାବିକ ଆମିଷ ଆହାର ପ୍ରତି ରୁଚି ଅଛି ତାହାକୁ ବିକୃତ ରୁଚି ମଧ୍ୟ କୁହାଯାଏ। ଆନିମଲ ସେଲ ବା ଜୀବନ୍ତ କୋଷ ଆଉ ଏକ ଜୀବନ୍ତ କୋଷକୁ ହଜମ କରିବାକୁ ଚାହେଁନାହିଁ, ବରଂ ତାକୁ ପ୍ରତ୍ୟାଖ୍ୟାନ କରେ। ବାହାର ଜୀବନ୍ତ କୋଷ ମଣିଷ ଶରୀରରେ ପ୍ରବେଶ କଲେ ତାହା ଆମର ଜୀବନ୍ତ କୋଷକୁ ନଷ୍ଟ କରିଦିଏ। କାରଣ ଏହି ବାହାରର କୋଷ ଗୁଡ଼ିକ ଆମ ଶରୀରର କୋଷ ପରି ସମଭାବେ ସଂଜ୍ଞିବୀତ। ମଣିଷ ଦେହର କୋଷପରି ସେମାନେ ମଧ୍ୟ ବଞ୍ଚିବା ପାଇଁ ସଂଗ୍ରାମରତ। ଉଭୟଙ୍କର ଏହି ସଂଗ୍ରାମ ଫଳରେ ଆମିଷ ଆହାରରେ ଶରୀରରେ ଟକ୍ସିନ୍ ବା ବିଷକ୍ରିୟା ସୃଷ୍ଟି ହୁଏ। ମାଛ, ମାଂସର ଜୈବକୋଷ ଉପାଦାନ ଆମ ଶରୀରରେ ପ୍ରବେଶ କରି ଶରୀରସ୍ଥ ଜୀବକୋଷରେ ଏକ ଅସ୍ୱାଭାବିକ ଉତ୍ତେଜନା ଓ ସଂଘାତ ସୃଷ୍ଟିକରି କୋଷ ବିଭାଜନକୁ ଅତ୍ୟନ୍ତ ଦ୍ରୁତ କରିତୋଳେ। ଏହାଦ୍ୱାରା ସାମୟିକ ଶାରୀରିକ ପୁଷ୍ଟିବର୍ଦ୍ଧନ ହେଲେ ମଧ୍ୟ ଆୟୁଷକୁ ସେହି ପରିମାଣରେ ଖର୍ବ କରିଦିଏ ଏବଂ ଏହି ବିଷକ୍ରିୟା ଫଳରେ ସ୍ନାୟୁ ଓ ମସ୍ତିଷ୍କର କୋଷଗୁଡ଼ିକ ଚଞ୍ଚଳ, ଦୁର୍ବଳ, ସ୍ଥୈର୍ଯ୍ୟ-ସାମ୍ୟ-କ୍ରମାଗତିହରା ହୋଇଉଠନ୍ତି ଓ ଦୃଷ୍ଟିଶକ୍ତି କମିଯାଏ। ରୋଗ ପ୍ରତିରୋଧକ ଶକ୍ତି କମିଯାଏ କାରଣ କୋଷଗୁଡ଼ିକୁ ସର୍ବଦା ବଞ୍ଚିବା ପାଇଁ ସଂଗ୍ରାମ କରିବାକୁ ହୁଏ। ବେଳେ ବେଳେ ଏହି ଅସ୍ୱାଭାବିକ ବିଭାଜନ ମଧ୍ୟ ଟ୍ୟୁମର ସୃଷ୍ଟିକରେ। କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଭେଜିଟେବ୍‌ଲ ଓ ଫ୍ଲେଶ (ମାଂସ) ଶବ୍ଦ ଦୁଇଟିର ଧାତୁଗତ ଅର୍ଥ ସମୀକ୍ଷା କରି କହିଲେ - ଭେଜିଟେବ୍‌ଲମାନେ ଜୀବନ୍ତ କରିତୋଳିବା ଓ ଫ୍ଲେଶର ସେମିତି କୌଣସି ଅର୍ଥ ନାହିଁ। ଆମେ ଯେଉଁ ମାଛ, ମାଂସ (ଛେଳି, ମେଣ୍ଢା ଓ କୁକୁଡା) ଇତ୍ୟାଦି ଖାଉ ତାହା ଆମ ଶରୀର ପକ୍ଷରେ ସୁସଙ୍ଗତ ନୁହେଁ। ଆଉ ସୁସଙ୍ଗତ ନ ହେଲେ ତାହା ଆମକୁ ପୋଷଣ ଦିଏନାହିଁ। ଏ ସବୁ ଖାଦ୍ୟ ଖାଇଲେ ଆମର କ୍ଷତି ହୁଏ, ଆୟୁଷ କ୍ଷୟ ହୁଏ। ନିରାମିଷ ଆହାରରେ ଶକ୍ତି ବଢ଼େ ଓ ଏହି ଶକ୍ତି ଆମ ପକ୍ଷରେ ସୁସମଞ୍ଜସ୍ୟ। ଯେଉଁ ପ୍ରାଣୀ ନିମିତ୍ତ ଯେଉଁ ଖାଦ୍ୟ ସୁସମଞ୍ଜସ୍ୟ ଓ ସୁସଙ୍ଗତ ତାହା ଗ୍ରହଣ କରିଲେ ଶରୀରରେ ପୁଷ୍ଟି ହୁଏ। ଉଦାହରଣ ସ୍ୱରୂପ - ହାତୀ, ଗାଈ, ଗୋରୁ, ମେଣ୍ଢା ଇତ୍ୟାଦି ପ୍ରାଣୀମାନେ ଘାସ ଖାଆନ୍ତି ଓ ସେଥିରେ ହିଁ ସେମାନଙ୍କର ପୁଷ୍ଟି। କତିପୟ ଚିକିତ୍ସକ ମନୁଷ୍ୟକୁ ଆମିଷ ଆହାର କରିବାକୁ କହିଥାନ୍ତି। ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ଏହି ସବୁ ମତାମତ ନିଜର ବୁଝିବା ଉପରେ ନିର୍ଭର କରେ। ଯାହାର ଯେପରି ବୁଝିବା ସେମାନେ ସେହିପରି ମତ ଦେଇଥାନ୍ତି। ଏପରି ହୋଇପାରେ ଯେ ଚିକିତ୍ସକମାନେ ସ୍ୱାଦ ଓ ଲୋଭର ବଶବର୍ତ୍ତୀ ହୋଇ ଏହା କହିଥାଇପାରନ୍ତି। କିନ୍ତୁ ଥରେ ବୁଝିବା ଠିକ୍ ହେଲେ ନିରାମିଷ ଖାଦ୍ୟ ଶରୀର ପକ୍ଷେ ଯେ ମଙ୍ଗଳକର ଏହା ମଧ୍ୟ ସେମାନେ କହିପାରନ୍ତି। ଅନେକ ବ୍ୟକ୍ତି ପ୍ରଶ୍ନ କରନ୍ତି - ମାଛ, ମାଂସ ଯଦି ଆମ୍ଭେମାନେ ନଖାଇବୁ, ତାହାଲେ ଭଗବାନ କାହିଁକି ଏସବୁ ସୃଷ୍ଟି କରିଛନ୍ତି? ଏହା ଉତ୍ତରରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମନେକର ତୁମ ଜମିରେ ପକ୍ଷୀମାନେ ଆସି ବସୁଛନ୍ତି, ତୁମେ ସେଗୁଡ଼ିକୁ ମାରିଦେଲ। ପକ୍ଷୀମାନେ ତୁମ ଜମିର ପୋକଜୋକ ଖାଉଥିଲେ, ଏବେ ତାଙ୍କ ଅନୁପସ୍ଥିତିରେ ଜମିରେ ପୋକ ଭର୍ତ୍ତି ହୋଇଗଲା। ସେତେବେଳେ ସେହି ପୋକଭରା ଜମିର ଫସଲ ଖାଇ ପେଟ ଖରାପ ହେଲା। ନାନା ପ୍ରକାର ପୋକଜୋକ ଓ ଛେଳି, ମେଣ୍ଢା ଇତ୍ୟାଦିକୁ ଭଗବାନ ମଣିଷର ଉପକାର ପାଇଁ ହିଁ ସୃଷ୍ଟି କରିଛନ୍ତି। ମଣିଷ ପାଇଁ ଧାନ, ଚାଉଳ ଓ ପନିପରିବା ଇତ୍ୟାଦି ସୃଷ୍ଟି କରିଛନ୍ତି। ଆମିଷାହାରୀ ମାନଙ୍କର କୌଣସି ରୋଗ-ବିରାଗ ହେଲେ ଶରୀର ଯେତେ ଗଭୀର ଭାବେ କ୍ଷତିଗ୍ରସ୍ତ ହୁଏ ନିରାମିଷାଶୀଙ୍କ ତଦ୍‌ଜାତୀୟ ଅସୁସ୍ଥତା ହେଲେ ମଧ୍ୟ ଶରୀର ଏତେଟା କ୍ଷତିଗ୍ରସ୍ତ ହୁଏନାହିଁ। ଆମିଷରୁ ବାହାରୁଥିବା ଟକ୍ସିନ୍ ସ୍ନାୟୁକୁ ଉତ୍ତେଜିତ କରେ, ସହନ-ବହନ କ୍ଷମତା କମିଯାଏ, ସ୍ନାୟୁ ଅପଟୁ ଓ ସାମ୍ୟ ସଙ୍ଗତିହରା ହେଲେ ଅହମିକା, କ୍ରୋଧ, ହିଂସା ଓ ଅସହିଷ୍ଣୁତା ବଢ଼ିଉଠେ। ଦୁଗ୍ଧ ଆମିଷ ଖାଦ୍ୟ ହେଲେ ମଧ୍ୟ କ୍ଷତିକାରକ ନୁହେଁ। କାରଣ ଦୁଗ୍ଧ ପେଟରେ ଯାଇ ଲାକ୍ଟିକ୍ ଏସିଡ଼ ବ୍ୟାସିଲସ୍ ହୁଏ ଓ ବ୍ୟାସିଲସ୍‌ମାନେ ନିରାମିଷ କୋଷ। ବ୍ୟାକ୍ଟେରିଆମାନେ କିନ୍ତୁ ଆନିମଲ୍ ସେଲ୍‌ଫ। ଭେଜିଟେବଲ ସେଲ ଆନିମଲ୍ ସେଲ ତୁଳନାରେ କମ୍ ଜୀବନୀ ଶକ୍ତି ସମ୍ପନ୍ନ। ତେଣୁ ସେମାନେ ଶରୀରରେ ଯାଇ ସଞ୍ଜିବୀତ ହେବାକୁ ଚାହାଁନ୍ତି। ସେମାନଙ୍କ ସହିତ ଦେହ କୋଷର ମଧ୍ୟ ବିରୋଧ କମ୍ ହୁଏ। ତେଣୁ ଶରୀରର ଜୀବନ୍ତ କୋଷ ଗୁଡ଼ିକ ବେଶୀ ପୋଷଣ ପାଆନ୍ତି। ନରହତ୍ୟା ଶବ୍ଦରେ ଆମ୍ଭେମାନେ ଆତଙ୍କିତ ହୋଇଉଠୁ କିନ୍ତୁ ଜୀବ ହତ୍ୟା ସମୟରେ ଆମକୁ କଷ୍ଟ ହୁଏନାହିଁ। ଏହିପରି ସହାନୁଭୂତିହୀନ ହୋଇ ପ୍ରବୃତ୍ତି ସ୍ୱାର୍ଥରେ ମଣିଷକୁ ହତ୍ୟା କରିବା ପାଇଁ ମଧ୍ୟ ମଣିଷକୁ କଷ୍ଟ ହୁଏନାହିଁ। ମଣିଷର ଦନ୍ତକୁ ଭଗବାନ ତୃଣ ଜାତୀୟ ଖାଦ୍ୟ ଖାଇବା ପାଇଁ ଗଢ଼ିଛନ୍ତି। ବାଘ, କୁକୁର ଇତ୍ୟାଦି ମାଂସାଶୀ ପ୍ରାଣୀମାନଙ୍କ ଭଳି ମନୁଷ୍ୟର ଶ୍ୱାନଦନ୍ତ ନାହିଁ ବରଂ ମଣିଷର ଶ୍ୱାନଦନ୍ତ ଗାଈ, ଘୋଡ଼ା ସହିତ ସମାନ। ବଡ଼ ବଡ଼ ଚିକିତ୍ସକ ଓ ବୈଜ୍ଞାନିକମାନେ ମଧ୍ୟ ନିରାମିଷ ଆହାର ସପକ୍ଷରେ ଅନେକ କଥା କହିଛନ୍ତି। ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମୋର ମନେହୁଏ ଯେଉଁମାନେ ଉନ୍ନତର ଜୀବନ ଯାପନ କରିବାକୁ ଚାହାଁନ୍ତି ଓ ସୁସ୍ଥ ଦେହରେ ସ୍ୱଚ୍ଛନ୍ଦ ମନରେ କ୍ରମାଗତି ନେଇ କଠୋର ପରିଶ୍ରମ କରିବାକୁ ଚାହାଁନ୍ତି ସେମାନେ ନିରାମିଷ ଖାଇବା ହିଁ ଉଚିତ ଓ ଗୋଟିଏ ଜୀବନର ଚେତନା ପ୍ରଗତିକୁ ରୁଦ୍ଧକରି ଆମିଷ ଭକ୍ଷଣ କରିବା ଅନୁଚିତ।

ଅବସର ପ୍ରାପ୍ତ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ପାଥୋଲୋଜି ବିଭାଗ,
ପିଆରଏମ୍ ମେଡ଼ିକାଲ କଲେଜ, ବାରିପଦା,
ଦୂରଭାଷ : ୯୪୩୭୦୫୧୯୫୭

## ଘଣ୍ଟା ଘଣ୍ଟା ଧରି ଏସିରେ ବସୁଥିଲେ ସାବଧାନ!

## ରକ୍ତ ଶର୍କରା ସ୍ତରକୁ ପ୍ରଭାବିତ କରିପାରେ

ଆମେ ଯଦି ଆପଣଙ୍କୁ ପ୍ରଶ୍ନ ପଚାରିବୁ ଏସିରେ ଆପଣ କେତେ ସମୟ ବିତାଉଛନ୍ତି ? ୩ ଘଣ୍ଟା କିମ୍ବା ୪ ଘଣ୍ଟା। ଅଫିସ ଯାଉଥିଲେ ଏହି ସମୟ ଆହୁରି ବଢ଼ିଯିବ। ଯାହା ପାଖାପାଖି ୮ରୁ ୧୦ ଘଣ୍ଟା। ଅଫିସ ହେଉ କି ଘର, ଘଣ୍ଟା ଘଣ୍ଟା ଧରି ଏସି ତଳେ ବସି ରହୁଥିଲେ ଏହାକୁ ଆପଣ ହାଲୁକା ଭାବେ ନେଉଥିବେ। କିନ୍ତୁ, ନିକଟରେ ବିଶେଷଜ୍ଞ ଏସିରେ ବିତାଉଥିବା ଲୋକଙ୍କ ଶାରୀରିକ ସମସ୍ୟା ଉପରେ ଏକ ରିପୋର୍ଟ ଦେଇଛନ୍ତି। ଅତ୍ୟଧିକ ଏୟାର କଣ୍ଡିସନର ବ୍ୟବହାର ରକ୍ତ ଶର୍କରା ସ୍ତରକୁ ବିଚଳିତ କରିପାରେ। ଗରମରୁ ଆରାମ ପାଇବା ପାଇଁ ଲୋକମାନେ ଏୟାର କଣ୍ଡିସନର (ଏସି) ବ୍ୟବହାର କରନ୍ତି। କିନ୍ତୁ ଏହା ଆପଣଙ୍କ ରକ୍ତ ଶର୍କରା ସ୍ତରକୁ ପ୍ରଭାବିତ କରିପାରେ। ଖାସ କରି ମଧୁମେହ ରୋଗୀଙ୍କ ପାଇଁ। ଅନେକ ଅଧ୍ୟୟନ ଏବଂ ବିଶେଷଜ୍ଞମାନେ ସହମତ ଯେ, ଏସିର ଅତ୍ୟଧିକ ବ୍ୟବହାର ମଧୁମେହ ରୋଗୀଙ୍କ ପାଇଁ ବିପଦ ସଙ୍କେତ ହୋଇପାରେ। ପ୍ରାରମ୍ଭରେ, ଏସିର ପ୍ରଭାବ ତୁରନ୍ତ ଅନୁଭୂତ ହୁଏ ନାହିଁ। ଥଣ୍ଡା ପବନରେ ବସିବା ଦ୍ୱାରା ଆରାମ ଅନୁଭବ ହୁଏ। କିନ୍ତୁ, ବାସ୍ତବରେ ଶରୀରର ମେଟାବୋଲିକ କାର୍ଯ୍ୟକଳାପକୁ ଏହା ଧୀର କରିଦିଏ। ଯେତେବେଳେ ମେଟାବୋଲିକ୍ସ ମନ୍ଥର ହୋଇଯାଏ ଏବଂ ରକ୍ତରେ ଶର୍କରା ସ୍ତର ଧୀରେ ଧୀରେ ଖରାପ ହେବାକୁ ଆରମ୍ଭ କରେ। ଦିଲ୍ଲୀର GTB ହସ୍ପିଟାଲର ମେଡିସିନ ବିଭାଗର ଡାକ୍ତର ଅଜିତ କୁମାରଙ୍କ କହିବାନୁସାରେ, ଏୟାର କଣ୍ଡିସନିଂର ଦୀର୍ଘ ସମୟ ଧରି ରହିବାର ଆଉ ଏକ ପ୍ରମୁଖ ସମସ୍ୟା ହେଉଛି "ଶାରୀରିକ ନିଷ୍କ୍ରିୟତା"। ଯେତେବେଳେ ପରିବେଶ ଥଣ୍ଡା ଥାଏ, ଶରୀର କମ ସକ୍ରିୟ ଥାଏ। ଏହି କାରଣରୁ ଲୋକମାନେ ଅଧିକ ସମୟ ପାଇଁ ଏୟାର କଣ୍ଡିସନିଂ ରୁମରେ ବସିବାକୁ ଏବଂ କମ ଶାରୀରିକ କାର୍ଯ୍ୟ କରିଥାନ୍ତି। ଏହି ହ୍ରାସ ପାଉଥିବା କାର୍ଯ୍ୟକଳାପ ଇନସୁଲିନ ସମ୍ବେଦନଶୀଳତାକୁ ସିଧାସଳଖ ପ୍ରଭାବିତ କରେ ଏବଂ ଶରୀର ରକ୍ତରେ ଗ୍ଲୁକୋଜକୁ ଶକ୍ତିରେ ପରିଣତ କରିବାକୁ ସଂଘର୍ଷ କରେ। ସାଧାରଣତଃ ଯେତେବେଳେ ଗରମରେ ଝାଳ ବାହାରେ, ଏହା ଶରୀରର କ୍ୟାଲୋରି ଜାଳିଦିଏ, ଯାହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରେ। କିନ୍ତୁ, ଏସିରେ ବସିବା ଦ୍ୱାରା ଆପଣଙ୍କ ଶରୀରରୁ ଆଦୌ ଝାଳ ବାହାରିନଥାଏ। ଏହାର ଅର୍ଥ ହେଉଛି ଝାଳ ମାଧ୍ୟମରେ ନଷ୍ଟ ହୋଇପାରୁଥିବା କ୍ୟାଲୋରି ଆପଣଙ୍କ ରକ୍ତରେ ସଂରକ୍ଷିତ ରହିଥାଏ। ତେବେ କଳ୍ପନା କରନ୍ତୁ ଯେ ଜଣେ ମଧୁମେହ ରୋଗୀ ଯଦି ପ୍ରତିଦିନ ୮ରୁ ୧୦ ଘଣ୍ଟା ଏୟାର କଣ୍ଡିସନରରେ ବିତାଇବେ, ତେବେ ତାଙ୍କର ଶର୍କରା ସ୍ତର ନିୟନ୍ତ୍ରଣ ପ୍ରକ୍ରିୟା କେତେ ଧୀର ହୋଇଯିବ। ଏହି କାରଣରୁ ଅତ୍ୟଧିକ ଏୟାର କଣ୍ଡିସନର ବ୍ୟବହାରକୁ ମଧୁମେହ ରୋଗୀଙ୍କ ପାଇଁ ଏକ ବିପଦର କାରଣ ଭାବରେ ବିବେଚନା କରାଯାଏ। ତେବେ ଏହାର ଅର୍ଥ କ'ଣ ଆମେ ଏସି ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିଦେବା ଉଚିତ ? ଯଦି ଆପଣ ଅଧିକ ସମୟ ପାଇଁ ଏସିରେ ରହୁଛନ୍ତି, ମଝିରେ ମଝିରେ ହାଲୁକା ଚଲାବୁଲା କରନ୍ତୁ। ଘରେ ଥିବା ସମୟରେ ଷ୍ଟ୍ରେଚିଂ କରନ୍ତୁ ଏବଂ ପର୍ଯ୍ୟାପ୍ତ ପାଣି ପିଅନ୍ତୁ। ଘରେ ଥିବା ସମୟରେ ଏସିର ବ୍ୟବହାର କମ କରିବା ସହ ଘରର ତାପମାତ୍ରାକୁ ଅତ୍ୟଧିକ ଥଣ୍ଡା ରଖନ୍ତୁ ନାହିଁ।



## ଆପଣ ମଧୁମେହ ରୋଗକୁ ନେଇ ଚିନ୍ତିତ କି?

## ପ୍ରତିଦିନ ପିଅନ୍ତୁ ମେଥି ପାଣି

ବର୍ତ୍ତମାନ ସମୟରେ ମଧୁମେହ ଏକ ସାଧାରଣ ରୋଗ ହୋଇଗଲାଣି। ପରିବର୍ତ୍ତିତ ଜୀବନଶୈଳୀ ଏବଂ ଖରାପ ଖାଦ୍ୟପେୟ ଯୋଗୁଁ ମଧୁମେହ ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ତେଣୁ ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ବିଶେଷଜ୍ଞଙ୍କ ମତରେ ଯଦି ଆପଣ ପ୍ରତିଦିନ କିଛି ପନିପରିବା ରସ ସେବନ କରିବେ, ତେବେ ତାହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇପାରେ ଏବଂ ଅନେକ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରେ। ଯେପରିକି,



ଡାଲଚିନି ପାଣି: ଡାଲଚିନି କେବଳ ଖାଦ୍ୟର ସ୍ୱାଦ ବୃଦ୍ଧି କରେ ନାହିଁ, ବରଂ ରକ୍ତ ଶର୍କରା ସ୍ତର ନିୟନ୍ତ୍ରଣ କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହାର ଉପାଦାନ ଇନସୁଲିନର ପ୍ରଭାବ ବୃଦ୍ଧି କରେ ଏବଂ କୋଷଗୁଡ଼ିକୁ ଗ୍ଲୁକୋଜ୍ ଭଲ ଭାବରେ ବ୍ୟବହାର କରିବାରେ ସାହାର୍ଯ୍ୟ କରେ।

ମେଥି ପାଣି: ମେଥିକୁ ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରଣ ପାଇଁ ଏକ ଔଷଧ ଭାବରେ ବିବେଚନା କରାଯାଏ। ଏଥିରେ ପ୍ରଚୁର ପରିମାଣରେ ଦ୍ରବଣୀୟ ଫାଇବର ଥାଏ, ଯାହା ପାଚନ ପ୍ରକ୍ରିୟାକୁ ଧିର କରିଦିଏ ଏବଂ ଶର୍କରାର ଶୋଷଣକୁ ହ୍ରାସ କରେ। ଏକ ଚାମଚ୍ ମେଥି ଦାନାକୁ ରାତିସାରା ଏକ ଗ୍ଲାସ ପାଣିରେ ଭିଜାଇ ରଖନ୍ତୁ। ପାଣିକୁ ଛାଣି ସକାଳେ ଖାଲି ପେଟରେ ପିଅନ୍ତୁ। ଆପଣ ମେଥି ଦାନା ମଧ୍ୟ ଚୋବାଇ ପାରିବେ।

ଗ୍ରୀନ ଟି: ଗ୍ରୀନ ଟି' କେବଳ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ ନାହିଁ, ଏହା ଟାଇପ୍ ୨ ମଧୁମେହର ବିପଦକୁ କମ କରିବାରେ ମଧ୍ୟ ସାହାଯ୍ୟ କରେ। ଏଥିରେ ଥିବା ପଲିଫେନୋଲ୍ ଆଣ୍ଟିଅକ୍ସିଡାଣ୍ଟ ରକ୍ତ ଶର୍କରା ସ୍ତର ହ୍ରାସ କରିବାରେ ଏବଂ ଇନସୁଲିନ୍ ର ପ୍ରଭାବ ବୃଦ୍ଧି କରିବାରେ ସାହାଯ୍ୟ କରେ।

କଲରା ରସ: କଲରା ରସ ପିତା ହୋଇପାରେ, କିନ୍ତୁ ଏହା ମଧୁମେହ ରୋଗୀଙ୍କ ପାଇଁ ଭଲ। ଏଥିରେ ଚାରାଣ୍ଟିନ୍ ଏବଂ ପଲିପେପ୍ଟାଇଡ୍-ପି ଭଳି ଯୌଗିକ ରହିଛି ଯାହା ପ୍ରାକୃତିକ ଇନସୁଲିନ୍ ଭାବରେ କାର୍ଯ୍ୟ କରେ ଏବଂ ରକ୍ତ ଶର୍କରା ସ୍ତରକୁ କମ କରେ।

ଅଁଳା ରସ: ଅଁଳାରେ ଭିଟାମିନ୍ ସି ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର। ଏହା ସୁସ୍ଥ ଅଗ୍ନାଶୟ ବଜାୟ ରଖିବାରେ ସାହାଯ୍ୟ କରେ ଏବଂ ଇନସୁଲିନ୍ କ୍ଷରଣ ବୃଦ୍ଧି କରେ। ଆମଳାରେ କ୍ରୋମିୟମ୍ ମଧ୍ୟ ଥାଏ, ଯାହା କାର୍ବୋହାଇଡ୍ରେଟ୍ ମେଟାବୋଲିଜିମ୍ ପାଇଁ ଲାଭଦାୟକ।

## କର୍କଟ ରୋଗ ପାଇଁ ସବୁଜ ପନିପରିବା



ଚିକିତ୍ସା ବିଜ୍ଞାନ ବର୍ଷ ବର୍ଷ ଧରି ନିରନ୍ତର ପ୍ରଗତି କରି ଚାଲିଛି । କିନ୍ତୁ କର୍କଟ ରୋଗ ସବୁଠାରୁ ବିପଦପୂର୍ଣ୍ଣ ରୋଗ ମଧ୍ୟରୁ ଗୋଟିଏ । ଯଦିଓ ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ ହେଲେ କର୍କଟ ରୋଗର ଚିକିତ୍ସା ସମ୍ଭବ ହେଲେ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ, ଜେନେଟିକ୍ କାରଣ, ଖରାପ ଜୀବନଶୈଳୀ ଏବଂ ଖାଦ୍ୟପେୟ ଅଭ୍ୟାସ ମଧ୍ୟ ଦୁଇଟି ସବୁଠାରୁ ବଡ଼ କାରଣ। ସୌଭାଗ୍ୟବଶତଃ, କିଛି ଖାଦ୍ୟ କର୍କଟ ରୋଗକୁ ରୋକିବାରେ ସାହାଯ୍ୟ କରିପାରେ। ତେଣୁ, ଆସନ୍ତୁ ଏପରି କିଛି ଖାଦ୍ୟ ବିଷୟରେ ଜାଣିବା ଯାହା ଆପଣଙ୍କୁ କ୍ୟାନ୍ସର ସହ ଲଢିବାରେ ସାହାଯ୍ୟ କରିବ । ବ୍ଲୁବେରି, ବ୍ଲାକବେରି ଏବଂ ରାସବେରି ପରି ଫ୍ରୋଜେନ୍ ବେରି ଆନ୍ଥୋସାୟାନିନ୍, ଏଲାଜିକ୍ ଏସିଡ୍ ଏବଂ ଫ୍ଲାଭୋନଏଡ୍ ପରି ଆଣ୍ଟିଅକ୍ସିଡାଣ୍ଟରେ ଭରପୁର। ଏହି ଯୌଗିକଗୁଡ଼ିକ କର୍କଟ ରୋଗ ବିକାଶର ପ୍ରମୁଖ କାରଣ ମୁକ୍ତ ରାଡିକାଲ୍ସ ଦ୍ୱାରା ହେଉଥିବା କ୍ଷତିରୁ ଡିଏନଏକୁ ରକ୍ଷା କରନ୍ତି। ଗବେଷଣାରୁ ଜଣାପଡିଛି ଯେ ଫ୍ରୋଜେନ୍ ବା ସୁଖିଲା ବେରି ଟ୍ୟୁମର ବୃଦ୍ଧିକୁ ୩୦ ରୁ ୮୦ ପ୍ରତିଶତ ହ୍ରାସ କରେ। ବେରି ଶରୀରରେ ପ୍ରଦାହ ହ୍ରାସ କରେ ଏବଂ ଅନିୟନ୍ତ୍ରିତ କୋଷ ବୃଦ୍ଧିକୁ ରୋକିବାରେ ସାହାଯ୍ୟ କରେ। କିୱିରେ ଭିଟାମିନ ସି, ଫାଇବର, କ୍ୟାରୋଟିନୋଏଡ୍ସ ଏବଂ ପଲିଫେନୋଲ ଭଳି ଆଣ୍ଟିଅକ୍ସିଡାଣ୍ଟ ରହିଛି, ଯାହା କୋଷଗୁଡ଼ିକୁ ଡିଏନଏ କ୍ଷତିରୁ ରକ୍ଷା କରେ। କିୱି ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେ ଏବଂ କୋଷ ମରାମତିରେ ସାହାଯ୍ୟ କରେ। ଗବେଷଣାରୁ ଜଣାପଡିଛି ଯେ, କିୱି ଭଳି ଭିଟାମିନ ସି ଯୁକ୍ତ ଫଳ ଖାଇବା ଦ୍ୱାରା ଫୁସଫୁସ, ମୁଖ ଏବଂ ପେଟ କର୍କଟ ହେବାର ଆଶଙ୍କା ହ୍ରାସ ପାଇପାରେ। ଏଡାମାମେ, କିମ୍ବା କଞ୍ଚା ସୋୟାବିନ୍, ଆଇସୋଫ୍ଲାଭୋନ୍ସ ନାମକ ଉଦ୍ଭିଦ-ଭିତ୍ତିକ ଯୌଗିକ ଥାଏ, ଯାହା ଶରୀରରେ ଇଷ୍ଟ୍ରୋଜେନ ରିସେପ୍ଟରକୁ ପ୍ରଭାବିତ କରେ। ଗବେଷଣାରୁ ଜଣାପଡିଛି ଯେ, ଏହି ଯୌଗିକଗୁଡ଼ିକ ସ୍ତନ ଏବଂ ପ୍ରୋଷ୍ଟେଟ କର୍କଟ ରୋଗର ବିପଦକୁ ହ୍ରାସ କରିବାରେ ସାହାଯ୍ୟ କରିପାରେ। ଏଡାମାମେରେ ଫାଇବର ଏବଂ ପ୍ରୋଟିନ ଉଭୟ ଥାଏ, ଯାହା ପାଚନ ପ୍ରକ୍ରିୟାକୁ ଉନ୍ନତ କରେ ଏବଂ ଓଜନ ପରିଚାଳନାରେ ସାହାଯ୍ୟ କରେ। ବିନ୍ସ ଫାଇବର, ଉଦ୍ଭିଦ ପ୍ରୋଟିନ ଏବଂ ଆଣ୍ଟିଅକ୍ସିଡାଣ୍ଟର ଏକ ଉତ୍କୃଷ୍ଟ ଉତ୍ସ। ଫାଇବର ସେବନ ସଠିକ୍ ପାଚନକୁ ପ୍ରୋତ୍ସାହିତ କରେ ଏବଂ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଦିଏ, ଯାହା କର୍କଟ ରୋଗର ଆଶଙ୍କା ହ୍ରାସ କରେ। ବିନ୍ସରେ ଥିବା ସାପୋନିନ୍ ଏବଂ ଫେନୋଲିକ୍ ଯୌଗିକ କର୍କଟ କୋଷର ବୃଦ୍ଧିକୁ ରୋକିବାରେ ସାହାଯ୍ୟ କରେ। ଆପଣଙ୍କ ଦୈନନ୍ଦିନ ଖାଦ୍ୟରେ ବିଭିନ୍ନ ପ୍ରକାରର ବିନ୍ସ ସାମିଲ କରିବା କର୍କଟ ରୋଗ ବିରୁଦ୍ଧରେ ପ୍ରାକୃତିକ ସୁରକ୍ଷା ପ୍ରଦାନ କରିପାରିବ। ବ୍ରୋକୋଲି, ଫୁଲକୋବି ଏବଂ ବ୍ରସେଲ୍ସ ସ୍ପ୍ରାଉଟ୍ସ ପରି ପନିପରିବା ଗ୍ଲୁକୋସିନୋଲେଟ୍ସରେ ପ୍ରଚୁର ପରିମାଣରେ ଥାଏ । ଯାହାକୁ ଶରୀର ଆଇସୋଥିଓସାଇନେଟ୍ସ ଏବଂ ଇଣ୍ଡୋଲରେ ପରିଣତ କରେ। ଏହି ଯୌଗିକଗୁଡ଼ିକ ଲିଭର ଏନଜାଇମକୁ ସକ୍ରିୟ କରନ୍ତି ଏବଂ ଶରୀରରୁ କର୍କଟ ସୃଷ୍ଟିକାରୀ ପଦାର୍ଥ ବାହାର କରିବାରେ ସାହାଯ୍ୟ କରନ୍ତି। ତେଣୁ, ଏହି ପନିପରିବାକୁ ହାଲୁକା ବାଷ୍ପ କିମ୍ବା କଞ୍ଚା ଖାଇବା ଅଧିକ ଲାଭଦାୟକ, କାରଣ ଅଧିକ ରାନ୍ଧିବା ଦ୍ୱାରା ଏହାର ଏନଜାଇମ ନଷ୍ଟ ହୋଇପାରେ। ମିଠା ଆଳୁର ବାଇଗଣୀ ରଙ୍ଗ ଆନ୍ଥୋସାୟାନିନରୁ ଆସିଥାଏ, ଯାହା ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଯାହା ପ୍ରଦାହ ଏବଂ କୋଷ କ୍ଷତିକୁ ରୋକିଥାଏ। ପ୍ରୟୋଗଶାଳା ଅଧ୍ୟୟନରୁ ଏହା ମଧ୍ୟ ଜଣାପଡିଛି ଯେ, ଏହି ଯୌଗିକଗୁଡ଼ିକ କର୍କଟ କୋଷର ବୃଦ୍ଧିକୁ ବାଧା ଦିଏ ଏବଂ କୋଷ ମୃତ୍ୟୁକୁ ତ୍ୱରାନ୍ୱିତ କରେ। ଏଥିରେ ଫାଇବର, ଭିଟାମିନ୍ ଏବଂ ଖଣିଜ ପଦାର୍ଥ ମଧ୍ୟ ଥାଏ ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ଶକ୍ତିଶାଳୀ କରିଥାଏ ଏବଂ ଶରୀରକୁ ରୋଗରୁ ରକ୍ଷା କରିଥାଏ।

# ନାବାଳିକାର ଆତ୍ମହତ୍ୟା

**କଳିଙ୍ଗନଗର,୨।୧୦(ସଂଚାର ବ୍ୟୁରୋ):** କଳିଙ୍ଗନଗର ଥାନା ଅଞ୍ଚଳର ଜନୈକା ନାବାଳିକା ଝିଅ ଶନିବାର ଅପରାହ୍ଣରେ ନିଜ ଘର ପଙ୍ଖାରେ ଟାଙ୍ଗି ହୋଇ ଆତ୍ମହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି।ପରିବାର ପକ୍ଷରୁ ଅଭିଯୋଗ ପରେ ଆଜି ସାଇଣ୍ଟିଫିକ୍ ଟିମ୍ ଅନୁସନ୍ଧାନ କରି ଫେରିବା ପରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।ଜନୈକା ଛାତ୍ରୀ ପାଠ ପଢ଼ନ୍ତି।ପୁଲିସ ଅନୁସନ୍ଧାନ ସମୟରେ ଏକ ସୁଇସାଇଡ ନୋଟ ପାଇଥିବା ନେଇ ଖବର ମିଳିଥିବା ବେଳେ ସେଥିରେ ସୋନୁ ନାମକ ଯୁବକ ତାଙ୍କୁ ଫୋଟୋ ଏବଂ ଭିଡିଓ ଭାଇରାଲ କରିଦେବାର ଧମକ ବାରମ୍ବାର ଦେଉଥିବା କାରଣରୁ ସେ ଆତ୍ମହତ୍ୟା କରିଥିବା ନେଇ ଉଲ୍ଲେଖ ଥିବାବେଳେ ସେଥିରେ ଜନୈକା ନାବାଳିକାଙ୍କର ଦସ୍ତଖତ ନଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଶନିବାର ଦିନ ବିଦ୍ୟାଳୟ ଆସିବା ପରେ କବାଟ ବନ୍ଦ କରିଦେଇ ଥିଲେ ଅପରାହ୍ଣରେ କବାଟ ନଖୋଲିବା କାରଣରୁ ଘରଲୋକ କବାଟ ଭାଙ୍ଗି ଜନୈକା ନାବାଳିକା ଝିଅ ପଙ୍ଖାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଅଭିଯୋଗ ପାଇବା ପରେ ଯଖପୁରା ଥାନା ପୁଲିସ କେସ ନଂ ୧୬୨/୨୫ ମାମଲା ରୁଜୁ କରି ତଦନ୍ତ ଜାରିରଖିଛି। ଏପଟେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଶିକ୍ଷକଙ୍କ ମୋବାଇଲ ହ୍ୟାକ୍‌କରି ୨ ଲକ୍ଷ ଟଙ୍କା ଲୁଟ୍

## ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ ଅପଲୋଡକୁ ନେଇ ସନ୍ଦେହ

**ବାଲିଆପାଳ,୨।୧୦ (ସଂଚାର ବ୍ୟୁରୋ):** ଜଣେ ଶିକ୍ଷକଙ୍କ ମୋବାଇଲ ହ୍ୟାକ କରି ଦୁର୍ବୃତ୍ତ ମାନେ ୨ ଲକ୍ଷ ୭୮ ହଜାର ଟଙ୍କା ଲୁଟ କରିନେଇଥିବା ନେଇ ଅଭିଯୋଗ ହୋଇଛି। ତେବେ ଶିକ୍ଷକ ଜଣଙ୍କ ନିଜ ମୋବାଇଲରେ ଶିକ୍ଷକ ଓ ତଥା ଛାତ୍ରୀ ଙ୍କ ଉପସ୍ଥାନ ୟୁନିଫାଏଡ ଅଟୋମେଶନ ସିଷ୍ଟମ(ୟୁଏଏସ)ଆପ୍ ଅପଲୋଡ କରିଥିବାରୁ ତାଙ୍କର ଏଭଳି ଅବସ୍ଥା ହୋଇଥିବା ସନ୍ଦେହ ପ୍ରକଟ କରିଛନ୍ତି।ମିଳିଥିବା ସୂଚନା ମୂତାବକ ମହାବଳା ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁବାଷ ଚନ୍ଦ୍ର ରାଉତ ଙ୍କ ମୋବାଇଲକୁ ୩୧.୧୦.୨୫ ରିଖ ସନ୍ଧ୍ୟାରେ ତାଙ୍କ ମୋବାଇଲକୁ ଲଗାତାର ଓଟିପି ଆସିବାକୁ ଲାଗିଥିଲା। ତେବେ ଶିକ୍ଷକ ଜଣଙ୍କ ମୋବାଇଲ କୌଣସି ପ୍ରକାରେ ଚଳାଇ ପାରିନଥିଲେ।ସେତେବେଳେ ଶିକ୍ଷକ ଜଣଙ୍କ ତାଙ୍କ ମୋବାଇଲ ହ୍ୟାକ ହୋଇଥିବା ଜାଣିବାକୁ ପାଇ ନିକଟସ୍ଥ ଏକ ବ୍ୟାଙ୍କ କୁ ଯାଇ ଏକାଉଣ୍ଟ ଯାଞ୍ଚ କରିବାରୁ ତାଙ୍କ ଦରମା ଏକାଉଣ୍ଟରୁ ୨ ଲକ୍ଷ ୭୮ ହଜାର ଟଙ୍କା ଉଠାଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ଶିକ୍ଷକ ଜଣଙ୍କ ସଂପୃକ୍ତ ବ୍ୟାଙ୍କ ମ୍ୟାନେଜର, ବାଲେଶ୍ୱର ସାଇବର ଥାନା ସମେତ ଅଭିଯୋଗ କରିଛନ୍ତି। ତେବେ ଶିକ୍ଷକ ୩୧ ତାରିଖ ରେ ଶିକ୍ଷକ ଓ ତଥା ଛାତ୍ରୀ ଙ୍କ ଉପସ୍ଥାନ ୟୁନିଫାଏଡ ଅଟୋମେଶନ ସିଷ୍ଟମ (ୟୁଏଏସ) ଆପ କୁ ଅପଲୋଡ କରିଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବା ସନ୍ଦେହ ପ୍ରକଟ



କରିବା ସହ ବାଲିଆପାଳ ବିଇଓ ଙ୍କ ନିକଟରେ ମଧ୍ୟ ଏବିଷୟରେ ଅଭିଯୋଗ କରିଛନ୍ତି। ତେବେ ବ୍ଲକ ଶିକ୍ଷାଧିକାରୀ ସରକାରଙ୍କର ଏହି ଆପ ହୋଇଥିବାରୁ ଏଥିରେ କୌଣସି ତୃଟି ନଥିବା ନେଇ ବୁଝାଇଥିଲେ। ସୂଚନା ଯୋଗ୍ୟ ୟୁନିଫାଏଡ ଅଟୋମେଶନ ସିଷ୍ଟମ (ୟୁଏଏସ) ଆପ କୁ କାର୍ଯ୍ୟକାରୀ କରିବା ପାଇଁ ସବୁ ଜିଲ୍ଲା ଓ ବ୍ଲକ ଶିକ୍ଷାଧରକାରୀଙ୍କୁ ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓ ସେପା) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।ଏହାକୁ ସତ ପ୍ରତିଶତ କାର୍ଯ୍ୟକାରୀ କରିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଉପରେ ଚାପ ପକାଯାଉଛି। ଏପରିକି ଏହା ନକଲେ ଦରମା ବନ୍ଦ ପାଇଁ ଚିଠି କରାଯାଉଛି। ତେବେ ଆବଶ୍ୟକ ଭିତ୍ତିଭୂମି ନ ଯୋଗାଇ ଶିକ୍ଷକ ମାନେ ସେମାନଙ୍କର ବ୍ୟକ୍ତିଗତ ତଥ୍ୟ ର ସୁରକ୍ଷା ଦୃଷ୍ଟିରୁ ନିଜ ମୋବାଇଲରେ ଏହି ଆପ୍ କୁ ଲୋଡ କରି କାର୍ଯ୍ୟ କରିବାକୁ ବିରୋଧ କରିଆସୁଛନ୍ତି। ଆଜିର ଏହି ଘଟଣା ପରେ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ମଧ୍ୟରେ ଛନକା ପଶିଯାଇଛି।

# ଶୌଚାଳୟ ଥାଇ ହଇରାଣ ହେଉଛନ୍ତି ପର୍ଯ୍ୟଟକ

**ଦାରିଙ୍ଗବାଡ଼ି,୨।୧୦ (ସଂଚାର ବ୍ୟୁରୋ):** ଏବେ ଆସିଯାଇଛି ପର୍ଯ୍ୟଟନ ଋତୁ। ଖାସ୍‌କରି ଏଥିପାଇଁ ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିକୁ ଦୈନିକ ଶହଶହ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ରବିବାର ଛୁଟିଦିନ ଥିବାରୁ ଦାରିଙ୍ଗବାଡ଼ିରେ ସକାଳୁ ସକାଳୁ ପର୍ଯ୍ୟଟକ ଦାରିଙ୍ଗବାଡ଼ିରେ ପହଞ୍ଚିଛନ୍ତି। ତେବେ ଆବଶ୍ୟକତାଠାରୁ ବହୁତ କମ୍ ଶୌଚାଳୟ ଓ ଆଉ କିଛି ଶୌଚାଳୟ ଅଚଳ ଯୋଗୁ ପର୍ଯ୍ୟଟକଙ୍କୁ ଲମ୍ବାଧାଡ଼ିରେ ଦେଖିବାକୁ ମିଳିଛି। ଏଭଳି ଦୃଶ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ମାଣ କରାଯାଇଥିବା ପଥପ୍ରାନ୍ତ ସେବାକେନ୍ଦ୍ର ପରିସରରେ ଦେଖିବାକୁ ମିଳିଛି। ସେଠାରେ ମହିଳା ଏବଂ ପୁରୁଷଙ୍କ ପାଇଁ ୬ଟି ଶୌଚାଳୟ ରହିଥିବାବେଳେ ସେଥିମଧ୍ୟରୁ କିଛି ଅଚଳ ହୋଇପଡ଼ିଛି। ଫଳରେ ପର୍ଯ୍ୟଟକ ଘଣ୍ଟାଘଣ୍ଟା ଧରି ଲମ୍ବାଧାଡ଼ିରେ ଅପେକ୍ଷା କରିବାକୁ ପଡ଼ିଛି।

# ଜଳାଶୟରେ ବୁଡ଼ିଯାଇ ଜଣେ ମୃତ



**ବୈଶିଂଗା,୨।୧୦ (ସଂଚାର ବ୍ୟୁରୋ):** ବୈଶିଂଗା ଥାନା ଅନ୍ତର୍ଗତ କେନ୍ଦୁଆ ଗ୍ରାମରେ ରବିବାର ମଧ୍ୟାହ୍ନ ସମୟରେ ଗାଧୋଇବାକୁ ଯାଇଥିବା ବେଳେ ଜଳାୟୟର ଗଭୀର ଜଳରେ ବୁଡିଯାଇ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି। ଖବର ରୁ ପ୍ରକାଶ କେନ୍ଦୁଆ ଗ୍ରାମର ସ୍ୱର୍ଗତ କହ୍ନେଇ ସିଂ ଙ୍କ ପୁଅ ଦେବଲାଲ ସିଂ(୪୦) ନିଜ ଘର ନିକଟସ୍ଥ ଜଳାଶୟ କୁ ଦିବା ଘ.୧.୩୦ମି. ସମୟରେ ଗାଧୋଇ ବାକୁ ଯାଇଥିବା ବେଳେ ଗଭୀର ଜଳରେ ବୁଡିଯାଇଥିଲା। ଜଳାଶୟରେ ଅନ୍ୟ ପଟେ ଗାଧୋଉଥିବା ଲୋକମାନେ ସଙ୍ଗେ ସଙ୍ଗେ ଜଳରୁ ଉଠାଇ ବୈଶିଂଗା ଡାକ୍ତରଖାନା ନେଇ ଆସିଥିଲେ। ଗୁରୁତର ଥିବା ଦେଖି ତାଙ୍କୁ ବାରିପଦା ରେଫର କରାଯାଇଥିଲା।ସେଠାରେ ପହଞ୍ଚିବା ପରେ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ। ଏ ନେଇ ମୃତକ ଦେବଲାଲ ର ୧୯ ବର୍ଷର ଝିଅ ଗୌରୀ ର ଲିଖିତ ଅଭିଯୋଗ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରାଯାଇଛି। ସୋମବାର ବ୍ୟବଚ୍ଛେଦ ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯିବ ବୋଲି ଘର ଲୋକ ପ୍ରକାଶ କରିଥିଲେ।

# ଟ୍ରକ ଚୋରି ଅଭିଯୋଗରେ ଯୁବକ ଗିରଫ



**କଳିଙ୍ଗନଗର,୨।୧୦ (ସଂଚାର ବ୍ୟୁରୋ):** କଳିଙ୍ଗନଗର ଥାନା ଅନ୍ତର୍ଗତ ଡୁବୁରୀ ବଜାର ରୁ ଗତ ୧/୧୧ ତାରିଖ ରେ ଓଡି ୦୪ ଆର ୨୪୦୯ ନମ୍ବର ଟ୍ରକ ଚୋରୀ ହୋଇଥିବା ନେଇ ଡୁବୁରୀ ଅଞ୍ଚଳର ଶୈଳେନ୍ଦ୍ର ପ୍ରଧାନ କଳିଙ୍ଗନଗର ଥାନା ରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାର ର ରେ କଳିଙ୍ଗନଗର ଥାନା ଅଧିକାରୀ ୪୦୧/୨୫ ରେ ଏକ ମାମଲା ରୁଜୁ କରି ଜେନାପୁର ଥାନା ଅନ୍ତର୍ଗତ ବରମୁଣ୍ଡୁଳି ଗ୍ରାମରୁ ଅଭିଯୁକ୍ତ ପଦନ ସାମଲ (୨୮) କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି ।

# କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସ୍ୱଚ୍ଛ ଭାରତ ସଙ୍ଗଠନ ପକ୍ଷରୁ ଶୈବପୀଠ ମାନଙ୍କରେ ସ୍ୱଚ୍ଛତା ଅଭିଯାନ



**ସୁବର୍ଣ୍ଣପୁର,୨।୧୦ (ସଂଚାର ବ୍ୟୁରୋ):** ୨୦୧୪ ମସିହା ରୁ ସୋନପୁର ଓ ମନମୁଣ୍ଡା ଉଭୟ ସହର ରେ ଜାରି ରହିଥିବା ସ୍ୱଚ୍ଛ ଭାରତ ସଙ୍ଗଠନ ସୋନପୁର ମନମୁଣ୍ଡା ପକ୍ଷରୁ ସ୍ୱଚ୍ଛତା ଓ ପଲିଥିନ ମୁକ୍ତ ସଚେତନତା ଅଭିଯାନ ଏ ବର୍ଷ ମଧ୍ୟ କାର୍ତ୍ତିକ ପୂର୍ଣ୍ଣିମା ୨୦୨୫ ଅବସର ରେ ଉଭୟ ସହର ରେ କେବଳ ବିଭିନ୍ନ ଶୈବ ପୀଠ ମାନଙ୍କ ରେ ଏହି ଅଭିଯାନ ଅୟୋଜନ କରା ଯାଇଥିଲା। ଏ ଅବସର ରେ ଆଜି ସୋନପୁର ପଟା ଭାଡ଼ି ସ୍ଥିତ ଶ୍ରୀ ଲୋକନାଥ ଶୈବ ପୀଠ ରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ସ୍ୱଚ୍ଛତା କାର୍ଯ୍ୟକ୍ରମ ପରେ ଜଗତ କଲ୍ୟାଣ ପାଇଁ ଓ ହୃଦ ରୋଗରେ ପୀଡିତ ଥିବା ସଙ୍ଗଠନ ର ଉପଦେଷ୍ଟା ତଥା ବିଶିଷ୍ଟ ସମାଜ ସେବୀ ଶ୍ରୀବସ୍ତ ମଲ୍ଲିକ ଙ୍କ 'ଧର୍ମ ପତ୍ନୀ' ମୈଥିଳୀ ମଲ୍ଲିକ ଙ୍କ ସମ୍ପୂର୍ଣ୍ଣ ଆରୋଗ୍ୟ କାମନା କରି ସାମୂହିକ ପ୍ରାର୍ଥନା କରାଯାଇଥିଲା।

# ବିଦ୍ୟାଳୟ ସମୂହ ଖୋ ଖୋ ଓ କବାଡ଼ି ପ୍ରତିଯୋଗିତା



**ନବରଙ୍ଗପୁର,୨।୧୦ (ସଂଚାର ବ୍ୟୁରୋ):** ୧୨ ତମ ଜିଲ୍ଲା ବିଦ୍ୟାଳୟ ସମୂହ( ୧୪ ବର୍ଷରୁ କମ୍ ବାଳକ ବାଳିକାଓ ୧୭ ବର୍ଷରୁ କମ୍ ବାଳକ ବାଳିକା)ଖୋଖୋ ଓ କବାଡି ପ୍ରତିଯୋଗିତା ୨୦୨୫-୨୬ ର ଉଦ୍ଘାଟନ ଉତ୍ସବ ପିଏମ୍ ରାଜା ଚୈତନ୍ୟ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ନବରଙ୍ଗପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ୧୦ ଗୋଟି ବ୍ଲକର ମୋଟ ୫୮୩ ଜଣ ବାଳକ ଓ ବାଳିକା ଭାଗ ନେଇଥିଲେ ଏବଂ ୫୭ ଜଣ ଶାରୀରିକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଉକ୍ତ ଖେଳ କୁ ପରିଚାଳନା କରିଥିଲେ। ଜିଲ୍ଲାର ସ୍ୱେଚ୍ଛାସେବୀ ଓ ଜେଆର୍ ସି ଦଳ ଆବଶ୍ୟକୀୟ ସେବା ଯୋଗାଇ ଥିଲେ। ଉକ୍ତ କାର୍ଯ୍ୟକ୍ରମ ର ସଭାପତି ରୂପେ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଶାନ୍ତ କୁମାର ନାୟକ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଭାତ ପଟ୍ଟନାୟକ ଯୋଗଦେଇ ଥିଲେ।

# ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ

**ହିଞ୍ଜିଳିକାଟୁ,୨।୧୦ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରାଞ୍ଚଳ ମୋହନ କଲୋନୀ ସ୍ଥିତ ଆରଏମସି ଗୋଦାମ ଗୃହ ଠାରେ ସଙ୍କଟ ମୋଚନ ବୀର ହନୁମାନ ଯୁବ ଗୋଷ୍ଠି ପକ୍ଷରୁ ୨୪ ପ୍ରହର ନାମଯଜ୍ଞ ଗୁରୁବାର ଦିନ ଠାରୁ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ସାହିର ବହୁ ମହିଳା ଓ ପୁରୁଷ ଘୋଡ଼ାହାଡ଼ ନଦୀରୁ ଜଳ ପୂର୍ଣ୍ଣ କଳସି ଧରି ଏକ ଆଧ୍ୟାତ୍ମିକ ପରିବେଶରେ ସାହି ପରିକ୍ରମା କରିବା ପରେ ନାମ ମଣ୍ଡପ ଠାରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ଶୁକ୍ରବାର ସକାଳ ଠାରୁ ନାମଯଜ୍ଞ ଆରମ୍ଭ ହୋଇଥିବା ବେଳେ ଆଜି ବିସର୍ଜନ ଓ ପ୍ରସାଦ ସେବନ ବ୍ୟବସ୍ଥା ରହିଛି ନେଇ କମିଟି ପକ୍ଷରୁ ସୂଚନା ମିଳିଛି। ଏଥିରେ ପୂଜକ ଲଳିତ ମୋହନ ଦାଶ ପୂଜା କାର୍ଯ୍ୟ ତୁଲାଇଥିବା ବେଳେ କର୍ତ୍ତା ଭାବେ ସୁରେଶ ଚନ୍ଦ୍ର ତ୍ରିପାଠୀ ଦାଇତ୍ୱ ନିର୍ବାହ କରିଛନ୍ତି।

# ପ୍ରଫେସର ପିଏନ୍ ମୂର୍ତ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




**ବ୍ରହ୍ମପୁର,୨।୧୦ (ସଂଚାର ବ୍ୟୁରୋ):** ସ୍ଥାନୀୟ ଅନ୍ଧପସରା ରୋଡ ଠାରେ ସ୍ଥିତ ରୟାଲ ଫାର୍ମାସୀ କଲେଜର ନିର୍ଦ୍ଦେଶକ ପ୍ରଫେସର ପି.ଏନ୍. ମୂର୍ତ୍ତିଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କଲେଜ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜ ପରିଚାଳନା କମିଟିର ଅଧ୍ୟକ୍ଷ ଡଃ. ଟି.ପ୍ରକାଶ ରାଓ, ଆରଇଆରଏସ୍ ର ସମ୍ପାଦକ ଶାକା ଶ୍ରୀକାନ୍ତ, କଲେଜ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ। ଏହି ପରିପ୍ରେକ୍ଷୀରେ ରୟାଲ୍ ଫାର୍ମାସୀ କଲେଜ ପରିଚାଳନା କମିଟି ଅଧ୍ୟକ୍ଷ ଡଃ.ଟି.ପ୍ରକାଶ ରାଓ, କଲେଜ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ପଣ୍ଡା, ଷ୍ଟାଫ୍ ଏବଂ ଛାତ୍ରଛାତ୍ରୀଙ୍କ ଗହଣରେ ପ୍ରଫେସର ପି.ଏନ୍. ମୂର୍ତ୍ତି ଏବଂ ତାଙ୍କ ସହ-ଧର୍ମିଣୀ ପି.ସୁଶୀଳାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର ପି.ଏନ୍. ମୂର୍ତ୍ତିଙ୍କ ଜୀବନି ଉପରେ କଲେଜର ପ୍ରଫେସର ଅଞ୍ଜନ କୁମାର ମହାପାତ୍ର ଅଲୋକପାତ କରିଥଲେ।

# ବ୍ୟବସାୟୀଙ୍କୁ ଅପହରଣ ମାମଲାରେ ଆଉ ୨ ଗିରଫ

**ବୈଶିଙ୍ଗା,୨।୧୦(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଯୁଗଳ ସ୍ଥିତ କାମଧେନୁ ରାଇସ ମିଲ ମାଲିକ ସୁନୀଲ ଅଗ୍ରୱାଲ ଙ୍କୁ ଅପହରଣ କରିବା ପରେ ୪୦ଲକ୍ଷ ଟଙ୍କା ନେଇ ତାଙ୍କୁ ଛାଡିଦେବା ପରେ ପୋଲିସର ଅକ୍ଲାନ୍ତ ପରିଶ୍ରମ ପରେ ୪ ଜଣ ଙ୍କୁ ଗିରଫ କରିବା, ବିଭିନ୍ନ ମାରଣାସ୍ତ୍ର ଜବତ କରିବା ସହିତ ଆଠ ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ଜବତ କରିବା ପରେ ଶନିବାର ବୈଶିଙ୍ଗା ଥାନାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଡୁପାଲି ଙ୍କ ଦ୍ୱାରା ଏକ ପ୍ରେସ ମିଟ ଜରିଆରେ ଖୁଲାସା କରାଯାଇଥିଲା। ଏଥିରେ ଜଡିତ ଥିବା ଆଉ ଅନ୍ୟୁନ ୫ ଜଣ ଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ପ୍ରକାଶ କରିଥିଲେ।ସେହି ୫ ଜଣଙ୍କ ମଧ୍ୟରୁ କାର ଡ୍ରାଇଭର ପ୍ରମୋଦ ପାତ୍ର ଏବଂ ମାଷ୍ଟର ମାଇଣ୍ଡ ଦାମୋଦର ରାଉତଙ୍କୁ ରବିବାର ସନ୍ଧ୍ୟାରେ ଗିରଫ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ଅନ୍ୟମାନଙ୍କୁ ଖୁବ୍ ଶୀଘ୍ର ଠାବ କରାଯିବ ବୋଲି ଜିଲ୍ଲା ଏସପି ପ୍ରକାଶ କରିଛନ୍ତି।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଯୁବ ସମ୍ମିଳନୀ



**ତାଳଚେର,୨।୧୦ (ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ୧୦୦ ବର୍ଷ ପୂର୍ତ୍ତି ଅବସରରେ ତାଳଚେର ନଗର, ତାଳଚେର ଖଣ୍ଡ ଓ କଣିହାଁ ଖଣ୍ଡର ଯୁବ ସମ୍ମିଳନୀ ଦେଉଳେ ବେଢ଼ା କୋଲିୟରୀର ଡି.ସି.ଆଇ ଠାରେ ଅନୁଷ୍ଠିତ ହୋଇଯାଇଛି। ଭକ୍ତ କାର୍ଯ୍ୟକ୍ରମ ର ଉଦ୍ଘାଟନୀ ଉତ୍ସବରେ ଡ଼ଃ.ଶିବପ୍ରସାଦ ତ୍ରିପାଠୀ, ସୋଆ ବିଶ୍ୱବିଦ୍ୟାଳୟ, ପାରା ଅଲମ୍ପିଆନ ଅମରେନ୍ଦ୍ର ବେହେରା, ସହ ଜିଲ୍ଲା ସଂଘଚାଳକ ଗିରିଧାରୀ ଶତପଥୀ ଓ ଅନୁଗୁଳ ଜିଲ୍ଲା କାର୍ଯ୍ୟବାହ ଅନିଲ କୁମାର ମହାନ୍ତି ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ ଭାରତର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ଯୁବକ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତା ଓ ପୁରସ୍କାର ବିତରଣ କରାଯାଇଥିଲା। ସମାରୋପ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନନୀୟ ଶଶାଙ୍କ ଶେଖର ସାମଲ(ଓ.ଏ.ଏସ) ସମ୍ମାନିତ ଅତିଥି ଭାବେ ଅଦିତି ମହାନ୍ତି, ଅବସର ପ୍ରାପ୍ତ ସୈନିକ ଓ ମୁଖ୍ୟ ବକ୍ତା ଚନ୍ଦ୍ରଶେଖର ବେହେରା, ଢେଙ୍କାନାଳ ବିଭାଗ କାର୍ଯ୍ୟବାହ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ତାଙ୍କର ବୌଦ୍ଧିକରେ ସ୍ୱାଧୀନତା ରୁ ସ୍ୱତନ୍ତ୍ରତା ବିଷୟରେ ଆଲୋକପାତ କରିଥିଲେ। ତାଳଚେର ଓ କଣିହାଁ ଖଣ୍ଡର ବିଭିନ୍ନ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ତାଳଚେର ନଗର, ତାଳଚେର ଖଣ୍ଡ ଓ କଣିହାଁ ଖଣ୍ଡ ରୁ ହଜାରେ ରୁ ଊର୍ଦ୍ଧ୍ୱ ଯୁବକ ମାନେ ଉକ୍ତ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ। ଏଥିରେ ତାଳଚେର ନଗର କାର୍ଯ୍ୟବାହ ସୂର୍ଯ୍ୟ ନାରାୟଣ ମହାନ୍ତି ,ସଦର ଖଣ୍ଡ କାର୍ଯ୍ୟବାହ ଶ୍ରୀକାନ୍ତ ବିଶ୍ୱାଳ ଓ କଣିହଂଖଣ୍ଡ କାର୍ଯ୍ୟବାହ ପବିତ୍ର କୁମାର ସାହୁ ଯୋଗ ଦେଇ ଉତ୍ସାହିତ କରିଥିଲେ ।

● **ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା**

# ୩୮ ଛାତ୍ରଛାତ୍ରୀ ଜିଲ୍ଲାସ୍ତରକୁ ଉନ୍ନୀତ



**ବାଲିଅନ୍ତା,୨।୧୦ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପରୁଦ୍ରପୁର ସ୍ଥିତ ଜୟଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାଲିଅନ୍ତା ମଣ୍ଡଳସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଏବଂ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ୧୭ଗୋଟି ଉଚ୍ଚ ବିଦ୍ୟାଳୟରୁ ୨୦୦ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଦୌଡ଼କୁଦ ପ୍ରତିଯୋଗିତାରେ ୨୦ ଜଣ, ଫୁଟବଲରେ ୧୨ ଜଣ ଓ କ୍ରିକେଟରୁ ୬ ଜଣ କ୍ରୀଡ଼ାବିତ୍ ଜିଲ୍ଲାସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ପୂର୍ବାହ୍ନରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ ମଣ୍ଡଳ ଶିକ୍ଷା ଅଧିକାରୀ ଭକ୍ତ ବତ୍ସଳ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ା ପ୍ରତିଯୋଗିତାର ଶୁଭାରମ୍ଭ କରିବା ସହ କ୍ରୀଡ଼ାର ଉପକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାରେ ଜୟଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ପ୍ରହରାଜ ସଭାପତିତ୍ୱ କରିଥିଲେ।

# ବିଦ୍ୟାଳୟରେ ଏକ ନକଲି ବିଧାନସଭା



**ଡେଲାଙ୍ଗ,୨।୧୦ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଡେଲାଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନ ପିଏମ ଶ୍ରୀ ବିଶ୍ୱନାଥ ଦେବ ନୋଡାଲ ଉଚ୍ଚ ବିଦ୍ୟାପୀଠ, ଗଡ଼ ମୋଟରୀ ରେ ଏକ ନକଲି ବିଧାନସଭା ପରିଚାଳନା ପ୍ରଧାନ ଶିକ୍ଷକ ପର୍ଶୁରାମ ଜେନାଙ୍କ ନିର୍ଦ୍ଦେଶନା ରେ ଅନୁଷ୍ଠିତ ହୋଇଯାଇଛି। ବିଧାନସଭା କେଉଁଭଳି ଭାବେ ପରିଚାଳନା କରାଯାଏ, ତାହାକୁ ପିଲାମାନଙ୍କ ମଧ୍ୟରେ ଶିକ୍ଷା ଦେବା ପାଇଁ ଅଭିନବ ଉପାୟରେ ବିଦ୍ୟାପୀଠ ର ଛାତ୍ରଛାତ୍ରୀ ନେଇ ବିଧାନସଭା ସଦସ୍ୟ, କ୍ୟାବିନେଟ ମନ୍ତ୍ରୀମଣ୍ଡଳ, ବିରୋଧୀ ଦଳ ସଦସ୍ୟ ନେଇ ଏକ ନକଲି ବିଧାନସଭା ଅଧିବେଶନ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବିଧାନସଭା କାର୍ଯ୍ୟସୂଚୀ ଅନୁଯାୟୀ ଏଥିରେ ବାଚସ୍ପତି, ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ବିରୋଧୀ ଦଳ ନେତା ଓ ବିଧାୟକ ମାନେ ଉପସ୍ଥିତ ରହି ବିଧାନସଭା ଚାଲିଥିଲା। ବାଚସ୍ପତିଙ୍କ ନିର୍ଦ୍ଦେଶ କ୍ରମେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ପଞ୍ଚାୟତ, ଗୃହ ଓ ଶ୍ରମ ବିଭାଗର କିଛି ପ୍ରଶ୍ନକାଳ ରହିଥିଲା। ବିରୋଧ ସାଶକ ମଧ୍ୟରେ ହଟଗୋଳ ଯୋଗୁଁ ବାଚସ୍ପତି କିଛି ସମୟ ପାଇଁ ଗୃହକୁ ମୁଲତବୀ ରଖିଥିଲେ । ତାପରେ ବିଭିନ୍ନ ସମସ୍ୟା ଆଲୋଚନା ହେବା ସହ ଅର୍ଥ ମନ୍ତ୍ରୀ ଅତିରିକ୍ତ ବଜେଟ ଆଗତ କରିଥିଲେ। ଶାସକ ଦଳ ବିରୋଧୀ ଙ୍କୁ ମୁକାବିଲା ପାଇଁ କାଉଣ୍ଟର ରଣନୀତି କରିଥିଲେ । ବିଧାନସଭା କୁ ସୁରୁଖୁରୁରେ ଚାଲିବାପାଇଁ ବାଚସ୍ପତି ସବୁ ଦଳର ସହଯୋଗ ଲୋଡି ଥିଲେ । ଏହି ପରି ଭାବରେ ଛାତ୍ରଛାତ୍ରୀ ମାନେ ନିଖୁଣ ଅଭିନୟ ମାଧ୍ୟମରେ ଏହି ନକଲି ବିଧାନସଭା ଅନୁଷ୍ଠିତ ହୋଇଥିଲା ।

# ଘୋରଡ଼ିଆରେ କାର୍ତ୍ତିକେଶ୍ୱରଙ୍କ ଜନ୍ମବାର୍ଷିକ ପୂଜା ଉତ୍ସବ

**ଡେଲାଙ୍ଗ,୨।୧୦ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଘୋରଡିଆ ଗ୍ରାମର ଯୁବଗୋଷ୍ଠୀଙ୍କ ଦ୍ୱାରା ପ୍ରତିବର୍ଷ ଭଳି ଚଳିତ ବର୍ଷ ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ଜନ୍ମ ବାର୍ଷିକ ଉତ୍ସବ -୨୦୨୫ ଘୋରଡିଆ(ସାଉରିଆ ) ଗ୍ରାମର ମହାବୀର ମନ୍ଦିର ପ୍ରାଙ୍ଗଣରେ ୧୩ତମ ବାର୍ଷିକ କାର୍ତ୍ତିକେଶ୍ୱର ଜନ୍ମ ବାର୍ଷିକ ପୂଜା ଉତ୍ସବ ମହାସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧିବାସ, ଜଳଯାତ୍ରା,



କଳସ ସ୍ଥାପନ, ସୂର୍ଯ୍ୟ ପୂଜା, ଯଜ୍ଞକର୍ମାଙ୍ଗ ପୂଜା, ଅଗ୍ନିସ୍ଥାପନ ସହ ପୂଜା ମଣ୍ଡପରେ ସୁସଜ୍ଜିତ ମେଢରେ ଶିବ ପାର୍ବତୀ, କାର୍ତ୍ତିକେଶ୍ୱର ଗଣେଶଙ୍କ ବିରାଟ ମୃଣ୍ମୟୀ ମୂର୍ତ୍ତି ସହ ପାଖରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ମୂର୍ତ୍ତି ସହ ରାଧାକୃଷ୍ଣଙ୍କ ମୂର୍ତ୍ତି ଫୁଲରେ ସଜ୍ଜିତ ମେଢ ସ୍ଥାପନ ସାଙ୍ଗକୁ ବର୍ଣ୍ଣାଢ୍ୟ ସୁଉଚ୍ଚ କୋଟିର ତୋରଣ ଓ ରଙ୍ଗ ବେରଙ୍ଗର ସୁସଜ୍ଜିତ ଆଲୋକ ଓ ଫୁଲ ସଜ୍ଜା ସମସ୍ତଙ୍କୁ ଆକର୍ଷିତ କରିଛି। ପ୍ରତ୍ୟେହ ପୂଜାପାଠ, ମନ୍ତ୍ରଧ୍ୱନୀରେ ସମଗ୍ର ଅଚଂଳ ଆଧ୍ୟାତ୍ମିକ ପରିବେଶ ରେ ପ୍ରକମ୍ପିତ ହେଉଛି।

# ଭିନ୍ନକ୍ଷମ ନାବାଳକ ଉଦ୍ଧାର



**ପାରାଦ୍ୱୀପ,୨।୧୦ (ସଂଚାର ବ୍ୟୁରୋ):** ପାରାଦ୍ୱୀପ ପ୍ଲାଷ୍ଟିକ ପାର୍କ ପାଖରୁ ଜଣେ ଭିନ୍ନକ୍ଷମ ବାଳକ କୁ ଉଦ୍ଧାର କରାଯାଇଛି। ସେ କଥା କହିପାରୁନଥିବା ଓ ଶୁଣିପାରୁନଥିବା ବେଳେ ସ୍ଥାନୀୟ ଲୋକ ତାକୁ ଦେଖି ୧୧୨ କୁ ଖବର ଦେଇଥିଲେ ସମ୍ପୃକ୍ତ ନାବାଳକ କୁ ୧୧୨ ଉଦ୍ଧାର କରି ଆଣି ସ୍ଥାନୀୟ ପାରାଦ୍ୱୀପ ଲକ ପୋଲିସ ଜିମା ଦେବା ପରେ ଲକ ପୋଲିସ ତାକୁ ନେଇ ସିଡବ୍ଲୁସି ପାଖରେ ପହଂଚାଇବା ପରେ ସେ ଏବେ ଲୋକନାଥ ଶିକ୍ଷାଶ୍ରମ ରେ ରହିଥିବା ର ଜଣାପଡ଼ିଛି। ପିଲା ଟି ଏକ ହାପ ପ୍ୟାଣ୍ଟ ଓ କଳା ହଳଦିଆ ଗାର ଗାରିକିଆ ସାର୍ଟ ପିନ୍ଧିଥିବା ଜଣାପଡ଼ିଛି। ସେ ତାର ନାଁ ଏବଂ ଠିକଣା କହିବାଅସମର୍ଥ ହେଉଥିବା ମଧ୍ୟ ଜଣାପଡ଼ିଛି।

# ବିଦ୍ୟା ବିକାଶରେ ବିଜ୍ଞାନ ମେଳା 'ବିଦ୍ୟା ବିକାଶ ଇନୋଭିଜନ'




**ସମ୍ବଲପୁର,୨।୧୦ (ସଂଚାର ବ୍ୟୁରୋ):** ସମ୍ବଲପୁର ଶାସନସ୍ଥିତ ବିଦ୍ୟା ବିକାଶ ଅନୁଷ୍ଠାନ ସମୂହ ପକ୍ଷରୁ ଶନିବାର ବିଜ୍ଞାନ ମେଳା 'ବିଦ୍ୟା ବିକାଶ ଇନୋଭିଜନ୍-୨୦୨୫' ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ମ୍ୟୁନିସିପାଲଟି କର୍ପୋରେସନର ମ୍ୟୁନିସିପାଲ କମିଶନର ଶ୍ରୀଯୁକ୍ତ ରେହନ କ୍ଷାତ୍ରି, (ଆଏଏସ୍) ମୁଖ୍ୟଅତିଥି ଭାବରେ ଯୋଗଦେଇ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ମେଳାଟିର ଶୁଭ ଉଦ୍ଘାଟନ କରିଥିଲେ। ମୁଖ୍ୟଅତିଥି କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ରାମାୟଣ ଓ ଗୁରୁକୁଳ ଆଶ୍ରମ, ଗାଁ ହାଟ, ବିଭିନ୍ନ ବ୍ୟଞ୍ଜନ ଉପରେ ପ୍ରଦର୍ଶିତ ପ୍ରକଳ୍ପ ଗୁଡ଼ିକୁ ଦେଖି ଖୁସି ବ୍ୟକ୍ତ କରିଥିଲେ। ମେଳାରେ ଛାତ୍ରଛାତ୍ରୀମାନେ ନୂତନ କାରିଗରି କୌଶଳ, ଜୈବ ରସାୟନ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ସମ୍ବଳ ସୁପରିଚାଳନା, ଶିଳ୍ପାୟନ ଓ ଭବିଷ୍ୟତ ଗମନାଗମନର ବିକାଶ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ, ଓଡ଼ିଆ-ଇଂରାଜୀ-ସଂସ୍କୃତ ଓ ହିନ୍ଦୀ ଭାଷା ଓ ସାହିତ୍ୟ, ସଙ୍ଗୀତ ଓ ଚିତ୍ରାଙ୍କନ, ପାରମ୍ପରିକ ଖାଦ୍ୟ, ଗୀତ, ନୃତ୍ୟ, ବାଦ୍ୟ, ପୋଷାକ, ଶିକ୍ଷଣ ସାମଗ୍ରୀ ଓ ଗାଣିତିକ ପ୍ରତିରୂପାୟନ ଆଦି ସୃଜନଶୀଳ ବିଷୟବସ୍ତୁ ଉପରେ ଆଧାରିତ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ସ୍ଥାନ ପାଇଥିଲା।

# ମାର୍ଶାଘାଇରେ କାର୍ତ୍ତିକେଶ୍ୱର ପୂଜା



**ମାର୍ଶାଘାଇ,୨।୧୧(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ପୁରୁଷୋତ୍ତମପୁର ଗ୍ରାମ ତଥା ମାର୍ଶାଘାଇ ତହସିଲଛକ ଥାନପତି ପୂଜାମଣ୍ଡପରେ ୨୬ ତମ ବାର୍ଷିକ କାର୍ତ୍ତିକେଶ୍ୱରପୂଜା ଶନିବାର ଆରମ୍ଭ ହୋଇଛି। ସନ୍ଧ୍ୟାରେ କଳସପୂଜା କରାଯାଇ ପୂଜା ଆରମ୍ଭ କରାଯାଇଥିଲା। ସତ୍ୟବ୍ରତ ନାୟକ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପୂଜାକମିଟିର ବରିଷ୍ଠ ସଦସ୍ୟ ପ୍ରଦୀପ୍ତ କୁମାର ଗାହକ୍ଷଣ, ବିଚିତ୍ରାନନ୍ଦ ରାଉତ, ଅରୁଣ କୁମାର ପଟେଲ, କବିନ୍ଦ୍ର ରାଉତ, ଅଶୋକ ରାଉତ, ଯଶୋବନ୍ତ ରାଉତ, କମିନା ରାଉତ, ଶ୍ରୀକାନ୍ତ ରାଉତ, ଶିଶିର ରାଉତ, ନିକୁଞ୍ଜ ବିହାରୀ ରାଉତ, ଚନ୍ଦ୍ରଶେଖର ରାଉତ, ଉମାକାନ୍ତ ଗାହଣ, ଉମାକାନ୍ତ ସ୍ୱାଇଁ, ଆଶୁତୋଷ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ପାଞ୍ଚଦିନ ଧରି ପୂଜା ପାଇବା ପରେ ବୁଧବାର ବିସର୍ଜନ ଅନୁଷ୍ଠିତ ହେବ ବୋଲି ପୂଜାକମିଟି ସଭାପତି ଶଙ୍କର୍ଷଣ ରାଉତ ସୂଚନା ଦେଇଛନ୍ତି। ଏହି ଗ୍ରାମରେ ତିନୋଟି ପୂଜା ମଣ୍ଡପରେ ଧୂମଧାମ ରେ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହେଉଅଛି ।

● **ମିଳିଲା ହଜିଯାଇଥିବା ୨୩ ମୋବାଇଲ ଫୋନ**

# ବୈଷୟିକ ଜ୍ଞାନକୌଶଳରେ ଠାବ କରି ଲୋକଙ୍କୁ ହସ୍ତାନ୍ତର କଲା ପୁଲିସ

**ଭଞ୍ଜନଗର,୨।୧୧(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ପୋଲିସ ରବିବାର ଲୋକଙ୍କ ହଜିଯାଇଥିବା ୨୩ ଟି ମୋବାଇଲ ଫୋନକୁ ଜବତ କରି ସେମାନଙ୍କୁ ହସ୍ତାନ୍ତର କରିଛି। ଏନେଇ ଆଜି ଅପରାହ୍ନରେ ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ପୋଲିସ ସିଇଆଇଆର୍‌କୁ ଆଧାର କରି ଲୋକଙ୍କ ଫୋନକୁ ଜବତ କରିବାରେ ସକ୍ଷମ ହେଉଛି। ଯେଉଁମାନଙ୍କ ଫୋନ ହଜି ଯାଇଥିଲା। ସେମାନେ ଆଉ ଫୋନ ଫେରି ପାଇବା ଆଶା ପ୍ରାୟ ଛାଡ଼ି ଦେଇଥିଲେ। କିନ୍ତୁ ନୂତନ ବୈଷୟିକ ଜ୍ଞାନ କୌଶଳ ମୋବାଇଲ ଫୋନକୁ ଠାବ କରିବାରେ ସହାୟ ହୋଇଥିଲା। ଆଜି ଥାନା ପରିସରରେ ଅନୁଷ୍ଠିତ ମୋବାଇଲ ଫୋନ ହସ୍ତାନ୍ତର ମେଳା ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ରଞ୍ଜନ କୁମାର ଦେ, ଏସଡିପିଓ ଡ. ଦିପକ କୁମାର ମିଶ୍ର, ଥାନା ଅଧିକାରୀ ଜିବନାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ, ଗତ ମାସରେ ଭଞ୍ଜନଗର ପୋଲିସ ଏହିଭଳି ୨୬ଟି ଫୋନ ଉଦ୍ଧାର କରି ଲୋକଙ୍କୁ ହସ୍ତାନ୍ତର କରିଥିଲା। ପୋଲିସର ଏହିଭଳି ସଫଳତାକୁ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି।



# ଜଳେଶ୍ୱରରୁ ଚୋରି ଟ୍ରକ୍ ରାସଗୋବିନ୍ଦପୁରରେ ଠାବ, ୩ ଗିରଫ

**ମୋରଡ଼ା,୨।୧୧(ସ୍ମାରକ ମାଜୀ):** ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳରୁ ଶନିବାର ଚୋରି ହୋଇଥିବା ଏକ ଟ୍ରକ୍‌କୁ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ପୋଲିସ ଠାବ କରିବା ସହ ୩ଜଣଙ୍କୁ ଗିରଫ କରିଛି। ଗିରଫ ୩ଜଣ ହେଲେ ବାରିପଦା ଟାଉନ ଥାନା ଅଞ୍ଚଳର ଭିକି ପଲେଇ, ହରପ୍ରସାଦ ଦାସ ଏବଂ ବାଙ୍ଗିରିପୋଷି ଥାନା ଅଞ୍ଚଳର ଶ୍ୟାମସୁନ୍ଦର ସେଠୀ। ଟ୍ରକ୍‌ଟିକୁ ଏସ୍‌କର୍ଟ ଦେଇ ଆଣୁଥିବା ଅନ୍ୟ ୩ ବ୍ୟକ୍ତି ବାଇକ୍‌ରେ ଖସି ପଳାଇଛନ୍ତି। ସୂଚନା ଅନୁଯାୟୀ, ଜଳେଶ୍ୱର ଥାନା ଅଧୀନ ରାଜଘାଟ ଗ୍ରାମର ବୁଲବୁଲ ନାମକ ବ୍ୟକ୍ତିଙ୍କ ଏକ ଟ୍ରକ୍(ଓଡି୦୧ଏସ୍-୩୩୨୭) ସ୍ଥାନୀୟ ଏକ ପେଟ୍ରୋଲ ପମ୍ପ ନିକଟରେ ଥିବାବେଳେ ଚୋରି ହୋଇଯାଇଥିଲା। ଏନେଇ ସେ ଜଳେଶ୍ୱର ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା (ନଂ.୫୧୧/୨୫) ରୁଜୁ ହୋଇଥିଲା। ତେବେ ଟ୍ରକ୍‌ରେ ଲୋକେସନ ଟ୍ରାକିଂ ଡିଭାଇସ୍ ଲଗାଯାଇଥିବାରୁ ଗାଡ଼ିଟି ରାସଗୋବିନ୍ଦପୁର ଥାନା ଅଞ୍ଚଳକୁ ଯାଉଥିବା ଜଣାପଡ଼ିଥିଲା। ଜଳେଶ୍ୱର ଥାନାରୁ ଏ ବାବଦରେ ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କୁ ଜଣାଇବା ପରେ ରାସଗୋବିନ୍ଦପୁର ପୋଲିସ ସ୍ଥାନୀୟ ବଜାର ନିକଟରେ ଟ୍ରକ୍‌କୁ କାବୁ କରିବା ସହ ୩ଜଣଙ୍କୁ ଗିରଫ କରିଥିଲା।